ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୩/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 3/2026 | Page 16 | ₹ 7.00 | SAMBALPUR
୫୨ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 157 | ମୂଲ୍ୟ ₹୭/-



**ଜାତୀୟ ରେକର୍ଡ ଭାଙ୍ଗିଲେ କୁଲଦୀପ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଇନ୍‌ଡୋର ଓପନ ପୋଲଭଲ୍ଟ ଇଭେଣ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ମଧ୍ୟପ୍ରଦେଶର କୁଲଦୀପ କୁମାର। ୧୬

୧୧ **ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ**

ଅଭିନେତା ଅକ୍ଷୟ କୁମାର ତାଙ୍କ ଗେମ୍ ଶୋ 'ହ୍ୱିଲ୍ ଅଫ୍ ଫର୍ଚ୍ୟୁନ'ରେ ହାଇ ହିଲ୍ ପିନ୍ଧି ନୃତ୍ୟ କରିବା ସୋସିଆଲ ମିଡିଆରେ ଚର୍ଚ୍ଚା ବଢାଇଛି।



# ମାଟ୍ରିକ୍ ପରୀକ୍ଷା: ୯୫.୩୩% ପାସ୍ ହାର



ମାଟ୍ରିକ୍ ପରୀକ୍ଷାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

- ଓଡ଼ିଆ, ଇଂଲିଶ ଭାଷାରେ ମିଳିବ ସାର୍ଟିଫିକେଟ
- ୩,୩୧୦ ହାଇସ୍କୁଲରେ ଶତପ୍ରତିଶତ ଫଳ
- ଏଥର ବି ଝିଅ ଆଗରେ
- ଗଜପତିରେ ପାସ୍ ହାର ସର୍ବାଧିକ, କେନ୍ଦୁଝରରେ ସର୍ବନିମ୍ନ

**କଟକ,୨।୫(କାର୍ତ୍ତିକ ସାହୁ)**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ୍ ପରୀକ୍ଷା) ଫଳ ଶନିବାର ପ୍ରକାଶ ପାଇଛି। ଏଥର ରାଜ୍ୟରେ ପାସ୍ ହାର ୯୫.୩୩% ହୋଇଥିବାବେଳେ ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୬.୩୭% ରହିଥିବା ବେଳ ଛାତ୍ରଙ୍କ ପାସ୍ ହାର ୯୪.୦୩% ରହିଛି। ଗଜପତି ଜିଲାରେ ପାସ୍ ହାର ସର୍ବାଧିକ ୯୯.୩୧% ଓ କେନ୍ଦୁଝର ଜିଲାରେ ପାସ୍ ହାର ସର୍ବନିମ୍ନ ୯୪.୩୫% ହୋଇଛି। ଅପରପକ୍ଷରେ ରାଜ୍ୟର ୩,୩୧୦ ହାଇସ୍କୁଲରେ ପରୀକ୍ଷାଫଳ ଶତପ୍ରତିଶତ ହୋଇଥିବାବେଳେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଛି।

କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫଳାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରିଛନ୍ତି। ସମଗ୍ର ରାଜ୍ୟରେ ଚଳିତ ବର୍ଷ ୫,୪୪,୬୭୦ଜଣ ରେଗୁଲାର୍ ଛାତ୍ରୀଛାତ୍ର ମାଟ୍ରିକ ଫର୍ମ ପୂରଣ କରିଥିବାବେଳେ ୫,୩୬,୩୦୬ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫,୧୯,୨୫୧ଜଣ ପାସ୍ କରିଛନ୍ତି। ଏ-୧ ଗ୍ରେଡ୍‌ରେ ୨୪୫୬, ଏ-୨ ଗ୍ରେଡ୍‌ରେ ୧୫୬୮୧, ବି-୧ ଗ୍ରେଡ୍‌ରେ ୪୩୫୬୫, ବି-୨ ଗ୍ରେଡ୍‌ରେ ୮୬୧୦୩, ସି ଗ୍ରେଡ୍‌ରେ ୧୨୯୮୧୩, ଡି ଗ୍ରେଡ୍‌ରେ ୧୪୬୧୫୨, ଇ ଗ୍ରେଡ୍‌ରେ ୯୫୪୮୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ☞ପୃଷ୍ଠା-୪

## ୮ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇର ଏନ୍‌ବିଡବ୍ଲ୍ୟୁ

### ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

**ଭୁବନେଶ୍ୱର, ୨।୫ (ପ୍ରସନଜିତ୍ ସାହୁ)**

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସମ୍ପୃକ୍ତ ୮ଜଣ ମଧ୍ୟସ୍ଥଙ୍କ ବିରୋଧରେ ସିବିଆଇ ଶନିବାର ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ସେମାନେ ହେଲେ ଅନ୍ୱେଷ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳ କୃଷ୍ଣ ଦାସ, ଗୋପି ରମଣ ଏବଂ ସଞ୍ଜୟ କୁମା। ଏହି ଅଭିଯୁକ୍ତଙ୍କ ମଧ୍ୟରୁ ଆଶିଷ କୁମାର, ସଞ୍ଜୟ କୁମାର ଏବଂ ଗୋପି ରମଣ ବିହାରର ହୋଇଥିବାବେଳେ ଓଡ଼ିଶାରେ ସେମାନେ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରି ମଧ୍ୟସ୍ଥତା କରିବା ସହ ଏହି ସ୍କାମ୍‌କୁ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରୁଥିବା ସିବିଆଇ ଜାଣିବାକୁ ପାଇଛି। ମଧ୍ୟସ୍ଥମାନେ ଓଡ଼ିଶା ପୋଲିସ ବିଭାଗରେ ଏସ୍ଆଇ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହି ଜାଲିଆତିକୁ ପରିଚାଳନା କରୁଥିବା ନେଇ ଜଣାପଡ଼ିବା ପରେ ସେମାନଙ୍କୁ ସିବିଆଇ ନୋଟିସ୍ କରିଥିଲା। ସିବିଆଇ କାର୍ଯ୍ୟାଳୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ପକ୍ଷପାତ ବିଚାର**




KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India
• Only 29 Years as an Institute • 24 Years as a Deemed to be University
THE World University Rankings 2026 Asia — 1st in Eastern India — 169th in Asia
THE World University Rankings 2026 — 5th Among All Universities in India — 501+ Cohort Globally
KIIT Accomplishes QS 5-Star & Platinum I-GAUGE — Only University in Eastern India with QS 5-Star & Platinum Ratings
QS World University Rankings 2026 — 1st in Odisha & 8th in India among pvt. universities



• Best Campus — Outstanding infrastructure & world-class facilities
• Best Placement — Excellent Opportunities & Career Outcomes
• Best Environment & Ambience — Supportive learning environment with a vibrant campus atmosphere
• Student Friendly Campus — Student-centric approach with comprehensive support services
• Parent-Friendly Institution — Transparent communication & parent engagement

ADMISSION OPEN
KIITEE 2026 PHASE - 2
APPLY NOW through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply
Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024
admission@kiit.ac.in | kiitee.ac.in | 8080 735 735

Key Rankings & Achievements
A++ Grade Accredited by NAAC
nirf 2025 17th Among Indian Universities
NBA Tier 1 Re-accredited by NBA
ABET (US) Accreditation
IET Accredited Programme — The Institute of Engineering and Technology
ECOSOC — Special Consultative Status by the UN-ECOSOC
Partnership with UN VOLUNTEERS

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ବୁଦ୍ଧ ବିହାର ମଣ୍ଡପ ଉଦ୍‌ଘାଟିତ

**କେସିଙ୍ଗା (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ଜୋଲକୋ ଛକ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବୁଦ୍ଧ ବିହାର ମଣ୍ଡପ ବ୍ଲକର ଅନୁସୂଚିତ ବିକାଶ ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରୁ ୯ଲକ୍ଷ ୧୯ହଜାର ୯୮ଟଙ୍କା ବ୍ୟୟ ଅଟକଳରେ ଏହା ନିର୍ମାଣ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ମୁଖ୍ୟ ଅତିଥି, ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ ସମ୍ମାନିତ ଭାବେ ଯୋଗଦେଇଥିଲେ। ସୁଜନ ଛତ୍ରିଆ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବ୍ଲକ କର୍ମଚାରୀଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**କୋକସରା,୨।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ଜୟପାଟଣା ବ୍ଲକ ଆର୍‌ଏଚ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀ କୋକସରା ବ୍ଲକ ଟିକିଲି ଗ୍ରାମର ଚନ୍ଦନ ସାହୁଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ' ଗତ ଗୁରୁବାର ବ୍ଲକ କାର୍ଯ୍ୟାଳୟକୁ ଡ୍ୟୁଟିରେ ଯାଇ ପ୍ରାୟ ସାଢେ ଗୋଟାଏ ପରେ ନିଜ ଗାଁ କୋକସରା ବ୍ଲକ ଟିକିଲିକୁ ଫେରିଥିଲେ। ଘରେ ଅସୁସ୍ଥ ଅନୁଭବ କରି ବିଶ୍ରାମ ନେଇଥିଲେ। ଶୁକ୍ରବାର ସକାଳେ ତାଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଟିକେ ସୁସ୍ଥ ହେବାପରେ ଗାଁକୁ ଫେରିଥିଲେ। ପୁଣି ସନ୍ଧ୍ୟାରେ ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜୁନାଗଡର ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବିପିସି ଚନ୍ଦନଙ୍କ ଗୋଟିଏ ଝିଅ, ୪ ମାସର ପୁଅ ଓ ପତ୍ନୀ ରହିଛନ୍ତି।

### କାଳବୈଶାଖୀ: ଘର ଛାତ ଉଡ଼ିଲା, ଗଛ ପଡ଼ି ଗାଈବାଛୁରୀ ମୃତ

**ଥୁଆମୂଳ ରାମପୁର, ୨।୫ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତ ୩୦ ତାରିଖ ବିଳମ୍ବିତ ରାତିରେ ହୋଇଥିବା ପ୍ରବଳ ପବନ ଯୋଗୁ ସିନ୍ଧିପଦର ପଞ୍ଚାୟତ ଶ୍ରୀମସ୍କା ଗ୍ରାମର ସିଦାସ ନାଏକ ଓ ମହେଶ୍ୱର ନାଏକଙ୍କ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି। ସେହିପରି ଗୋପାଳପୁର ପଞ୍ଚାୟତ ସର୍ଗିଗୁଡ଼ା ଗ୍ରାମର ତିଲିସିଂ ମାଝୀଙ୍କ ଘର ଆଜବେଷ୍ଟସ ମଧ୍ୟ ଭାଙ୍ଗି ଚୂରମାର ହୋଇଯାଇଛି। ରାତିରେ ବର୍ଷା ଯୋଗୁ ମୋତାରୁଆଁ, କାଠକୁରା ଓ ବଡ଼ ବଣ୍ଡେଲ ଆଦି ଗ୍ରାମରେ ଅନେକ ଗଛ ରାସ୍ତା ଉପରେ ଉପୁଡ଼ି ପଡ଼ିଥିଲା। ପୁନଶ୍ଚ ୧ ତାରିଖରେ ତଳଝାପି ଗ୍ରାମର ବିନୋଦ ଗୌଡ଼ଙ୍କ ଗାଈଗୁଡ଼ିକ ଗାଁ ପାଖ ଜଙ୍ଗଲରେ ଚରୁଥିବା ବେଳେ ପ୍ରବଳ ବର୍ଷା ଓ ପବନରେ ଏକ ଗଛ ସେମାନଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛ ସବୁ କାଟି ରାସ୍ତା ସଫା କରିଥିଲେ। ଅନ୍ୟପଟେ ୧ ତାରିଖ ମଧ୍ୟାହ୍ନର ଝଡ଼ତୋଫାନରେ ବିଦ୍ୟୁତ୍ ସରବରହ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚନ୍ଦ୍ରଗିରି ଓ ବଡ଼ଛତରଙ୍ଗ ସମେତ ଗୋପାଳପୁର ଫିଡରର ସେମେଲପଦର, ବାଲିସରା, ପୋଖରୀଗୁଡ଼ା ଓ ରାଣୀଡୁମେର ମେନ ଲାଇନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଦ୍ୟୁତ୍‌ସେବା ବିପର୍ଯ୍ୟସ୍ତ ହେବା ଫଳରେ ୧ ତାରିଖ ସନ୍ଧ୍ୟାରୁ ସମସ୍ତ ପ୍ରକାର ନେଟ୍‌ୱର୍କ ବିଚ୍ଛିନ୍ନ ହୋଇଯାଇଥିଲା। ରାତି ପ୍ରାୟ ୨ଟା ବେଳେ ବିଦ୍ୟୁତ୍ ସଂଯୋଗ ହେବା ପରେ ନେଟ୍‌ୱର୍କ ସେବା ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଓ ବାସଗୃହ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ସଉକ ପାଇଁ ବାଇକ୍ ଚୋରି

- ଫେରାର ପରେ ବି ୪ ବାଇକ୍ ଚୋରି କରିଥିଲେ
- ୫ ନଂ. ବାଇକ୍ ଚୋରି ବେଳେ ମାଡ଼ିବସିଲା ପୋଲିସ

**ଭବାନୀପାଟଣା,୨।୫(ଉତ୍ତମ କୁମାର ଦାଶ)**


ଅଭିଯୁକ୍ତ ଜଗନ୍ନାଥ ଶବର।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା କାରାଗାର ପାଚେରି ଡେଇଁ ଗତ ୨୨ ତାରିଖ ବିଳମ୍ବିତ ରାତିରେ ଜଗନ୍ନାଥ ଶବର ନାମକ ଜଣେ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଜେଲ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୫୪/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଭବାନୀପାଟଣା ଟାଉନ ଥାନା ଅଞ୍ଚଳରେ ଗତ ୩୦ ତାରିଖ ବିଳମ୍ବିତ ରାତ୍ରିରେ ଏକ ବାଇକ୍ ଚୋରି କରୁଥିବାବେଳେ ଅଭିଯୁକ୍ତ ଜଗନ୍ନାଥ ପୋଲିସ ହାବୁଡ଼ରେ ପଡିଥିଲେ। ଗିରଫ ବେଳେ ସେ ଗଣମାଧ୍ୟମ ପ୍ରତିନିଧି ଆଗରେ ଏକ ବଡ଼ ବୟାନ ଦେଇଥିଲେ। ସେ ସଉକ ପାଇଁ ବାଇକ୍ ଚୋରି କରୁଥିବା କହିଥିଲେ। ଜଗନ୍ନାଥ ଜେଲରୁ ଫେରାର ପରେ ଗୋଟିଏ ରାତିରେ ୩ ବାଇକ୍ ଓ ଗୋଟିଏ ସ୍କୁଟି ଚୋରି କରିଥିଲେ। ତେବେ ପାଞ୍ଚ ନମ୍ବର ବାଇକ୍ ଚୋରି କରୁଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ। ପୋଲିସ ୩ ବାଇକ୍ ଓ ସ୍କୁଟିକୁ ଜବତ କରିଛି। ଏହାକୁ ନେଇ ଅଭିଯୁକ୍ତ ଜଗନ୍ନାଥଙ୍କ ନାମରେ ଟାଉନ ଥାନାରେ ୪ଟି ପୃଥକ୍ ମାମଲା ରୁଜୁ ହୋଇଛି। ଟାଉନ ଥାନା ପୋଲିସ ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ ପ୍ରଧାନ ଓ ଟାଉନ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଫେରାର କଏଦୀ ଜଗନ୍ନାଥ ଭବାନୀପାଟଣା ବ୍ଲକ ଠେମରା ଗ୍ରାମର ହୋଇଥିବାବେଳେ ତାଙ୍କ ନାଁରେ ୮ଟି ଚୋରି ମାମଲା ରୁଜୁ ହୋଇଥିଲା। ଗତ ଫେବୃଆରୀ ୧୪ରେ ଭବାନୀପାଟଣା ସଦର ଥାନା ପୋଲିସ ଏକ ଚୋରି ମାମଲାରେ ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ମଞ୍ଜୁର ନ ହେବାରୁ ସେ ବିଚାରାଧୀନ କଏଦୀ ଭାବେ ଜେଲରେ ରହିଥିଲେ। ତେବେ ୨୨ ତାରିଖ ବିଳମ୍ବିତ ରାତିରେ ଶିଡ଼ି ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିବା ଜଗନ୍ନାଥ ପ୍ରକାଶ କରିଛନ୍ତି।

## ମାଟ୍ରିକ୍ ପାସ୍ ହାର : କଳାହାଣ୍ଡିରେ ୯୭.୮୬%

**ଭବାନୀପାଟଣା,୨।୫ (ଉତ୍ତମ କୁମାର ଦାଶ)**

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଚଳିତ ବର୍ଷ କଳାହାଣ୍ଡି ଜିଲାରେ ପାସ୍ ହାର ୯୭.୮୬% ରହିଛି। ଗତବର୍ଷ ୯୫.୨୨% ରହିଥିଲା। ଫଳରେ ଚଳିତ ବର୍ଷ ପାସ୍ ହାର ଗତ ବର୍ଷଠୁ ଅଢେଇ ପ୍ରତିଶତ ଅଧିକ। ଚଳିତ ବର୍ଷ ଜିଲାର ୩୧୪ ହାଇସ୍କୁଲରେ ୨୦ ହଜାର ୯୬୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୨୦ ହଜାର ୧୪୮ ଜଣ ପାସ୍ କରିଥିବାବେଳେ ୩୮୦ ଜଣ ପରୀକ୍ଷା ଦେଇ ନ ଥିଲେ। ଜିଲାରେ ଏ-୧ ଗ୍ରେଡରେ ୧୧୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏ-୨ରେ ୧୨୭୬, ବି-୧ରେ ୩୬୧୬, ବି-୨ରେ ୫୦୭୭, ସି ରେ ୫୩୦୨, ଡି'ରେ ୩୫୧୩ ଓ ଇ ଗ୍ରେଡରେ ୧୨୪୬ଜଣ ରହିଛନ୍ତି। ୪୪୦ ଜଣ ଫେଲ ହୋଇଛନ୍ତି। ଜିଲାରେ ଛାତ୍ର ୧୦ ହଜାର ୪୩ ଜଣ ଓ ଛାତ୍ରୀ ୧୦ ହଜାର ୧୦୫ ଜଣ ପାସ କରିଛନ୍ତି। ଛାତ୍ରଙ୍କଠାରୁ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଭବାନୀପାଟଣା

### ସ୍ୱାତୀ ମହାକୁଡ଼ ଜିଲା ଟପ୍ପର



ସଦର ବ୍ଲକ ଗଣନାଥପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (ୟୁଜିଏଚ୍‌ଏସ୍)ର ଛାତ୍ରୀ ସ୍ୱାତୀ ମହାକୁଡ଼ ସର୍ବାଧିକ ୫୭୭ ନମ୍ବର (୯୬.୧୭%) ରଖି ଜିଲା ଟପ୍ପର ହୋଇଛନ୍ତି। ଟୁନା ମହାକୁଡ଼ ଓ ସୁଷମା ମହାକୁଡ଼ଙ୍କ ଦ୍ୱିତୀୟ ଝିଅ ସ୍ୱାତୀ ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିବାବେଳେ ଭବିଷ୍ୟତରେ ଓଏଏସ୍ ହେବା ପାଇଁ ଲକ୍ଷ ରଖିଥିବା ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ପ୍ରଥମେ ସେ ଭଗବାନ ବାପା, ମା' ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଶ୍ରେୟ ଦେଇଛନ୍ତି।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଏଓଏସ୍‌ସିଏଫ୍‌ର ଦାବିପତ୍ର


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

**ଭବାନୀପାଟଣା,୨।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗାଠାରେ କୋଣାର୍କ ସୂତାକଳ ଦୀର୍ଘ ୪୦ ବର୍ଷ ହେଲା ଆକାମୀ ହୋଇପଡିଛି। ରାଜ୍ୟରେ କପା ଉତ୍ପାଦନରେ କଳାହାଣ୍ଡି ଜିଲା ପ୍ରଥମ ହୋଇଥିବାବେଳେ ଏଠାରେ ବର୍ଷକୁ ୭ ଲକ୍ଷ ଟନ କପା ଉତ୍ପାଦନ ହୁଏ। ସେହିପରି ବ୍ୟବସାୟ ପାଇଁ ଗମନାଗମନ ରାଜ ରାସ୍ତାଠାରୁ ରେଳ ସଂଯୋଗ ମଧ୍ୟ ରହିଛି। ଗତ ଜାନୁୟାରୀରେ ଭବାନୀପାଟଣାରେ ଅନୁଷ୍ଠିତ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେସିଙ୍ଗାଠାରେ ସୂତାକଳର ପୁନରୁଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନିଜେ ଦେଇଥିବା ପ୍ରତିଶ୍ରୁତି ଭୁଲି ବଲାଙ୍ଗୀରଠାରେ ନୂତନ ଭାବରେ ସୂତାକଳ କରିବା ପାଇଁ ଓଡ଼ିଶା ସରକାର କ୍ୟାବିନେଟରେ ମଞ୍ଜୁରୀ କରିବା କଳାହାଣ୍ଡି ଚାଷୀ ପାଇଁ ଚିନ୍ତାର ବିଷୟ। ସରକାରଙ୍କ ଏହି ନୀତିକୁ ବିରୋଧକରି ଶନିବାର ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡରେଶନ (ଏଓଏସ୍‌ସିଏଫ୍) କଳାହାଣ୍ଡି ଶାଖା ତରଫରୁ ଅତିରିକ୍ତ ଜିଲାପାଳ ବୈଦୁରା ଦୀପଙ୍କ ଜରିଆରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଏହି ସମୟରେ ସଂଘର ରାଜ୍ୟ ସଭାପତି ଧନଞ୍ଜୟ ଦୀପ, ଜିଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ, ଅଜିତ ବାଗ, ଅମରଲାଲ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

### ୬ ଛାତ୍ରୀଛାତ୍ର ବ୍ଲକ୍ ଟପ୍ପର

**କୋକସରା,୨।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ କୋକସରା ବ୍ଲକ୍‌ର ୫ ଛାତ୍ରୀ ଓ ଜଣେ ଛାତ୍ର ୫୪୦ ମାର୍କ (୯୦%, ଏ-୧ ଗ୍ରେଡ) ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେମାନେ ହେଲେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶ୍ମିତା ବିଷି, ଦିବ୍ୟାଶ୍ରୀ ପ୍ରଧାନୀ, ଛାତ୍ର ନରୋତ୍ତମ ବାଗ, ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଡହଗାଁର ଛାତ୍ରୀ ପ୍ରିୟଙ୍କା ମଶ୍ରା, ରେଙ୍ଗାଲପାଲି ଗ୍ରାମ ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଲିଲିମଣି ବାଗ ଓ ସୌଭାଗ୍ୟ ନିଆଲ। ଏହି ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମ, ଆଶୀର୍ବାଦ ତଥା ନିଜର ଦୃଢ଼ ମନୋବଳ ଓ ନିରନ୍ତର ପରିଶ୍ରମ ରହିଛି ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ବ୍ଲକରେ ଚଳିତ ବର୍ଷ ୯ ଗୋଟି ପରୀକ୍ଷା କେନ୍ଦ୍ରରେ ୧୪୭୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪୪୦ ଜଣ ପରୀକ୍ଷା ଦେଇଥିଲେ।

### ଲିଲି, କପିଳେଶ୍ୱର ଯୁଗ୍ମ ବ୍ଲକ ଟପ୍ପର

**କର୍ଲାମୁଣ୍ଡା,୨।୫(ପ୍ରଦୀପ କୁମାର ସାହୁ):** ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେଶିଙ୍ଗା ନୋଡାଲ ହାଇସ୍କୁଲ ଛାତ୍ରୀ ଲିଲି ଗହୀର ଓ କର୍ଲାମୁଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ଛାତ୍ର କପିଳେଶ୍ୱର ବଗର୍ତ୍ତୀ ଯୁଗ୍ମ ଭାବେ ବ୍ଲକ ଟପ୍ପର୍ ହୋଇଛନ୍ତି। ଉଭୟେ ୫୪୦ ମାର୍କ ଅର୍ଥାତ୍ ୯୦ପ୍ରତିଶତ (ଏ-୧) ନମ୍ବର ରଖଛନ୍ତି। ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବ୍ଲକରେ ମୋଟ ୮୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮୦୧ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ସୂଚନା ଦେଇଛନ୍ତି।

## ନୂଆପଡ଼ାରେ ୯୭.୮୭%ପାସ୍

**ନୂଆପଡ଼ା,୨।୫(ମକାରୁ ବେମାଲ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚଳିତ ଚଳିତ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ୯୭.୮୭ ପ୍ରତିଶତ ପାସ୍ ହାର ସହ ନୂଆପଡ଼ା ଜିଲା ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି। ସିନାପାଲି ବ୍ଲକ ବରଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୁନମ ମେହେର ୯୧.୬୬ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୬ ଶହରୁ ୫୫୦ ମାର୍କ ରଖିଛନ୍ତି। ପୁନମଙ୍କ ପିତା କୈଳାଶ ଚନ୍ଦ୍ର ମେହେର ଜଣେ ଦୋକାନୀ ଏବଂ ମା ପାଲି ମେହେର ଜଣେ ସ୍ୱୟଂସହାୟକ ମହିଳା ଓ ସେ ଉଦନ୍ତି ଫାର୍ମ ଗ୍ରୁପର ପରିଚାଳକ ଅଛନ୍ତି। ଜିଲାରେ ମୋଟ ୯,୫୮୭ ଛାତ୍ରୀଛାତ୍ର ପରୀକ୍ଷା ଦେବାପାଇ ନାମ ପଞ୍ଜୀକରଣ କରିଥିଲାବେଳେ ସେଥିରୁ ୧୮୪ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେଥିରୁ ୯,୨୦୩ ଜଣ ଉନ୍ନୀତ ହୋଇଛନ୍ତି। ଯାହାର ହାର ରହିଛି ୯୭.୮୭ ପ୍ରତିଶତ। ଜିଲାରେ ଏ-୧ରେ ୧୩ ଜଣ ଉନ୍ନୀତ ହୋଇଥିବା ବେଳେ ଏ-୨ରେ ୨୨୬ ଜଣ, ବି-୧ରେ ୧୧୧୧, ବି-୨ରେ ୨୩୭୩ ଜଣ, ସି'ରେ ୨୬୬୦, ଡି'ରେ ୨୧୩୦ ଓ ଇ ଗ୍ରେଡରେ ୬୮୪ଜଣ ପାସ ହୋଇଥିଲା ବେଳେ ୨ଶହ ଜଣ ଫେଲ ହୋଇଛନ୍ତି। ସମସ୍ତ ଉନ୍ନୀତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ମଧୁସୂଦନ ଦାସ ଓ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

### ପୁନମ ମେହେର ଜିଲା ଟପ୍ପର



## ଶ୍ରମିକ ପାଉଣା ଶୀଘ୍ର ନ ମିଳିଲେ ଆନ୍ଦୋଳନ

**ନୂଆପଡ଼ା,୨।୫ (ମକାରୁ ବେମାଲ)**


ଅତିଥିଙ୍କ ଗହଣରେ ଶ୍ରମିକମାନେ।

ନୂଆପଡ଼ା ସଦର ବ୍ଲକ ଟାନୱାଟସ୍ଥିତ ଆଦିବାସୀ କଲ୍ୟାଣ ସଂଘ ସଭାଗୃହଠାରେ ଜିଲା ଶ୍ରମିକ ମହାସଂଘ ନୂଆପଡା ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ଲାନିଂ ଡେପୁଟି ଡାଇରେକ୍ଟର ବଟକୃଷ୍ଣ ପରୁଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ବରିଷ୍ଠ ନେତା କେଶବ ବେହେରା, ମହାସଂଘ ଜିଲା ସହ ଆବାହକ ଭକ୍ତବନ୍ଧୁ ଧରୁଆ, ଶ୍ରମିକ ବିକାଶ ସଂଘ ସଭାପତି ଅନିରୁଧ ନାଗ, ସମ୍ପାଦକ ଜ୍ଞାନେଶ୍ୱର ବାଗ, ଶୁକ୍ଲଧର ନିଆଲ, ସୁକଦେଓ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଭିନ୍ନ ଟ୍ରେଡ ୟୁନିଅନ ଓ ମହାସଂଘକୁ ଡିଏଲ୍‌ଓ ଉପେକ୍ଷା କରିବା, ଡିଏଲ୍‌ଓ ଅଧିକାଂଶ ସମୟ କାର୍ଯ୍ୟାଳୟରେ ଅନୁପସ୍ଥିତ ରହି ଘରେ ଥାଇ ଫାଇଲ କାମ କରିବା ଇତ୍ୟାଦି ଅଭିଯୋଗ ଉପରେ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ମହାସଂଘ ଦାବି କରିଛି। ଜିଲାର ୧୩୧ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏ୍ ଯୋଜନାରେ ବିଭିନ୍ନ କାର୍ଯ୍ୟ ଚାଲିଛି । ଗୋଟିଏ ପଞ୍ଚାୟତରେ ହାରାହାରି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଶ୍ରମିକ ପାଉଣା ବକେୟା ରହିଥିବା ବେଳେ ୧୩୧ ପଞ୍ଚାୟତରେ ପାଖାପାଖି ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଶ୍ରମିକ ପାଉଣା ବକେୟା ରହିଛି। ଶୀଘ୍ର ପ୍ରାପ୍ୟ ପ୍ରଦାନ ନ କଲେ ଆନ୍ଦୋଳନ ହେବ ବୋଲି ମହାସଂଘ ଚେତାବନୀ ଦେଇଛି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଖଡ଼ିଆଳ,୨।୫ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ କିରାଣି ଅକ୍ଷୟ କୁମାର ଦାଶ, ଶାରୀରିକ ଶିକ୍ଷା ବିଭାଗ ଶିକ୍ଷକ ଡ. ସରୋଜ କୁମାର ପଣ୍ଡା, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ଡେମନ୍‌ଷ୍ଟ୍ରେଟର ଧ୍ରୁବ ପାତ୍ର ବୃତ୍ତିଗତ ଦାୟିତ୍ୱରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୨ ଅଧକ୍ଷ ଡ. ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ଅଧାପକ ସୁନୀଲ କୁମାର ପାଢ଼ୀ, କର୍ମଚାରୀ ସଂଘ ସମ୍ପାଦିକା ଅଧାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ୩ ବିଦାୟୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

## ଜିତୁ ମୁଣ୍ଡାଙ୍କୁ ବାଲୁକା କଳାରେ ସମବେଦନା

**କର୍ଲାମୁଣ୍ଡା,୨।୫ (ପ୍ରଦୀପ କୁମାର ସାହୁ)**

କେନ୍ଦୁଝର ଜିଲା ପାଟଣା ବ୍ଲକର ଜିତୁ ମୁଣ୍ଡା ଭଉଣୀର ମୃତ୍ୟୁ ପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ତାଙ୍କ ଜମା ଖାତାରେ ଥିବା ୧୯୩୦୦ ଟଙ୍କା ପାଇବା ପାଇଁ ଅସମର୍ଥ ଥିଲେ। ମୃତ୍ୟୁ ପ୍ରମାଣ ପତ୍ର ପାଇଁ ସେ ପୋତାଯାଇଥିବା କଙ୍କାଳକୁ ତିନି କିଲୋମିଟର ପର୍ଯ୍ୟନ୍ତ କାନ୍ଧରେ ବୋହି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଖିଖୋଲି ଦେଇଥିଲେ। ଏହି ଘଟଣା ପରେ ବର୍ତ୍ତମାନ ବିଭିନ୍ନ ମହଲରୁ ଜିତୁଙ୍କୁ ସହାୟତାର ସୁଅ ଛୁଟୁଛି।



ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ବାଲୁକା କଳା ମାଧମରେ ଜିତୁ ମୁଣ୍ଡାଙ୍କ ପ୍ରତିକୃତି ନିର୍ମାଣ କରି ତାଙ୍କୁ ସମବେଦନା ଜଣାଇଛନ୍ତି।

### ୧୫ଦିନ ହେଲା ଜଳ ଯୋଗାଣ ବନ୍ଦ, ତାତିଲେ ମହିଳା

**ସିନାପାଲି,୨।୫(ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ସଦରଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ଗୋଡାଲ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ଗ୍ରାମର ଶତାଧିକ ମହିଳା ପ୍ରକଳ୍ପ ଟ୍ୟାଙ୍କ ନିକଟରେ ଜମା ହୋଇ ହୋହଲ୍ଲା କରିଥିଲେ। ଜଳ ଯୋଗାଣ ସାଭାବିକ ନ କଲେ ବ୍ଲକ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଗୋଡାଲ ପଞ୍ଚାୟତର ଗୋଡାଲ ଗାଁ ସମେତ ମହଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ସିନାପାଲିସ୍ଥିତ ଉଦନ୍ତୀ ନଦୀରେ ପମ୍ପ ହାଉସ ରହିଥିବା ବେଳେ ଗୋଡାଲ ଗ୍ରାମଠାରେ ଟ୍ୟାଙ୍କ ବସିଛି। ଏଠାରୁ ଉକ୍ତ ଗାଁଗୁଡ଼ିକୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ମାସମାସ ଧରି ବିଭିନ୍ନ ବାହାନା ଦେଖାଇ ଜଳ ଯୋଗାଣ ବନ୍ଦ ରହିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ପାଉନାହାନ୍ତି।

## ୩୯୩ ଶ୍ରମିକଙ୍କୁ ୨.୯୪ କୋଟି ସହାୟତା ପ୍ରଦାନ

**ନୂଆପଡ଼ା,୨।୫(ମକାରୁ ବେମାଲ)**

ନୂଆପଡ଼ା ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଟାନୱାଟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖରିଆର ରୋଡ୍ ଏନ୍‌ଏସି ଅଧକ୍ଷା ଡା. ସୋନିଆ ଜୈନ ମୁଖ୍ୟ ଅତିଥି, ନୂଆପଡ଼ା ବିଧାୟକ ପ୍ରତିନିଧି ତଥା ତାଙ୍କ ପତ୍ନୀ ସୁମନ ଢୋଲକିଆ, ଉପଜିଲାପାଳ ସୁର୍ମୀ ସୋରେନ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା ଓ ଟାନୱାଟ ସରପଞ୍ଚ ଜୟରାମ ସତନାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଅଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ମୋଟ ୩୯୩ ଜଣ ହିତାଧିକାରୀଙ୍କୁ ୨କୋଟି ୯୪ ଲକ୍ଷ ୩୬ ହଜାର ୨ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମୃତ୍ୟୁକାଳୀନ ସହାୟତା ଅଧୀନରେ ୭୩ ଜଣଙ୍କୁ ୨ କୋଟି ୧୭ ଲକ୍ଷ, ଶବଦାହ ସହାୟତାରେ ୭୧ ଜଣଙ୍କୁ ୩ ଲକ୍ଷ ୫୫ ହଜାର, ଶିକ୍ଷା ସହାୟତାରେ ୭୨ ଜଣଙ୍କୁ ୫ ଲକ୍ଷ ୭୧ ହଜାର ୨ଶହ ଟଙ୍କା, ବିବାହ ସହାୟତାରେ ୧୨୬ ଜଣଙ୍କୁ ୬୩ ଲକ୍ଷ ଟଙ୍କା ଏବଂ ମାତୃତ୍ୱ ସହାୟତାରେ ୫୧ ଜଣଙ୍କୁ ୫ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଗ୍ରାମୀଣ ଶ୍ରମ ନିରୀକ୍ଷକ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ହିତାଧିକାରୀଙ୍କୁ ଚେକ୍ ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଛି।

## ୪୮୫ ନିର୍ମାଣ ଶ୍ରମିକଙ୍କୁ ୪ କୋଟି ୭୩ ଲକ୍ଷ ସହାୟତା

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ**

**ଭବାନୀପାଟଣା,୨।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଶୁକ୍ରବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ନରହରି ପଟ୍ଟନାୟକ, କଳାହାଣ୍ଡି ପ୍ରଭାଗୀୟ ଶ୍ରମ ଆୟୁକ୍ତ ପରିମିତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶ୍ରମ ଅଧିକାରୀ ରଶ୍ମିତା ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ମହିଳା ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଏହି ଅବସରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧୀନରେ ଯୋଗ୍ୟ ବିବେଚିତ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ବିବାହ ସହାୟତା ରାଶି ବାବଦରେ ୧୩୩ ଜଣଙ୍କୁ ୩କୋଟି ୮୩ ଲକ୍ଷ, ମୃତ୍ୟୁ ସହାୟତା ରାଶି ୧୨୧ ଜଣଙ୍କୁ ୬ ଲକ୍ଷ ୫ ହଜାର, ଅନ୍ତ୍ୟେଷ୍ଟି ସହାୟତା ରାଶି ୧୫୫ ଜଣଙ୍କୁ ୭୭ ଲକ୍ଷ ୨୫ ହଜାର, ଶିକ୍ଷା ସହାୟତା ରାଶି ୧୯ ଜଣଙ୍କୁ ୧ ଲକ୍ଷ ୯୦ ହଜାର, ମାତୃତ୍ୱ ସହାୟତା ରାଶି ୫୭ ଜଣଙ୍କୁ ୫ ଲକ୍ଷ ୨୪ ହଜାର ୮ଶହ ଏପରି ମୋଟ ୪୮୫ ଜଣ ନିର୍ମାଣ ଶ୍ରମିକଙ୍କୁ ୪ କୋଟି ୭୩ ଲକ୍ଷ ୪୪ ହଜାର ୮ଶହ ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଜଣଙ୍କୁ ମୃତ୍ୟୁକାଳୀନ ୨ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୮୦୦ ଜଣ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ, ଟ୍ରେଡ ୟୁନିଅନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଓ କଳାହାଣ୍ଡି ଶ୍ରମ କାର୍ଯ୍ୟାଳୟର ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ପାଇକମାଳ (ବଡ଼ ଶତପଥୀ): ପାଇକମାଳ ଥାନା ଟେମେରୀ ପଞ୍ଚାୟତ ଢେଙ୍ଗାନାଡିହି ଗାଁ ଯୁବକ ଡିଲେଶ୍ୱର ପଟେଲ (୨୧)ଙ୍କ ମହୁଲ ଗଛରୁ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି । ଟେମେରୀ ପଞ୍ଚାୟତ ଢେଙ୍ଗାନାଡିହି ଗ୍ରାମର ଦୁର୍ଯ୍ୟୋଧନ ପଟେଲଙ୍କ ପୁଅ ଡିଲେଶ୍ୱର ଚାରିଛକ ନିକଟରେ ଥିବା ଏକ ମହୁଲ ଗଛରେ ନିଜ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଓଡ଼ିଶା ଭିନ୍ନକ୍ଷମ କ୍ରିକେଟ ଅଲରାଉଣ୍ଡର ଭାବରେ ସାମିଲ ହେବେ ଧୀରେନ୍ଦ୍ର

ବରପାଲି,୨।୫(ଚିତ୍ତରଞ୍ଜନ ସାହୁ): ଓଡ଼ିଶା ଭିନ୍ନକ୍ଷମ କ୍ରିକେଟ ଦଳରେ ସାମିଲ ହେବେ ବରପାଲି ବ୍ଲକ ବାଗବାଡ଼ି ଗ୍ରାମର ଧୀରେନ୍ଦ୍ର ମେହେର। ବରଗଡ ଜିଲାରୁ ଏକମାତ୍ର ଓଡ଼ିଶା ଭିନ୍ନକ୍ଷମ କ୍ରିକେଟ ଦଳରେ ଅଲରାଉଣ୍ଡର ଭାବରେ ସାମିଲ ହୋଇ ମେ ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ ବାଙ୍ଗାଲୋରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରରେ କ୍ରିକେଟ ପ୍ରତିଯୋଗିତାରେ ଯୋଗଦେବେ। ଏଥିରେ ସାମିଲ ହେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ପତ୍ର ମିଳିଛି । ଧୀରେନ୍ଦ୍ର ମେହେର ହେଉଛନ୍ତି ବରପାଲି ବ୍ଲକ ବାଗବାଡି ଗ୍ରାମର ପ୍ରେମଶିଳା ମେହେର ଓ ନେହେରୁ ମେହେରଙ୍କ ସୁପୁତ୍ର। ସେ ଆଗରୁ ଓଡ଼ିଶା ତଥା ଓଡ଼ିଶା ବାହାରେ ଅନେକ ସ୍ଥାନରେ କ୍ରିକେଟ ଖେଳି ଭଲ ପ୍ରଦର୍ଶନ କରି ସମ୍ମାନିତ ହୋଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକ ସଂଘର ଦାବିପତ୍ର

ଅତାବିରା/ଗୋଡ଼ଭଗା ,୨।୫ (ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ): ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ସାମ୍ବାଦିକଙ୍କୁ ସମ୍ମାନ, ସୁରକ୍ଷା ଏବଂ ପେନସନ ପାଇଁ ସରକାରଙ୍କଠାରେ ବାରମ୍ବାର ଦାବି କରିଆସୁଛି। କେତେକ ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନ୍‌ସନ ଦିଆଯାଉଛି। ମାତ୍ର ଏଠାର ସାମ୍ବାଦିକମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ଶ୍ରମିକ ଦିବସରେ ଓୟୁଜେ ଭୁବନେଶ୍ୱର ନିଷ୍ପତ୍ତି ଏବଂ ବରଗଡ଼ ଜିଲା ସାମ୍ବାଦିକ ସଂଘର ନିର୍ଦ୍ଦେଶ ଅନୁସାରେ, ଅତାବିରା ଶାଖା ପକ୍ଷରୁ ଶୁକ୍ରବାର ସଂଯୋଜକ କୀର୍ତ୍ତନ ବିଶ୍ୱାଳଙ୍କ ସଭାପତିତ୍ୱରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ତଳେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଅତାବିରା ଥାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏଥିରେ ସୁରେଶ ଦାଶ, ନରେନ୍ଦ୍ର ଦାଶ,ଯୁଧିଷ୍ଠିର ମହାପାତ୍ର, ସୁରେନ୍ଦ୍ର କଠାର, ବିଜୟ କର୍ଣ୍ଣ ପ୍ରମୁଖ ଯୋଗଦେଇଥିଲେ।

### ସାରଙ୍ଗପୁରରେ ବୈଶାଖ ମେଳା ଉଦ୍‌ଯାପିତ

ପଦ୍ମପୁର,୨।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ଅନ୍ତର୍ଗତ ସାରଙ୍ଗପୁର ଅଙ୍ଗ ନଦୀକୂଳ ନୃସିଂହ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବୈଶାଖ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଜଗନ୍ନାଥ ବରିହା ଓ ତାଙ୍କ ସ୍ତ୍ରୀ ବନିତା ବରିହା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସୀତାଂଶୁ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ତିନିଦିନ ଧରି ଗାୟିକା ସ୍ୱପ୍ନାରାଣୀ ଯୋଷୀ ନୃସିଂହ ପାରାୟଣ ଗାନ କରିଥିଲେ। ଦ୍ୱିତୀୟ ଦିନରେ ସଂଚାର ସହିତ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଶୁକ୍ରବାର ସନ୍ଧ୍ୟାର ଢୋଲାମଣି ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା କୀର୍ତ୍ତନ ଧାରା ପରିବେଷଣ କରାଯାଇଥିଲା। ମେଳାରେ କମିଟିର ସଭାପତି ଶ୍ରୀକାନ୍ତ ବରିହା, ଉପସଭାପତି ରମାକାନ୍ତ ସାହୁ, ସମ୍ପାଦକ ଯୁଧିଷ୍ଠିର ବରିହା, କୋଷାଧ୍ୟକ୍ଷ ସତ୍ୟବାନ ବରିହା, ସମେତ ପଞ୍ଚାନନ ବରିହା, ଲଳିତ ସାହୁ, ନାରାୟଣ ମେହେର, ଟେଙ୍ଗେନୁ ସାହୁ, ରବି ଲାଲ ବରିହା ସହଯୋଗ କରିଥିଲେ।

# ୧୧୦ ବିଦ୍ୟାଳୟରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

## ବରଗଡ଼ ଜିଲାରେ ମାଟ୍ରିକ ପରୀକ୍ଷାଫଳ

**■ ପାସ୍ ହାର ୯୬.୪୧ ପ୍ରତିଶତ**

ବରଗଡ଼,୨।୫(ପ୍ରେମାନନ୍ଦ ଖମାରୀ)




ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲା ରାଜ୍ୟରେ ବିଂଶ(୨୦ତମ) ସ୍ଥାନରେ ରହିଛି। ଜିଲାରେ ପାସ୍ ହାର ୯୬.୪୧ ପ୍ରତିଶତ ରହିଥିବାବେଳେ ଜିଲାର ୩୧୯ ବିଦ୍ୟାଳୟ ମଧ୍ୟରୁ ୧୧୦ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ୧୭ହଜାର ୫୮୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୧୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ତେବେ ପରୀକ୍ଷା ଦେଇଥିବା ଜିଲାର ୧୭ହଜାର ୪୧୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬ହଜାର ୭୮୫ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୬ଜଣ ଏ-୧, ୩୩୪ଜଣ ଏ-୨, ୧୦୧୯ଜଣ ବି-୧, ୨୪୪୫ଜଣ ବି-୨, ୪୧୫୨ଜଣ ସି, ୫୨୦୫ଜଣ ଡି, ୩୫୮୪ଜଣ ଇ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୬୨୫ଜଣ ଛାତ୍ରୀଛାତ୍ର(ରେଗୁଲାର) ପରୀକ୍ଷାରେ ଫେଲ୍ ହୋଇଛନ୍ତି।

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦୀପଶିଖା ଗଡ଼ତିଆ ୫୭୩(୯୫.୫ ପ୍ରତିଶତ) ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଲାଦେରପାଲି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ସୁଶ୍ରୀ କ୍ରିଷ୍ଣା ପତି ୫୬୩(୯୩.୮୩ ପ୍ରତିଶତ), ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସିଦ୍ଧାର୍ଥ ଶେଖର ସାହୁ ୫୫୯(୯୩.୧୬ ପ୍ରତିଶତ), ଜମଲା ପଞ୍ଚାୟତ ହାଇସ୍କୁଲର ଆକାଂକ୍ଷା ଭୋଇ ୫୫୮(୯୩ ପ୍ରତିଶତ), ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଲୋକ ରଞ୍ଜନ ସାହୁ ୫୫୭(୯୨.୮୩ ପ୍ରତିଶତ), ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଖୁସି ସାହୁ ୫୫୫(୯୨.୫ ପ୍ରତିଶତ), ଲାଦେରପାଲି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ମନୀଷା ପ୍ରଧାନ ୫୫୪(୯୨.୩୩ ପ୍ରତିଶତ), ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିବରାମ ମିଶ୍ର ୫୫୩(୯୨.୧୬ ପ୍ରତିଶତ), ସରସରା ନୋଡାଲ ହାଇସ୍କୁଲର ଶ୍ରୁତିପ୍ରଜ୍ଞା ବିଶି ୫୫୦(୯୧.୬୬ ପ୍ରତିଶତ),କେ.ତୁରୁଙ୍ଗାସ୍ଥିତ ରାମଜୀଲାଲ ହାଇସ୍କୁଲର ପ୍ରାଚୀ ସାହୁ ୫୫୦(୯୧.୬୬ ପ୍ରତିଶତ) ଏବଂ ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶୁଭମ ସାହୁ ୫୪୯(୯୧.୫ ପ୍ରତିଶତ) ମାର୍କ ରଖି ଜିଲାର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି।

ତେବେ ଜିଲାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସର୍ବାଧିକ ୫ଜଣ ଲାଦେରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ହୋଇଥିବାବେଳେ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪ଜଣ ଲେଖାଏ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ସରସରା ନୋଡ଼ାଲ ହାଇସ୍କୁଲ ଓ ସୋହେଲା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୩ଜଣ ଲେଖାଏ ଛାତ୍ରୀଛାତ୍ର ଥିବାବେଳେ କନବାର ହାଇସ୍କୁଲ, ଜହ୍ନାପଡ଼ା ନୋଡ଼ାଲ ହାଇସ୍କୁଲ, କେ. ତୁରୁଙ୍ଗାସ୍ଥିତ ରାମଜୀଲାଲ ହାଇସ୍କୁଲ, ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨ଜଣ ଲେଖାଏ ଛାତ୍ରୀଛତ୍ର ରହିଛନ୍ତି। ଏହି ତାଲିକାରେ ପାହାଡ଼ଶ୍ରୀଗିଡ଼ା ଆଞ୍ଚଳିକ ଆଦିବାସୀ ହାଇସ୍କୁଲ, କଳାପାଲି ଜି.ଏମ ନୋଡ଼ାଲ ହାଇସ୍କୁଲ, ପଦ୍ମପୁର ସରକାରୀ ଉଚ୍ଚ ବାଳିକା ହାଇସ୍କୁଲ, କେଶାଇପାଲି ହାଇସ୍କୁଲ, ମାଣ୍ଡୋସିଲ ହାଇସ୍କୁଲ, ଖଇରପାଲି ପିକେଏ ନୋଡ଼ାଲ ହାଇସ୍କୁଲ, ପାଇକମାଲ ହାଇସ୍କୁଲ, ଜମଲା ପଞ୍ଚାୟତ ହାଇସ୍କୁଲ, ଗୁଚିଦା ହାଇସ୍କୁଲ, ଅମ୍ବାପାଲି ସମଲେଶ୍ୱରୀ ନୋଡ଼ାଲ ହାଇସ୍କୁଲ, ଗୁଦେରପାଲି ବାପୁଜୀ ହାଇସ୍କୁଲ, ଅମିଠି ପଞ୍ଚାୟତ ହାଇସ୍କୁଲ, ବରାହଗୋଡ଼ା ହାଇସ୍କୁଲ, ଲାଉନସରା ହାଇସ୍କୁଲ, କୁବେଡ଼େଗା ହାଇସ୍କୁଲ, କନ୍ଦାଡ଼ଙ୍ଗର ସ୍ୱାମୀ ବିବେକାନନ୍ଦ ହାଇସ୍କୁଲ ଏବଂ ଦ୍ୱାରୀସ୍ଥିତ ଦ୍ୱାରକାଧୀଶ ହାଇସ୍କୁଲ ଜଣେ ଲେଖାଏ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ତାଲିକା ରହିଛନ୍ତି। ବରଗଡ଼ରେ କମିଛି ପାସ୍ ହାର ଗତବର୍ଷ ଏବଂ ଚଳିତବର୍ଷ ମାଟ୍ରିକ ପରୀକ୍ଷାଫଳକୁ ତୁଳନା କଲେ ସମାନ ଦିନରେ ପରୀକ୍ଷାଫଳ ପ୍ରକାଶ ପାଇଛି। କିନ୍ତୁ ଏଥର ପରୀକ୍ଷାଫଳ ଗତବର୍ଷ ପରୀକ୍ଷା ଫଳ ତୁଳନାରେ ହ୍ରାସ ପାଇଛି। ଗତବର୍ଷ ମଧ୍ୟ ମେ ମାସ ୨ତାରିଖ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ସେହି ପରୀକ୍ଷାଫଳରେ ଜିଲାରେ ପାସ୍ ହାର ୯୭.୦୯ ପ୍ରତିଶତ ରହିଥିଲା ଏବଂ ରାଜ୍ୟରେ ବରଗଡ଼ ଜିଲାର ସ୍ଥାନ ତ୍ରୟୋଦଶ(୧୩ତମ) ସ୍ଥାନରେ ରହିଥିଲା। ଏପରିକି ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ବବିତା ରଥ ରାଜ୍ୟ ଟପ୍ପର ହୋଇଥିଲେ। କିନ୍ତୁ ଏଥର ରାଜ୍ୟରେ ବରଗଡ଼ ଜିଲାର ପରୀକ୍ଷାଫଳ ବିଂଶ(୨୦ତମ) ସ୍ଥାନରେ ରହିଛି। ଅନ୍ୟପଟେ ଗତବର୍ଷ ପରୀକ୍ଷାଫଳରେ ଜିଲାର ୪୩ଜଣ ଏ-୧ଗ୍ରେଡ୍‌ରେ ରହିଥିବାବେଳେ ଏଥର ତାହା ୪୬କୁ ବୃଦ୍ଧି ପାଇଛି।

### ଡାକ୍ତର ହେବାକୁ ଦୀପଶିଖାଙ୍କ ଲକ୍ଷ୍ୟ



ବିଦ୍ୟାଳୟରେ ପାଠପଢ଼ା ବ୍ୟତୀତ ଘରେ ଦୈନିକ ୬ରୁ ୭ ଘଣ୍ଟା ପଢୁଥିଲି। ଟିଉସନ୍ ପଢୁନଥିଲି। ପଢ଼ାପଢ଼ିରେ ପିଉସି (ବାପାଙ୍କ ଭଉଣୀ) ଗାଇଡ୍ କରୁଥିଲେ। ଏଭଳି କଠିକ ପରିଶ୍ରମ କରିଥିବାରୁ ମତେ ଆଜି ଏହି ସଫଳତା ମଳିଛି। ଭବିଷ୍ୟତରେ ମୁଁ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ପରୀକ୍ଷାରେ ସନ୍ତୁଷ୍ଟ ଥିବାବେଳେ ଇଂଲିଶ ଏବଂ ସାମାଜିକ ବିଜ୍ଞାନରେ ଆଉ କିଛି ଅଧିକ ମାର୍କ ମିଳିବ ବୋଲି ଆଶା ରଖିଥିଲି।

### ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସଫଳତା ପାଇଁ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ

ଅତାବିରା,୨।୫(ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜର ଉଦ୍ଭିଦବିଜ୍ଞାନ ବିଭାଗ ତରଫରୁ ଏକ ସମ୍ବର୍ଦ୍ଧନା ପର୍ବ କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ +୩ ଶେଷବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବିଭାଗର ଶ୍ରୁତି ସାହୁ ତୃତୀୟ ସ୍ଥାନ ଓ ସ୍ମୃତି ପ୍ରଧାନ ଅଷ୍ଟମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଜାତୀୟ ସମ୍ମିଳନୀର ତୈଳଚିତ୍ରକଳା ଉନ୍ମୋଚିତ ହୋଇଥିଲା। ବିଭାଗୀୟ ମୁଖ୍ୟ ମନୋରଞ୍ଜନ ତ୍ରିପାଠୀ, ଅଧ୍ୟାପକ ଡ. ଜୟନ୍ତ କୁମାର ସାହୁ, ଶିଶିର କୁମାର ସାହୁ, ସରୋଜ କୁମାର ନାୟକ, ଲିଙ୍ଗରାଜ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।

### କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବରପାଲି, ୨।୫(ଚିତ୍ତରଞ୍ଜନ ସାହୁ ): ବରପାଲି ମହାବିଦ୍ୟାଳୟର ଶିକ୍ଷା ବିଭାଗର ଛାତ୍ରୀ ଅପର୍ଣ୍ଣା ଦାଶଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗରେ ଯୁକ୍ତ ତିନି ଶେଷ ବର୍ଷରେ ୮.୭୫ ନମ୍ବର୍ ରଖି ପ୍ରଥମ ଦଶ ଜଣଙ୍କ ମଧ୍ୟରେ ନବମ ସ୍ଥାନ ହାସଲ କରିଛନ୍ତି। ବରପାଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଅଶୋକ ଦାଶ, ଅଧ୍ୟାପିକା ଅନୀତା ଦାଶ, ଉପାଧ୍ୟକ୍ଷ ପ୍ରଫେସର ସୁଶୀଳ ଶତପଥୀ ଉପସ୍ଥିତ ଥିଲେ।

# ଉଚ୍ଛେଦ ଦାବି ଜୋର୍ ଧରିଲା, ଜିଲାପାଳଙ୍କୁ ଫେରାଦ

ବରଗଡ଼, ୨।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବହୁ ଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ପୁଣି ତେଜି ଉଠିଛି। ଏହି ଦାବି ନେଇ ଗୁରୁବାର ବରଗଡ଼ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଏଠାରୁ ଜବରଦଖଲ ଉଚ୍ଛେଦ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ଆଗକୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ବରଗଡ଼ ନାଗରିକ ମଞ୍ଚ ଚେତାବନୀ ଦେଇଛି । ସେହିପରି

**ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ**

ବରଗଡର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ ହେଉଥିବାବେଳେ ସହରବାସୀଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ ବ୍ୟସ୍ତବହୁଳ ଏହି ରାସ୍ତାରୁ କାହିଁକି ଜବରଦଖଲ ଉଚ୍ଛେଦ ହେଉ ନାହିଁ ବୋଲି ବରଗଡ଼ ନାଗରିକ ମଞ୍ଚ ପ୍ରଶ୍ନ କରିଛି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଯାଇ ରାସ୍ତା ପ୍ରଶସ୍ତୀକରଣ କରିବା ସହିତ ଉଚ୍ଚ ନ୍ୟାୟାଳୟରେ ସରକାରଙ୍କ ପକ୍ଷରୁ ନିଯୁକ୍ତ ହୋଇଥିବା ଓକିଲଙ୍କୁ ତୁରନ୍ତ ପରିବର୍ତ୍ତନ କରିବାକୁ ନାଗରିକ ମଞ୍ଚ ଦାବି କରିଛି। ସେହିପରି ବରଗଡ଼ ସହର ମଧ୍ୟରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର, ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, କ୍ୟାନ୍‌ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କ ଖରିଫ ଧାନ ଶୀଘ୍ର କିଣିବା, ଗ୍ରୀଷ୍ମ ଦିନରେ ପାନୀୟ ଜଳ ବ୍ୟବସ୍ଥା କରିବା, ଜବରଦଖଲ ଉଚ୍ଛେଦରେ ବିସ୍ଥାପିତମାନଙ୍କୁ ଶୀଘ୍ର ଥଇଥାନ କରିବାକୁ ମଞ୍ଚ ଦାବି କରିଛି। ମଞ୍ଚର ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ସମ୍ପାଦକ ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିତ୍ୟାନନ୍ଦ ବାଗ, ସୁରଥ ସାହୁ, ଶିବାନନ୍ଦ ମଟାରୀ, ଜିଭି ରାଓ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ତୋର୍ ପାରକେ ମୋର୍ ପାହା ମଞ୍ଚସ୍ଥ



କଳାକାର ଗହଣରେ ନିମନ୍ତ୍ରିତ ଅତିଥି।

ପଦ୍ମପୁର,୨।୫ (ପ୍ରଦୀପ୍ତ ଦାଶ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର୍ (ବି)ର ଆନୁକୂଲ୍ୟରେ, ସ୍ଥାନୀୟ ଅଗ୍ରଣୀ ନାଟ୍ୟ ସଂସ୍ଥା ଅବର୍ଣରଗୁଁଡ଼ା ନାଟ୍ୟ ସଂସଦ ତରଫରୁ 'ତୋର୍ ପାରକେ ମୋର୍ ପାହା'ନାଟକ ଗତ ବୁଧବାର ମଞ୍ଚସ୍ଥ ହୋଇଯାଇଛି। ଅଶୋକ ବହିଦାରଙ୍କ ରଚିତ ଓ ନିର୍ଦ୍ଦେଶିତ ଏଇ ନାଟକରେ ରମେଶ ଗୁର୍ଲା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଆଶିଷ ସାହୁ, ନରସିଂହ ମେହେର, ଦିବ୍ୟ କିଶୋର ବରିହା ଓ ସୁଚିତ୍ରା ଦାସ ସଙ୍ଗୀତରେ ସହାୟତା କରିଥିଲେ। ପ୍ରୀତିଶ ରଥ ଆଲୋକ ସାଜସଜ୍ଜା ଦାୟିତ୍ୱ ତୁଲାଇଥିବା ବେଳେ ଟେନେସ ପଣ୍ଡା, ପ୍ରେମାନନ୍ଦ ତୁରିଆ ଓ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଶ୍ରାମ ମେହେର, ଆଶିଷ କୁମାର ବୈକାର୍, ରମେଶ ମେହେର, ସୈରେନ୍ଦ୍ରୀ ବାରିକ ଓ ମଧୁସୂଦନ ସରାଫଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା।

# ବଢୁଛି ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା

ପଦ୍ମପୁର,୨।୫(ପ୍ରଦୀପ୍ତ ଦାଶ):

ପଦ୍ମପୁର ସହର ତଥା ଆଖପାଖ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି ରୋଗୀମାନେ କେତେକ ବାହାର ଅଞ୍ଚଳର ହୋଇଥିବା ବେଳେ କେତେକ ସ୍ଥାନୀୟ ଅଞ୍ଚଳର ବୋଲି ଦେଖିବାକୁ ମିଳିଛି। ସେମାନଙ୍କ ପାଇଁ ପ୍ରଶାସନିକ ସ୍ତରରେ କୌଣସି ଥଇଥାନ ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏକାଧିକ ମାନସିକ ବିକାରଗ୍ରସ୍ତ ରୋଗୀ ବାହାରେ ବୁଲୁଛନ୍ତି। କିଏ ରାସ୍ତା ମଝିରେ ଛିଡ଼ା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ତ କିଏ ଫିଙ୍ଗା ଖାଦ୍ୟ ଖାଉଛି । ଅଧିକାଂଶ ଥାନା ଛକ, ଦୋକାନ ବଜାର ପ୍ରାଙ୍ଗଣରେ ରାତ୍ରି ଯାପନ କରୁଛନ୍ତି। ସେମାନେ ଦୂଷିତ ଖାଦ୍ୟ ପାଣି ପିଇ ରୋଗାକ୍ରାନ୍ତ ମଧ୍ୟ ହେଉଛନ୍ତି। କିଏ କିଏ ଲୋକମାନଙ୍କୁ ଆକ୍ରମଣ କରିବା ପାଇଁ ମଧ୍ୟ ପଛାଉ ନାହାନ୍ତି। ଏଥିପାଇଁ ରାସ୍ତାରେ ଯାଉଥିବା ଛାତ୍ରୀଛାତ୍ର, ଛୋଟପିଲା ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ତେବେ ଏମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଓ ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇଦେଲେ ଅନେକ ମୁଖ୍ୟ ସ୍ରୋତକୁ ଫେରିପାରିବେ। ଏ ସମସ୍ୟା ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବିଷ୍ଣୁ ପ୍ରସାଦ ବାଚପେୟୀ କହିଛନ୍ତି।

# ଜିଲା ନୋଡାଲ ଅଧିକାରୀଙ୍କ ବିଭିନ୍ନ କାର୍ଯ୍ୟ ସମୀକ୍ଷା

ବରଗଡ଼,୨।୫(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ମାଇନିଂ କର୍ପୋରେଶନ ଏବଂ ଇସ୍ପାତ ଓ ଖଣି ବିଭାଗର ପରିଚାଳନା ନିର୍ଦ୍ଦେଶକ ତଥା ବରଗଡ଼ ଜିଲା ନୋଡାଲ ଅଧିକାରୀ ସୁଧାଂଶୁ ମୋହନ ସାମଲ ଗତ ଗୁରୁବାର ୨ଦିନିଆ ବରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଗସ୍ତର ପ୍ରଥମ ଦିନରେ ସେ ଗୋ ଜନତା ହାଇସ୍କୁଲଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅଧୀନରେ ଚାଲିଥିବା ଏକ ପ୍ରକଳ୍ପର ପରିଦର୍ଶନ ସହ ଚକୁଳି ଓ ସାରଣ୍ଡା ଅଞ୍ଚଳ ପରିଭ୍ରମଣ କରି ଧନଞ୍ଜୟ ମହାପାତ୍ରଙ୍କ ମଧ୍ୟମ ଇଣ୍ଟିଗ୍ରେଟେଡ ଫାର୍ମିଂ ସିଷ୍ଟମ ୟୁନିଟ ପରିଦର୍ଶନ କରିବା ପରେ ଅତାବିରା ବ୍ଲକ ଅନ୍ତର୍ଗତ ଭାଲୁପାଲି ଗ୍ରାମର ରଞ୍ଜନ କୁମାର ପ୍ରଧାନଙ୍କ ଗୋପାଳନ ୟୁନିଟ ପରିଦର୍ଶନ କରିଥିଲେ। ଏହାପରେ ତୁରୁଙ୍ଗାସ୍ଥିତ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଏବଂ ଭଟଲି ବ୍ଲକ ନୂଆପାଲି ଗ୍ରାମର ରସାନନ୍ଦ ସାହୁଙ୍କ ପାମ ଓଏଲ କୃଷି କ୍ଷେତ୍ର ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ସେ ଅମ୍ବାପାଲି ସର୍କିଟ ହାଉସସ୍ଥିତ ସମ୍ମିଳନୀ କକ୍ଷରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହା ସହିତ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତଥା ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ତଥା ପଞ୍ଚାୟତିରାଜ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଜଳସେଚନ, ଟିପିଡବ୍ଲୁଓଡିଏଲ, ରାସ୍ତା ଏବଂ କୋଠାବାଡ଼ି ନିର୍ମାଣ ପ୍ରମୁଖ ସମସ୍ୟାଗୁଡିକୁ ପଚାରି ବୁଝିଥିଲେ।

# ସରକାରୀ ଡାକ୍ତରମାନେ ଘରୋଇ ଚିକିତ୍ସାରେ ବ୍ୟସ୍ତ ଅଭିଯୋଗ

**ରୋଗୀ କଲ୍ୟାଣ ସମିତିର ବୈଠକ**

ବରପାଲି,୨।୫(ଚିତ୍ତରଞ୍ଜନ ସାହୁ)

ବରପାଲି ସରକାରୀ ଡାକ୍ତରଖାନା ବୈଠକ ଗୃହରେ ରୋଗୀ କଲ୍ୟାଣ ସମିତିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଚିକିତ୍ସାଧିକାରୀ ରାଜେଶ ବେହେରା ଅଧ୍ୟକ୍ଷତା କରିଥିଲେ। ଦିନକୁ ଦିନ ଡାକ୍ତରଖାନାର ବ୍ୟବସ୍ଥା ସଙ୍କଟାପନ୍ନ ହେବାକୁ ଲାଗିଲାଣି। ଡାକ୍ତରମାନେ ଡାକ୍ତର ଖାନା ପରିସରରେ ରହୁ ନ ଥିବା, କିଛି ଡାକ୍ତର ଘରେ କ୍ଲିନିକ କରି ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଡାକ୍ତରଖାନା ପରିସରରେ କିଛି କୋଠା ତିଆରି ହୋଇ ଭୁତ କୋଠରି ହୋଇ ପଡିରହିଥିବା ନେଇ ବୈଠକରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ଦୀନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ସାମ୍ବାଦିକ ଚିତ୍ତରଞ୍ଜନ ସାହୁ, ଶାସ୍ତ୍ରୀ ପଣ୍ଡା, ଅଶୋକ ପଣ୍ଡା, ସୁଦର୍ଶନ ସୁନା, ବିଇଓ ମୁକୁନ୍ଦ ମାହାର, ସିଡିପିଓ ରୁକ୍ମଣୀ ମହାପାତ୍ର, ଏବିଡିଓ ଭବାନି ମେହେରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଡାକ୍ତରମାନେ ମଧ୍ୟ ଉପସ୍ଥିତ ଥିଲେ।

# ମାଁ ମାହେଶ୍ୱରୀ ଏକାଦଶକୁ ହରାଇ ଏଡି ରାଇଡର ଚାମ୍ପିୟନ

ଅତାବିରା/ଗୋଡ଼ଭଗା, ୨।୫ (ଯୁଧିଷ୍ଠିର ମହାପାତ୍ର/ଯୁଧିଷ୍ଠିର ମହାପାତ୍ର)



ଉଦଯାପନୀ ମ୍ୟାଚରେ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

ଅତାବିରା ବ୍ଲକ ଗୋଡ଼ଭଗା ଗ୍ରାମ୍ୟ ଖେଳ ପଡ଼ିଆରେ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଶହୀଦ ଖଗେନ୍ଦ୍ର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପିତ ଫାଇନାଲ ମ୍ୟାଚରେ ଏଡ଼ି ରାଇଡ଼ର ମାଁ ମାହେଶ୍ୱରୀ ଏକାଦଶ ଦଳକୁ ୫୨ ରନରେ ହରାଇ ଚାମ୍ପିୟନ ହୋଇଛି । ଏଡ଼ି ରାଇଡର ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୪ ରନ କରିଥିଲେ। ଜବାବରେ ମାଁ ମାହେଶ୍ୱରୀ ଏକାଦଶ ଦଳ ୧୩୫ ରନ ର ପିଛା କରି ଉଇକେଟ ହରାଇ କେବଳ ୮୨ ରନ କରିବାକୁ ସକ୍ଷମ ହୋଇଥିଲେ । ଶମ୍ଭୁ ଦାଶ ଓ କ୍ରିଷ୍ଣା ଭୁଏ ଖେଳ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମର ଗୌନ୍ତିଆ ଅଜିତ ସିଂ ଓ ଗ୍ରାମ୍ୟ କମିଟି ସଭାପତି ବେଣୁଧର ଷଣ୍ଢ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅଫ ଦଳକୁ ପୁରସ୍କୃତ କରିଥିଲେ । ମାଁ ମାହେଶ୍ୱରୀ ଏକାଦଶ ଦଳର ବୁଲୁ ଭୋଇଙ୍କୁ ମ୍ୟାନ ଅଫ ଦ ସିରିଜ ଓ ଏଡ଼ି ରାଇଡ଼ର ଦଳର ଅନିଲ ମହାପାତ୍ରଙ୍କୁ ଫାଇନାଲ ମ୍ୟାଚ ଅଫ ଦ ମ୍ୟାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୧.୨୫ ଲକ୍ଷ ବୀଜମନ୍ତ୍ର ଜପ ସହ ୧୨ ହଜାର ଆହୁତି

ପାଇକମାଳ,୨।୫(ବଡ଼ ଶତପଥୀ)

ନୃସିଂହନାଥ ପୀଠରେ ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ପଡିବା ସହ ୫ ଦିନରେ ୧ଲକ୍ଷ ୨୫ହଜାର ବୀଜ ମନ୍ତ୍ର ଜପ ସହ ୧୨ ହଜାର ଆହୁତି ଦିଆଯାଇଛି। ଷଷ୍ଠ ଦିନ ଶୁକ୍ରବାର ନୃସିଂହ ଭଗବାନଙ୍କୁ ଦର୍ଶନ କରି ଚତୁଃପାର୍ଶ୍ୱରେ ମନ୍ଦିର ପରିକ୍ରମା କରାଯାଇଥିଲା। ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି ହୋମ ଭୋଗ ଆଳତୀ ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସମେତ ୧୩ ଜଣ ଦକ୍ଷ ପଣ୍ଡିତମାନଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ମହାଯଜ୍ଞର ପୂର୍ଣ୍ଣାହୁତି ପଡିଛି । ପାଇକମାଳ ଅଞ୍ଚଳବାସୀମାନେ ନୃସିଂହନାଥ ପାପହାରିଣୀ ଝରଣା ଗଣେଷ ଘାଟରେ କଳସ ବିସର୍ଜନ କରିଥିଲେ । ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ଶେଷ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକମାନେ ଚାଲଧାର ଝରଣାରେ ବୁଡ଼ ପକାଇଥିଲ।



### ବୈଶାଖ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ଉପଜିଲାପାଳ ହେମସାଗର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର ରାଷ୍ଟ୍ର ମନ୍ତ୍ରୀ ତୋଖନ ସାହୁ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସଦୀୟ ବ୍ୟାପାର ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ମହାସମୁନ୍ଦ ପୂର୍ବତନ ସାଂସଦ ଚୁନ୍ନୀଲାଲ ସାହୁ, ବରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଅଶୋକ ବହିଦାର, ମନ୍ଦିର ସେବକ ଶଙ୍କର ଭୋଇ,କନ୍ଧ ସମାଜ ପ୍ରତିନିଧି ଅନିରୁଦ୍ଧ ମଲ୍ଲିକ, ବରିଷ୍ଠ ମନ୍ଦିର ସେବକ ନରସିଂହ ହୋତା ଓ ବିଶିଷ୍ଟ ଗ୍ରନ୍ଥକାର ଓ ଗବେଷକ ସୁଶାନ୍ତ ମିଶ୍ରଙ୍କୁ ସମ୍ମାନୀତ କରି ସମ୍ବର୍ଦ୍ଧିତ କରାଯାଇଥିଲା । ନୃସିଂହନାଥ ମନ୍ଦିର ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ତଥା ପାଇକମାଳ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଦେବାଶିଷ ସିହ୍ନା ଧନ୍ୟବାଦ ଦେଇଥିଲେ । ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପୂର୍ବକ ଶେଷ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚର ଆରମ୍ଭ କରିଥିଲେ। ଏହି ମନଲୋଭା ସାଂସ୍କୃତିକ ସନ୍ଧ୍ୟାକୁ ଆନନ୍ଦର ସହ ଉପଭୋଗ କରିଥିଲେ ଦର୍ଶକ। ମଣ୍ଡପକୁ ବଡ଼ ଶତପଥୀ, ବିନୋଦ କାଳିଆ, କୁସୁମ ରାଓ, ସୁରଥ ସାହୁ, ଦୂର୍ଯ୍ୟୋଧନ ପୁଟା, ଟାଇଲ ଚନ୍ଦ୍ର ଭୋଇ, ଲଳିତ ଜଗତ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।



ଶ୍ରମିକ ଦିବସ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।


ସିଟୁ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଉଛି।

# ଅଧିକାର ପାଇଁ ଐକ୍ୟବଦ୍ଧ ସଂଗ୍ରାମ ଜରୁରୀ

ରାଉରକେଲା, ୨।୫(ସଙ୍ଗୀତା ଜେନା)

ଇସ୍ପାତ ସହରରେ ଶୁକ୍ରବାର ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଏସ୍‌ଇବି ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଉଦିତ ନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ଉଦିତ ନଗର ଅଞ୍ଚଳ ପରିକ୍ରମା କରିଥିଲା। ପରେ ଆୟୋଜିତ ସମାବେଶରେ ଏସ୍‌ଇବି ଏମ୍ପ୍ଲଇଜ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ ସାହୁ ପତାକା ଉତ୍ତୋଳନ କରିବା ସହିତ ଅଧ୍ୟକ୍ଷତା କରିଥିଲେ। ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ମୁଖ୍ୟ ବକ୍ତା, ସିଟୁ ଜିଲା ସମ୍ପାଦକ ଆଇନଜୀବୀ ରାଜକିଶୋର ପ୍ରଧାନ ଅନ୍ୟତମ ବକ୍ତା, ଡ. ଆଶୁତୋଷ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଇତିହାସ, ଆଗାମୀ ଦିନରେ ଶ୍ରମିକ ଶ୍ରେଣୀ ସମ୍ମୁଖୀନ ହେବାକୁ ଥିବା ଚ୍ୟାଲେଞ୍ଜ ଓ ଏହାର ପ୍ରତିକାର ପାଇଁ ଶ୍ରମିକ ଶ୍ରେଣୀର ଐକ୍ୟବଦ୍ଧ ସଂଗ୍ରାମ ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁନିୟନର ଉପଦେଷ୍ଟା ଆକୁଳି ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ୟୁନିୟନର ଉପ ସାଧାରଣ ସମ୍ପାଦକ ସୁବ୍ରତ ମିଶ୍ର, ଉପ ସଭାପତି ବିଜୟ ପ୍ରଧାନ, ମୌସମ ଦାସ, କପିଳ ପୃଷ୍ଟି, ପ୍ରଦୀପ ଭୋଳ, ହୃଦାନନ୍ଦ ମହାକୁଡ଼ ପ୍ରମୁଖ ବକ୍ତବ୍ୟ ଦେଇ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ କରିଥିଲେ।

ସିଆଇଟିୟୁ, ସୁନ୍ଦରଗଡ଼ ଜିଲା କମିଟି ଓ ସିସିୟୁଏ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ସିଆଇଟିୟୁ ଜିଲା କାର୍ଯ୍ୟାଳୟ ଶ୍ରମିକ ଭବନ, ସେକ୍ଟର-୧୬ ସମେତ ବିଭିନ୍ନ ୟୁନିୟନ ଅଫିସରେ ଲାଲ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ନରେ ଶତାଧିକ ଶ୍ରମିକଙ୍କ ଏକ ଶୋଭାଯାତ୍ରା ସେକ୍ଟର-୪ ଛକରୁ ବାହାରି ସେକ୍ଟର-୩ ଘରୋଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା।


ଆଇଡିଏଲଏମ୍‌ଏସ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ଇସ୍ପାତ ସହରରେ ଶ୍ରମିକ ଦିବସ ପାଳିତ**

ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ ଓ ସିସିୟୁଏ ନେତା ଭାଗିରଥି ଟୁଡୁଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ଜିଲା ଉପ ସଭାପତି ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ଯଯାତି କେଶରୀ ସାହୁ ପ୍ରମୁଖ ବକ୍ତବ୍ୟ ରଖି ଶ୍ରମିକମାନେ ରାଜନୈତିକ ଭାବେ ଶିକ୍ଷିତ ହେବା ସହିତ ନିଜର ଏକତାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏନ୍. ଏନ୍. ପାଣିଗ୍ରାହୀ, ରତ୍ନାକର ନାୟକ, ଅଜିତ ଦାସ, ଚନ୍ଦ୍ରଭାନୁ ଦାସ, ଅରୁ ଦାସ, ଅଶୋକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କର୍ସ ୟୁନିୟନ ପକ୍ଷରୁ ୟୁନିୟନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସିଆଇଟିୟୁ ରାଜ୍ୟ କମିଟି ସଦସ୍ୟା ତାଜମୁନ ନେହାର ଲାଲ ପତାକା ଉତ୍ତୋଳନ କରିଥିବାବେଳେ ସିଟୁ ସମ୍ପାଦକ ଯଯାତୀ କେଶରୀ ସାହୁ ଉକ୍ତ ସଭାପତିତ୍ୱ କରିଥିଲେ। ସିଆଇଟିୟୁ ରାଜ୍ୟ କମିଟି ଉପ ସଭାପତି ତଥା ଉଭୟ ୟୁନିୟନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋର୍ଡକୁ ବିରୋଧ କରିଥିଲେ। ସିଟୁ ସମ୍ପାଦକ ଅଜିତ ଏକ୍କା, କ୍ଷୀରୋଦ ବେହେରା, ସମ୍ମିତ ସ୍ୱାଇଁ, ରଞ୍ଜନ ବେହେରା, ସୁଧାଂଶୁ ଜେନା, ସି. ଦିବାକର ରାଓ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ଦକ୍ଷିଣ ରାଉରକେଲାସ୍ଥିତ ଇଣ୍ଡିଆନ ଡେଟୋନେଟର ମଜଦୁର ସଭା (ଆଇଡିଏଲଏମ୍‌ଏସ୍) ପକ୍ଷରୁ ବାଲିଯୋଡି ଛକ ନିକଟ ୟୁନିୟନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଆନ୍ତର୍ଜାତିକ ଶ୍ରମିକ ଦିବସ କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ସମ୍ପାଦକ ଶଶଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ପ୍ରମୋଦ ଦାସ, ଶ୍ରମିକ ନେତା କଳାକାର ସାହୁ, ଅନ୍ତର୍ଯାମୀ ବେଉରିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ପ୍ରଭାତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅପରାଧ ରୋକିବ ପୋଲିସ-ଜନତାଙ୍କ ସୁସମ୍ପର୍କ

ରାଉରକେଲା, ୨।୫(ବିପ୍ଳବ ରଞ୍ଜନ ଦାଶ)

**ସେକ୍ଟର-୧୯ରେ ଆମ ପୋଲିସ ବୈଠକ**

ରାଉରକେଲା ସେକ୍ଟର-୧୯ ଥାନାର ଆମ ପୋଲିସ ଓ ସାହା ଭରସାର ମିଳିତ ଆନୁକୂଲ୍ୟରେ ନେହେରୁ ପାର୍କଠାରେ ଶନିବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆମ ପୋଲିସର ବରିଷ୍ଠ ସଦସ୍ୟ ଡ. ସୁମନ ଦତ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିହାର ଦାସ ସ୍ୱାଗତ ଭାଷଣ ରଖିଥିଲେ। ଜୋନାଲ ଡିଏସ୍‌ପି ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ସେକ୍ଟର ୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ସମ୍ମାନିତ ଅତିଥି ଏବଂ ଗୁରୁଜୀ ପ୍ରଣବ ଚୈତନ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପୋଲିସ ହେଉଛି ଜନତାଙ୍କ ବନ୍ଧୁ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅପରାଧରେ ଲଗାମ ଲାଗିପାରିବ। ସେହିପରି ସାଇବର କ୍ରାଇମ, ଡିଜିଟାଲ ଆରେଷ୍ଟ, ଅଜଣା ଲିଙ୍କ୍‌କୁ ନ ଛୁଇଁବା, ଓଟିପି କିମ୍ବା ପାସୱାର୍ଡ କାହାକୁ ନ ଦେବା ଉପରେ ମୁଖ୍ୟ ଅତିଥି ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ସାହୁ ପାରିବାରିକ ହିଂସା, ଟ୍ରାଫିକ ନିୟମ ପାଳନ, ଅଜଣା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ତଥା ବିଭିନ୍ନ ଆଇନ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଂଗ୍ରାମ ମହାନ୍ତି, ରଶ୍ମିରେଖା ଦାସ, ଅର୍ଚ୍ଚନା ସେଠୀ, ବିଜୟିନୀ ମହାନ୍ତି, ଶିବ ସୁନା ପ୍ରମୁଖ ଆଇନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା।

# ୨୦ ଫୁଟ୍ ଉପରୁ ପଡ଼ି ଠିକାଶ୍ରମିକ ମୃତ

**ରାଉରକେଲା, ୨।୫(ସଙ୍ଗୀତା ଜେନା):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କାଲସେନିଂ ପ୍ଲାଣ୍ଟ-୨ରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକ ଶନିବାର ୨୦ ଫୁଟ୍ ଉପରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦକ୍ଷିଣରାଉରକେଲା ବାଲିଯୋଡି ଅଞ୍ଚଳର ପ୍ରକାଶ ସ୍ୱାଇଁ(୫୪)। ରାଉରକେଲା ଶ୍ରମିକ ସଂଘ ନେତା ନିହାର ଦାସଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ସାଢ଼େ ୪ଟାରେ ପ୍ରକାଶ କାର୍ଯ୍ୟରତ ଥିବାବେଳେ ଉପରୁ ତଳକୁ ଖସିପଡ଼ିଥିଲେ। ତାଙ୍କୁ ପ୍ରଥମେ କାରଖାନା ପ୍ରାଥମିକ ଚିକିତ୍ସାକେନ୍ଦ୍ର ଏବଂ ପରେ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତକଙ୍କ ଉତ୍ତରାଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି, ୧୦ଲକ୍ଷ ଟଙ୍କା ବୀମାରାଶି ଓ ଆନୁଷଙ୍ଗିକ କ୍ଷତିପୂରଣ ପାଇଁ ଦାବି କରାଯାଇଛି। ରବିବାର କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ଔପଚାରିକତା ଶେଷ ହେବା ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଦାସ କହିଛନ୍ତି।

# ଓଡ଼ିଆ ଭାଷା ବିକାଶ ମଞ୍ଚର ଲେନିନ୍ ଜୟନ୍ତୀ, କବିତା ପାଠୋତ୍ସବ

ରାଉରକେଲା, ୨।୫(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ରାଉରକେଲା କଲଚରାଲ ଏକାଡେମୀ ପରିସରରେ ଶୁକ୍ରବାର ଯୁଗ ସ୍ରଷ୍ଟା ଲେନିନ୍‌ଙ୍କ ଜୟନ୍ତୀ ପାଳନ ସହିତ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରଶାନ୍ତ କୁମାର ପତି ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ପଶୁପତିନାଥ ଚାଟାର୍ଜୀ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଆନ୍ତର୍ଜାତିକ ପ୍ରେକ୍ଷାପଟରେ ଭୂ-ରାଜନୈତିକ ଚେତନାର ବିକଳ୍ପ ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ବିଶ୍ୱର ଯୁଦ୍ଧର ଘନଘଟା ଭିତରେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ଶକ୍ତିମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାପତି ପତି ଲେନିନ୍ ସମାଜବାଦୀ ବିପ୍ଳବର ଦକ୍ଷ ବୈଜ୍ଞାନିକ ବୋଲି ଅଭିହିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ସବିତା ବସ୍ତିଆଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ରାଜିବ ପାଣି, ଡକ୍ଟର ନଗେନ ଦାସ, ଗଗନ ବିହାରୀ ଧଳ, ପର୍ଶୁରାମ ପଟ୍ଟନାୟକ, ସୁକାନ୍ତ କୁମାର ଖୁଣ୍ଟିଆ, ସସ୍ମିତା ପ୍ରଧାନ, ଧନଞ୍ଜୟ ମଲ୍ଲିକ, ଡଃ ସୁମନ ଦତ୍ତ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ଲେଖକ ଉପସ୍ଥିତ ଥିଲେ। କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ପାଠାଗାରରେ ମଧୁସୂଦନ ଜୟନ୍ତୀ

ରାଉରକେଲା, ୨।୫(ବିପ୍ଳବ ରଞ୍ଜନ ଦାଶ)

ମଧୁସୂଦନ ପାଠାଗାର ଓ ଛେଣ୍ଡ ୱେଲଫେୟାର କମିଟିର ମିଳିତ ଆନୁକୂଲ୍ୟରେ ପାଠାଗାର ଠାରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ପାଠାଗାର ସଭାପତି ହରିହର ରାଉତରାୟ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁସୂଦନଙ୍କ ଜୀବନାଦର୍ଶ ଓ ଓଡ଼ିଶା ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୱେଲଫେୟାର କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ବ୍ରଜମୋହନ ପାଣି, ପର୍ଶୁରାମ ସାହୁ, ଅନିରୁଦ୍ଧ ମିଶ୍ର, ପ୍ରଭାକର ନାୟକ, ରବି ସିଂ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଭୟ କୁମାର ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ଶ୍ରୀକାନ୍ତ ଷଡ଼ଙ୍ଗୀ, ପୀତବାସ ପ୍ରଧାନ, ରାଖାଲ ମହାନ୍ତିଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# କେର୍ମେଲ ସ୍କୁଲ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ସଫଳତା


ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ରାଉରକେଲା, ୨।୫(ବିପ୍ଳବ ରଞ୍ଜନ ଦାଶ)

**ଆଇଏସ୍‌ସି ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା**

ଆଇଏସ୍‌ସି ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ହମିରପୁରସ୍ଥିତ କେର୍ମେଲ ସ୍କୁଲର ଛାତ୍ରୀଛାତ୍ରୀ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ଦଶମରେ ସ୍କୁଲର ୧୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ପଦ୍ମନ ସାହୁ ସର୍ବାଧିକ ୯୮ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଆର୍ଯ୍ୟଂଶୁ ଆୟୁଷ୍ମାନ ରାଉତ ୯୬.୮% ରଖି ଦ୍ୱିତୀୟ ଓ ଭାରତ ଚାୱଲା ୯୫.୬% ରଖି ତୃତୀୟ ହୋଇଛନ୍ତି। ସେହିପରି ଯୁକ୍ତ ୨ ବିଜ୍ଞାନରେ ବିଦ୍ୟୋତ୍ତମା କୁମାରୀ ୯୬% ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ କଳାରେ କ୍ଷୀରୋଦା ସିଂ ଖୁଣ୍ଟିଆ ୯୫.୨୫% ଓ ବାଣିଜ୍ୟରେ ଆଲିଜା ଏଜାଜ ୯୪.୭୫% ନମ୍ବର ରଖି ଟପ୍ପର ହୋଇଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷା ସିଷ୍ଟର ଫିଦେଲିସ୍ ଏସି କୃତୀ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସଫଳତା ପାଇଥିବା ଛାତ୍ରୀଛାତ୍ର ଏହାର ଶ୍ରେୟ ସ୍କୁଲର ଅଧ୍ୟକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ଦେଇଥିଲେ। ଏହି ଅବସରରେ ଶିକ୍ଷକ କୌଶିକ ଦାସ, ସିଜା ପିଲାଇ, ଜ୍ୟୋତି ବାର୍ଲା ପ୍ରମୁଖଙ୍କ ସହ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

# କାରଖାନା ପରିଚାଳନାରେ ଡିଜାଇନ୍ ବିଭାଗର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ

ରାଉରକେଲା, ୨।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଡିଜାଇନ୍ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ଅନେକ ନିଜସ୍ୱ ପ୍ରକଳ୍ପକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛି। ଏହା ପ୍ରମୁଖ ସୁବିଧାଗୁଡ଼ିକ କାରଖାନାର ରେକର୍ଡ ଉତ୍ପାଦନରେ ଯୋଗଦାନ ଦେବା ସହ ଅନେକ କାର୍ଯ୍ୟପ୍ରଣାଳୀକୁ ଅପଗ୍ରେଡ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ହଟ୍ ଷ୍ଟ୍ରିପ୍ ମିଲ୍-୨, ବ୍ଲାଷ୍ଟ ଫର୍ଣ୍ଣେସ୍-୫, ସିଣ୍ଟର୍ ପ୍ଲାଣ୍ଟ ଆଦିରେ ଉପକରଣ ଦକ୍ଷତା, ସାମଗ୍ରୀ ପରିଚାଳନା ଏବଂ ପ୍ରକ୍ରିୟା ନିର୍ଭରଯୋଗ୍ୟତାକୁ ବୃଦ୍ଧି କରିବା ସହ ବିଭାଗ ସମଗ୍ର ପ୍ଲାଣ୍ଟ ଲେ-ଆଉଟ ପୁନଃ ନିର୍ଣ୍ଣିତ କରି ଏଥିରେ ନିଜର ଦକ୍ଷତାକୁ ପ୍ରମାଣିତ କରିଛି। ବିଭାଗ ଏଚଏସଏମ-୨ ପାଇଁ, ଡାଉନ୍ କଏଲର୍ ୧ ଓ ୨ର ରାପର୍ ରୋଲ୍ କର୍ଭଡ୍ ଗାଇଡ୍‌ଗୁଡ଼ିକର ପୁନଃ ବିକାଶ କରି ମିଲ୍‌ରେ ଷ୍ଟ୍ରିପ୍ ପ୍ରବେଶକୁ କ୍ଷୀପ୍ର କରି କଏଲିଂ ସଠିକତାକୁ ଉନ୍ନତ କରିଛି। ଏହାସହ ଏଚଏସଏମ-୨ରେ ଫିନିସିଂ ଷ୍ଟାଣ୍ଡ ୩, ୫ ଏବଂ ୭ ପାଇଁ ନୂତନ ଭାବେ ଡିଜାଇନ୍ କରାଯାଇଥିବା ଷ୍ଟ୍ରିପର୍ ପ୍ଲେଟ୍ ରୋଲିଂ ପରେ ସାମଗ୍ରୀ ପୃଥକୀକରଣ ସୁନିଶ୍ଚିତ କରିଛି। ସେହିପରି ଏଚ୍‌ଏସ୍‌ଏମ୍-୨ରେ ଟଙ୍ଗ ଷ୍ଟାଣ୍ଡରେ ଉନ୍ନତି ଆଣି କଏଲ ଗ୍ରୀପିଂ ଏବଂ ସ୍ଥାନାନ୍ତର କାର୍ଯ୍ୟକୁ ଅଧିକ ନିର୍ଭରଯୋଗ୍ୟ କରିପାରିଛି। ସେହିପରି ବିଏଫ-୫, ପିଗ୍ କାଷ୍ଟିଂ ମେଶିନରେ ଉତ୍ତପ୍ତ ଧାତୁ ଲଣ୍ଡର୍ ପୁନଃ ଡିଜାଇନ୍ କରି କାଷ୍ଟିଂକୁ ଦକ୍ଷ କରିବା ସହ ସୁଗମ ତରଳ ଲୁହା ପରିବହନକୁ ନିଶ୍ଚିତ କରାଯାଇଛି। ବ୍ଲାଷ୍ଟ ଫର୍ନେସ ଅଞ୍ଚଳରେ ବିଏଫ-୧ର ବଙ୍କର ୨ରେ ପ୍ରସ୍ତାବିତ ଅତିରିକ୍ତ ସ୍କ୍ରିନ୍ ପାଇଁ ଜିଏ ଡ୍ରଇଂ ପ୍ରସ୍ତୁତ କରି ଡିଜାଇନ୍ ବିଭାଗ ବିଏଫ୍-୧କୁ ସିଣ୍ଟର ଯୋଗାଣ ବୃଦ୍ଧି ଦିଗରେ ନିଜର ଯୋଗଦାନ ଦେଇପାରିଛି। ସେହିପରି ସିଣ୍ଟର ପ୍ଲାଣ୍ଟ-୩ରେ ଚୁଟ୍ ସେଗ୍‌ମେଣ୍ଟଗୁଡ଼ିକୁ ବଦଳାଇବା ପାଇଁ ପ୍ରସ୍ତୁତ ଡିଜାଇନ୍, ଚୁଟ୍‌ଗୁଡ଼ିକର କ୍ଷୟ ସମସ୍ୟାକୁ ସମାଧାନ କରିଛି। ଅଧିକନ୍ତୁ, ମିଶ୍ରିତ ଗ୍ୟାସ୍ ଲାଇନରେ ଏସପି-୨ରେ ଏନ୍‌ବି ୧୨୦୦ ଲାଇନକୁ ଏନ୍‌ବି ୩୫୦ ଲାଇନର ପ୍ରସ୍ତାବିତ ଆନ୍ତଃସଂଯୋଗ, ମିଶ୍ରିତ ଗ୍ୟାସ ପରିଚାଳନାକୁ ପ୍ରଭାବଶାଳୀ କରି ପ୍ରବାହ ଦକ୍ଷତାକୁ ବୃଦ୍ଧି କରିଛି। ଏହା ବ୍ୟତୀତ, ବିଭାଗ ସମନ୍ୱିତ ଯୋଜନା ଏବଂ ଭବିଷ୍ୟତ ବିସ୍ତାରଣକୁ ସହଜ କରିବା ପାଇଁ ଆର୍‌ଏସ୍‌ପି ନିମନ୍ତେ ଏକ ବ୍ୟାପକ କାରଖାନା ଲେଆଉଟ୍ ଡକ୍ୟୁମେଣ୍ଟେଶନ ମଧ୍ୟ ପ୍ରସ୍ତୁତ କରିଛି।


ଡିଜାଇନ ବିଭାଗର କର୍ମଚାରୀ।

# ଓଡ଼ିଶା ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ: ଡିଜିପି

ରାଉରକେଲା, ୨।୫(ସଙ୍ଗୀତା ଜେନା)

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଦୁଇଦିନିଆ ପଶ୍ଚିମ ଓଡ଼ିଶା ଗସ୍ତର ଅଂଶ ସ୍ୱରୂପ ଗୁରୁବାର ରାଉରକେଲାରେ ପହଞ୍ଚିଥିଲେ। ଏହି ଗସ୍ତ ସମୟରେ ସେ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପର ମୂଲ୍ୟାଙ୍କନ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେକ୍ଟର-୧୯ ସିଭିକ୍ ସେଣ୍ଟରରେ ଆୟୋଜିତ 'ଡିଜିପି ଡିସ୍କ ପୁରସ୍କାର' ସମାରୋହରେ ଡିଜିପି ଖୁରାନିଆ ଯୋଗଦେଇ କହିଥିଲେ, ଓଡ଼ିଶାରେ ଏକ ଆତଙ୍କବାଦ ବିରୋଧୀ ସେଲ୍ (ଏଟିଏସ) ପ୍ରତିଷ୍ଠା ପାଇଁ ପ୍ରୟାସ ଚାଲିଛି। ଓଡ଼ିଶା ଏବେ ସମ୍ପୂର୍ଣ୍ଣ ମାଓମୁକ୍ତ। ଏହା ଓଡ଼ିଶା ପୋଲିସ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ, କାରଣ ତିନି ଦଶନ୍ଧି ଧରି ରହିଥିବା ମାଓବାଦୀଙ୍କ ଉପସ୍ଥିତି ଶେଷରେ ନିପାତ ହୋଇଛି। ଯଦିଓ ପଡ଼ୋଶୀ ରାଜ୍ୟରେ ମାଓବାଦୀମାନଙ୍କ ଉପସ୍ଥିତି ଅଛି, ତଥାପି ଓଡ଼ିଶା ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଛି। ଓଡ଼ିଶାରେ ମାଓବାଦୀଙ୍କ ନିପାତ ସହିତ ସାଇବର ଅପରାଧ ଏବେ ପୋଲିସ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଜାନୁଆରୀରୁ ଫେବୃଆରୀ ମଧ୍ୟରେ ସାଇବର ଅପରେଶନ ସମୟରେ ୪୫ହଜାରରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା। ୭ହଜାରରୁ ଅଧିକ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଛି। ପ୍ରାୟ ୩୫୦ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି। ଏହି ବିଷୟରେ ବ୍ୟାପକ ସଚେତନତା ଅଭିଯାନ ବର୍ତ୍ତମାନ ଚାଲିଛି। ଗୋଟିଏ ବର୍ଷ ମଧ୍ୟରେ ଜିଲାର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରେ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଶାଖା ପ୍ରତିଷ୍ଠା କରାଯିବ ବୋଲି ଖୁରାନିଆ କହିଥିଲେ।



ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ପୋଲିସ ଅଧିକାରୀ।

**ଡିଜିପି ଡିସ୍କ ପୁରସ୍କାର ସମାରୋହ**

ଏହି ଅବସରରେ କେନ୍ଦୁଝର ଏସ୍‌ପି କୁଶଲକର ନିତିନ ଦାଗଡୁ, ଇନ୍ସପେକ୍ଟର ଅଶୋକ ନାୟକ, ରାଉରକେଲାର ଇନ୍ସପେକ୍ଟର ଅଶୋକ ବେହେରା, ସୁନ୍ଦରଗଡ଼ର ଏସ୍‌ଆଇ ଭାବଗ୍ରାହୀ ଜେନା, କେନ୍ଦୁଝରର କନଷ୍ଟେବଲ ଆକାଶ ସାହୁ, ରାଉରକେଲା ଓଏପିଏଫ ଜେମସ ମୁଣ୍ଡାଙ୍କୁ ସେମାନଙ୍କ ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ରାଉରକେଲାର ୨ ଜଣ ଏବଂ ସୁନ୍ଦରଗଡ଼ର ଜଣେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ରେଞ୍ଜ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏବଂ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ ପାଲ କୌରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

ପଡ଼ିଆବାହାଲ, (ରାଧାମୋହନ ଷଡ଼ଙ୍ଗୀ)-ସଦର ଥାନା ବାହାମ ପଞ୍ଚାୟତର ଖଲିଆପାଲି ଗ୍ରାମର ନୁଆଁ ବନ୍ଧରେ ଜଣେ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କୋଲାବିରା ଅଞ୍ଚଳର କିରାବଗା ଗ୍ରାମର ଗୃହ ରକ୍ଷୀ କାମ କରୁଥିବା ସରୋଜ ମିର୍ଦ୍ଧା (୨୫) ଶୁକ୍ରବାର ଘରୁ ଚିକିତ୍ସା ନିମନ୍ତେ ଆସି ନିଜ ଶ୍ୱଶୁର ଘରକୁ ସନ୍ଧ୍ୟାରେ ଆସିଥିଲେ। ଗାଧୋଇ କରି ଆସୁଛି କହି ବନ୍ଧକୁ ଯାଇଥିଲେ, ଫେରିବାରେ ଡେରି ହେବାରୁ ଖୋଜା ଖୋଜି କଲାବେଳେ ପାଣିରୁ ତାଙ୍କ ମୃତଦେହ ମିଳିଥିଲା।



## ସମ୍ବଲପୁରରେ ମାଟ୍ରିକ୍ ଏ-୧ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦ୍ୱିଗୁଣିତ

ସମ୍ବଲପୁର,୨।୫(ପ୍ରମୋଦ ବହିଦାର): ଜିଲା ପ୍ରଶାସନର ସୁଚିନ୍ତିତ ଶିକ୍ଷାଭିତ୍ତିକ ରୋଡମ୍ୟାପ୍ ଯୋଗୁ ଚଳିତବର୍ଷ ମାଟ୍ରିକ ବାର୍ଷିକ ପରୀକ୍ଷାରେ ସମ୍ବଲପୁର ଜିଲା ସଫଳତା ଅର୍ଜନ କରିଛି। ବିଶେଷକରି ମେଧାବୀ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ଏକ ବଡ଼ଧରଣର ପରିବର୍ତ୍ତନ ସ୍ୱରୂପ ଏ-୧ ଗ୍ରେଡ୍ ପାଇଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ୨ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି, ଗତ ୨୦୨୪-୨୫ ଶିକ୍ଷାବର୍ଷରେ ମାତ୍ର ୧୯ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲ କରିଥିବା ବେଳେ ଚଳିତ ୨୦୨୫-୨୦୨୬ ବର୍ଷରେ ଏହି ସଂଖ୍ୟା ୪୧ରେ ପହଞ୍ଚିଛି। ସେହିପରି ଏ-୨ ଗ୍ରେଡ୍ ପାଇଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୬୦ରୁ ବୃଦ୍ଧି ପାଇ ୩୩୪ରେ ପହଞ୍ଚିଛି।

# ସମ୍ବଲପୁର ଜିଲାରେ ସଫଳତା ହାର ୯୭.୭୯ ପ୍ରତିଶତ

ସମ୍ବଲପୁର,୨।୫(ପ୍ରମୋଦ ବହିଦାର)

**ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷା ଫଳ**

- ମୋଟ ୪୧ ଜଣ ପାଇଲେ ଏ-୧ ଗ୍ରେଡ୍
- ବିଶ୍ୱପ୍ରସାଦ ବଳ ଜିଲା ଟପ୍ପର୍

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ଼) ଦ୍ୱାରା ପରିଚାଳିତ ୨୦୨୬ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ୍) ପରୀକ୍ଷା ଫଳ ଶନିବାର ଅପରାହ୍ଣରେ ପ୍ରକାଶ ପାଇଛି। ସମ୍ବଲପୁର ଜିଲାର ପ୍ରଦର୍ଶନ ବେଶ ଉତ୍ସାହଜନକ ରହିଛି। ଜିଲାର ମୋଟ ୨୧୩ଟି ବିଦ୍ୟାଳୟରୁ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୭.୭୯ ପ୍ରତିଶତ କୃତକାର୍ଯ୍ୟ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ, ସମ୍ବଲପୁର ଜିଲାରେ ମୋଟ ୧୧,୫୭୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୭ ଅନୁପସ୍ଥିତ ଥିଲେ। ସମୁଦାୟ ୧୧,୨୧୦ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୫,୫୨୧ ଛାତ୍ର ଏବଂ ୫,୬୮୯ ଛାତ୍ରୀ ରହିଛନ୍ତି। ଗୁଣାତ୍ମକ ମାନ ଦୃଷ୍ଟିରୁ ଦେଖିଲେ, ଜିଲାର ୪୧ ପରୀକ୍ଷାର୍ଥୀ ସର୍ବୋଚ୍ଚ 'ଏ-୧' ଗ୍ରେଡ୍ ପାଇଥିବାବେଳେ ୩୩୪ 'ଏ-୨' ଗ୍ରେଡ୍ ହାସଲ କରିଛନ୍ତି। ସେହିପରି ୯୩୨ ଜଣ 'ବି-୧', ୧୯୦୦ ଜଣ 'ବି-୨', ୨୯୭୭ ଜଣ 'ସି', ୩୩୩୮ ଜଣ 'ଡି' ଏବଂ ୧୬୮୮ ଜଣ 'ଇ' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମ୍ବଲପୁର ଜିଲାର ଏହି ସଫଳତା ସମଗ୍ର ରାଜ୍ୟର ଜିଲାୱାରୀ ପାସ୍ ପ୍ରତିଶତ ତାଲିକାରେ ଅଷ୍ଟମ ସ୍ଥାନରେ ରହିଛି।

ସୂଚନା ଯୋଗ୍ୟ ଯେ, ସମ୍ବଲପୁର ଜିଲାରେ ବିଶ୍ୱପ୍ରସାଦ ବଳ ଜିଲା ଟପ୍ପର ହୋଇ ଗୌରବ ଆଣିଛନ୍ତି। ସମ୍ବଲପୁର ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଏସ୍‌ଏସ୍‌ଭିଏମ୍)ର ଛାତ୍ର ବିଶ୍ୱପ୍ରସାଦ ସମୁଦାୟ ୫୭୦ ମାର୍କ ସହ ୯୫ ପ୍ରତିଶତ ମାର୍କ ହାସଲ କରି ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଚଳିତ ବର୍ଷ ଜିଲାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେସରକାରୀ ସ୍କୁଲର ପ୍ରଦର୍ଶନ ବେଶ୍ ଭଲ ରହିଛି। ସରକାରୀ ସ୍କୁଲରୁ ମୋଟ ୧୭ ଜଣ ଏ-୧ ଗ୍ରେଡ୍ ପାଇଥିବା ବେଳେ ବେସରକାରୀ ଶିକ୍ଷାନୁଷ୍ଠାନରୁ ୨୪ ଶିକ୍ଷାର୍ଥୀ ଏହି ସଫଳତା ପାଇଛନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରୁ ବିଶେଷ କରି ଧନୁପାଲି ଏସ୍‌ଏସ୍‌ଭିଏମ୍‌ରୁ ସର୍ବାଧିକ ୮ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇ ଜିଲାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି।

# ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀ



ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀରେ ଉପସ୍ଥିତ ଅତିଥି।

ରେଢ଼ାଖୋଲ, ୨।୫ (ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲରେ ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ କଦମ୍ବ ପଡିଆ ସ୍ଥିତ ଭୀମ ଭୋଇ କଳା ମଣ୍ଡପଠାରେ ବୈଶାଖ ପୂର୍ଣ୍ଣିମା ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀରେ ଓଡିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳ ସିଂ ଯୋଗଦେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ତହସିଲଦାର ରାମ ଗୋବିନ୍ଦ ପରିଡା, ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଅମୂଲ୍ୟ କୃଷ୍ଣ ପାଢ଼ୀ, ଡା. ଅଂଶୁମାନ କର ଯୋଗ ଯୋଗ ଦେଇ ଭୀମ ଭୋଇଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ବାବା ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ଦାଶ ଯୋଗ ଦେଇ ଅଲେଖ ଧର୍ମ ଏବଂ ମହିମା କୃପା ଉପରେ ଆଲୋକପାତ କରିଥିଲେ। ରଞ୍ଜିତ ଦେହୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପଞ୍ଚଖଣ୍ଡା କଳା ପରିଷଦର ସଭାପତି ମହାବୀର ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଅବହେଳା ପ୍ରତିବାଦରେ ଗଣଧାରଣା

## କୁଚିଣ୍ଡା ଡିଭିଜନର ୭୫ ପିଇଓଙ୍କୁ ଦିଆଗଲା ଦାବିପତ୍ର

କୁଚିଣ୍ଡା,୨।୫(ବିରଞ୍ଚି ଦର୍ଜୀ)-ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ କୁଚିଣ୍ଡା କେନ୍ଦୁପତ୍ର ଡିଭିଜନରେ କେନ୍ଦୁପତ୍ର ତୋଳାଳୀ, କର୍ମଚାରୀ ଓ ଶ୍ରମିକଙ୍କ ପ୍ରତି ସରକାରୀ ଅବହେଳା ପ୍ରତିବାଦରେ ଶନିବାର ୭୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଗଣ ଧାରଣାରେ ସାମିଲ ଓ ପିଇଓମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ହଜାର ହଜାର ସଂଖ୍ୟକ ତୋଳାଳୀ,ସିଜିନାଲ କର୍ମଚାରୀ ଓ ଶ୍ରମିକ ଗଣ ଧାରଣାରେ ସାମିଲ ହୋଇ ସରକାରୀ ଅବହେଳାର ପ୍ରତିବାଦ ଜଣାଇଥିଲେ। ସେମାନେ କଳାବ୍ୟାଚ ପରିଧାନ କରି ତୀବ୍ର ପ୍ରତିବାଦ କରିଥିଲେ। ଆନ୍ଦୋଳନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ସାମିଲ ହୋଇ ଭୋଜପୁର,ଡିମିରିମୁଣ୍ଡା ଓ ତେଲିତିଲେଇମାଲ ପଞ୍ଚାୟତର ଗଣଧାରଣାରେ ଯୋଗଦେଇ ସରକାରଙ୍କ କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ପ୍ରତି ହେଉଥିବା ଅବହେଳା ଓ ପ୍ରତାରଣାର ତୀବ୍ର ସମାଲୋଚନା କରିଥିଲେ। ଡିମିରିମୁଣ୍ଡା ଓ ଭୋଜପୁର ପଞ୍ଚାୟତ ଆନ୍ଦୋଳନରେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ସରପଞ୍ଚ ପ୍ରହ୍ଲାଦ ଧରୁଆ, ପୂର୍ବତନ ସରପଞ୍ଚ ରଥିକାନ୍ତ କିଷାନ, ବିକାଶ ସାହୁ,ମଣ୍ଟୁ ମହାନ୍ତି,ରେଞ୍ଜ ସମ୍ପାଦକ ମହେନ୍ଦ୍ର ବେହେରା ଯୋଗଦେଇଥିଲେ।

# ଓଡ଼ିଶାର ପ୍ରତିଭା ଏବେ ଅନ୍ତର୍ଜାତୀୟ ମଞ୍ଚରେ

ସମ୍ବଲପୁର,୨।୫ (ପ୍ରମୋଦ ବହିଦାର)

## କେରଳ ଓ ତୁର୍କୀରେ ଚମକିବେ ରାଜ୍ୟର ପ୍ରତିଯୋଗୀ



ସାମ୍ବାଦିକ ଭବନରେ ଅନୁଷ୍ଠିତ ଫଟୋ ସୁଟ୍ କାର୍ଯ୍ୟକ୍ରମରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ଓଡ଼ିଶାର ପ୍ରତିଯୋଗୀ।

ସମ୍ବଲପୁର ସମେତ ସମଗ୍ର ଓଡ଼ିଶା ପ୍ରତିଭା ଏବେ ଅନ୍ତର୍ଜାତୀୟ ମଞ୍ଚରେ ଚମକିବେ। 'ଗ୍ରାଣ୍ଡ ଓଡ଼ିଶା' ଅନୁଷ୍ଠାନର ପ୍ରତିଭାବାନ ପ୍ରତିଯୋଗୀମାନେ ନିକଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିବା ପରେ ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏହି ସୁନ୍ଦରୀମାନେ କେରଳର କାଲିକଟ ଓ ଗୁଜରାଟ୍‌ର ଅହମ୍ମଦାବାଦଠାରେ ଆୟୋଜିତ ହେବାକୁ ଥିବା 'ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ'ରେ ଭାଗ ନେଇ ଓଡ଼ିଶାର ନାମ ରୋଶନ କରିବେ। ଏଥିପାଇଁ ମନୋନୀତ ହୋଇଥିବା ମୋଟ୍ ୮ ପ୍ରତିଯୋଗୀଙ୍କ ମଧ୍ୟରୁ ୬ କେରଳ ଓ ୨ ଜଣ ଗୁଜରାଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗ ନେବେ। ପୂର୍ବରୁ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ 'ଗ୍ରାଣ୍ଡ ଓଡ଼ିଶା' ପକ୍ଷରୁ ପ୍ରିନ୍ସ, ପ୍ରିନ୍‌ସେସ, ମିଷ୍ଟର ଟିନ୍, ମିସ୍ ଟିନ୍, ମିସ୍ ଓ ମିସେସ୍ ଭଳି ମୋଟ ଆଠଟି ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କିନ୍ନର ବର୍ଗର ପ୍ରତିଭାମାନେ ମଧ୍ୟ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ଫଟୋ ସୁଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାଣ୍ଡ ଓଡ଼ିଶାର ପ୍ରତିଷ୍ଠାତା ତଥା ପିଏନଆଇ ମିସ୍ ଓରା ଇଣ୍ଟରନ୍ୟାଶନାଲ ଇଣ୍ଡିଆ-୨୦୨୬ର ବିଜୟିନୀ ଦେବସ୍ମିତା ସାହୁ ନିଜର ଖୁସି ବ୍ୟକ୍ତ କରିଛନ୍ତି ଯେ, ନିଜେ ମଧ୍ୟ ଆସନ୍ତା ମଇ ୮ ତାରିଖରେ ତୁର୍କୀ ଗସ୍ତ କରି ସେଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବେ। ସେ କହିଛନ୍ତି କଠିନ ପରିଶ୍ରମ ଓ ନିଷ୍ଠା ବଳରେ ସେ ଆଜି ଏହି ସଫଳତା ପାଇଛନ୍ତି ଏବଂ ସେ ଚାହାନ୍ତି ଯେ ଓଡ଼ିଶାର ଆହୁରି ଅନେକ ପ୍ରତିଭା ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚନ୍ତୁ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଯୋଗୀମାନେ ଏବେ ଜାତୀୟ ସ୍ତରରେ ଓଡ଼ିଶାର ସୌନ୍ଦର୍ଯ୍ୟ, ସଂସ୍କୃତି ଓ ଆତ୍ମବିଶ୍ୱାସର ପରିଚୟ ଦେବେ। ସମ୍ବଲପୁର ଭଳି ସହରରୁ ଏଭଳି ପ୍ରତିଭା ବାହାରି ବିଶ୍ୱ ଦରବାରରେ ପହଞ୍ଚିବା ନିଶ୍ଚିତ ଭାବେ ଏକ ପ୍ରେରଣାଦାୟୀ ଘଟଣା ବୋଲି କହିଛନ୍ତି ଦେବସ୍ମିତା।

# ଭୀମ ଭୋଇ ସାହିତ୍ୟ ସଂସଦର ରୌପ୍ୟ ଜୟନ୍ତୀ



ସମ୍ବଲପୁର,୨।୫(ପ୍ରମୋଦ ବହିଦାର): ଏକ ଆଧ୍ୟାତ୍ମିକ ଓ ସାରସ୍ୱତ ପରିବେଶ ମଧ୍ୟରେ ସମ୍ବଲପୁରର ଭୀମଭୋଇ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଏବଂ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୀମଭୋଇ ନଗରସ୍ଥିତ ସଂସଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର(ଓଏସ୍‌ଓୟୁ) କୁଳପତି ଡ. ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ଓଡିଆ ବିଭାଗ ସହକାରୀ ପ୍ରଫେସର ଡ. ରଞ୍ଜନ କୁମାର ସେଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସନ୍ଥକବି ଭୀମଭୋଇଙ୍କ ଜୀବନ ଦର୍ଶନ, ମହିମା ଧର୍ମର ପ୍ରଭାବ, ତାଙ୍କର କାଳଜୟୀ ସାହିତ୍ୟ କୃତି ଏବଂ ସମାଜ ଗଠନରେ ଭୀମଭୋଇ ସାହିତ୍ୟ ସଂସଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଜିଏମ୍‌ୟୁର ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଡ. ବ୍ରହ୍ମାନନ୍ଦ ପାତ୍ରଙ୍କ ସମେତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଉତ୍ସର୍ଗ' ଓ 'ସମ୍ବଳ' ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ସହଦେବ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଗଙ୍ଗଦେବ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଯୋଗଦେଇଥିବା ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କିକ୍ ବକ୍ସିଂ ଆସୋସିଏଶନର ବାର୍ଷିକ ଉତ୍ସବ

## ପରିଶ୍ରମ ଓ ଅଭ୍ୟାସ ହିଁ ସଫଳତାର ମୂଳମନ୍ତ୍ର

ସମ୍ବଲପୁର,୨।୫(ବି.ଶଙ୍କର)

ସମ୍ବଲପୁର ଜିଲା କିକ୍ ବକ୍ସିଂ ଆସୋସିଏଶନ ତୃତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ଉପଜିଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା, ତହସିଲଦାର ଅଭିଜିତ ମହନ୍ତ, ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ଲେଙ୍କା ସମ୍ମାନିତତ ଅତିଥି ଭାବେ ଯୋଗଦେଇ କିକ୍ ବକ୍ସିଂ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ଜାତୀୟ ଆଥଲେଟ ରେଖା ଦେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପରିଶ୍ରମ ଓ ଅଭ୍ୟାସ ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ମୁଖ୍ୟ କୋଚ ସୁବ୍ରତ ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଜିଲାରେ କିକ୍ ବକ୍ସିଂ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ଚଳିତ ମାସରେ ନିଃଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନେ କିକ୍ ବକ୍ସିଂ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟ କିକ୍ ବକ୍ସିଂ ଆସୋସିଏଶନ୍‌ର ସଭାପତି କାର୍ତ୍ତିକ ଡାକୁଆ, ରାଜ୍ୟ ସଂଯୋଜକ ବିଚିତ୍ରା ନାରାୟଣ ଜେନା ଏବଂ ଜିଲା ସଭାପତି ଉତ୍ପଳ ଦାସଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଯୁଗ୍ମ ସମ୍ପାଦକ ପୁଷ୍ପାଞ୍ଜଳି ପ୍ରଧାନ, ଯୋଗଗୁରୁ ଟିକେଲାଲ ଭୋଇ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ରାଜେଶ ଦାସ, ଉମାଶଙ୍କର ପାଢ଼ୀ, ଠାକୁର ପଟ୍ଟନାୟକ, ସୁଜିତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଆଇନ ପରାମର୍ଶଦାତା ଆନନ୍ଦ ବଡ଼ଗୟାଁ, କୋଚ ସୁଭମ ପ୍ରଧାନଙ୍କ ସମେତ ଆସୋସିଏଶନର ପ୍ରଶିକ୍ଷାର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୋଷାଧ୍ୟକ୍ଷ ହେମନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନାକଟିଦେଉଳରେ ପାନୀୟ ଜଳ ସମସ୍ୟା

ନାକଟିଦେଉଳ, ୨।୫(ବୈକୁଣ୍ଠନାଥ ସାହୁ)

## ପ୍ରତିକାର ପାଇଁ ଜିଲାପାଳଙ୍କୁ ଭେଟି ଦାବି ଜଣାଇଲେ

ସମ୍ବଲପୁର ଜିଲା ନାକଟିଦେଉଳରେ ପାନୀୟ ଜଳ ସମସ୍ୟା ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ନାକଟିଦେଉଳ ବସଷ୍ଟାଣ୍ଡ ଅଞ୍ଚଳ ସମେତ ବସ୍ତିକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ନାକଟିଦେଉଳ ଠାରେ ଏକ ଓଭରହେଡ଼ ପାଣି ଟାଙ୍କି ରହିଛି। ଆଜକୁ ଦୀର୍ଘ ବର୍ଷ ହେଲା ଏହି ପ୍ରକଳ୍ପରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଗତ କିଛି ବର୍ଷ ହେଲା ବସଷ୍ଟାଣ୍ଡ ଅଞ୍ଚଳର କିଛି ବ୍ୟକ୍ତି ବେଆଇନ ଭାବେ ବିଛାଯାଇଥିବା ପାଣି ପାଇପରୁ ମୋଟର ଲଗାଇ ନିଜ ଘରକୁ ପାଣି ନେଉଛନ୍ତି। ଫଳରେ ବସ୍ତି ଭିତରକୁ ଆବଶ୍ୟକ ପରିମାଣର ପାଣି ଯାଉନାହିଁ। ଏପରିକି ବସ୍ତିର ତଳମୁଣ୍ଡକୁ ମଧ୍ୟ ଠିକ ଭାବେ ପାଣି ପହଞ୍ଚି ପାରୁନାହିଁ। ଅନ୍ୟ ପକ୍ଷରେ ଗ୍ରାମରେ ଥିବା ତିନୋଟି ନଳକୂପ ମଧ୍ୟରୁ ୨ଟି ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ଗ୍ରାମ ମଝିରେ ଥିବା ଏକ ମାତ୍ର ନଳକୂପ ଉପରେ ସମସ୍ତେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନାକଟିଦେଉଳ ବ୍ଲକକୁ ଗସ୍ତ କରିଥିବାବେଳେ ନାକଟିଦେଉଳ ଗ୍ରାମର ବହୁ ସଂଖ୍ୟକ ମହିଳା ଜିଲାପାଳଙ୍କୁ ଭେଟି ମୋଟର ଲଗାଇ ବେଆଇନ ଭାବେ ଘରମାନଙ୍କୁ ନିଆଯାଇଥିବା ପାଇପ ସଂଯୋଗକାରୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନିୟମିତ ଭାବେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ତେବେ ଗ୍ରାମର ଜଳକଷ୍ଟ ଅଭିଯୋଗ ଶୁଣିବା ପରେ ଘରକୁ ବେଆଇନ ଭାବେ ପାଣି ପାଇପ ସଂଯୋଗ ନେଇଥିବା ବ୍ୟକ୍ତିଙ୍କ ସଂଯୋଗ ବିଚ୍ଛିନ୍ନ କରିବା ସହ ଅତିରିକ୍ତ ପାଣି ପାଇପ ବିଛାଇ ବସ୍ତି ଭିତରକୁ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ବ୍ଲକର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ନୂତନ ନଳକୂପ ସହ ସୋଲାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

# ସନ୍ଥକବିଙ୍କ ମହାନ ବାଣୀ ବିଶ୍ୱ ହିତରେ ସଦୁପଯୋଗ କରିବାର ଆବଶ୍ୟକ

ସମ୍ବଲପୁର,୨।୫(ବି.ଶଙ୍କର): ଭୀମଭୋଇ ସାହିତ୍ୟ ଓ ସଂସ୍କୃତି ପରିଷଦ ଦ୍ୱାରା ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ରଘୁନାଥ ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜର ସଭାଗୃହରେ ଶୁକ୍ରବାର କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀ ଭୀମଭୋଇଙ୍କ ରଚନାର ମହାନ ବାଣୀ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ପଂକ୍ତିର ତର୍ଜମା କରିଥିଲେ। ଆଜିର ଯୁଦ୍ଧଖୋର ରାଷ୍ଟ୍ର ମୁଖ୍ୟମାନଙ୍କ ସ୍ୱାର୍ଥ କୈନ୍ଦ୍ରିକ ଚିନ୍ତାଧାରା ବିଶ୍ୱ ମାନବ ଜାତିର କଲ୍ୟାଣରେ ଅନ୍ତରାୟ ସୃଷ୍ଟି କରୁଥିବାରୁ ସେ ଉଦବେଗ ପ୍ରକାଶ କରିଥିଲେ । ତେଣୁ ସନ୍ଥ ଭୀମଭୋଇଙ୍କ ଏହି ମହାନ ବାଣୀର ଅର୍ଥ ବୁଝି ଏହାର ସଦୁପଯୋଗ ବିଶ୍ୱ ହିତରେ କରିବାର ଆବଶ୍ୟକ ରହିଛି ବୋଲି ପ୍ରଫେସର ପାଢ଼ୀ ମତବ୍ୟକ୍ତ କରିଥିଲେ । ଅଧ୍ୟାପିକା ଡ. ପୁଷ୍ପାଞ୍ଜଳୀ ସାହୁ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଡ. ଶିବପ୍ରିୟା ମିଶ୍ର ଯୋଗଦେଇଥିଲେ ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

## ୪୭ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ



ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସରେ ଅତିଥି ଓ ନିର୍ମାଣ ଶ୍ରମିକ ।

ସମ୍ବଲପୁର,୨।୫(ବି.ଶଙ୍କର)

ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ମିଳିତ ସହଭାଗିତାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ପାଳିତ ହୋଇଛି। ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ବିଶିଷ୍ଟ ଅତିଥି ଥିଲେ। ସମ୍ବଲପୁର ଯୁଗ୍ମ ଶ୍ରମ ଆୟୁକ୍ତ ମହେଶ୍ୱର ନାଏକ ସଭାକୁ ପରିଚାଳନା କରିଥିବା ବେଳେ ଜିଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ସୂଚନା ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିଲାଶ୍ରମ ଅଧିକାରୀ (କଲ୍ୟାଣ) ପୁଷ୍ପା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୪୭ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ୩୯,୪୧,୪୦୦ ଟଙ୍କା ଓ ଯୋଗ୍ୟ ଅଣସଂଗଠିତ ୬ ଜଣ ଶ୍ରମିକଙ୍କୁ ୧୧,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଯୁଗ୍ମ ଶ୍ରମ କାର୍ଯ୍ୟାଳୟ, ସମ୍ବଲପୁରର କର୍ମକର୍ତ୍ତା ଲିପ୍ସାରାଣୀ ପ୍ରଧାନ, ତାନିଆ ଠାକୁର, ବ୍ରଜେଶ କୁମାର ହୋତା, ନିଖିଳେଶ କୁମାର ଦାଶ, ମୀନକେତନ ସୁନ୍ୟାନି, ଡୋଲେଶ୍ୱରୀ ନାଗ, ସହକାରୀ ଶ୍ରମ ଅଧିକାରୀ ଯୋଗେଶ୍ୱର ବିଶି, ପ୍ରଭାତ ମୁଣ୍ଡଚିନା, ସୁଜାତା ଓରାମ, ସୌମ୍ୟ ରଞ୍ଜନ ସାହୁ (ମଙ୍ଗଳ ସଂଯୋଜକ), ତ୍ରିଲୋଚନ ବାରିକ, ଅଜିତ କୁମାର ପ୍ରଧାନ, ଅଓଉର ଖାନ ଓ ଅମରେନ୍ଦ୍ର ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିବାହ ସହାୟତା ସକାଶେ ୧୯ ଜଣଙ୍କୁ ୯,୨୫,୦୦୦ଟଙ୍କା, ୨ଜଣଙ୍କୁ ପ୍ରସୂତିକାଳୀନ ସହାୟତା ପାଇଁ ୨୦,୦୦୦ଟଙ୍କା, ୬ଜଣଙ୍କୁ ଶିକ୍ଷାବୃତ୍ତି ସହାୟତା ବାବଦରେ ୪୬,୪୦୦ ଟଙ୍କା, ୧୦ଜଣଙ୍କୁ ମୃତ୍ୟୁକାଳୀନ ସହାୟତାରେ ୨୯,୦୦,୦୦୦ଟଙ୍କା, ୧୦ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ପାଇଁ ୫୦,୦୦୦ଟଙ୍କା, ୩୦୦ଟି ନୂତନ ପଞ୍ଜିକୃତ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଦିଆଯାଇଛି। ଏଥିସହ ୬ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୧୧,୦୦,୦୦୦ଟଙ୍କା ଏବଂ ୧୦୦ଟି ଅସଂଗଠିତ ଶ୍ରମିକଙ୍କୁ ମଧ୍ୟ ପରିଚୟପତ୍ର ବଣ୍ଟ କରାଯାଇଥିବା ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ(କଲ୍ୟାଣ) ମିଞ୍ଜ ସୂଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଶ୍ରମିକ ଯୋଗଦାନ କରିଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ଖଣିଜ ଅଭିନନ୍ଦନ ଦିବସ

## ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ ହେଲେ କର୍ମଚାରୀ

ସମ୍ବଲପୁର,୨।୫ (ବି.ଶଙ୍କର)




ଏମସିଏଲ ପକ୍ଷରୁ ଖଣିକ ଅଭିନନ୍ଦନ ଦିବସରେ ଅତିଥିଙ୍କ ସହ ପୁରସ୍କୃତ କର୍ମଚାରୀ ଓ ଅଧିକାରୀମାନେ ।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ଖଣିକ ଅଭିନନ୍ଦନ ଦିବସ -୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏମ୍‌ସିଏଲ କୋଇଲା ଖଣି ଶ୍ରମିକମାନଙ୍କ ଉତ୍କୃଷ୍ଟ କାର୍ଯ୍ୟକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ବୁର୍ଲାସ୍ଥିତ କମ୍ପାନୀର ମୁଖ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୀର୍ଷ ନେତୃତ୍ୱ, କର୍ମଚାରୀ ଏବଂ ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏକେ ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପରିଚାଳନା) ଏସ.କେ ଝାଙ୍କ ସମେତ ବିଭିନ୍ନ ବିଭାଗର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଏବଂ ଯୁଗ୍ମ ପରାମର୍ଶଦାତା କମିଟି (ଆପେକ୍ସ)ର ସଦସ୍ୟମାନେ ଉପସ୍ଥିତ ଥିଲେ। ଦେଶର ଶକ୍ତି ଯୋଦ୍ଧାମାନଙ୍କ ସାହସ ଏବଂ ପ୍ରତିବଦ୍ଧତାକୁ ସଲାମ କରି ଅତିଥିମାନେ କୋଇଲା ଖଣି ଶ୍ରମିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିର୍ଦ୍ଦେଶକ ରାଓ କହିଥିଲେ ଯେ, କୋଇଲା ଉତ୍ପାଦନରେ କ୍ରମାଗତ ଭାବେ ୨୦୦ ମିଲିୟନ ଟନର ଲକ୍ଷ୍ୟ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିବାରୁ ଟିମ୍ ଏମସିଏଲକୁ ଅଭିନନ୍ଦନ ଜଣାଇଥିଲେ। କର୍ମଚାରୀଙ୍କ ସାମୂହିକ ନିଷ୍ଠା ଓ ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହିତ କର୍ମଚାରୀଙ୍କ କଲ୍ୟାଣ ଏବଂ କର୍ମକ୍ଷେତ୍ରରେ ସୁବିଧାସୁଯୋଗର ଉନ୍ନତିକରଣ ଉପରେ ଏମ୍‌ସିଏଲର ନିରନ୍ତର ଧ୍ୟାନ ରଖିଥିବା ବିଷୟରେ ସେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ଝା ଏବଂ ନିର୍ଦ୍ଦେଶକ ବେହୁରା ଗତ ଆର୍ଥିକ ବର୍ଷରେ ଏମସିଏଲର ଉନ୍ନତ କୋଇଲା ପ୍ରେରଣରେ ଶ୍ରେଷ୍ଠ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଏମସିଏଲର ସାମୂହିକ ପ୍ରୟାସ ଏବଂ ପରିଚାଳନାଗତ ଉତ୍କର୍ଷତା ଆଗାମୀ ବର୍ଷଗୁଡ଼ିକରେ ଆହୁରି ବଡ଼ ସଫଳତା ଆଣିଦେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନକାରୀ ଏରିଆ ଏବଂ ପ୍ରକଳ୍ପଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କୁ ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ବର୍ଗରେ ସମୁଦାୟ ୭୬ଟି ପୁରସ୍କାର ପ୍ରଦାନ କରାଯାଇଥିଲା । ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଇବ୍ ଭ୍ୟାଲି ଏରିଆକୁ ସମ୍ମାନଜନକ ମାଲପୁରୀ ଟ୍ରଫି, ଇବ୍ ଭ୍ୟାଲି ଏରିଆର ସମଲେଶ୍ୱରୀ ଓପନକାଷ୍ଟ ଖଣିକୁ ଶ୍ରେଷ୍ଠ ଓପନ କାଷ୍ଟ ଖଣି, ଓରିଏଣ୍ଟ ଏରିଆର ହୀରାକୁଦ ବୁନ୍ଦିଆ ଅଣ୍ଡର ଗ୍ରାଉଣ୍ଡ ଖଣିକୁ ଶ୍ରେଷ୍ଠ ଅଣ୍ଡରଗ୍ରାଉଣ୍ଡ ଖଣି ପୁରସ୍କାର ପ୍ରଦାନ କରାଯାଇଥିଲା ।




ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନକୁ ନେଇ ଶନିବାର ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଉଚ୍ଚଶିକ୍ଷା ବିଭାଗ କମିଶନର (ବାମ) ଅରବିନ୍ଦ ଅଗ୍ରୱାଲ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ (ଡାହାଣ) କାଳୀପ୍ରସନ୍ନ ମହାପାତ୍ର।

# ଓଡ଼ିଶା ହେବ 'ଜ୍ଞାନର ରାଜଧାନୀ': ମୁଖ୍ୟମନ୍ତ୍ରୀ

- ଏନ୍ଇପି-୨୦୨୦ କାର୍ଯ୍ୟକାରିତା ନେଇ ଜାତୀୟ କର୍ମଶାଳା
- ଛାତ୍ରୀଙ୍କ ପାଇଁ 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ

ଭୁବନେଶ୍ୱର,୨।୫(ସୁଚିସ୍ମିତା ସାହୁ)

ବହୁବର୍ଷ ଧରି ଶିକ୍ଷାକ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ନୂଆ ଶିକ୍ଷାନୀତି କେବଳ ଏକ ସରକାରୀ ଦସ୍ତାବିଜ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ କ୍ୟାପିଟାଲ' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ତ୍ୱ ମିଶନ। ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ। ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍ଇପି-୨୦୨୦)ର କାର୍ଯ୍ୟାନ୍ୱୟନ ନେଇ ଶନିବାର ଲୋକସେବା ଭବନ କନ୍ଭେନ୍ଶନ ସେଣ୍ଟରଠାରେ ଆୟୋଜିତ ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେବାସହ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍ମ୍ୟାପ୍ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ, ଶିକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷାକ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାଜ୍ୟର ୬,୭୯୪ଟି ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସ୍ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିସହ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଡ୍ରପ୍-ଆଉଟ୍ ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ୟପଟେ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ କରିଛନ୍ତି। ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଇଗ୍ନୁ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଦେଶର ଶ୍ରେଷ୍ଠ 'ଜ୍ଞାନଭିତ୍ତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଶିକ୍ଷା ଏବେ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନାହିଁ, ☞ପୃଷ୍ଠା-୧୩

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

- ୬୫ ବର୍ଷୀୟ ଅଭିଯୁକ୍ତ ଗିରଫ
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

ପୁଣେ,୨।୫(ପି.ଟି.)

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଭୋର୍ ତହସିଲ ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିସିଟିଭି ଫୁଟେଜ୍ ଆଧାରରେ ୬୫ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତାର ଆନୁଷଙ୍ଗିକ ଧାରା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ) ଅନୁଯାୟୀ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ତାଙ୍କୁ ପୁଣେର ସେସନ୍ସ କୋର୍ଟରେ ହାଜର କରାଯିବା ପରେ ମେ' ୭ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ପଠାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଘଟଣାକୁ ଅତ୍ୟନ୍ତ ଲଜ୍ଜାଜନକ ଓ ଯନ୍ତ୍ରଣାଦାୟକ ବୋଲି କହିବା ସହ ଫାଷ୍ଟ-ଟ୍ରାକ୍ କୋର୍ଟରେ ତୁରନ୍ତ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜଣେ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ପାଇଁ ସେ ହାଇକୋର୍ଟଙ୍କୁ ନିବେଦନ କରିବେ ବୋଲି କହିଛନ୍ତି। ଯଥାଶୀଘ୍ର ସମ୍ଭବ ଅପରାଧୀଙ୍କୁ ସର୍ବୋଚ୍ଚ ଦଣ୍ଡବିଧାନ କରାଯିବ ବୋଲି ଫଡ଼ନବିସ୍ କହିବା ସହ ଘଟଣାକୁ ରାଜନୈତିକ ରଙ୍ଗ ଦେବା ସମ୍ବେଦନହୀନତା ବୋଲି କହିଛନ୍ତି। ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ ପାଇଁ ଏନ୍ସିପି(ଏସ୍ପି) ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦାବି କରିଛନ୍ତି।

ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତ ଜଣେ ଶ୍ରମିକ। ସେ ଶୁକ୍ରବାର ଶିଶୁଙ୍କୁ ଖାଇବାକୁ ଦେବାକୁ କହି ଏକ ଗୁହାଳ ମଧ୍ୟକୁ ନେଇଯାଇଥିଲେ। ସେଠାରେ ସେ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଦେବା ପରେ ପଥରରେ ଛେଚି ମାରିଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇ କୋର୍ଟ ପରିସରକୁ ନେଉଥିବାବେଳେ ମରାଠା ସଙ୍ଗଠନର ସଦସ୍ୟମାନେ ଗାଡ଼ି ଅଟକାଇବାକୁ ଉଦ୍ୟମ କରିଥିଲେ। ଭୋର ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଗ୍ରାମବାସୀ ସ୍ଥାନୀୟ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେମାନେ ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ୧୫ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯିବା ସହ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପୁଣେ (ଗ୍ରାମାଞ୍ଚଳ) ସୁପରିଣ୍ଟେଣ୍ଡେଣ୍ଟ ସନ୍ଦିପ ସିଂ ଗିଲ୍ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତଙ୍କ ନାମରେ ୧୯୯୮ ଏବଂ ୨୦୧୫ରେ ଅପରାଧ ମାମଲା ରୁଜୁ ହୋଇଥିଲା। ଉଭୟ ମାମଲାରେ ସେ ଦୋଷମୁକ୍ତ ହୋଇଥିଲେ।

**निर्माण ठेकेदार की आवश्यकता**
अनुभवी निर्माण ठेकेदारों की आवश्यकता है, जो कुशल और अकुशल लेबर (जैसे-कारपेंटर, बार बेंडर, हेल्पर और रिगर) उपलब्ध करा सकें।
स्थान
• गुजरात : अहमदाबाद, मुंद्रा, जामनगर, सूरत
• महाराष्ट्र : मुंबई, पुणे, • कर्नाटक : बेंगलुरु
न्यूनतम आवश्यकता : हमें 5000 से ज्यादा लेबर चाहिए। कृपया वहीं ठेकेदार संपर्क करें जो 50 से ज्यादा लेबर दिला सकें।
**कृपया इस पते पर संपर्क करे :**
मिलने की दिनांक : 6 मई से 8 मई
समय : सुबह 10 बजे से रात 8 बजे तक
प्राइड प्लाजा होटल, कोलकाता टर्मिनस, बी.जी.-12, एक्शन एरिया 1-बी, न्यू टाउन, राजारहाट, कोलकाता
92233 33351
lrd@rivierainfra.com




# ଅତିରିକ୍ତ ତହସିଲଦାରଙ୍କୁ ଗାଡ଼ି ମଡ଼ାଇ ହତ୍ୟା ଉଦ୍ୟମ

ଗତ ଏପ୍ରିଲ ୧୮ରେ ଯାଜପୁର ଜିଲା ବ୍ୟାସନଗର ତହସିଲଦାର ମାଟି ଚୋରା ଚାଲାଣ ଯାଞ୍ଚ କରିବାକୁ ଯାଇ ମାଫିଆଙ୍କ ଦୌରାତ୍ମ୍ୟର ଶିକାର ହୋଇଥିଲେ। ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ଚଢ଼ାଇ ଦିଆଯାଇଥିଲା। ବେଆଇନ ମାଟି ଚାଲାଣ ରୋକିବାକୁ ଯାଇ ସେ ଗୁରୁତର ହୋଇଥିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ୨ ମେ'ରେ ସେଭଳି ଘଟଣାର ପୁନରାବୃତ୍ତି ଘଟିଛି ବାଲେଶ୍ୱର ଜିଲା ସୋର ଅଞ୍ଚଳରେ। ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ ୧୬ ନମ୍ବର ଜାତୀୟ ରାଜପଥର ପଣପଣାରେ ଯାଞ୍ଚ କରୁଥିବା ବେଳେ ଏକ ବାଲିବୋଝେଇ ହାଇୱା ତାଙ୍କ ଉପରକୁ ମାଡ଼ିଯାଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ ତାଙ୍କ ଗାଡ଼ି ଭାଙ୍ଗିଯାଇଛି। ଏହି ଦୁଇ ଘଟଣାକୁ ଦେଖିଲେ ମାଟି, ବାଲି ଭଳି ଲଘୁ ଖଣିଜ ପଦାର୍ଥର ମାଫିଆମାନେ ଶକ୍ତିଶାଳୀ ଏବଂ ସେମାନଙ୍କର ପ୍ରଶାସନ ପ୍ରତି ଭୟ ନ ଥିବା ସ୍ପଷ୍ଟ ହେଉଛି। ଏହା ପଛରେ ପ୍ରଭାବଶାଳୀ ବ୍ୟକ୍ତି ରହିଥିବାରୁ ସେମାନେ ଏଭଳି ଔଦ୍ଧତ୍ୟ ଦେଖାଉଥିବା ସାଧାରଣରେ ଆଲୋଚନା ହେଉଛି।


ଦୁର୍ଘଟଣା ଘଟାଇଥିବା ଟ୍ରକ୍।

## ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢୁଛି

ସୋର,୨।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଅଞ୍ଚଳ ଦେଇ ଦିନଦ୍ୱିପ୍ରହରରେ ଅବାଧରେ ବାଲି ଚୋରାଚାଲାଣ ଚାଲିଛି। ପ୍ରଶାସନ ପକ୍ଷରୁ ରୋକିବାକୁ ଚେଷ୍ଟା କଲେ ରକ୍ତମୁଖା ହୋଇପଡୁଛନ୍ତି ବାଲି ଚୋରାଚାଲାଣକାରୀ। ଶନିବାର ସକାଳେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ୧୬ନମ୍ବର ଜାତୀୟ ରାଜପଥରେ ଜଗି ରହିଥିଲେ। ଏହି ସମୟରେ ପାଇକାଳି ପୋଲ ନିକଟରେ ଥିବା ଏକ ଷ୍ଟକ୍ ପଏଣ୍ଟରୁ ଦୁଇଟି ବାଲିଗାଡି ଜବତ କରିବା ସମୟରେ ଏକ ବାଲି ବୋଝେଇ ହାଇୱା(ନଂ. ଓ୦୧ଟି ୭୧୯୩)କୁ ଅଟକାଇଥିଲେ। ମାତ୍ର ଉକ୍ତ ଗାଡ଼ି ଦ୍ରୁତଗତିରେ ବାଲେଶ୍ୱର ଅଭିମୁଖେ ପଳାଇଯାଇଥିଲା। ଅତିରିକ୍ତ ତହସିଲଦାର ନିଜେ ଗାଡ଼ି ଚଳାଇ ବାଲିଗାଡ଼ିକୁ ପିଛା କରିଥିଲେ। ପଣପଣା ନିକଟରେ ବାଲିଗାଡିକୁ ଅଟକାଇବାକୁ ଚେଷ୍ଟା କରିବା ବେଳକୁ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି କାଚ ଭାଙ୍ଗି ଚୁର୍ମାର ହୋଇଯାଇଥିଲା। ସୌଭାଗ୍ୟବଶତଃ ସେ ରକ୍ଷା ପାଇ ଯାଇଥିଲେ। ଖବରପାଇ ଖନ୍ତାପଡା ଥାନା ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏହାର ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ☞ପୃଷ୍ଠା-୧୩

# ପ୍ଲୁଟୋ ବାମନ ନୁହେଁ ପୂର୍ଣ୍ଣ ଗ୍ରହ, ଲଢ଼େଇ ଚଳାଇଛି ନାସା

ୱାଶିଂଟନ,୨।୫

ସୌରମଣ୍ଡଳର ନବମ ଗ୍ରହ ଭାବେ ପରିଚିତ 'ପ୍ଲୁଟୋ'କୁ ନେଇ ଦୁଇ ଦଶନ୍ଧି ହେଲା ବିବାଦ ଚାଲିଥିବାବେଳେ ଏବେ ଏହା ନୂଆ ମୋଡ଼ ନେଇଛି। ୨୦୦୬ରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସଂଘ (ଆଇଏୟୁ) ପ୍ଲୁଟୋକୁ ପୂର୍ଣ୍ଣ ଗ୍ରହ ଭାବେ ଗ୍ରହଣ ନ କରି ଏହାକୁ ବାମନ ଗ୍ରହ (ଡ୍ୱାର୍ଫ ପ୍ଲାନେଟ୍) ଶ୍ରେଣୀରେ ଗଣତି କରିଥିଲା। ଏବେ ପ୍ଲୁଟୋକୁ ପୁଣି ଥରେ ଏକ ପୂର୍ଣ୍ଣ ଗ୍ରହର ମାନ୍ୟତା ଦେବା ପାଇଁ ନାସା ପ୍ରଶାସକ ଜେରେଡ ଆଇଜାକମ୍ୟାନ୍ ଦୃଢ଼ ଦାବି କରିଛନ୍ତି। ନାସା ପକ୍ଷରୁ ଏ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଖୁବ୍ଶୀଘ୍ର ଆଇଏୟୁ ନିକଟରେ ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଥାଉ କି ୨୦୦୬ ମସିହାରେ ଆଇଏୟୁ ପକ୍ଷରୁ ଗ୍ରହର ଏକ ନୂତନ ସଂଜ୍ଞା ନିର୍ଦ୍ଧାରଣ କରାଯାଇଥିଲା। ଏହି ନିୟମ ଅନୁସାରେ ଏକ ଗ୍ରହ ବା ମହାଜାଗତିକ ବସ୍ତୁ ସୂର୍ଯ୍ୟ ଚାରିପଟେ ପରିକ୍ରମା କରୁଥିବ, ଏହାର ପର୍ଯ୍ୟାପ୍ତ ମାଧ୍ୟାକର୍ଷଣ ଶକ୍ତି ଥିବ, ଯାହା ଫଳରେ ଏହାର ଆକାର ଗୋଲାକାର ହୋଇଥିବ ଏବଂ ନିଜ କକ୍ଷପଥ ସଫା ରଖିଥିବ, ଅର୍ଥାତ୍ ତା'ର ପରିକ୍ରମା ପଥରେ ଅନ୍ୟ କୌଣସି ବଡ଼ ମହାଜାଗତିକ ବସ୍ତୁ ନ ଥିବ। ପ୍ଲୁଟୋ ଶେଷ ସର୍ତ୍ତଟି ପୂରଣ କରିବାରେ ବିଫଳ ହୋଇଥିଲା, କାରଣ ଏହା 'କୁଇପର ବେଲ୍ଟ' ଅଞ୍ଚଳରେ ରହିଛି। ସେଠାରେ ଅନେକ ବରଫାବୃତ୍ତ ବସ୍ତୁ ଏବଂ କ୍ଷୁଦ୍ର ଗ୍ରହ ରହିଛନ୍ତି। ସେଥିପାଇଁ ପ୍ଲୁଟୋକୁ 'ବାମନ ଗ୍ରହ' ଶ୍ରେଣୀଭୁକ୍ତ କରାଗଲା।




ନାସାର ବୈଜ୍ଞାନିକମାନଙ୍କ ମତରେ, ୨୦୧୫ର 'ନ୍ୟୁ ହୋରାଇଜନ୍ସ' ମିଶନରୁ ପ୍ରାପ୍ତ ତଥ୍ୟ ପ୍ଲୁଟୋର ଏକ ଭିନ୍ନ ☞ପୃଷ୍ଠା-୧୩

No. 10001/97/2627
U-WIN Click to Protect Lives
Ministry of Health & Family Welfare Government of India
NATIONAL HEALTH MISSION
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ**
(୨୮ ଫେବୃଆରୀ ରୁ ୩୧ ମଇ ୨୦୨୬)
**ଏଚ୍.ପି.ଭି. ଟୀକା: ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧ଟି ମାତ୍ରା**
- ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ୍ କ୍ୟାନ୍ସର) ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟୀକାକରଣ ଜରୁରୀ।
- ଏଚ୍.ପି.ଭି ଟୀକା ଜରାୟୁ ଗ୍ରୀବା କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।
- ଏହି ଟୀକା ଗୋଟିଏ ମାତ୍ରା (୦.୫ ମିଲି) ବାମ ହାତର ଉପରି ଭାଗରେ ମାଂସପେଶୀରେ ଦିଆଯାଏ। ଏହି ଗୋଟିଏ ଡୋଜ/ ମାତ୍ରା ଯଥେଷ୍ଟ ସୁରକ୍ଷା ପ୍ରଦାନ କରେ।
- ବର୍ତ୍ତମାନ ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯାଉଛି (ଯେଉଁମାନଙ୍କୁ ୧୪ ପୁରିଛି କିନ୍ତୁ ୧୫ ପୁରିନାହିଁ)।
- ଟୀକା ନେବାପରେ କିଶୋରୀଙ୍କୁ ୩୦ ମିନିଟ୍ ଟୀକାଦାନ କେନ୍ଦ୍ରରେ ପର୍ଯ୍ୟବେକ୍ଷଣରେ ରଖିବା ଦରକାର। ଟୀକା ନେବା ପରେ ସାମାନ୍ୟ କଷ୍ଟ ବା ଜ୍ୱର ହେବା ସ୍ୱାଭାବିକ, ଯାହା ୨-୩ ଦିନରେ ଭଲ ହୋଇଯାଏ। ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ।
- ଯଦି ଜଣେ କିଶୋରୀ ପୂର୍ବରୁ ଯେକୌଣସି ଏଚ୍.ପି.ଭି ଟୀକା ନେଇଛନ୍ତି, ତେବେ ତାଙ୍କୁ ଏହି ଅଭିଯାନରେ ପୁଣି ଥରେ ଟୀକା ନେବାର ଆବଶ୍ୟକତା ନାହିଁ। ସେ ପୂର୍ବରୁ ହିଁ ସୁରକ୍ଷିତ ଅଛନ୍ତି।

**ଏହି ଟୀକା ୧୪ ବର୍ଷ ବୟସର ସମସ୍ତ କିଶୋରୀଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।**
#UWIN
Scan and Join
ଆପଣଙ୍କ କିଶୋରୀର ଏଚ୍.ପି.ଭି. ଟୀକାକରଣ ପାଇଁ U-WIN ପୋର୍ଟାଲ୍ରେ ପଞ୍ଜିକରଣ କରାନ୍ତୁ।
Visit https://uwin.mohfw.gov.in/home
ଅଧିକ ସୂଚନା ପାଇଁ ଆପଣଙ୍କର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ/ଆଶାକର୍ମୀ/ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।
OIPR-10001/10003/2/26-27/0011
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କଳାକାର ସମ୍ମାନ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶୀ ସଂଗୀତ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଷଣ୍ଢପୁର ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: କୁଣ୍ଡେଳେଶ୍ୱର ମହାଦେବଙ୍କ ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସକାଳ ୮ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ ପକ୍ଷରୁ ସୁସ୍ଥ ସମୃଦ୍ଧ ସମାଜ ପାଇଁ ରାଜନୀତିରେ ଆଧ୍ୟାତ୍ମିକତା ଆଲୋଚନାଚକ୍ର, ସ୍ଥାନ: ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ଧର୍ମଶାଳା ପରିସର, ଜଟଣୀ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ : ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ ଟା।
- ବିଶ୍ୱ ହାସ୍ୟ ଦିବସ, ସ୍ଥାନ : ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- କୀର୍ତ୍ତନ ମଣ୍ଡପ ଉଦ୍‌ଘାଟନ ଓ କଳସ ଶୋଭାଯାତ୍ରା, ସ୍ଥାନ:ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ଶ୍ୟାମରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନରସିଂହପୁର, ବାଲିଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ବୈଶାଖୀ ମେଳାର ୮ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଆମେ ୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: କଚେରୀ ରୋଡ୍ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ଶ୍ୱେତପଦ୍ମା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ, ସ୍ଥାନ:କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ।
- ଖବରଦାତା ସମ୍ମିଳନୀ, ସ୍ଥାନ: ଆନ୍ଧ୍ର ମହିଳା ସମାଜ, ଗିରି ମାର୍କେଟ ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ହସ ଦିବସ, ସ୍ଥାନ: ଗେଟ୍‌ବଜାର ଏନଜିଓ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଶ୍ରୀଶ୍ରୀ ରଘନାଥଜୀଉ ସଙ୍ଗୀତ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର, ସ୍ଥାନ: ଗୋପହାଟ, କେନ୍ଦ୍ରାପଡା ସହର, ସମୟ: ସକାଳ ୭ଟା ।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ପ୍ରବଚନ, ସ୍ଥାନ:ମହୀପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।
- କୈବର୍ତ୍ତ ମହାସଭାର ଚୈତ୍ର ଉତ୍ସବ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା ।

## ଯାଜପୁର
- ମା' ତାରିଣୀଙ୍କ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବ୍ରହ୍ମବରଦା ତାରିଣୀ ଛକ, ସମୟ: ସକାଳ ୬ଟା।
- ସାପ୍ତାହିକ ବୁଦ୍ଧ ଜୟନ୍ତୀ ସମାରୋହ, ସ୍ଥାନ : କାମେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶ୍ରୀଦାରୁ ଛେଦନ ଉତ୍ସବ, ସ୍ଥାନ: ସୁକିନ୍ଦା ବ୍ଲକ ଡୁବୁରୀ କପିଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୪୫।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା ।
- ଚନ୍ଦନ ଯାତ୍ରାର ଚତୁର୍ଦ୍ଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଉଦ୍‌ଯାପନ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ଅପରାହ୍ନ ୪ଟା ।

## କୋରାପୁଟ
- ଓଡ଼ିଶା ସେଲସ ରିପ୍ରେଜେଟିଭ ୟୁନିଟ ସମ୍ମିଳନୀ, ସ୍ଥାନ: ଶ୍ରମିକ କର୍ମଚାରୀ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିଟ୍(ୟୁଜି)୨୦୨୬ ପରୀକ୍ଷା, ସ୍ଥାନ: ଭିଡି କଲେଜ, ଜୟପୁର, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ଜିଲା ଶାଖାର ପ୍ରମୁଖ ଜନସଂଗୋଷ୍ଠୀ, ସ୍ଥାନ: ଜେସିଏନ୍ କମ୍ପର୍ଟସ, ଜୟପୁର, ସମୟ: ଅପରାହ୍ନ ୫ଟା ୩୦।

## ସମ୍ବଲପୁର
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ କ୍ରୀଡା ସଙ୍ଗଠକ ବିଶ୍ୱମ୍ଭର ବହିଦାରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ସମ୍ବଲପୁର ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କ୍ଷେତରାଜପୁର କେଶବ ତରୁଣ ବ୍ୟବସାୟୀ ଶାଖା ପକ୍ଷରୁ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ମାରୱାଡି ଧର୍ମଶାଳା ସଭାକକ୍ଷ, ସମୟ: ସକାଳ ୯ଟା।

## ବଲାଙ୍ଗୀର
- ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା
- ଯୋଗ ମହୋତ୍ସବ ଆରମ୍ଭ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ପ୍ରାତଃ ୫ଟା ୩୦।
- ଗ୍ରୀଷ୍ମକାଳୀନ ତାଲିମ ଶିବିର, ସ୍ଥାନ: ଉଦିତନଗର ମିନି ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୪୫।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ଅପରାହ୍ନ ୫ଟା।
- ୪୯ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୮ମ ଦିବସ, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା
- ନୃତ୍ୟାଞ୍ଜଳୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର,ସମୟ: ସଂଧ୍ୟା ୬ଟା ୩୦।

## ବରଗଡ଼
- ବରଗଡ଼ ଜିଲା ପ୍ରିମିୟର ଲିଗ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ତୁର୍କେଲ ବ୍ରିଜ ନିର୍ମାଣ ଦାବିରେ କଂଗ୍ରେସର ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ସକାଳ ୯ଟା।
- ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ହୋଟେଲ ଭାଗୀରଥି ଇନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ନାରଦ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ସଂସ୍କୃତି ଭବନ, ବାପୁଜୀ ନଗର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଦିନିକିଆ ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ତରଭାକୁ ଉପଖଣ୍ଡ ମାନ୍ୟତା ଦାବିରେ ବ୍ୟବସାୟୀ ସଂଘ ପକ୍ଷରୁ ବୈଠକ, ସ୍ଥାନ: ତରଭା ଏନ୍‌ଏସି ପାଠାଗାର, ସମୟ: ସନ୍ଧ୍ୟା ୫ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ୱର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ପ୍ରାତଃ ୪ଟା ୩୫ ।
- ଶ୍ରୀପିପଲେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ପୂଜାରମ୍ଭ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋତମା ବସ୍ତି ପୋଖରି ହୁଡା (ଖରିଆର ରୋଡ), ସମୟ: ସକାଳ ୮ ଟା ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ସକାଳ ୮ଟା ୧୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣାହୁତି, ନଗର ପରିକ୍ରମା ଓ ଧର୍ମସଭା, ସ୍ଥାନ: ବ୍ରାହ୍ମଣ ପଡ଼ା ୱାର୍ଡ ନଂ.୧୨ ଖଡିଆଳ, ସମୟ: ସକାଳ ୮ଟା ୩୦ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣାହୂତି ଓ ନଗର ପରିକ୍ରମା, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୫ ।
- ଏବିଭିପି ନୂଆପଡା ପକ୍ଷରୁ ସ୍ୱତନ୍ତ୍ର କ୍ୟାରିୟର ମାର୍ଗଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣାହୁତି ଓ କଳସ ବିସର୍ଜନ, ସ୍ଥାନ: କୋମନା ବ୍ଲକ ଇଚ୍ଛାପୁର ଗାଁ, ସମୟ: ସକାଳ ୯ଟା ।
- ଜିଲା ଯାଦବ ସମାଜ ପକ୍ଷରୁ ବୈଶାଖ ମେଳା ଓ ମନ୍ଦିର ପ୍ରଷ୍ଠିତା ଦିବସ ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଅଖଣ୍ଡ ଷୋହଳ ପ୍ରହର ମହାମନ୍ତ୍ର ନାମଯଜ୍ଞ ପୂର୍ଣାହୁତି, ସ୍ଥାନ: କୋମନା ବ୍ଲକ ଖମବାହୀ ଗାଁ, ସମୟ: ପୂର୍ବାହ୍ନ ୧୧ଟା ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ଅପରାହ୍ନ ୪ଟା ୫୫ ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ଜାଣି ଦେଉଳ ଦୋଷ,**
**ଦେଉଳ ଯାଇଛି ଅଢ଼େଇ କୋଶ।**

ବାଟ ଚାଲି କରି ଦେଉଳକୁ ଯାଇପାରୁ ନ ଥିବା ବ୍ୟକ୍ତି ଦେଉଳ ଥରକୁ ଥର ଘୁଞ୍ଚି ଯାଉଥିବା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ସେରକ କେତେ**
**ନା ମୁଁ ମଠରେ ଖାଉଛି**
**ସଉପ ଖଣ୍ଡକ କେତେ**
**ନା ମୁଁ ଖଟରେ ଶୋଉଛି।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ୍ ବୁଝିବା ଆବଶ୍ୟକ ପଡ଼ି ନ ଥାଏ। ସେହିପରି ମାଗଣାରେ ଖାଉଥିବା ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅବଶିଷ୍ଟାଂଶ

## ୮ ମଧ୍ୟସ୍ଥଙ୍କ ବିରୋଧରେ...

ହାଜର ପାଇଁ ବାରମ୍ବାର ନୋଟିସ୍ କରାଯାଇଥିଲେ ସୁଦ୍ଧା ସେମାନେ ଏହାକୁ ଅଣଦେଖା କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ୨୦୨୫ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପରୀକ୍ଷା ପୂର୍ବରୁ ଏଥିରେ ବଡ଼ କେଳେଙ୍କାରି ଧରାପଡିଥିଲା। ପରୀକ୍ଷା ପରିଚାଳନାର ସମସ୍ତ ପ୍ରମୁଖ କାର୍ଯ୍ୟ ଯେପରିକି ପ୍ରଶ୍ନପତ୍ର ପ୍ରସ୍ତୁତି ଏବଂ ମୁଦ୍ରଣ ଜାତୀୟସ୍ତରୀୟ ସଂସ୍ଥା ଆଇଟିଆଇ ଲିମିଟେଡ୍‌କୁ ଦିଆଯାଇଥିଲା। ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା ଦାୟିତ୍ୱ ସିଲିକନ ଭଳି ଠିକାସଂସ୍ଥାକୁ ଦେଇଥିଲା। ଫଳରେ ଜାଲିଆତି ପାଇଁ ବଡ଼ ସୁଯୋଗ ଦିଆଯାଇଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଠିକାସଂସ୍ଥା ହାତେଇ ନେବା ସହ ମଧ୍ୟସ୍ଥଙ୍କ ଜରିଆରେ ରାଜ୍ୟର ୫ରୁ ୬ ଶହ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ପରୀକ୍ଷା ପାଇଁ ଦୀଘା, ବିଜୟନଗରମ୍ ଓ ଆନ୍ଧ୍ରପ୍ରଦେଶକୁ ଆଗୁଆ ତାଲିମ ପାଇଁ ନିଆଯାଇଥିଲା। ଇତିମଧ୍ୟରେ ଏହି ଜାଲିଆତିରେ ମୋଟ ୧୩୩ଜଣ ଗିରଫ ହୋଇଥିବାବେଳେ ୧୧୪ ପରୀକ୍ଷାର୍ଥୀଙ୍କୁ ଜାମିନ ମିଳିଛି। ଏହାସହିତ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଜାଲିଆତି ଲିଙ୍କ୍‌ରେ ଗତ ଜାନୁଆରୀ ୧ରେ ସିବିଆଇର ଏକ ଟିମ୍ ଭୁବନେଶ୍ୱର ତମାଣ୍ଡୋରେ ଥିବା ଅଭିଯୁକ୍ତ ଟି. ବିକାଶ ରଞ୍ଜନ ପାତ୍ରଙ୍କ ଘରେ ଚଢାଉ କରିଥିଲା। ସେଠାରୁ ୩୭୦ଟି ସିମ୍ କାର୍ଡ, ୪୧୪ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ, ବିପୁଳ ବ୍ୟାଙ୍କ ପାସବୁକ୍, ଆଧାରକାର୍ଡ, ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଜବତ ହୋଇଥିଲା। ଜବତ ସମସ୍ତ ସାମଗ୍ରୀ ଫୋରେନସିକ୍ ଲାବ୍‌କୁ ପଠାଯାଇଛି। ଅନ୍ୟପଟେ ଉଭୟ ପରୀକ୍ଷାର୍ଥୀ ଓ ଦଲାଲଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବଡ଼ ନିଯୁକ୍ତି ଜାଲିଆତି ମାମଲା ହାଇକୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ବାତିଲ କରାଯାଇଥିଲା।



କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷାଫଳ ଘୋଷଣା କରିବା ସହ ପରିସଂଖ୍ୟାନ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମାଟ୍ରିକ୍ ପରୀକ୍ଷା...

୮,୩୬୪ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଓଡ଼ିଆ ଓ ଇଂଲିଶ ଉଭୟ ଭାଷାରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ବେହେରା, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଉପସ୍ଥିତ ଥିଲେ।

### ଜିଲାୱାରି ପାସ୍ ହାର

କଟକରେ ପାସ୍‌ହାର ୯୭.୨୨%, ଜଗତ୍‌ସିଂହପୁର ୯୭.୮୯%, ଯାଜପୁର ୯୪.୬୨%, କେନ୍ଦ୍ରାପଡ଼ା ୯୫.୯୭%, ରାୟଗଡ଼ା ୯୬.୫%, ମାଲକାନଗିରି ୯୫.୬୨%, ନବରଙ୍ଗପୁର ୯୭.୪%, ଅନୁଗୋଳ ୯୫.୫୫%, ଢେଙ୍କାନାଳ ୯୪.୫୩%, ପୁରୀ ୯୬.୮%, ଖୋର୍ଦ୍ଧା ୯୭.୧୭%, ନୟାଗଡ଼ ୯୬.୬୮%, ବାଲେଶ୍ୱର ୯୭.୭୧%, ଭଦ୍ରକ ୯୬.୦୧%, କୋରାପୁଟ ୯୬.୫୮%, ମୟୂରଭଞ୍ଜ ୯୭.୫୨%, ଗଞ୍ଜାମ ୯୮.୨୫%, ବୌଦ୍ଧ ୯୫.୫୮%, କନ୍ଧମାଳ ୯୮.୧୭%, କଳାହାଣ୍ଡି ୯୭.୮୬%, ନୂଆପଡ଼ା ୯୭.୮୭%, ବରଗଡ଼ ୯୬.୪୧%, ସମ୍ବଲପୁର ୯୭.୭୯%, ଦେବଗଡ଼ ୯୬.୨୬%, ଝାରସୁଗୁଡ଼ା ୯୭.୮୯%, ବଲାଙ୍ଗୀର ୯୬.୬୮%, ସୋନପୁର ୯୬.୨୧%, ସୁନ୍ଦରଗଡ଼ ୯୭.୪୮% ରହିଛି।

### ୧୧ରୁ ରିଚେକିଂ ଆବେଦନ

ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ମଧ୍ୟରେ ସମୟ ଦିଆଯାଇଛି। ଅନ୍‌ଲାଇନ ମାଧ୍ୟମରେ ମାଟ୍ରିକ୍ ପରୀକ୍ଷାର୍ଥୀ ଆବେଦନ କରିପାରିବେ।

### ୮ରୁ ସପ୍ଲିମେଣ୍ଟାରି ଫର୍ମ ପୂରଣ

କୌଣସି କାରଣରୁ ଚଳିତ ମାଟ୍ରିକ ରେଗୁଲାର ପରୀକ୍ଷା ଦେଇପାରି ନ ଥିବା କିମ୍ବା ଚଳିତ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସପ୍ଲିମେଣ୍ଟାରି ପରୀକ୍ଷା ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଏହି ଛାତ୍ରୀଛାତ୍ରମାନେ ମେ' ୮ରୁ ୧୮ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସପ୍ଲିମେଣ୍ଟାରି ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ।

### ପରୀକ୍ଷାଫଳ ଶୂନ ସ୍କୁଲର ତର୍ଜମା କରାଯିବ

ଚଳିତ ମାଟ୍ରିକ୍ ପରୀକ୍ଷାରେ ୩ଟି ହାଇସ୍କୁଲର ପରୀକ୍ଷାଫଳ ଶୂନ ହୋଇଥିବାରୁ ଏହାର ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶୂନ ହାଇସ୍କୁଲଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଗୋଟିଏ ବିଦ୍ୟାଳୟ ରହିଛି, ଯାହାର ୧୦ଜଣ ଛାତ୍ରୀଛାତ୍ର ଥିବା ବେଳେ ୪ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଢେଙ୍କାନାଳ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବାବେଳେ ଜଣେ ପରୀକ୍ଷା ଦେଇଥିଲେ। ଏଥିସହ ପୁରୀ ଜିଲାର ଏକ ବିଦ୍ୟାଳୟ ରହିଛି, ଯାହାର ୪ଜଣ ଛାତ୍ରୀଛାତ୍ର ଥିବା ବେଳେ ୩ଜଣ ପରୀକ୍ଷା ଦେଇଥିଲେ।

### ମଧ୍ୟମାରେ ପାସ୍ ହାର ୮୭.୩%

କଟକ,୨।୫(କାର୍ତ୍ତିକ ସାହୁ)

ଚଳିତବର୍ଷ ମଧ୍ୟମା ପରୀକ୍ଷାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ପାସ୍‌ହାର ୮୭.୩% ହୋଇଛି। ମଧ୍ୟମା ପରୀକ୍ଷା ପାଇଁ ରାଜ୍ୟରେ ଏଥର ୩,୩୫୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨,୯୮୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୭୬ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୨,୯୩୧ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ୮୧, ବି-୧ ଗ୍ରେଡ୍‌ରେ ୧୦୨୦, ବି-୨ ଗ୍ରେଡ୍‌ରେ ୧୧୭୪, ସି ଗ୍ରେଡ୍‌ରେ ୬୫୦, ଡି ଗ୍ରେଡ୍‌ରେ ୫, ଇ ଗ୍ରେଡ୍‌ରେ ଜଣେ ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ତାରିଖ ସମୟ ଦିଆଯାଇଛି।

### ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୨%

ଚଳିତବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାସ୍‌ହାର ୫୯.୮୨% ରହିଛି। ଏହି ପରୀକ୍ଷା ପାଇଁ ରାଜ୍ୟରେ ଏଥର ୧୨,୩୭୮ଜଣ ରେଗୁଲାର୍ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୦,୦୪୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୩୩୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୭,୪୦୫ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୨, ଏ-୨ ଗ୍ରେଡ୍‌ରେ ୨, ବି-୧ ଗ୍ରେଡ୍‌ରେ ୯୯, ବି-୨ ଗ୍ରେଡ୍‌ରେ ୮୦୫, ସି ଗ୍ରେଡ୍‌ରେ ୧୬୩୨, ଡି ଗ୍ରେଡ୍‌ରେ ୨୪୭୬, ଇ ଗ୍ରେଡ୍‌ରେ ୨୩୯୧ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ରିଚେକିଂ ପାଇଁ ଅଫ୍‌ଲାଇନରେ ଆବେଦନ କରିପାରିବେ। ବୋର୍ଡ ପକ୍ଷରୁ ରିଚେକିଂ ଆବେଦନ ପାଇଁ ମେ' ୧୧ରୁ ୨୨ ସମୟ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମାଜିକ ସ୍ତରରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ହାତରେ ଥିବା କାମକୁ ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନ, ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ସାହିତ୍ୟ, ସଂସ୍କୃତିର ଆଦର କରିବା ସାଙ୍ଗକୁ ସାହିତ୍ୟକୃତିରୁ ପ୍ରଶଂସିତ ହେବେ।

**ବୃଷ** ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ବନ୍ଧୁମାନଙ୍କ ପରାମର୍ଶରେ ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା ସମୟରେ ଜିନିଷ ହଜାଇ ଦେଇ ପାରନ୍ତି।

**ମିଥୁନ** ଅନ୍ତରଙ୍ଗ ବନ୍ଧୁଙ୍କ ଘରୋଇ କାମରେ ଖୁସି ମିଜାଜରେ କାମ କରିବାର ସୁଯୋଗ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବାର ସୂଚନା ରହିଛି। ଆଜି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ, ଗବେଷଣାରେ, ଲେଖାପଢ଼ାରେ ଅଗ୍ରଗତି ଘଟିବାର ଆଶା ରହିଛି।

**କର୍କଟ** ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପରୋକ୍ଷ ଭାବରେ ମିଥ୍ୟା ଅଭିଯୋଗ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆବଶ୍ୟକତାନୁଯାୟୀ ଋଣ ସୂତ୍ରରେ ଅର୍ଥଲାଭ କରି କୌଣସି ନୂତନ କର୍ମାରମ୍ଭର ଯୋଜନା କରିବେ। ନୂତନ ଗୃହୋପଯୋଗୀ ଜମିଜମା କ୍ରୟ କରିବା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ।

**ସିଂହ** ପାରିବାରିକ ସ୍ତରରେ କିଛିନା କିଛି ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ ଓ ଏଜେନ୍‌ସିପ୍ରରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମାଲିମକଦ୍ଦମା ଓ ପରିବହନରେ ସମସ୍ୟାଜନିତ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**କନ୍ୟା** ପରିବାରରେ ଆର୍ଥିକ ଅନଟନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟକୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବାଣିଜ୍ୟ, ପରିବହନ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା** ପରିବାରର ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଆକସ୍ମିକ ଭାବରେ ସରକାରୀ ସ୍ତରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଅଯଥା ବିବ୍ରତ ହୋଇ ତରବରିଆ ଭାବେ କାମ କଲେ ସବୁ ଓଲଟପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ। ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** ପରିସ୍ଥିତି ପ୍ରଭାବରେ ଅଫିସିଆଲି କାମରେ ଟେନସନ୍ ବଢ଼ିଯାଇପାରେ। ପାରିବାରିକ ସ୍ତରରେ ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ, କିନ୍ତୁ ଆର୍ଥିକ ଉନ୍ନତି ଚିନ୍ତାପ୍ରଦ ରହିବ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ମକର** ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ। କ୍ରନିକ୍ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଅନୁତପ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି।

**ମୀନ** ଆଜି ଆପଣ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବାର ସୂଚନା ରହିଛି। ବନ୍ଧୁମାନଙ୍କ ସହିତ ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର), ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ବିବାହ ପାଣିଗ୍ରହଣ, ବ୍ରତୋପନୟନ ଏବଂ ଜଳାଶୟ ଖନନ ପାଇଁ ଶୁଭଦିନ, ଦିବା ଘ.୦୫।୨୦ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୧ ଗତେ ଘ.୦୬।୦୬ ମଧ୍ୟେ ରାହୁକାଳ।




# ପିଏମ୍‌ଜିଏସ୍‌ୱାଇ-୪ରେ ୮ ଜିଲାକୁ ମିଳିବ ୧୭୦୦ କୋଟି: ମୁଖ୍ୟମନ୍ତ୍ରୀ

## ପ୍ରତି କୃଷି ଗ୍ରାମକୁ 'ବିହନ ଗ୍ରାମ'ରେ ଗଢ଼ି ତୋଳିବାକୁ ଇଚ୍ଛା ଅଛି: ଶିବରାଜ

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୪ର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-ଆଇଭି)ର ଶୁଭାରମ୍ଭ ହୋଇଛି। ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ ଜିଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କି.ମି. ପକ୍କାରାସ୍ତା ନିର୍ମାଣ କରାଯିବ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହିତ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ ଜିଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କାରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କି.ମି. ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ; ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଶୁଭ ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି। ଏହାସହିତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶିବରାଜଙ୍କ ଓଡ଼ିଶା ପ୍ରୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ା ଓ ମାଲକାନଗିରି ଜିଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲାର ବହୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କୋଲନରା, ମୁନିଗୁଡ଼ା ଓ ରାୟଗଡ଼ା ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି; ଯଦ୍ୱାରା ୯୮ଟି ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶୀପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ କହିଛନ୍ତି, ସରକାର କେବଳ ପ୍ରତ୍ୟେକ ଗ୍ରାମକୁ ସଡ଼କ ପଥରେ ଯୋଡ଼ିବା ପାଇଁ ଆସିନାହାନ୍ତି। ପ୍ରତିଟି ହୃଦୟ ସହ ଯୋଡ଼ିହେବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ଲାଗି କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା କରିବେ। ଓଡ଼ିଶାର ପ୍ରତ୍ୟେକ କୃଷି ଗ୍ରାମକୁ ଏକ ବିହନ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ରହିଛି ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକଳ୍ପ ୪ର୍ଥ ପର୍ଯ୍ୟାୟରେ ପହଞ୍ଚିସାରିଛି। ଗାଁର କିପରି ବିକାଶ ହେବ ସେଥିନେଇ ଅନେକ ଯୋଜନା ହାତକୁ ନିଆଯିବା ସହିତ ଏହାର ସଫଳ ରୂପାୟନ ଦିଗରେ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗୋ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ, ରାୟଗଡ଼ା ଜିଲାପାଳ କୁଳକର୍ଣ୍ଣି ଆଶୁତୋଷ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶିକା ରୀନା ନାଗର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଜଣେ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଅମୃତ ୨.୦ କାର୍ଯ୍ୟକାରିତାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

## ସହରାଞ୍ଚଳ ଜଳ ବିପ୍ଳବ ପାଇଁ ସରକାରଙ୍କ ଦୃଢ଼ ନେତୃତ୍ୱକୁ ଶ୍ରେୟ ଦେଲେ ମନ୍ତ୍ରୀ

**ଭୁବନେଶ୍ୱର,୨।୫(ବନ୍ଦନା ସେଠୀ)**

ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ହେଉଛି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଞ୍ଚଳ ଜଳ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତ୍ରସ୍ତରରେ ସଫଳତା ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଏବଂ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି। ରାଜ୍ୟରେ ୪୩ ଏମ.ଏଲ.ଡି କ୍ଷମତା ବିଶିଷ୍ଟ ୭ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪x୭ ଜଳଯୋଗାଣ ବ୍ୟବସ୍ଥା ଏବଂ ୨.୭ଲକ୍ଷରୁ ଅଧିକ ପରିବାରକୁ ପାଇପ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ସରକାରଙ୍କ ସମାବେଶୀ ଆଭିମୁଖ୍ୟ 'ଅମୃତ ମିତ୍ର' ଏବଂ 'ୱିମେନ ଫର୍ ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। ସେହିପରି 'କ୍ରେଡିଟ ଏନ୍‌ହାନ୍ସମେଣ୍ଟ ଇନ୍‌ସିଏଟିଭ' ଅଧୀନରେ ଛୋଟ ସହରାଞ୍ଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଞ୍ଚଟି ବୃହତ ଭିତ୍ତିଭୂମି ପ୍ରକଳ୍ପ ଦାଖଲ କରାଯାଇଥିବା ସୂଚନା ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ସଫଳତା ସହରୀ ଓଡ଼ିଶାକୁ ଦ୍ରୁତ, ବ୍ୟାପକ ଏବଂ ସ୍ଥାୟୀ ଭାବେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯୋଜନା କାର୍ଯ୍ୟକାରୀ କରିବା ସହ ସାମଗ୍ରିକ ସହରାଞ୍ଚଳ ଜଳ ବିପ୍ଳବ ଅଣାଯାଉଛି, ଯାହା ପ୍ରତିଟି ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ନିଶ୍ଚିତ କରୁଛି।

### ବ୍ୟାଙ୍କକୁ ଭଉଣୀଙ୍କ କଙ୍କାଳ ବୋହିନେବା ଘଟଣା

# ସୀତାରାମନଙ୍କୁ ଚିଠି ଲେଖିଲେ ନବୀନ

## ଚିଠି, ଗଣମାଧ୍ୟମରେ ବିବୃତି ଛଡ଼ା କିଛି କରିପାରିବେନାହିଁ: ହରିଚନ୍ଦନ

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ଜମା ଟଙ୍କା ପାଇବା ପାଇଁ ବ୍ୟାଙ୍କକୁ ନିଜ ଭଉଣୀଙ୍କ କଙ୍କାଳ ଧରି ଯାଇଥିବା କେନ୍ଦୁଝର ଜିଲାର ଜିତୁ ମୁଣ୍ଡାଙ୍କ ବିଷୟ ବର୍ତ୍ତମାନ ଦେଶ ଭିତରେ ଏବଂ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆଲୋଚନା ସମୟରେ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା କଥା ଉଠାଇ ସରକାରକୁ ଘେରିଥିଲେ। ଏହି ବିଷୟ ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିବା ପରେ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେନ୍ଦୁଝର ଜିଲା ମାଲିପୋଷୀ ସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଗତ ୨୭ ତାରିଖରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ବ୍ୟାଙ୍କରେ ଥିବା କିଛି ଟଙ୍କା ନେବା ଲାଗି ତାଙ୍କ ମୃତ ଭଉଣୀଙ୍କ କଙ୍କାଳ ବୋହିକି ଆଣିବାକୁ ବାଧ୍ୟ ହେଲେ। ନିଜ ଅର୍ଥ ଉଠାଇବା ଲାଗି ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଶେଷରେ ବିଫଳ ହେବାପରେ ସେ ଏହା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଆର୍‌ବିଆଇ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ କାର୍ଯ୍ୟ କରିଛନ୍ତି। ଗଣତନ୍ତ୍ରରେ ନାଗରିକଙ୍କୁ ସଶକ୍ତ କରିବାକୁ ନିୟମ ରଖାଯାଇଛି, କାହାକୁ ଅପମାନ କରିବାକୁ ନୁହେଁ। ଏହି ଘଟଣା ଓଡ଼ିଶାବାସୀଙ୍କ ମନରେ ଆଘାତ ଦେଇଛି। ଏହାବ୍ୟତୀତ ଅନ୍ତର୍ଜାତୀୟ ଗଣମାଧ୍ୟମ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସିରେ ପ୍ରକାଶ ପାଇଛି। ଏଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ନାଗରିକ କୈନ୍ଦ୍ରିକ ସେବା କ୍ଷେତ୍ରରେ ବହୁ ପରିମାଣରେ ସହାୟକ ହେବ। ଆଦିବାସୀ ବହୁଳ ଜିଲାଗୁଡିକରେ ବ୍ୟାଙ୍କ କର୍ତ୍ତୃପକ୍ଷ ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପଲବ୍ଧ କରିବା ଦରକାର। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏକ ସ୍ପଷ୍ଟ ବାର୍ତ୍ତା ଯିବ, ଯଦ୍ୱାରା ଗ୍ରାମାଞ୍ଚଳ ବ୍ୟାଙ୍କଗୁଡ଼ିକରେ ନାଗରିକଙ୍କୁ ଉଚିତ ସେବା ମିଳିପାରିବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏହି ଚିଠି ପରେ ତାଙ୍କ ଉପରେ ପାଲଟା ବର୍ଷିଛି ଭାଜପା। ଭାଜପାର ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ନେତାଙ୍କ ପାଖରେ ଚିଠି ଲେଖିବା ଛଡ଼ା ଏବଂ ଗଣମାଧ୍ୟମରେ କଥା କହିବା ବ୍ୟତୀତ ଆଉ କିଛି କରିପାରିବେ ନାହିଁ। ସେମାନେ ଚିଠି ଲେଖନ୍ତୁ , ଯାହା ଲୋକଙ୍କ ପାଇଁ ଭଲ ପଦକ୍ଷେପ ନିଆଯିବା କଥା ସେହି କାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରୁଛନ୍ତି। ଦାନ ମାଝୀ ଘଟଣା ସମୟରେ ନବୀନ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ କ'ଣ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଯାହା କରିବା କଥା କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାନ ମାଝୀ ଘଟଣାରେ ତତ୍କାଳୀନ ସରକାରଙ୍କ ସମ୍ପୂର୍ଣ୍ଣ ଭୁଲ୍ ଥିଲା। ସେହି ସମୟରେ କାହାକୁ ନବୀନ ଚିଠି ଲେଖିଥିଲେ। ଜିତୁ ମୁଣ୍ଡାଙ୍କ ଘଟଣାରେ ଯାହା ପଦକ୍ଷେପ ନେବା କଥା ସରକାର ସଙ୍ଗେ ସଙ୍ଗେ କରିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

ADITYA BIRLA
HINDALCO
JOIN THE TEAM

**DIPLOMA TRAINEES/DIPLOMA ENGINEERS REQUIRED**

Leading Aluminium Manufacturing Company, **Hindalco Industries Limited**, is inviting applications from eligible Diploma candidates, domiciled in Odisha in the following categories for its manufacturing plants and projects in Sambalpur Cluster, Odisha

**Category-1-**2025 Pass out Batch/2026 Passing out Batch (subject to fulfilling the desired criteria)

**Category-2-**Early career professionals (1-4 years relevant industry experience only)

**Specialization: Mech/Elec/Elect & Inst/Metallurgy/Chem**

**Criteria:** Minimum 60% aggregate marks (or equivalent CGPA, as per the issuing institution's conversion norms) in 10th standard and Diploma. (3 years full time Diploma from recognized Polytechnics/Institutes), Hindalco reserves the right to assess equivalence of CGPA/Percentage.

**Age:**Up to 25 years (relaxable for candidates with relevant experience, as per company policy and applicable law)

Candidates with relevant experience and matching criteria may send their CV to

**hindalco.hiring@adityabirla.com**

**Last date of Application 12th May 2026**

Applications submitted through any other mode will not be accepted. Only shortlisted candidates will be contacted for further rounds. Incomplete applications or those not meeting eligibility criteria will be rejected.

**Important Notes:**

- Selection would be through written test (domain knowledge and aptitude) followed by personal interview.
- Final selection will be subject to medical fitness and background verification, carried out in accordance with applicable law and with the candidate's consent. Personal data submitted by candidates will be processed solely for recruitment purposes, in accordance with applicable data protection laws.
- By applying, candidates consent to the processing of their personal data for recruitment-related purposes.
- The Company reserves the right to modify, cancel or withdraw this recruitment process, in whole or in part, without assigning any reason.
- Hindalco does not charge any fees at any stage of the recruitment process.
- Engagement, designation and terms (including trainee / probationary status, if any) will be governed by the appointment letter and as per company norms.
- Hindalco is an equal opportunity employer.

# ମହାନଦୀରେ ଜଳ ସଂରକ୍ଷଣ ରିପୋର୍ଟ ଦେଲେ ୨ ରାଜ୍ୟ

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

- ଗତ ୮ ତାରିଖ ଶୁଣାଣି ବେଳେ ରିପୋର୍ଟକୁ ନେଇ ଅସହମତି ପ୍ରକାଶ ପାଇଥିଲା
- ୩୦ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି

ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଅନୁଷ୍ଠିତ ଟ୍ରିବ୍ୟୁନାଲରେ ଦୁଇ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ର ଉଦ୍ୟମକୁ ପ୍ରଶଂସା କରାଯାଇଛି। ଗତ ୮ ତାରିଖରେ ଅନୁଷ୍ଠିତ ଟ୍ରିବ୍ୟୁନାଲରେ ମହାନାଦୀ ବେସିନ୍‌ରେ କେତେ ପାଣି ସଂରକ୍ଷିତ ହୋଇ ରହିଛି ତା'ର ରିପୋର୍ଟକୁ ନେଇ ଉଭୟ ରାଜ୍ୟ ଭିତରେ ସାମାନ୍ୟ ଅସହମତି ପ୍ରକାଶ ପାଇଥିଲା। ଏହାପରେ ଗତ ୨୪ ତାରିଖରେ ମହାନାଦୀରେ କେତେ ଜଳ ସଂରକ୍ଷିତ ରହୁଛି ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ରାଜ୍ୟର ବୈଷୟିକ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ୨ ରାଜ୍ୟର ଇଞ୍ଜିନିୟର ଇନ୍ ଚିଫ୍ ଦସ୍ତଖତକରି ମହାନଦୀରେ କେତେ ଜଳ ସଂରକ୍ଷିତ ରହୁଛି ତା'ର ରିପୋର୍ଟ ଶନିବାର ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ୨ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସେହି ରିପୋର୍ଟକୁ ଅନୁମୋଦନ ଦେଇଛନ୍ତି ବୋଲି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ରିପୋର୍ଟ ଦାଖଲ ହେବା ପରେ ୨ରାଜ୍ୟ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦର ସମାଧାନ ବାଟ ଖୋଲିଛି। ୨ ରାଜ୍ୟ ଭିତରେ ଜଳ ବଣ୍ଟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୁପ୍ରିମକୋର୍ଟରେ ଜଳ ବଣ୍ଟନକୁ ନେଇ ଅନେକ ଶୁଣାଣି ରହିଛି। ତାକୁ ଆଧାରକରି ଏହି କାର୍ଯ୍ୟ କରାଯିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗ ଦୀର୍ଘଦିନର ସମସ୍ୟା। ଗତ ସରକାର ଏହାର ସମାଧାନର ବାଟ ଖୋଜୁ ନ ଥିଲେ। ମାତ୍ର ଓଡ଼ିଶା ଓ ଛତିଶଗଡ଼ ସରକାର ଏବେ ଆପୋସ ସମାଧାନ ବାଟରେ ଯାଉଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏଥିଲାଗି ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ଦୁଇଟି ବୈଠକ ମଧ୍ୟ ବସିବ ବୋଲି ପୀତାମ୍ବର କହିଛନ୍ତି।






> ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। – ଶ୍ରୀଅରବିନ୍ଦ

# ପକ୍ଷପାତ ବିଚାର



**ଆକାର ପଟେଲ**

ଆପଣ ଯଦି ଜଣେ ସାଧାରଣ ବ୍ୟକ୍ତି, ତେବେ ଯେକୌଣସି ଦଳକୁ ସମର୍ଥନ କରିପାରିବେ ଏବଂ ଭୋଟ ଦେଇପାରିବେ। ଡିଏମ୍‌କେ, ଏଡିଏମ୍‌କେ, ଟିଡିପି, ଏନ୍‌ସିପି, ପିଡିପି, ଟିଏମ୍‌ସି, ଆଇଏନ୍‌ସି, ଜେଡି (ଏସ୍) ଏବଂ ଜେଡି (ୟୁ), ଏନ୍‌ସିପି, ଟିଆର୍‌ଏସ୍, ନୂଆ ଦଳ ଟିଭିକେ ଏବଂ ସିପିଏମ୍, ସିପିଆଇ ଇତ୍ୟାଦି ଦଳ ଅଛନ୍ତି। ଭିନ୍ନ ଭିନ୍ନ ବିଚାରକୁ ଗ୍ରହଣ କରୁଥିବା ଦଳର ମଧ୍ୟ ଅଭାବ ନାହିଁ। କିନ୍ତୁ ଯଦି ଭାରତୀୟ ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କ ପ୍ରତି ଧମକ ଏବଂ ଉତ୍ପୀଡ଼ନ ବିଷୟକୁ ନେଇ ଆପଣଙ୍କର ଆଗ୍ରହ ଥାଏ ତେବେ ଆପଣଙ୍କ ପସନ୍ଦର କେବଳ ଗୋଟିଏ ଦଳ ଅଛି ଏବଂ ତାହା ହେଉଛି ଭାଜପା। ଏହା ପକ୍ଷପାତି ଭାରତୀୟଙ୍କୁ ଏକାଠି କରେ। ସମ୍ପ୍ରତି ଗଣମାଧ୍ୟମ ସହିତ ଆଲୋଚନାରେ ଜଣେ ବିଶ୍ଳେଷକ ସମାନ କଥାକୁ ଭିନ୍ନ ଉପାୟରେ କହିଛନ୍ତି। ସେ ଭାଜପାର ଆହ୍ୱାନ ବିଷୟରେ କହିଛନ୍ତି, ''ଯାହାର ଦକ୍ଷିଣପନ୍ଥୀ ଚିନ୍ତାଧାରା ଅଛି ତାହାର ଗୋଟିଏ ଦଳ ଅଛି। ଅନ୍ୟପଟେ, ଏତେ ପ୍ରତିଯୋଗିତା ଅଛି ଯେ ସେହି ଭୋଟ ବିଭାଜିତ ହୋଇଯାଏ।'' କାହିଁକି ଏହା ହେଉଛି। କାରଣ ଏହା ସତ୍ୟ ଯେ, ଭାଜପା ଯାହା କରେ ସେହି କ୍ଷେତ୍ରରେ ତାହାର କୌଣସି ପ୍ରତିଯୋଗିତା ନାହିଁ। କାହିଁକି 'ଦକ୍ଷିଣପନ୍ଥୀ' ଏକ ଘୃଣା-ଆଧାରିତ ଶବ୍ଦ ତାହା କ୍ଷଣକରେ ଦେଖିପାରିବା। ପ୍ରଥମେ, ଭାଜପାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି ବୋଲି ସ୍ୱୀକାର କରିବା ପରେ ଆମକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ଯେ, ଏହା ଏକ ସରଳ ଏବଂ ବୋଧଗମ୍ୟ ସୂତ୍ର ପ୍ରଦାନ କରେ। 'ମୁଁ ମୁସଲମାନଙ୍କୁ ଘୃଣା କରେ' ମନ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ, ପ୍ରତ୍ୟକ୍ଷ ଏବଂ ପ୍ରଭାବଶାଳୀ। ଦଳ କ'ଣ ପ୍ରତିନିଧିତ୍ୱ କରୁଛି ତାହା ବୁଝିବା ପାଇଁ ଭୋଟରଙ୍କୁ ଇସ୍ତାହାର ଅନୁଧ୍ୟାନ କରିବା ଦରକାର ନାହିଁ। ଭାଜପା ଚିନ୍ତାଧାରାର ମୂଳ ହେଉଛି ସଂଖ୍ୟାଲଘୁ ବିରୋଧୀ। ଯଦି ଆପଣ ଏପରି କରୁଥିବା ଏକ ଦଳ ଖୋଜୁଛନ୍ତି, ତେବେ ଆପଣଙ୍କ ପାଖରେ ଏକ ଜାତୀୟସ୍ତରରେ ରହିଥିବା ଏବଂ ଏହି ପ୍ରସଙ୍ଗକୁ ଦଶନ୍ଧି ଧରି ପ୍ରଦର୍ଶନ କରିଥିବା ଦଳ ଅଛି। ତେବେ ଅନ୍ୟ ଏକ ଦଳ କାହିଁକି ଖୋଜିବେ? ଏହାର କୌଣସି ଆବଶ୍ୟକତା ନାହିଁ।

ପ୍ରଶ୍ନ ଉଠେ, ଭାଜପା କ'ଣ ଅନ୍ୟ ଏକ ଦଳଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରିବ ନାହିଁ? ଏହା ହୋଇପାରିବ ଏବଂ ନିଶ୍ଚିତ ହୋଇପାରେ। ତେବେ ଯେତେବେଳେ ଉତ୍ତରାଧିକାର ସଂଘର୍ଷ ଆରମ୍ଭ ହେବ ସେତେବେଳେ ଆମେ ସମ୍ଭବତଃ ତାହା ଦେଖିପାରିବା। ସଂଖ୍ୟାଲଘୁଙ୍କୁ ଘୃଣା କରିବାଠାରୁ ଆରମ୍ଭ କରି ସେମାନଙ୍କ ପ୍ରତି ହିଂସା ଆଚରଣ କରିବା ଭାଜପା ବିଚାରଧାରା ପରିସରଭୁକ୍ତ। ଏହା ହେଉଛି ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ଯେ ବାସ୍ତବରେ ଭାଜପାର ସଂଖ୍ୟାଲଘୁ ବିରୋଧୀ ଭାବନାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଦ୍ୱିତୀୟ କାରଣ ହେଉଛି, ଅନ୍ୟ ଦଳଗୁଡ଼ିକ ଭାଜପା ଯାହା ଉପରେ ଗୁରୁତ୍ୱ ଦିଏ ତାହା କରିବାକୁ ପସନ୍ଦ କରି ନ ଥାନ୍ତି। ଆମେ ଜାଣୁ ଭାରତରେ ଅନେକ ଦଳ ସାମ୍ପ୍ରଦାୟିକତାରେ ଲିପ୍ତ। କିନ୍ତୁ ସାମ୍ପ୍ରଦାୟିକତା ସେମାନଙ୍କ ରାଜନୀତି କିମ୍ବା ସେମାନଙ୍କ ପରିଚୟର କେନ୍ଦ୍ରରେ ନାହିଁ। ଭାଜପା ଏକମାତ୍ର ଦଳ ନୁହେଁ, ଯିଏ ବିଭାଜନ ଏବଂ ଘୃଣାରୁ ଲାଭ ପାଇଛି, କିନ୍ତୁ ଏହା ଏକମାତ୍ର ଦଳ, ଯିଏ ଏହାକୁ ନିଜର ବିଚାର ଭାବେ ଗ୍ରହଣ କରିଛି।

ଯେଉଁ ପ୍ରସଙ୍ଗଗୁଡ଼ିକ ଭାଜପାକୁ ସବୁଠାରୁ ବଡ଼ ଦଳ କରିଛି ସେସବୁର ତାଲିକା ଅନେକ ବର୍ଷ ଧରି ଅପରିବର୍ତ୍ତିତ ରହିଥିଲା। ପ୍ରଥମତଃ, ମୁସଲମାନମାନଙ୍କୁ ଅଯୋଧ୍ୟାରେ ସେମାନଙ୍କ ମସ୍‌ଜିଦ ଛାଡ଼ିବାକୁ ପଡ଼ିବ। ଦ୍ୱିତୀୟରେ ମୁସଲମାନଙ୍କୁ କଶ୍ମୀରରେ ସେମାନଙ୍କ ସାମ୍ବିଧାନିକ ସ୍ୱାୟତ୍ତତା ଛାଡ଼ିବାକୁ ପଡ଼ିବ। ତୃତୀୟତଃ, ମୁସଲମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆଇନ ଛାଡ଼ିବାକୁ ପଡ଼ିବ। ଲକ୍ଷ୍ୟ କରନ୍ତୁ ଏହି ବିଚାରଧାରାରେ ହିନ୍ଦୁଙ୍କ ପାଇଁ କିଛି ନାହିଁ। ଦଳ ଯାହା ହାସଲ କରିବାକୁ ଚାହୁଁଥିଲା ସେଥିରୁ ଅଧିକାଂଶ ହାସଲ କରିବା ପରେ ମଧ୍ୟ ସମାନ ପଥରେ ଥିବା ଦେଖିବାକୁ ପାଇଛେ। ମୁସଲମାନଙ୍କୁ ସେମାନଙ୍କର ଖାଦ୍ୟପେୟ ତ୍ୟାଗ କରିବାକୁ ପଡ଼ିବ; କାହାକୁ ପ୍ରେମ ଏବଂ ବିବାହ କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପ ତ୍ୟାଗ କରିବାକୁ ପଡ଼ିବ; କେଉଁଠି ରହିବେ, କେଉଁଠି ପ୍ରାର୍ଥନା କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପକୁ ତ୍ୟାଗ କରିବାକୁ ପଡ଼ିବ; ମୁସଲମାନମାନେ ଭୋଟ ଦେଇପାରିବେ କି ନାହିଁ; ସେମାନେ ଶରଣ ନେଇପାରିବେ କି ନାହିଁ ଇତ୍ୟାଦି ଏବଂ ଆହୁରି ଅନେକ କିଛି। ଏହାର କୌଣସି ଅନ୍ତ ନାହିଁ କାରଣ ଉତ୍ପୀଡ଼ନ ହେଉଛି ଉଦ୍ଦେଶ୍ୟ ଏବଂ ଧମକ ହିଁ ଏକମାତ୍ର ଚୂଡ଼ାନ୍ତ ଲକ୍ଷ୍ୟ।

ଏହି ଧର୍ମାନ୍ଧତାକୁ 'ଦକ୍ଷିଣପନ୍ଥୀ' ଚିନ୍ତାଧାରା ଏବଂ ରାଜନୀତି କୁହାଯିବା ଏହି ଶବ୍ଦ ପ୍ରତି ଏକ ଅପମାନ। ରାଜନୀତିରେ ସାଧାରଣରେ ରକ୍ଷଣଶୀଳତାର ଏକ ଦୀର୍ଘ ଏବଂ ମହାନ୍ ପରମ୍ପରା ଅଛି। ଏହା ନିରନ୍ତରତା ଚାହେଁ। ଏହା ସ୍ଥିରତାକୁ ଗୁରୁତ୍ୱ ଦିଏ। ଉଦାହରଣ ସ୍ୱରୂପ, ମୁଦ୍ରା ଉଚ୍ଛେଦ ଏକ ଉଗ୍ର ସୁଧାରବାଦୀ ଧାରଣା, ଯାହା ରକ୍ଷଣଶୀଳ ନୁହେଁ। ଆମେ ଯେଉଁ ସଂସ୍ଥାଗୁଡ଼ିକର ମନଇଚ୍ଛା ଅଦଳବଦଳ କରିବା, ପୁନଃ ନାମକରଣ, କାଟିବା ଏବଂ ପରିବର୍ତ୍ତନ ଆଦି ଦେଖୁଛୁ, ସେଥିମଧ୍ୟରୁ କୌଣସିଟି ରକ୍ଷଣଶୀଳ ନୁହେଁ। ଏଠାରେ ଦକ୍ଷିଣପନ୍ଥୀକୁ ଯାହା ଚିତ୍ରିତ କରାଯାଇଛି ତାହା ହେଉଛି ତୀବ୍ର ପକ୍ଷପାତ। ଏହି କାରଣରୁ ଦଶନ୍ଧି ଧରି ଭାଜପା ଇସ୍ତାହାର ଅନେକ ବିଷୟକୁ ପରୀକ୍ଷାନିରୀକ୍ଷା କରି ଗ୍ରହଣ କରିଛି ଏବଂ ପ୍ରତ୍ୟାଖ୍ୟାନ କରିଛି। ସେସବୁ ୧୯୬୦ ଏବଂ ୧୯୭୦ ଦଶକରେ ସମାଜବାଦୀ ରହିଥିଲା। ବାଜପେୟୀଙ୍କ ଶାସନରେ ଦଳ ଘୋଷଣା କରିଥିଲା ଯେ, ଏହା ସମସ୍ତ ଭାରତୀୟଙ୍କ ଆୟ ଏବଂ ଘରର ଆକାରକୁ ସୀମିତ କରିବ। ଏହା ପରିତ୍ୟାଗ କରାଗଲା। ଦଳ ଦାବି କରିଥିଲା ଯେ କାରଖାନାରେ ଶ୍ରମିକଙ୍କ ସ୍ଥାନ ନେବା ପାଇଁ ଯାନ୍ତ୍ରିକୀକରଣକୁ ଅନୁମତି ଦିଆଯିବ ନାହିଁ। ଏହାକୁ ମଧ୍ୟ ବାଦ୍ ଦିଆଯାଇଥିଲା। ଏହା ଚାହୁଁଥିଲା ଯେ ଚାଷୀମାନେ ଟ୍ରାକ୍ଟର ବଦଳରେ ବଳଦରେ ଚାଷ କରନ୍ତୁ, ଯେଉଁଥିରୁ ମଧ୍ୟ ଦୂରେଇଯାଇଥିଲା। ଏହି ବିଷୟଗୁଡ଼ିକୁ କାହିଁକି ଗ୍ରହଣ କରାଯାଇଥିଲା କିମ୍ବା ପ୍ରତ୍ୟାଖ୍ୟାନ କରାଯାଇ ଥିଲା, ସେ ସମ୍ପର୍କରେ କୌଣସି ବ୍ୟାଖ୍ୟା କରାଯାଇ ନ ଥିଲା। ଭାଜପା/ଜନସଂଘ ଯେଉଁ ପ୍ରାଥମିକ ଫଳାଫଳ ପ୍ରଦାନ କରୁଥିଲା ତାହା ସ୍ପଷ୍ଟତଃ ଥିଲା ସଂଖ୍ୟାଲଘୁଙ୍କ ପ୍ରତି ଏହାର ପ୍ରକୃତ ତଥା ଅପରିବର୍ତ୍ତନୀୟ ଘୃଣା ଭାବନା। ବାକି ସବୁ ଥିଲା ଅପ୍ରାସଙ୍ଗିକ।

Email:aakar.patel@gmail.com

# ସବୁଜ ଶକ୍ତି ଓ ନିଯୁକ୍ତି ସୁଯୋଗ



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ପରିବେଶ ସମସ୍ୟାର ପ୍ରଚ୍ଛଦରେ ରହିଛି ଶକ୍ତି ଉତ୍ପାଦନର ପ୍ରମୁଖ ଉତ୍ସ କୋଇଲା, ପେଟ୍ରୋଲିୟମ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର। ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ପ୍ରଦୂଷକ ବାୟୁମଣ୍ଡଳକୁ ନିର୍ଗତ ହୋଇ ଉତ୍ତାପ ବୃଦ୍ଧିରେ ସହାୟତା କରୁଛି। ମାନବ ସଭ୍ୟତାର ବିକାଶରେ ଶକ୍ତି ବ୍ୟବହାର ବିସ୍ତାରିତ ହୋଇଚାଲିଛି, ଜୀବାଶ୍ମ ଇନ୍ଧନର ଦହନ ବୃଦ୍ଧିପ୍ରାପ୍ତ ଏବଂ ଜଳବାୟୁ ସମସ୍ୟା ପରିବର୍ଦ୍ଧିତ ହେଉଛି। ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ସ୍ୱଚ୍ଛ, ସବୁଜ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରାଧାନ୍ୟ ଦେଇ ତ୍ୱରିତ ବେଗରେ ଜୀବାଶ୍ମ ଇନ୍ଧନକୁ ବର୍ଜନ କରିବା ଲକ୍ଷ୍ୟରେ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତିରେ ପରିବର୍ତ୍ତନ (ଏନର୍ଜି ଟ୍ରାଞ୍ଜିସନ)ର ଉଦ୍ଦେଶ୍ୟ ହେଉଛି ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ସୌର, ପବନ, ଜଳବିଦ୍ୟୁତ୍, ଭୂତାପଜ, ସାମୁଦ୍ରିକ ଢେଉ, ଜୈବିକ, ଉଦ୍‌ଜାନ (ହାଇଡ୍ରୋଜେନ) ଏବଂ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ପରି ସ୍ୱଚ୍ଛ, ଅଧିକ ସ୍ଥାୟୀ ଉତ୍ସକୁ ଅଗ୍ରାଧିକାର ପ୍ରଦାନ। ଏହି ପରିବର୍ତ୍ତନ କେବଳ ଏକ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶୀୟ ଆବଶ୍ୟକତା ନୁହେଁ, ବରଂ ଏକ ପ୍ରମୁଖ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟ। ଏହାର ଗୁରୁତ୍ୱପୂର୍ଣ୍ଣ ପରିଣାମ ମଧ୍ୟରୁ ଗୋଟିଏ ହେଉଛି ପରିବେଶଧର୍ମୀ ସବୁଜ ନିଯୁକ୍ତି ସୃଷ୍ଟିର ସୁଯୋଗ, ଯାହା ପରିବେଶକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବାରେ ଅବଦାନ ରଖେ।

ଶକ୍ତି ପରିବର୍ତ୍ତନର ଅତ୍ୟାବଶ୍ୟକତା ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପରିଣାମ ଦ୍ୱାରା ପରିଚାଳିତ। ଜୀବାଶ୍ମ ଇନ୍ଧନର ନିଷ୍କାସନ, ଉତ୍ପାଦନ, ପରିବହନ ଏବଂ ବ୍ୟବହାର ଦ୍ୱାରା ସବୁଜଗୃହ ଗ୍ୟାସ୍, ବିଶେଷକରି ଅଙ୍ଗାରକାମ୍ଳ, ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ୍ ନିର୍ଗତ ହୁଏ, ଯାହା ବାୟୁମଣ୍ଡଳରୁ ମହାକାଶକୁ ଫେରି ଯାଉଥିବା ଅତିରିକ୍ତ ଉତ୍ତାପକୁ ବାନ୍ଧି ରଖେ; ପରିଣାମରେ ବୈଶ୍ୱିକ ଉଷ୍ଣତା ବୃଦ୍ଧିପାଏ। ବର୍ଦ୍ଧିତ ତାପମାତ୍ରା, ପ୍ରାକୃତିକ ବିପର୍ଯ୍ୟୟ ଘଟଣା ଏବଂ ପରିବେଶୀୟ ଅବକ୍ଷୟ ସ୍ପଷ୍ଟ କରିଛି ଯେ ପ୍ରଚଳିତ ଶକ୍ତି ବ୍ୟବସ୍ଥା ସହନୀୟ ମାର୍ଗରେ ପରିଚାଳିତ ହେଉନାହିଁ। ପ୍ୟାରିସ୍ ସମ୍ମିଳନୀରେ ପାରିତ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ରାଷ୍ଟ୍ରଗୁଡ଼ିକ ନିର୍ଗମନ ହ୍ରାସ କରିବାକୁ ପ୍ରତିବଦ୍ଧ ହୋଇଥିବାରୁ ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ। ଅବଶ୍ୟ ଏହି ପରିବର୍ତ୍ତନ ଆରମ୍ଭ ହୋଇସାରିଛି ଏବଂ ବିଗତ ଦଶନ୍ଧିରେ ନବୀକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଅଧିକ ସୁଲଭ ହୋଇଛି ଏବଂ ଦକ୍ଷତା ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ଏବଂ ପବନ ଟର୍ବାଇନ୍‌ଗୁଡ଼ିକ ବର୍ତ୍ତମାନ ଅନେକ ଅଞ୍ଚଳରେ ପାରମ୍ପରିକ ଶକ୍ତି ଉତ୍ସ ସହିତ ମୂଲ୍ୟ-ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି। ସରକାର ଏବଂ ଘରୋଇ କ୍ଷେତ୍ରଗୁଡ଼ିକ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ବୈଦ୍ୟୁତିକ ଯାନବାହନ ଏବଂ ଶକ୍ତି-ଦକ୍ଷ ପଦ୍ଧତିରେ ପ୍ରଚୁର ନିବେଶ କରୁଛନ୍ତି। ଏହି ନିବେଶଗୁଡ଼ିକ କେବଳ ନିର୍ଗମନ ହ୍ରାସ କରୁନାହିଁ, ବରଂ ଶ୍ରମ ବଜାର ଓ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଅବଦାନ ରଖୁଛି।



ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏପରି ପରିବର୍ତ୍ତନ ସବୁଜ ନିଯୁକ୍ତିର ପଥ ଉନ୍ମୁକ୍ତ ଓ ପରିବ୍ୟାପ୍ତ କରେ। ସମ୍ପ୍ରତି ନବୀକରଣୀୟ ଶକ୍ତି ଉତ୍ପାଦନ, ଶକ୍ତି ଦକ୍ଷତା, ସହନୀୟ କୃଷି, ବର୍ଜ୍ୟ ପରିଚାଳନା ଏବଂ ପରିବେଶ ସଂରକ୍ଷଣ ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ସଂସ୍ଥାପନ, ପବନ ଟର୍ବାଇନ ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ଯାନ ଉତ୍ପାଦନ ଏବଂ ପରିବେଶଧର୍ମୀ ଗୃହନିର୍ମାଣ କ୍ଷେତ୍ରରେ ନିଯୁକ୍ତିସବୁକୁ ସବୁଜ ଚାକିରି ରୂପେ ବିବେଚନା କରାଯାଏ। ଏପରି ନୂତନ ବିକାଶସବୁ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ନକାରାତ୍ମକ ପରିବେଶୀୟ ପ୍ରଭାବକୁ ହ୍ରାସ କରେ। ସବୁଜ ନିଯୁକ୍ତିର ଏକ ପ୍ରମୁଖ ଉପକାର ହେଉଛି ବୃହତ୍ ପରିମାଣର ନିଯୁକ୍ତି ନିମନ୍ତେ ଏହା ଯଥେଷ୍ଟ ସୁଯୋଗ ସୃଷ୍ଟି କରେ। ନବୀକରଣୀୟ ଶକ୍ତି ଶିଳ୍ପଗୁଡ଼ିକ ସାଧାରଣତଃ ଜୀବାଶ୍ମ ଇନ୍ଧନ ଶିଳ୍ପ ଅପେକ୍ଷା ଅଧିକ ଶ୍ରମ-କୈନ୍ଦ୍ରିକ। ଦୃଷ୍ଟାନ୍ତ ସ୍ୱରୂପ, ସୌର ଫାର୍ମ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କୋଇଲା ପ୍ଲାଣ୍ଟ ତୁଳନାରେ ପ୍ରତି ୟୁନିଟ୍ ଉତ୍ପାଦିତ ଶକ୍ତି ପାଇଁ ଅଧିକ ଶ୍ରମିକ ଆବଶ୍ୟକ ହୁଅନ୍ତି। ଏହାର ଅର୍ଥ ହେଉଛି ଯେ ରାଷ୍ଟ୍ରଗୁଡ଼ିକ ନବୀକରଣୀୟ ଶକ୍ତିରେ ନିବେଶ କଲେ, ସେମାନେ ସାମଗ୍ରିକ ଭାବରେ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବେ। ବୈଶ୍ୱିକ ଆକଳନ ଅନୁଯାୟୀ, ଶକ୍ତି ପରିବର୍ତ୍ତନର ପରିଣାମରେ ଆଗାମୀ ଦଶନ୍ଧିଗୁଡ଼ିକରେ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ଉପଲବ୍ଧ ହେବାକୁ ଯାଉଛି।

ତେବେ ଏପରି ପରିବର୍ତ୍ତନ ଚ୍ୟାଲେଞ୍ଜ ସୃଷ୍ଟିର ସମ୍ଭାବନା ବହନ କରେ। କୋଇଲା ଏବଂ ତୈଳ ଚାହିଦା ହ୍ରାସ ପାଇବା ସହିତ ପାରମ୍ପରିକ ଜୀବାଶ୍ମ ଇନ୍ଧନ ଶିଳ୍ପରେ ଶ୍ରମିକମାନେ ଚାକିରି ହରାଇବାର ସମ୍ମୁଖୀନ ହୋଇପାରନ୍ତି। ଏହି ଶିଳ୍ପଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଅଞ୍ଚଳଗୁଡ଼ିକ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଅତଏବ ଏକ 'ନ୍ୟାୟସଙ୍ଗତ ପରିବର୍ତ୍ତନ' ଅତ୍ୟାବଶ୍ୟକ, ଯାହା ନିଶ୍ଚିତ କରିବ ଯେ ପ୍ରଭାବିତ ଶ୍ରମିକଙ୍କୁ ପୁନଃ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ଏବଂ ନୂତନ ନିଯୁକ୍ତି ସୁଯୋଗ ମାଧ୍ୟମରେ ଥଇଥାନ ନିମନ୍ତେ ସମର୍ଥନ କରାଯାଉଛି। ଅନ୍ୟପକ୍ଷରେ, ସରକାରମାନେ ସାମାଜିକ ସମାନତା ସହିତ ପରିବେଶଗତ ଲକ୍ଷ୍ୟକୁ ସନ୍ତୁଳିତ କରୁଥିବା ନୀତି ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସବୁଜ ନିଯୁକ୍ତି ନିମନ୍ତେ କର୍ମଶକ୍ତିକୁ ପ୍ରସ୍ତୁତ କରିବାର ମୁଖ୍ୟ ଅସ୍ତ୍ର ହେଉଛି ଉପଯୁକ୍ତ ଶିକ୍ଷା ଏବଂ ଦକ୍ଷତାର ବିକାଶ। ଏହି ଭୂମିକାଗୁଡ଼ିକ ମଧ୍ୟରୁ ଅନେକଙ୍କ ନିମନ୍ତେ ଇଞ୍ଜିନିୟରିଂ ଶିକ୍ଷା, ତଥ୍ୟ ବିଶ୍ଳେଷଣ କିମ୍ବା ବିଶେଷ ସଂସ୍ଥାପନ ଦକ୍ଷତା ଭଳି ବୈଷୟିକ ନିପୁଣତା ଆବଶ୍ୟକ। ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଏବଂ ସରକାରୀ-ବେସରକାରୀ ସହଭାଗିତା କର୍ମଚାରୀଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଦ୍ୱାରା ସୁଦକ୍ଷ ଓ ସଶକ୍ତ କରିବ। ଅବଶ୍ୟ ସମସ୍ତ ସବୁଜ ନିଯୁକ୍ତି ଅତ୍ୟନ୍ତ ବୈଷୟିକ ପ୍ରକୃତିର ନୁହେଁ; ପ୍ରଶାସନିକ, ଲଜିଷ୍ଟିକ୍ସ ଏବଂ ସମ୍ପ୍ରଦାୟ-ଭିତ୍ତିକ ପରିବେଶଜନିତ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ନିଯୁକ୍ତିର ସୁଯୋଗ ରହିଛି।

ଭାରତ ସମେତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତି ପରିବର୍ତ୍ତନରୁ ଯଥେଷ୍ଟ ଲାଭ ହାସଲ କରିବାକୁ ହକ୍‌ଦାର। ସୂର୍ଯ୍ୟକିରଣ ଏବଂ ପବନ ଭଳି ପ୍ରଚୁର ନବୀକରଣୀୟ ସମ୍ବଳ ଉପଲବ୍ଧ ହେଉଥିବା ପରିସ୍ଥିତିରେ ସେମାନେ ପାରମ୍ପରିକ ଶକ୍ତି ବ୍ୟବସ୍ଥାକୁ ପରିତ୍ୟାଗ କରି ସ୍ୱଚ୍ଛ, ସବୁଜ ଅର୍ଥନୀତି ଗଠନ କରିପାରିବେ। ଭାରତରେ, ସୌର ପାର୍କର ସମ୍ପ୍ରସାରଣ ଏବଂ ବୈଦ୍ୟୁତିକ ଯାନ ଗତିଶୀଳତାକୁ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ପୂର୍ବରୁ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। କିନ୍ତୁ ପ୍ରସଙ୍ଗ ହେଉଛି, ଏହି ପ୍ରକ୍ରିୟାର ଅଭିବୃଦ୍ଧିରେ ସମସ୍ତେ ଅନ୍ତର୍ଭୁକ୍ତ ହେବା ଏବଂ ଉପଲବ୍ଧ ଲାଭ ଗ୍ରାମୀଣ ଓ ଦରିଦ୍ର ବର୍ଗ ପାଖରେ ପହଞ୍ଚିବାକୁ ନିଶ୍ଚିତ କରିବା ନିମନ୍ତେ ଯୋଜନା ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବସୃଜନ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ନୂତନ ପ୍ରଯୁକ୍ତିବିଦ୍ୟା, ଯେପରିକି ବ୍ୟାଟେରି ସଂରକ୍ଷଣ, ଉଦ୍‌ଜାନ ଇନ୍ଧନ ଏବଂ ସ୍ମାର୍ଟ ଗ୍ରୀଡ୍‌ରେ ଗବେଷଣା ଏବଂ ବିକାଶକୁ ପ୍ରେରଣା ଦେଉଛି। ଏହି ନବସୃଜନ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ମଧ୍ୟ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ଏବଂ ନିଯୁକ୍ତି ସମ୍ଭାବନାକୁ ଆହୁରି ବିସ୍ତାରିତ କରୁଛନ୍ତି।

ଏହା ହୃଦୟଙ୍ଗମ ହେବା ବାଞ୍ଛନୀୟ ଯେ ଶକ୍ତି ପରିବର୍ତ୍ତନ ପରିବେଶୀୟ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ- ଏହା ଅଧିକ ନିରନ୍ତର ଏବଂ ସମସ୍ତଙ୍କ ହିତ ସାଧନକାରୀ ଅର୍ଥନୀତି ହାସଲ ଦିଗରେ ଏକ ସୁଗମ ପଥ। ସବୁଜ ନିଯୁକ୍ତି ସୃଷ୍ଟି ଏହି ପରିବର୍ତ୍ତନର କେନ୍ଦ୍ରରେ ଅବସ୍ଥିତ, ଯାହା ଚାକିରି, ନବସୃଜନ ଏବଂ ସାମାଜିକ ପ୍ରଗତି ନିମନ୍ତେ ସୁଯୋଗ ପ୍ରଦାନ କରେ। ଯଦିଓ ଅନେକ ଆହ୍ୱାନ ସମ୍ମୁଖରେ ବିଦ୍ୟମାନ, ବିଶେଷକରି ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବାରେ, ଶିକ୍ଷା ଏବଂ ଭିତ୍ତିଭୂମିରେ ସକ୍ରିୟ ନୀତି ଓ ନିବେଶ ସୁନିଶ୍ଚିତ କରିବ ଯେ ହିତଗୁଡ଼ିକ ସମ ଭାବରେ ବଣ୍ଟନ ହେଉଛି। ବିଶ୍ୱ ଏକ ନିମ୍ନ ଅଙ୍ଗାରକ (କାର୍ବନ) ଭବିଷ୍ୟତ ଆଡ଼କୁ ଗତି କରିବାର ଆବଶ୍ୟକତା ଥିବାରୁ, ଶକ୍ତି ପରିବର୍ତ୍ତନ ଏବଂ ସବୁଜ ନିଯୁକ୍ତି ମଧ୍ୟରେ ସମ୍ପର୍କ ଆର୍ଥିକ ବିକାଶ ଏବଂ ପରିବେଶଗତ ସ୍ଥିରତା ଉଭୟକୁ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

- କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି
ମୋ: ୯୪୩୭୦୭୬୧୦୦

# ଯୋଗ ଦିବାରାତ୍ରି



**ବ୍ରଜମୋହନ ମିଶ୍ର**

ଭାରତ ନେତୃତ୍ୱରେ ସାରା ବିଶ୍ୱରେ ପାଳିତ ଯୋଗଦିବସରେ ଶହଶହ ଯୋଗୀ ଓ ଯୋଗିନୀ ବିଭିନ୍ନ ଆସନ, ପ୍ରାଣାୟାମ ଇତ୍ୟାଦି ପତଞ୍ଜଳିକୃତ ଯୋଗମାର୍ଗ ପ୍ରଦର୍ଶନ କରନ୍ତି। ଯୋଗ କଲେ ବ୍ୟକ୍ତି ସୁସ୍ଥ ରହିବ- ଏଇ ବିଶ୍ୱାସ ସେମାନଙ୍କ ମଧ୍ୟରେ ଚେରମାଡ଼ି ଶକ୍ତ ହୋଇଯାଇଥାଏ। ଅବଶ୍ୟ ଏହା କଦାପି ବି ଭୁଲ୍ ନୁହଁ। ଯଥାଯଥ ଯୋଗକ୍ରିୟା ସଂପାଦନ କଲେ ଯୋଗୀ ଅବା ଯୋଗିନୀମାନେ ନୀରୋଗ ରହିବେ। ମନ ଶାନ୍ତ ରହିବ ଏବଂ ପ୍ରାଣର ବୈକଲ୍ୟ କଟିଯିବ। ଆଉ ପାଦେ ଆଗକୁ ଯାଇ ପାରିଲେ ସେମାନେ ମଧ୍ୟ ଆତ୍ମବୋଧ କରିପାରନ୍ତି। ଏଇ ଆକାଂକ୍ଷା ତାଡ଼ିତ ଏଇ ଜୀବୀଗଣ ଯୋଗକୁ ଯେପରି ଓ ଯେତିକି ବୁଝିଥାନ୍ତି ସେମାନେ ସେପରି ଓ ସେତିକି କରିବା ବ୍ୟତୀତ ଆଉ ଅଧିକ କ'ଣ କରିପାରନ୍ତେ? ତେଣୁ ଯୋଗର ଏପରି ବୁଝାମଣା ଓ ସାଧନ ଓ ତା'ର ମାର୍ମିକ ଆବେଦନ ଏମାନଙ୍କଠାରେ ରହିଯାଏ ଅଜଣା ଯାହା ସେମାନେ ଜାଣିଥିଲେ ଅସଲ ଯୋଗୀ ଜୀବନ ଯାପନ କରିପାରିଥାନ୍ତେ ଏବଂ ସେତେବେଳେ ବିଶ୍ୱ ଯୋଗମୟ ହୋଇଥାନ୍ତା। ଆଉ ଏପରି ଏକ ପରିବର୍ତ୍ତିତ ଯୋଗମୟ ବିଶ୍ୱରେ ଠିକଣା ପ୍ରାଣାୟାମ ଚାଲି ତାକୁ ସକଳ 'ଗଣ୍ଡକୁହୁକ' (ଗଙ୍ଗାଧର ମେହେର) ରେ ପଡ଼ି ଘାରି ହୋଇ ଘୋରି ଯିବାରୁ ରକ୍ଷା କରି ଯଥାର୍ଥ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେଇ ପାରିଥାନ୍ତା। ସେହି ସୁନାର ଦିବସ ଓ ରାତି ଆସିଥିଲେ ଯୋଗୀ ଓ ଯୋଗିନୀ ସମେତ ସେମାନଙ୍କୁ ଘେରିଥିବା ସେମାନଙ୍କ ସଂଖ୍ୟାହୀନ ଅଯୋଗୀ ଓ ଅଯୋଗିନୀମାନେ ମଧ୍ୟ ଯାବତୀୟ ଉପଦ୍ରବକୁ ଉପରତିରେ ପରିବର୍ତ୍ତିତ କରିପାରିଥାଆନ୍ତେ।

ବ୍ୟକ୍ତିର କେବଳ ଦେହ ଅଛି ବୋଲି ସେ ନାହିଁ। କେବଳ ତା'ର ଆତ୍ମାଟିଏ ଥିଲେ ବି ସେ ନ ଥାନ୍ତା ଅର୍ଥାତ୍ ବ୍ୟକ୍ତ ହୋଇପାରି ନ ଥାନ୍ତା। ଅର୍ଥାତ୍ ସେ ଦୃଶ୍ୟ ଓ ଅଦୃଶ୍ୟର ଏକ ଚମତ୍କାର 'ଯୋଗ' ଯୋଗୁ ଏ ସଂସାରରେ ଅଛି। ପୁଣି ତା'ର ପ୍ରତିଦିନର ବଞ୍ଚିବା ସମ୍ଭବ ହେଉଛି ଭିନ୍ନ ଏକ ନିରନ୍ତର ଯୋଗରେ ଯାହା ତା'ର ପ୍ରତି ପଦପାତରେ ସେ ଲାଭ କରୁଛି ହୁଏତ କେତେବେଳେ ଲୋଡ଼ି ଏବଂ କେତେବେଳେ ବିନା ଲୋଡ଼ିବାରେ। ଏହା ସମ୍ଭବ ହେଉଛି ତା' ପାଇଁ ସଦା ଉପସ୍ଥିତ ରହି ତା' ଲାଗି ଯୋଗ କରିବାକୁ ସଦା ପ୍ରଣତ ଓ ପ୍ରସନ୍ନଥିବା ଏକ ବିରାଟ ବିଶ୍ୱ, ଯାହା ବିଭିନ୍ନ ସଂପଦସମ୍ପନ୍ନ। ତାହା ହୋଇପାରେ ପ୍ରାଣୀ, ଉଦ୍ଭିଦ ଏବଂ ମାନବ ସମାଜ। ଏମାନେ ତା' ପାଇଁ



ଯୋଗ କରୁଥିବାର ତତ୍ତ୍ୱ ବ୍ୟକ୍ତି ଦେଖିବାକୁ ଅନାଗ୍ରହୀ ତେଣୁ ଅଯୋଗ୍ୟ ଓ ଅସମର୍ଥ। ହେଲେ ବାସ୍ତବରେ ସେମାନଙ୍କ ଦୃଶ୍ୟମାନ ଆସନ, ପ୍ରାଣାୟାମ କ୍ରିୟା 'ଭାବ ଯୋଗ' କ'ଣ କମ୍ ବଡ଼ ବିଶ୍ୱାସ, ଶ୍ରଦ୍ଧା ଓ ସମର୍ପଣର ଅଭ୍ରାନ୍ତ ଦୃଷ୍ଟାନ୍ତ! ବ୍ୟକ୍ତିର ପାଖାପାଖି ବେଢ଼ି ରହିଥିବା ଏବଂ ତା'ର ପ୍ରତ୍ୟକ୍ଷ ବ୍ୟବହାରରେ ଲାଗୁ ନ ଥିବା ବୋଲି ସେ ଧାରଣା କରୁଥିବା ଫୁଲ ବଗିଚା ବ୍ୟକ୍ତି ପାଇଁ କ'ଣ କମ୍ ଯୋଗକରେ ନିରବଚ୍ଛିନ୍ନ ଭାବରେ! କୁନ୍ତଳା କୁମାରୀଙ୍କ ଶେଫାଳିର ଉନ୍ମେଷ, ବିକାଶ ଓ ସନ୍ଧ୍ୟାରେ ତା'ର ବିନାଶ କ'ଣ କମ୍ ଯୋଗ କରେ କୁନ୍ତଳାଙ୍କ ପରି ଅସଂଖ୍ୟ ବ୍ୟକ୍ତିଙ୍କ ପାଇଁ ତାହା କେବଳ ମାତ୍ର ତାଙ୍କ କବିତା ସୃଷ୍ଟିର ଭିନ୍ନ ଏକ ହେତୁ ହୋଇଯାଏ ନାହିଁ, ତାହା ମଧ୍ୟ ହୋଇଯାଏ ମଣିଷମାନଙ୍କ ମଧ୍ୟରେ ଭାବ ସଂଚାରଣର ଉନ୍ମୁକ୍ତ ଆକୁତି କେହି କେବେ ନିବିଡ଼ ଭାବେ ଲକ୍ଷ୍ୟ କରିଛନ୍ତି କି ଶେଫାଳିର ଆକୁତିକୁ ଯଦିଓ ଅନେକେ ହୁଏତ ତା'ର ଆକୃତିରେ ମୁଗ୍ଧ ହୋଇଛନ୍ତି। ସେହି କୁନ୍ତଳା କୁମାରୀ ସତ୍ତା ତ ଶେଫାଳି ଯୋଗ ସମନ୍ୱୟରେ ବିସ୍ତୃତ ହୁଏ, ତେଣୁ ହୁଏ ବିଗଳିତ। ତା'ର ସକଳ ବାଚାଳତା ଓ ବିଚଳିତତା କଟିଯାଏ। ଫଳରେ ସେ ପରିବର୍ତ୍ତିତ ହୋଇଯାଏ ସେଇ ଅନାହତ ଧ୍ୱନିରେ ଯାହା ଉଚ୍ଚାରଣ କରୁଥାଏ, 'ଯୁକ୍ତ କରୋ ହେ ସବାର ସଙ୍ଗେ, ମୁକ୍ତ କରୋହେ ବନ୍ଧ' ଅବା ''ହୃଦେ ତ୍ୱା ମନସେ ତ୍ୱା ଦିବେତ୍ୱା ସୂର୍ଯ୍ୟାୟତ୍ୱା। ଊର୍ଦ୍ଧ୍ୱମିମ ମଧୁରଂ ଦିବି ଦେବେଷୁ ହୋତ୍ରାଯଚ୍ଛ''- ହେ ପୁତ୍ର। ହୃଦୟ ପାଇଁ ତୁମକୁ ଗଢ଼ିଅଛି। ହୃଦୟବାନ୍ ହୁଅ। ମନପାଇଁ ତୁମକୁ ଗଢ଼ିଛି। ମନସ୍ୱୀ ହୁଅ। ଦିବ୍ୟତା ପାଇଁ ତମକୁ ଶିକ୍ଷିତ କରିଛି। ଦିବ୍ୟତାରେ ଅଳଙ୍କୃତ ହୁଅ। ସୂର୍ଯ୍ୟତା ପାଇଁ ତୁମକୁ ଦୀକ୍ଷିତ କରିଛି। ସୂର୍ଯ୍ୟପରି ତେଜସ୍ୱୀ, ପ୍ରେମିକ ଓ ଆକର୍ଷକ ହୁଅ। ଶୋଭନୀୟ ହୋଇ ବିଦ୍ୟାର ମହତ୍ତ୍ୱ ବୃଦ୍ଧିକର (ଯଜୁର୍ବେଦ-ଅଧ୍ୟାୟ ୬, ମନ୍ତ୍ର ୨୫)।

ସେଇ ସ୍ଥିତିରେ ସେଇ ସତ୍ତା ଯୋଗୀ ହୋଇଯାଇଥାଏ। ସାଯୁଜ୍ୟ ହେବାର ମହାଭାବରେ ସେ ପାଲଟି ଯାଏ ସଂସାର ପ୍ରେମୀ ଅଥଚ ସାଂସାରିକତା ବିହୀନ ଅ-କାମୀ ତେଣୁ ଏପରି ଯୋଗାରୂଢ଼ତାର ନିତ୍ୟରାସରେ ଗଦ୍‌ଗଦ୍ ନ ହୋଇ ସେ ଆଉ କ'ଣ କରନ୍ତା? ତା'ର ସେ ଯୋଗମୟତା ଚାଲୁଥାଏ ଦିବସରେ, ରାତ୍ରିରେ ବି, ଶୟନରେ ବି, ଜାଗରଣରେ ବି, ଏଠା ପାଇଁ ବି ସେଠା ପାଇଁ ବି। ଏ ତ ହେଉଛି ବ୍ୟକ୍ତି ଜୀବନର ପ୍ରପଞ୍ଚମୁକ୍ତ ସାଧନା, ଯା'ର ସିଦ୍ଧି ହେଉଛି ଏକ ଆତ୍ମିକ ଅନୁଭବ ଅବା ସବୁ ସହ ଅଭିନ୍ନତାର ଅମୃତ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟଲାଭ। ଦିବାରାତି ଏପରି ଯୋଗ ସଂଯୋଗ, ଏବେ ପାଳିତ ହେଉଥିବା ଆନ୍ତର୍ଜାତିକ ଯୋଗଦିବସଠାରୁ ବହୁ ଊର୍ଦ୍ଧ୍ୱରେ, ଏହା ତା'ଠାରୁ ଷୋଳଅଣା ଭିନ୍ନ। କାରଣ ଏ କ୍ଷେତ୍ରରେ ଯୋଗୀ ପାଇଁ ସବୁଦିନ, ଯୋଗର ଦିନ, ସବୁ ରାତି ଯୋଗର ରାତି ପୁଣି ଏ ଯୋଗ ସବୁ ମଣିଷଙ୍କ ପାଇଁ, ସବୁ ବୃକ୍ଷଲତାଙ୍କ ପାଇଁ, ସବୁ ପାହାଡ଼, ପର୍ବତ, ନଦୀ ପାଇଁ, ସବୁ ପ୍ରାଣୀ ପାଇଁ, ସବୁ ଦ୍ୱେଷ ବିଦ୍ୱେଷର ରୂପାନ୍ତର ପାଇଁ, ସବୁ ଦରିଦ୍ରର ଧନବାନ୍ ହେବା ପାଇଁ, ସବୁ ଆଜି ସର୍ବକାଳ ହେବାପାଇଁ, ସବୁ ପ୍ରାର୍ଥନାରୁ ଯାଚଞ୍ଚା ନିରାକରଣ ପାଇଁ, ସବୁ ମନ୍ତ୍ରର ହୃଦୟୀକରଣ ପାଇଁ ଏବଂ ସର୍ବୋପରି 'ବ୍ୟକ୍ତିଗତ ଅହଂ'ର ଉପଦ୍ରବରୁ ମୁକ୍ତ ହୋଇ ସମଷ୍ଟିର ସାଥୀ ଓ ସାରଥି ହେବାପାଇଁ।

ଭଦ୍ରକ, ମୋ: ୮୦୧୮୦୮୭୮୩୫

## ଏଇ ଭାରତରେ

ନଡ଼ିଆକତାକୁ ସାମଗ୍ରୀ ତିଆରି କରିବାରେ ଯେତିକି ବ୍ୟବହାର କରାଯାଉଛି ତାହାଠାରୁ ଅଧିକ ବର୍ଜ୍ୟ ଆକାରରେ ପିଙ୍ଗି ଦିଆଯାଉଛି। ତେବେ ଏହି କତା ବର୍ଜ୍ୟକୁ କେରଳର ଅର୍ଦ୍ରା ନାୟର ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଅର୍ଦ୍ରାଙ୍କ ବୟସ ୨୯। ସେ ୨୦୧୨ରେ ଗ୍ରୀନାମୋର କମ୍ପାନୀ ପ୍ରତିଷ୍ଠା କରି ଠିକ୍ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ପରିବେଶ ଉପଯୋଗୀ ବାୟୋପଲିମର ଉତ୍ପାଦନ କରୁଛନ୍ତି, ଯାହା ଖାଦ୍ୟ, ଔଷଧ ଏବଂ କସ୍‌ମେଟିକ ପ୍ୟାକେଜିଂରେ ବ୍ୟବହାର ହେଉଛି। ଏହି ପ୍ୟାକେଜିଂ ଉତ୍ପାଦ ବିଘଟନ ଯୋଗ୍ୟ ଏବଂ କମ୍ ଦିନରେ ମାଟିରେ ମିଶିଯାଉଛି। ଏହା ପ୍ଲାଷ୍ଟିକ ପଲିମର୍‌ର ପ୍ରଦୂଷଣକାରୀ ପ୍ରଭାବରୁ ପରିବେଶକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇପାରିବ। ଏହା ସହ ଅର୍ଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ପ୍ୟାକେଜିଂ ଉତ୍ପାଦ ବି ଖାଦ୍ୟକୁ ପ୍ଲାଷ୍ଟିକର ବିଷାକ୍ତ କରାଇବାରୁ ସୁରକ୍ଷିତ ରଖିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

**୩ ମେ ୧୯୭୭**

- ମଇ ଦିବସ ଶୋଭାଯାତ୍ରାରେ ତୁର୍କୀ ପୋଲିସଙ୍କ ଗୁଳିରେ ୨୫ ଜଣଙ୍କ ମୃତ୍ୟୁ।
- ଭାରତୀୟ ରାଜନୀତିରେ ଏକ ଐତିହାସିକ ଘଟଣା କ୍ରମେ ବିଧିବଦ୍ଧ ଭାବେ ଜନତା ଦଳ ଗଠିତ ହେବା ସହ ଗଣତାନ୍ତ୍ରିକ କଂଗ୍ରେସ ଉକ୍ତ ଜନତାଦଳ ସହ ସାମିଲ ହେବା ନେଇ ଘୋଷଣା।
- ନଅଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରୀ।

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଠିକ୍ ସମୟରେ ଚାଲୁ

ମହାଶୟ,

ପାରାଦୀପରୁ କଟକ ଏକ ପାସେଞ୍ଜର ଟ୍ରେନ ସକାଳ ୬.୩୦ରେ ଛାଡ଼ି କଟକରେ ୮.୩୦ରେ ପହଞ୍ଚେ। ଏଥିରେ ବହୁ ସରକାରୀ ଓ ବେସରକାରୀ କର୍ମଚାରୀ ଯିବା ଆସିବା କରନ୍ତି। ସୁବିଧା ଦୃଷ୍ଟିରୁ ବସ୍ ଭଡାଠାରୁ ଟ୍ରେନ୍ ଭଡ଼ା କମ୍ ରହୁଥିବାରୁ ସେମାନେ ପ୍ରତିଦିନ ଯାତାୟାତ କରନ୍ତି। କିନ୍ତୁ ଦୁଃଖର ବିଷୟ, ପାସେଞ୍ଜର ଟ୍ରେନଟି ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ସମୟ ନିର୍ଘଣ୍ଟ ଅନୁସାରେ କଟକରୁ ପାରାଦୀପ ଯିବା କଥା। ହେଲେ ୩/୪ ମାସ ହେବ ଠିକ୍ ସମୟରେ ଛାଡୁ ନ ଥିବାରୁ ପ୍ରତିଦିନ ଏହି ଟ୍ରେନରେ ଯିବାଆସିବା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କିଛି ପ୍ରତିକାର ବ୍ୟବସ୍ଥା ହେଉ ନାହିଁ। କଟକ-ପାରାଦୀପ ଟ୍ରେନ୍‌ରେ ମଧ୍ୟ ଅନେକ କର୍ମଜୀବୀ ମହିଳା ଯାଉଛନ୍ତି। କଟକରୁ ଯାଉଥିବା ଏକମାତ୍ର ଟ୍ରେନ ୧-୨ ଘଣ୍ଟା ବିଳମ୍ବ ହେଉଥିବାରୁ ମଫସଲରୁ ଆସୁଥିବା ଏହି ମହିଳାମାନେ ସମସ୍ୟାରେ ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ଏହା ସହ ଠିକ୍ ସମୟରେ ଏହି ପାସେଞ୍ଜର ଟ୍ରେନ୍ ସନ୍ଧ୍ୟା ୭ଟାରେ ଯିବାର ବ୍ୟବସ୍ଥା କରାଯାଉ।

**- ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ତେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ।

-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 8 | | | 7 | | 9 |
| | 2 | | | | | | | |
| | | | | | | 8 | 3 | |
| | | 5 | | 9 | | | 2 | |
| 7 | | 2 | | | | | | 8 |
| 9 | 1 | | | | 6 | | 5 | |
| | | 3 | | | | | | |
| | | | | | | 2 | 9 | 6 |
| 5 | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 3 | 7 | 9 | 6 | 4 |
| 4 | 9 | 2 | 8 | 6 | 5 | 1 | 7 | 3 |
| 3 | 7 | 6 | 1 | 9 | 4 | 5 | 2 | 8 |
| 7 | 6 | 9 | 3 | 5 | 2 | 4 | 8 | 1 |
| 2 | 3 | 1 | 4 | 8 | 6 | 7 | 5 | 9 |
| 8 | 5 | 4 | 7 | 1 | 9 | 2 | 3 | 6 |
| 9 | 8 | 3 | 5 | 7 | 1 | 6 | 4 | 2 |
| 6 | 2 | 5 | 9 | 4 | 3 | 8 | 1 | 7 |
| 1 | 4 | 7 | 6 | 2 | 8 | 3 | 9 | 5 |

ପୂର୍ବ ସଂସ୍କରଣର ଉତ୍ତର

## ନାମଲେଖା ବିଜ୍ଞପ୍ତି

**ନିମ୍ନଲିଖିତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା - ୨୦୨୬**

| ଅନୁଷ୍ଠାନ | ପାଠ୍ୟକ୍ରମ |
|---|---|
| **ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜାତୀୟ ଶାରୀରିକ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଅନୁଷ୍ଠାନ (ପିଡିୟୁଏନ୍ଆଇପିପିଡି)** ୪, ବିଷ୍ଣୁ ଦିଗମ୍ବର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨ ୱେବ୍‌ସାଇଟ୍: https://pdunippd.nic.in ଇ-ମେଲ୍: cetpdunippd2026@gmail.com | • ବିପିଟି • ବିଓଟି • ବିପିଓ |
| **ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ଅନୁଷ୍ଠାନ (ଦିବ୍ୟାଙ୍ଗଜନ), କଟକ (ଏସ୍‌ଭିନିର୍‌ତାର)** ଓଲଟପୁର, ପୋଷ୍ଟ- ବାଇରୋଇ, କଟକ, ଓଡ଼ିଶା-୭୫୪୦୧୦ ୱେବ୍‌ସାଇଟ୍: https://svnirtar.nic.in, ଇ-ମେଲ୍: nirtar@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ଗତିଶୀଳ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, କୋଲକାତା (ଏନ୍ଆଇଏଲ୍‌ଡି)** ବି.ଟି. ରୋଡ୍, ବନହୁଗଲୀ, କୋଲକାତା-୭୦୦୦୯୦ ୱେବ୍‌ସାଇଟ୍: https://nild.nic.in, ଇ-ମେଲ୍: nild@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍‌ଏଲ୍‌ପି |
| **ଜାତୀୟ ବହୁ ଭିନ୍ନକ୍ଷମଧାରୀ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ଅନୁଷ୍ଠାନ, ଚେନ୍ନାଇ (ଏନ୍ଆଇଇପିଏମ୍‌ଡି)** ଇଷ୍ଟ କୋଷ୍ଟ ରୋଡ୍, ମୁଟୁକାଡୁ, କୋଭାଲମ ପୋଷ୍ଟ, ଚେନ୍ନାଇ-୬୦୩୧୧୨, ୱେବ୍‌ସାଇଟ୍: www.niepmd.tn.nic.in, ଇ-ମେଲ୍: niepmd@gmail.com | • ବିପିଟି • ବିଓଟି • ବିଏଏସ୍‌ଏଲ୍‌ପି |
| **ଅଲୀ ଯାଭର ଜଙ୍ଗ ଜାତୀୟ ବାକ୍ ଓ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ (ଏୱାଇଜେଏନ୍ଆଇଏସ୍‌ଏଚ୍‌ଡି(ଡି))** କେ.ସି. ମାର୍ଗ, ବାନ୍ଦ୍ରା (ପଶ୍ଚିମ) ରିକ୍ଲାମେଶନ୍ ମୁମ୍ବାଇ - ୪୦୦୦୫୦ ୱେବ୍‌ସାଇଟ୍: http://ayjnishd.nic.in, ଇ-ମେଲ୍: ayjnishh-mum@nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ସିକନ୍ଦରାବାଦ** ମନୋବିକାଶ ନଗର, ବୋୱେନପାଲ୍ଲୀ, ସିକନ୍ଦରାବାଦ, ତେଲଙ୍ଗାନା - ୫୦୦୦୦୯ | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଦକ୍ଷତା ବିକାଶ, ପୁନର୍ବାସ ଓ ସଶକ୍ତୀକରଣ ଆଞ୍ଚଳିକ କେନ୍ଦ୍ର,** ଗୁଆହାଟୀ (ସିଆର୍‌ସିଏସ୍‌ଆର୍‌ଇ) ଗୁଆହାଟୀ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ୍, ପୋଷ୍ଟ ଅଫିସ ଇନ୍ଦ୍ରପୁର, ଜିଏମ୍‌ସି ହସ୍ପିଟାଲ ରୋଡ୍, ଭଙ୍ଗଗଡ଼, ଗୁଆହାଟୀ, ଆସାମ-୭୮୧୦୩୨ ୱେବସାଇଟ୍: crcguwahati.nic.in | • ବିଏଏସ୍‌ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ପାଟନା** ଶେଖପୁରା, (ପୁରୁଣା ଧର୍ମଶାଳା), ନର୍ସିଂ କଲେଜ ପାଖ, ପାଟନା-୮୦୦୦୧୪, ୱେବ୍‌ସାଇଟ୍: https://crcpatna.nic.in, ଇ-ମେଲ୍: crcpatna@rediffmail.com | • ବିପିଓ |

**ଅନ୍‌ଲାଇନ୍‌ରେ ସୂଚନା ପୁସ୍ତିକା ଓ ଆବେଦନପତ୍ର ପ୍ରକାଶନର ଆରମ୍ଭ ତାରିଖ**
**ଅନ୍‌ଲାଇନ୍‌ରେ ଆବେଦନ ଫର୍ମ ପ୍ରାପ୍ତିର ଶେଷ ତାରିଖ**
**ପ୍ରବେଶିକା ପରୀକ୍ଷା ତାରିଖ**

**ବିବରଣୀ ପାଇଁ pdunippd.nic.in ରେ ଲଗ୍ ଅନ୍ କରନ୍ତୁ**

ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସଦୟ ଧ୍ୟାନାର୍ଥେ
cbc 38103/12/0001/2627 **ନିର୍ଦ୍ଦେଶକ, ପିଡିୟୁଏନ୍ଆଇପିପିଡି, ନୂଆଦିଲ୍ଲୀ**


# ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଗୁରୁତର, ଜଣେ ମୃତ

**ଦଶରଥପୁର,୨।୫ (ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁ ଗାଁ ବୁଲି ବିକାଯାଉଥିବା ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ ବିଷକ୍ରିୟାର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣେ ବିଧବା ମହିଳା ସୁନ୍ଦରୀ ଜେନା(୭୫)ଙ୍କର ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ ସୁନ୍ଦରୀଙ୍କ ମୃତଦେହ ସତ୍କାର ନିମନ୍ତେ ଜିଲା ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାନୁଯାୟୀ, ଜୟନ୍ତରା ପଞ୍ଚାୟତ ଅଧୀନ ପାଟପୁର, ଚାନ୍ଦକୁଡ଼ା ଓ ଜୁନିଦା ଗ୍ରାମର ଲୋକେ ଶୁକ୍ରବାର ଅପରାହ୍ନରେ ବୁଲା ବିକାଳିଙ୍କଠାରୁ ଦହିବରା କିଣି ଖାଇଥିଲେ। ରାତିରେ ଅନେକଙ୍କୁ ପେଟ ଯନ୍ତ୍ରଣା, ବାନ୍ତି ଓ ତରଳ ଝାଡ଼ା ହୋଇଥିଲା। ସକାଳ ସୁଦ୍ଧା ଅସୁସ୍ଥଙ୍କ ସଂଖ୍ୟା ବଢ଼ିଯାଇଥିଲା। ଅସୁସ୍ଥମାନଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ରବୀନ୍ଦ୍ର ଘଡ଼େଇ, ପ୍ରଫୁଲ୍ଲ ଘଡ଼େଇ, ଉମାକାନ୍ତ ସାମଲ, ପରଣୀୟ ଜେନା, ସଦାନନ୍ଦ ଜେନା, ସୁବାସ ଜେନା, ଶିଶିର ଘଡ଼େଇ, ମାମୁନି ଘଡ଼େଇ, କମଳିନୀ ଧଳ, ନିରୁପମା ମିଶ୍ର, ମଳୟ ଜେନା, ପୁଷ୍ପଲତା ଜେନା, ଜିନଦ ପଣ୍ଡାଙ୍କ ସମେତ ଗୁରୁତର ଥିବା ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ସଦର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜିଲାପାଳ ଅମ୍ବର କର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ଟିମ୍ ପ୍ରଭାବିତ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ଟିମ୍ ପାଟପୁର ଗ୍ରାମରେ ମେଡିକାଲ କ୍ୟାମ୍ପ ଖୋଲି ଚିକିତ୍ସା ଆରମ୍ଭ କରିଛି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ପ୍ରାକ୍ତନ ଭାଜପା ଜିଲା ସଭାପତି ଗୌତମ ରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବବିତା ମଲ୍ଲିକ ପ୍ରମୁଖ ମୃତା ସୁନ୍ଦରୀ ଜେନାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# କଂଗ୍ରେସର ସବୁ ସାଙ୍ଗଠନିକ ବିଷୟ ବୁଝିବେ ସାଲୁଜା

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଉପ ସଭାପତି ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ସାଲୁଜାଙ୍କୁ ପିସିସି ସଙ୍ଗଠନର ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଦଳର ସବୁ ପ୍ରକାର ସାଙ୍ଗଠନିକ ବିଷୟରେ ଦାୟିତ୍ୱ ନେବେ। ଏନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦସ୍ତଖତରେ ଏନେଇ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ସାଲୁଜା କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ଏହି ଆସନରୁ ପରାଜିତ ହୋଇଛନ୍ତି। ୨୦୧୯ରେ କିନ୍ତୁ ସେ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ବିଦ୍ୟୁତ୍ ଆଘାତରେ ମା', ପୁଅ ମୃତ

**ରିଆମାଳ,୨।୫(ବଦ୍ରି ନାରାୟଣ ଅଗ୍ରୱାଲା)**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇଗୋଲା ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ପରିବାରର ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉପାସୀ ଭୂତିଆ(୪୦) ଏବଂ ମନପ୍ରୀତ ଭୂତିଆ(୭)। ସୂଚନା ଅନୁଯାୟୀ, ଉପାସୀ ଘର ପରିସରରେ ଥିବା କୂଅରେ ଖଞ୍ଜାଯାଇଥିବା ପାଣିପମ୍ପ ଚଳାଉଥିଲେ। ଏହି ସମୟରେ ହଠାତ୍ ସେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହାପରେ ମନପ୍ରୀତ ମଧ୍ୟ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ କୁଣ୍ଢେଇଗୋଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ କୁଣ୍ଢେଇଗୋଲା ପୋଲିସ ଡାକ୍ତରଖାନାରେ ପହଞ୍ଚି ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଅନୁସୂଚିତ ଜନଜାତି ମୋର୍ଚ୍ଚା ଟିମ୍ ଘୋଷଣା କଲା ଭାଜପା

**ପୂର୍ବରୁ ୯, ଶନିବାର ୭ ଜିଲାର ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତିଙ୍କ ନାଁ ପ୍ରକାଶିତ**

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ଶନିବାର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ୮ ଜଣଙ୍କୁ ଉପସଭାପତି, ୩ ସାଧାରଣ ସମ୍ପାଦକ, ୭ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ, ଜଣଙ୍କୁ ଗଣମାଧ୍ୟମ ସଂଯୋଜକ ଏବଂ ଜଣଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦେଇ ନିଯୁକ୍ତି ପ୍ରଦାନ କରାଯାଇଛି।

ସେହିପରି ଶୁକ୍ରବାର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ୭ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ପ୍ରକାଶ ପାଇଛି। ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ଗୁରିନ୍ଦର ସିଂହଙ୍କ ଅନୁମୋଦନରେ ଏହି ନାଁ ପ୍ରକାଶ ପାଇଛି। ବଲାଙ୍ଗୀରରେ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଅହମଦ ଫଜ୍ଜୁଲ ଖାନ, କନ୍ଧମାଳରେ ଦୀପ୍ତିରଞ୍ଜନ ସେନାପତି, ମୟୂରଭଞ୍ଜ(ପୂର୍ବ)ର ସଭାପତି ଭାବେ ଏସ୍‌କେ ନସିରୁଦ୍ଦିନ, ମୟୂରଭଞ୍ଜ (ପଶ୍ଚିମ)ରେ ଏସ୍‌କେ ଲତିଫ, ନବରଙ୍ଗପୁରରେ ପବିତ୍ର ଗରଡ଼ା, ସୁବର୍ଣ୍ଣପୁରରେ ୟାସିନ ମହମ୍ମଦ ଏବଂ ଗଞ୍ଜାମରେ ମିର୍ଜା ମୁନତେଜିମ୍ ବାଇଗଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ଅନୁଗୋଳ, ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଘୁମୁସର(ଆସ୍କା), ଘୁମୁସର(ଭଞ୍ଜନଗର), ଯାଜପୁର, କୋରାପୁଟ ଏବଂ ପୁରୀ ଏହିଭଳି ୯ ଜିଲାର ସଂଖ୍ୟାଲଘୁ ସଭାପତିଙ୍କ ନାମ ପ୍ରକାଶ ପାଇଥିଲା।


ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଥିବା OUTR Govt College Canteen ପାଇଁ ହେଲପର ଏବଂ ବାସନ ଧୋଇବା ପିଲା ଦରକାର।
ହେଲପର – (10,000/– to 12,000/–)
ବାସନ ଧୋଇବା – 10,000/–
ଯୋଗାଯୋଗ - 9040566755



**ଜରୁରୀ ନିଯୁକ୍ତି / ଚାକିରି ସୁଯୋଗ**
କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଁ ନିର୍ମାଣ ଶ୍ରମିକ ଆବଶ୍ୟକ।
* ଶଟରିଂ ଏବଂ ଷ୍ଟିଲ୍ (ରଡ୍ ବାଇଣ୍ଡିଂ) କାମ ଜାଣିଥିବା
* ସ୍ଥାୟୀ କାମ (Permanent Job)
* କମ୍ପାନୀରେ ଡାଇରେକ୍ଟ ହାଇରିଂ
* କୌଣସି ଅଗ୍ରିମ ଦିଆଯିବ ନାହିଁ
* ଅନୁଭବୀଙ୍କୁ ପ୍ରାଥମିକତା
ଆଗ୍ରହୀ ପ୍ରାର୍ଥୀମାନେ ଯୋଗାଯୋଗ କରନ୍ତୁ
**Mob : 8847088916**
ଯୋଗେଶ ଶର୍ମା



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



**CREW EAST MANPOWER CONSULTANCY**
**URGENT HIRING**
CNC Laser Op – 5 (3+ yrs), Bending Op – 5 (4+ yrs), MIG Welder/Fitter – 10 (6+ yrs), Powder Coater – 10 (3+ yrs), Wiremen – 20 (3+ yrs), Busmen – 15 (3+ Yrs), Panel Assembler – 10 (2+ yrs), Welders– 40 (4+ yrs), Fitters – 20 (4+ yrs), Helpers– 40 (1+ Yrs).
**Salary: Best in Industry.**
**Mob:7684080260 (WhatsApp)**
**Mail Id: creweast2025@gmail.com**


# ସ୍ତ୍ରୀଙ୍କ ଅଭିଯୋଗ: ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରିଦେଲେ

**ସାଥୀଙ୍କ ସହ ଶିକାର କରିବାକୁ ଯାଇ ଶବ ପାଲଟିଲେ**

**ତୁମୁଡ଼ିବନ୍ଧ,୨।୫(ଦୀପକ କୁମାର ପରାସେଠ)**

ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରି ଦେଇଛନ୍ତି ବୋଲି ଏକ ସ୍ୱର୍ଶକାତର ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ରୁମୁକି ମାଝୀ। ଏପରି ଘଟଣା ଘଟିଛି କନ୍ଧମାଳ ଜିଲା ବେଲଘର ଥାନା ଅନ୍ତର୍ଗତ ସାପେରି ଗ୍ରାମରେ। ମୃତକ ହେଲେ କାମଦେବ ମାଝୀ (୩୩)। ତାଙ୍କ ଘର ବେଲଘର ପଞ୍ଚାୟତର ତୁଆକଲା ଗ୍ରାମରେ।

ଖବରରୁ ଜଣାପଡ଼ିଛି, କାମଦେବ ଗୁମ୍ମା ପଞ୍ଚାୟତ ସାପେରି ଗ୍ରାମରେ ବିବାହ କରି ସେଠାରେ ଶ୍ୱଶୁର ଘରେ ରହୁଥିଲେ। ଗତ ଶୁକ୍ରବାର ଅପରାହ୍ନ ୩ଟାରେ କାମଦେବ, ଲିପଟୁ ମାଝି ଓ ମଧୁସୂଦନ ମାଝୀ ତିନି ଜଣ ଦେଶୀ ବନ୍ଧୁକ ଧରି ଶିକାର କରିବାକୁ ନିକଟସ୍ଥ କାଡାପାନା ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଶିକାର କରିବା ବେଳେ ସାଥୀ ଶିକାରୀଙ୍କ ଗୁଳି କାମଦେବଙ୍କ ଛାତିରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ କାମଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସାଥୀ ଶିକାରୀମାନଙ୍କଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ପାଇ ବେଲଘର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏବେ କାମଦେବଙ୍କ ସ୍ତ୍ରୀ ରୁମୁକି ମୋ ସ୍ୱାମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରି ମୋ ସ୍ୱାମୀଙ୍କୁ ଶିକାରକୁ ଯିବା ପାଇଁ ଘରୁ ଡାକିନେଇ ଗୁଳି କରି ହତ୍ୟା କରିଛନ୍ତି ବୋଲି ରୁମୁକି କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ବେଲଘର ପୋଲିସ ନଂ. ୩୯/୨୬ରେ ଏକ ମାମଲା ରୁଜୁ ହୋଇଛି। ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯିବ। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଲଘର ଥାନା ଅଧିକାରୀ ସୌମ୍ୟରଞ୍ଜନ ପତି କହିଛନ୍ତି।


No. 10001/98/2627



## ଅଂଶୁଘାତ ସତର୍କତା

### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/26-27/0012



**IFFCO** Wholly owned by Cooperatives

**Indian Farmers Fertiliser Cooperative Limited, Paradeep Unit**

Advertisement No. PDP/HR/Rec/2026 Date: 28.04.2026

**Requirement of Assistant Trainee (Operator) for IFFCO, Paradeep Unit**

Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Assistant Trainee (Operator) for Paradeep Plant from candidates possessing Diploma (Chemical)/ B.Sc. (PCM) qualification and who have completed their apprenticeship / will be completing apprenticeship by 30.04.2026 under Apprentices Act 1961 from IFFCO / Fertilizer Industry / Heavy Chemical Industry / Petroleum Refinery / Petrochemical industry.

**How to apply:** For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of assistant trainee (operator) for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/candidate.

It is mandatory to submit online application form.

**Important Dates for candidates:**
Date of opening of online application: 01.05.2026, 08.00 hrs
Date of closing of online application: 08.05.2026, 23.59 hrs

**For queries / clarification:**
Contact No: 06722-22 4761



**UTKAL UNIVERSITY**
**VANI VIHAR, BHUBANESWAR-751004, ODISHA**
**Email: registrar@utkaluniversity.ac.in**

**Indicative Advertisement for Recruitment of Faculty Positions**

**No.: Estt.I/1041(Vol-IV)/5130/2026** **Dated: 02.05.2026**

Established in 1943, Utkal University occupies a foundational place in the higher education landscape of Odisha, emerging from an early generation of public universities that helped shape the intellectual architecture of modern India. Headquartered at its Vani Vihar campus in Bhubaneswar–spread across a sprawling ecosystem of 460 acres enriched by nature's bounty and complemented by the Utkal University Rural Campus at Chandikhole, spread over 66 acres, the University anchors an extensive academic network of nearly 430 affiliated colleges across the state. Embedded within the dynamic intellectual geography of South Asia, it aspires to evolve as a global destination for higher learning. Offering 47 academic programmes across diverse disciplines–including the Social Sciences, Natural Sciences, Pharmaceutical Sciences, and Management–and extending from undergraduate to doctoral levels, the University reflects a wide spectrum of academic engagement. Rooted in a distinguished legacy yet responsive to a transforming knowledge order, it advances cutting-edge curricula, fosters innovation and incubation, and promotes transdisciplinary engagements within contemporary knowledge ecologies. Through its commitment to research excellence and evolving pedagogic practices, it sustains a dynamic interface between heritage, convention, and futurity.

Utkal University invites **online applications from eligible Indian citizens** for appointment to the posts of **Assistant Professor, Associate Professor, and Professor** against sanctioned positions across various Post-Graduate Departments, in accordance with Letter No. 5322/HE dated 31.01.2026 issued by the Department of Higher Education, Government of Odisha..

**Disciplines / Departments:**
Analytical & Applied Economics; Anthropology; Ancient Indian History, Culture & Archaeology (AIHCA); Biotechnology; Botany; Business Administration; Chemistry; Centre for Distance and Online Education (CDOE); Commerce; Computer Science; English; Geography; Geology; History; Library & Information Science; Law; Personnel Management & Industrial Relations (PM&IR); Mathematics; Odia; Philosophy; Physics; Psychology; Political Science; Public Administration; Sanskrit; Sociology; Statistics; Zoology.

**Eligibility & Qualifications:**
Minimum qualifications, eligibility criteria, and service conditions shall be **governed by the UGC Regulations/Notifications, 2018**, as amended from time to time.

**Application Process:**
The application process shall be conducted **entirely in online mode** through the HIMS portal: **https://hims.odisha.gov.in/home**
Detailed advertisement, including department-wise vacancies and reservation positions, will be available on the University website: **www.utkaluniversity.ac.in** from **15.05.2026** onwards.

**Important Dates:**
- **Opening of Online Application:** 15.05.2026
- **Closing of Online Application:** 16.06.2026
- **Last Date for Receipt of Hard Copy (Registered/Speed Post):** 29.06.2026

In addition, a hard copy of the downloaded application form along with all relevant documents must be sent to the **Registrar, Utkal University, Vani Vihar, Bhubaneswar-751004, Khordha, Odisha** within the stipulated timeline.

**General Instructions:**
Applicants are advised to carefully review all eligibility conditions, qualifications, and procedural requirements before submission.
The University reserves the right to **modify, amend, or cancel** this advertisement, either in part or in full, without assigning any reason thereof.

**Sd/- Registrar**

# ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ୍ ସ୍ୱାଧୀନତାକୁ ଗୁରୁତ୍ୱ

**ଗଣମାଧ୍ୟମ ଗଣତାନ୍ତ୍ରିକ ମୂଳଦୁଆକୁ ମଜଭୁତ କରିଥାଏ। ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ସମାଜ ପ୍ରତି ଏକ କର୍ତ୍ତବ୍ୟ। ସମାଜକୁ ଆଇନା ଦେଖାଇବା ସହିତ ଘଟଣା ପଛର ସତ୍ୟତାକୁ ଲୋକଲୋଚନକୁ ଆଣିଥାଏ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ଭାବେ ପାଳନ କରାଯାଉଛି। ଏଥିସହ ପ୍ରତିବର୍ଷ ଏଥିପାଇଁ ଏକ ସ୍ୱତନ୍ତ୍ର ଥିମ୍ ବା ବିଷୟବସ୍ତୁ ରହିଥାଏ। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଶାନ୍ତିର ଭବିଷ୍ୟତ: ମାନବାଧିକାର, ବିକାଶ ଏବଂ ସୁରକ୍ଷା ପାଇଁ ପ୍ରେସ୍ ସ୍ୱାଧୀନତାକୁ ପ୍ରୋତ୍ସାହନ'। ୧୯୯୧ରେ ଜାତିସଂଘର ଜନସୂଚନା ବିଭାଗ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରଥମେ ପ୍ରସ୍ତାବ ଦେଇଥିଲା। ୧୯୯୩ରେ ଏହି ଦିବସ ପାଳନ ପାଇଁ ବିଧିବଦ୍ଧ ଭାବେ ଅନୁମୋଦନ ମିଳିଥିଲା। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ପୃଥିବୀର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଓ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣିପାରିବ।**



## ପ୍ରେସ୍ ସ୍ୱାଧୀନତା ଦିବସ: ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ



ଆଜି ଦିନରେ ପ୍ରେସ୍ ଓ ସାମ୍ବାଦିକଙ୍କ ସ୍ଥିତି କ'ଣ ତାହା ଗଳିକନ୍ଦିର ଛୋଟଛୁଆକୁ ବି ଜଣା। ଚଳିତବର୍ଷର ପ୍ରେସ୍ ସ୍ୱାଧୀନତା ଦିବସର ପ୍ରସଙ୍ଗ ହେଉଛି 'ଶାନ୍ତିର ଭବିଷ୍ୟତ ଗଠନ ଏବଂ ଗଣତନ୍ତ୍ରକୁ ସୁରକ୍ଷିତ କରିବାରେ ମୁକ୍ତ ଓ ସ୍ୱାଧୀନ ଗଣମାଧ୍ୟମର ଭୂମିକା। ମାତ୍ର ପ୍ରଶ୍ନ ହେଉଛି ସତରେ ଆମ ପ୍ରେସ୍ କେତେ ସ୍ୱାଧୀନ? ଆଜି ସାମ୍ବାଦିକମାନଙ୍କ ଏ ସ୍ଥିତି କେବଳ ଚାପ ଓ ଭୟ ପାଇଁ ନୁହେଁ, ଏହା ପଛରେ ଥିବା ଆଉ ଏକ ବଡ଼ କାରଣ ହେଉଛି ପ୍ରଭାବ ଓ ପ୍ରଲୋଭନର ଜାଲ। ସରକାର ଓ କର୍ପୋରେଟର ଚାପ ଅପେକ୍ଷା ସେମାନଙ୍କ ପ୍ରଲୋଭନର ହିତାଧିକାରୀ ହେବାପାଇଁ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ଏକ ବଡ଼ କାରଣ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ଭାରତର ସ୍ଥାନ ବିଗତ ୨୫ ବର୍ଷରେ ସବୁଠାରୁ ଖରାପ ସ୍ଥିତିରେ ଅଛି। ୧୮୦ ଦେଶରୁ ଭାରତର ସ୍ଥାନ ୧୫୭। ଖବରଠାରୁ ବେଶି ନ୍ୟାରେଟିଭ ବିକ୍ରି ହେଉଛି, ପ୍ରଶ୍ନ କରିବାଠାରୁ ବେଶି ଚୁପ୍ ରହିବା ସୁରକ୍ଷିତ ହୋଇପଡ଼ିଛି। ଏହି ପରିସ୍ଥିତିରେ ପ୍ରେସ୍ ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବର ବିଷୟ ଭାବରେ ନୁହେଁ ବରଂ ଏକ ସଂଘର୍ଷର ସ୍ମୃତି ଓ ସମାଜର ଆବଶ୍ୟକତା ଭାବେ ବିବେଚନା କରିବାର ସମୟ।

**-ସତ୍ୟ ପ୍ରକାଶ ନାୟକ, ବରିଷ୍ଠ ସାମ୍ବାଦିକ**

## ଗଣମାଧ୍ୟମକୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ



ପ୍ରେସ୍ ସ୍ୱାଧୀନତା ସହ ଗଣତନ୍ତ୍ରର ଆତ୍ମା ଜଡ଼ିତ। ମାତ୍ର ଭାରତୀୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଭିତରେ ପ୍ରେସ୍ ଏବଂ ସାମ୍ବାଦିକମାନଙ୍କୁ ଯେତିକି ସ୍ୱାଧୀନତା ମିଳିବା କଥା ତାହା ମିଳିପାରୁନାହିଁ। ସତ୍ୟ ତଥ୍ୟ ପରିବେଷଣ କଲେ ଉଭୟ ଗଣମାଧ୍ୟମ ଏବଂ ସେମାନଙ୍କ ପ୍ରତିନିଧି ଉପରେ ବିଭିନ୍ନ ଆଳରେ ଚାପ ସୃଷ୍ଟି କରାଯାଉଛି। ଫଳରେ ଲୋକମାନଙ୍କ ସତ୍ୟ ଓ ପ୍ରକୃତ ତଥ୍ୟ ଜାଣିବାର ଯେଉଁ ମାନବିକ ଅଧିକାର ରହିଛି ତାହା କ୍ଷୁଣ୍ଣ ହେଉଛି। ଗଣତନ୍ତ୍ରରେ ନାଗରିକ ହେଉଛନ୍ତି ଜାଗ୍ରତ ପ୍ରହରୀ। ସତ୍ୟ ବିଷୟରେ ଜନସାଧାରଣ ଜାଣି ନ ପାରିଲେ ଗଣତନ୍ତ୍ର ଅବକ୍ଷୟମୁଖୀ ହୋଇଥାଏ।

**-ଅକ୍ଷୟ ସାହୁ, ବରିଷ୍ଠ ସାମ୍ବାଦିକ**

## ଓଡ଼ିଶାରେ ଖବରକାଗଜର ଚାହିଦା ରହିଛି



ଅନ୍ତର୍ଜାତୀୟ ଗଣମାଧ୍ୟମ ତୁଳନାରେ ଭାରତୀୟ ଗଣମାଧ୍ୟମରେ ସ୍ଥାନୀୟ ଖବରକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଗଣମାଧ୍ୟମର ସ୍ୱାଧୀନତାକୁ ଦେଖିଲେ ଅନେକ ସମୟରେ ସେମାନଙ୍କ ଉପରେ ରାଜନୈତିକ ଚାପ ରହିପାରେ। ମାତ୍ର ଖବରକାଗଜକୁ ପରିଚାଳନା କରୁଥିବା ବ୍ୟକ୍ତି ବା କ୍ୟାପ୍ଟେନ୍ ଅଫ୍ ଦି ଶିପ୍ ଚାହିଁଲେ ବାଧାବିଘ୍ନ ସତ୍ତ୍ୱେ ନିଜର ବିଚାର, ପରାମର୍ଶକୁ ଲେଖା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇପାରିବେ। ଏଥିସହ ଲୋକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ମଧ ଅବଗତ କରାଇପାରିବେ। ସେହିପରି ପୂର୍ବାପେକ୍ଷା ଗଣମାଧ୍ୟମର ରୂପରେଖ ବଦଳିବା ସହ ବର୍ତ୍ତମାନର ଜେନେରେଶନକୁ ଲକ୍ଷ୍ୟକରି ଖବର ପରିବେଷଣର ଷ୍ଟାଇଲ ବଦଳିଛି। ବିଦେଶରେ ଖବରକାଗଜ ଲୁପ୍ତ ହୋଇଗଲାଣି, ମାତ୍ର ଯେତେ ଡିଜିଟାଲ ମିଡିଆ ଆସିଲେ ବି ଓଡ଼ିଶାରେ ଏହାର ଚାହିଦା ଏବେ ବି ରହିଛି।

**-ଡ. ବନ୍ଦିତା ପଣ୍ଡା, ବିଭାଗୀୟ ମୁଖ୍ୟ, ଜର୍ନାଲିଜମ ଆଣ୍ଡ ମାସ୍ କମ୍ୟୁନିକେଶନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

## ସତ୍ୟକୁ ସାମ୍ନାକୁ ଆଣିବା ସାମ୍ବାଦିକଙ୍କ ମୂଳ ଧର୍ମ



ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଆମକୁ ସାମ୍ବାଦିକଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରାଉଛି। ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥସ୍ତମ୍ଭ ଭାବେ ଗ୍ରହଣ କରାଯାଏ। ଏହା ସତ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ସମାଜକୁ ସଚେତନ ଓ ସଶକ୍ତ କରେ। ଗଣମାଧ୍ୟମ ସମାଜର ଆଇନା ସଦୃଶ। ଏହା ଦେଶବିଦେଶର ଘଟଣାବଳୀକୁ ନିର୍ଭୀକ ଭାବେ ପ୍ରସାରଣକରି ସମାଜର ଭଲ ଓ ଖରାପ ଦୁଇଟି ପକ୍ଷକୁ ଉପସ୍ଥାପିତ କରେ। ପ୍ରେସ୍ ସ୍ୱାଧୀନତା ସବୁଠି ସମାନ ଭାବେ ସୁରକ୍ଷିତ ନୁହେଁ। ବହୁ ସ୍ଥାନରେ ସାମ୍ବାଦିକମାନେ ଧମକ, ନିର୍ଯାତନା ଓ ଚାପର ସମ୍ମୁଖୀନ ହେଉଛନ୍ତି। ତଥାପି ସେମାନେ ସତ୍ୟକୁ ପ୍ରକାଶ କରିବାରେ ନିର୍ଭୀକ ଭାବେ ଆଗକୁ ବଢୁଛନ୍ତି, ଯାହା ସମାଜ ପାଇଁ ପ୍ରେରଣାଦାୟକ। ସତ୍ୟକୁ ସାମ୍ନାକୁ ଆଣିବା ଓ ଭୁଲ୍ ଖବର ପ୍ରତି ସଚେତନ ରହିବା ସହ ଗଣମାଧ୍ୟମକୁ ସମ୍ମାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

**-ଲୋକେଶ ନାୟକ, ଗଣମାଧ୍ୟମ ଛାତ୍ର, କୋରାପୁଟ**

## ସାମ୍ବାଦିକଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ



ସ୍ୱାଧୀନ ସାମ୍ବାଦିକତା ଲୋକତନ୍ତ୍ରର ମୂଳ ଭିତ୍ତି ଓ ସମାଜର ସତ୍ୟକୁ ଉଜାଗର କରିବାରେ ଏହାର ଭୂମିକା ଅପରିହାର୍ଯ୍ୟ। ନିର୍ଭୀକ ଓ ନିରପେକ୍ଷ ଖବର ପ୍ରସାରଣ ଦ୍ୱାରା ଗଣମାଧ୍ୟମ ଲୋକଙ୍କ ସ୍ୱରକୁ ଶକ୍ତି ଦେଇଥାଏ। ପ୍ରେସ୍ ଉପରେ ନିୟନ୍ତ୍ରଣ ବଢ଼ିଲେ ଲୋକତନ୍ତ୍ର ଦୁର୍ବଳ ହୋଇପଡ଼େ ଓ ସତ୍ୟ ଦବିଯାଏ। ଆଜିର ସମୟରେ ଭ୍ରାନ୍ତ ତଥ୍ୟ ଓ ଚାପ ମଧ୍ୟରେ ସତ୍ୟକୁ ରକ୍ଷା କରିବା ସାମ୍ବାଦିକଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସେହିପରି ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ପ୍ରେସ୍ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ, ଏହା ମାନବ ଅଧିକାରର ଅଂଶ।

-ଚନ୍ଦ୍ରକଳା ଚମ୍ପତି, ଗଣମାଧ୍ୟମ ଛାତ୍ରୀ, ପୁରୀ

## ନିରପେକ୍ଷ ସାମ୍ବାଦିକତା କଷ୍ଟକର ହେଉଛି

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଗଣମାଧ୍ୟମର ସ୍ୱାଧୀନତା ଏକ ନିୟନ୍ତ୍ରିତ ବା 'ରିମୋଟ୍ ଚାଳିତ' ବ୍ୟବସ୍ଥା ପରି ପ୍ରତୀୟମାନ ହେଉଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର କ୍ରମାଗତ ଅବନତି ଏବଂ ଗତ କିଛି ଦଶନ୍ଧି ମଧ୍ୟରେ ରାଜନୈତିକ ହସ୍ତକ୍ଷେପ ଓ କର୍ପୋରେଟ ମାଲିକାନାର ବୃଦ୍ଧି ଗଣମାଧ୍ୟମର ସ୍ୱତନ୍ତ୍ରତାକୁ ସଙ୍କୁଚିତ କରିଦେଇଛି। ଫଳରେ ନିରପେକ୍ଷ ସାମ୍ବାଦିକତା କରିବା କଷ୍ଟକର ହୋଇପଡ଼ିଛି। ତେଣୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଦୃଢ଼, ନିର୍ଭୟ ଏବଂ ସ୍ୱଚ୍ଛ କରିବାକୁ ହେଲେ ସରକାରଙ୍କୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଗଣମାଧ୍ୟମକୁ ଚାପମୁକ୍ତ ରଖିବା ପାଇଁ ଏକ ସ୍ୱାଧୀନ ନିୟାମକ ଗଠନ ଏବଂ ଆର୍ଥିକ ସହାୟତା ଯୋଗାଇଦେବା ଭଳି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ହେବ।



- ରୋଜାଲିନ୍ ସାହୁ, ଗଣମାଧ୍ୟମ ଛାତ୍ରୀ, ପୁରୀ

## ସମାଜର ସେତୁ ଭାବେ ଅବିରତ କାର୍ଯ୍ୟ କରୁଛି ଗଣମାଧ୍ୟମ



ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ଶକ୍ତିଶାଳୀ ସେତୁ ଭାବେ ଗଣମାଧ୍ୟମ ନିଜ ଭୂମିକା ନିଭେଇ ଆସୁଛି। ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଡିଜିଟାଲ ଗଣମାଧ୍ୟମ ସମାଜର ପ୍ରତ୍ୟେକ କୋଣକୁ ସ୍ପର୍ଶକରି ସୂଚନା, ଶିକ୍ଷା ଓ ମନୋରଞ୍ଜନର ମୁଖ୍ୟ ଉତ୍ସ ପାଲଟିଛି। ଏହା ସହିତ ଗଣମାଧ୍ୟମ ସମାଜର ବିଭିନ୍ନ ଶ୍ରେଣୀ, ଭାଷା ଓ ସଂସ୍କୃତି ମଧରେ ସମ୍ପର୍କ ସୃଷ୍ଟିକରି ଏକତାକୁ ମଜଭୁତ କରିଆସିଛି। ପ୍ରେସ୍‌ର ମୂଳ ଭୂମିକା ହେଉଛି ସତ୍ୟ ଖବର ପ୍ରସାରଣ କରିବା, ଦୁର୍ନୀତି, ଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଷୟଗୁଡ଼ିକୁ ଆଲୋକିତକରି ସମାଧାନ ପାଇଁ ଲୋକମତ ଗଠନରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଏହା ସମାଜରେ ସତ୍ୟ, ନ୍ୟାୟ ଓ ପ୍ରତିଶ୍ରୁତିର ପ୍ରତୀକ ଭାବେ ଦୃଢ଼ ଭୂମିକା ନିଭାଏ। ଗଣମାଧ୍ୟମ ସମାଜକୁ ଠିକ୍ ଦିଗରେ ଆଗୁଆ କରାଇବାରେ ଏକ ପଥପ୍ରଦର୍ଶକ ଭାବେ କାମ କରୁଛି।

**-ଯାଜ୍ଞସେନୀ ଜେନା, ଗଣମାଧ୍ୟମ ଛାତ୍ରୀ, କୋରାପୁଟ**

## ଗଣତନ୍ତ୍ରର ସୁରକ୍ଷା ପାଇଁ ସ୍ୱାଧୀନ ସାମ୍ବାଦିକତା ଜରୁରୀ



ଗଣତନ୍ତ୍ରର ସଫଳତା ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଉପରେ ନିର୍ଭରକରେ। ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଅବସରରେ ସାମ୍ବାଦିକତାର ନୈତିକତା ଓ ସ୍ୱାଧୀନତାକୁ ନେଇ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଠିକ୍ ତଥ୍ୟ ପରିବେଷଣକରିବା ଖବରଦାତାଙ୍କ ପାଇଁ ଏକ ବଡ଼ ଆହ୍ୱାନ। ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ବରଂ ଏହା ସମାଜର ଆଇନା। ଏହି ଆଇନା ଯେପରି ସ୍ୱଚ୍ଛ ରହେ ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

**-ପ୍ରିୟଙ୍କା ପ୍ରିୟଦର୍ଶିନୀ ବୀର, ଗଣମାଧ୍ୟମ ଛାତ୍ରୀ, ଖୋର୍ଦ୍ଧା**

ରିପୋର୍ଟ: ବନ୍ଦନା ସେଠୀ

ରାଜ୍ୟ ଖବର

# କଠିନ ପରିଶ୍ରମ, ପ୍ରେରଣାରୁ ସଫଳତା

**ଚଳିତ ବର୍ଷର ମାଟ୍ରିକ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବା ପରେ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। କଠିନ ପରିଶ୍ରମ, ମା'ବାପା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରେରଣା ସେମାନଙ୍କୁ ସଫଳତା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ସେମାନେ ନିଜକୁ ନିଜର ପସନ୍ଦଯୋଗ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରିବା ପାଇଁ ଏବେଠାରୁ ଆଶା ବାନ୍ଧିଛନ୍ତି। ବିଭିନ୍ନ ଜିଲାରେ ସଫଳତାର କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମୁହଁରୁ.....**

## ସେନା ଅଧିକାରୀ ହେବାକୁ ଇଚ୍ଛା



ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୭୬ ନମ୍ବର ରଖି ଜଗତ୍‌ସିଂହପୁର ଜିଲା ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। କଠିନ ପରିଶ୍ରମ, ସମୟାନୁବର୍ତ୍ତିତା ହିଁ ମତେ ଏହି ସ୍ଥାନରେ ପହଞ୍ଚାଇ ପାରିଛି। ଏହି ସଫଳତାର ପଛରେ ବାପା ତଥା ନାଉଗାଁ ଗ୍ରାମର ରାଜ କିଶୋର ପଲେଇ, ମା' ଗୀତାଞ୍ଜଳୀ ପଲେଇଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଭବିଷ୍ୟତରେ ଭଲ ପାଠ ପଢି ଜଣେ ସେନା ଅଧିକାରୀ ଭାବେ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି।

**-ଗାୟତ୍ରୀ ପଲ୍ଲେଇ, ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟ, ଜଗତ୍‌ସିଂହପୁର ।**

## ଆଇଏଏସ୍ ହେବାକୁ ଲକ୍ଷ୍ୟ



ମାଟ୍ରିକ୍ ପରୀକ୍ଷା ଫଳରେ ମୁଁ ବହୁତ ଖୁସି ଅଛି। ଏଥିପାଇଁ ମୁଁ ଦୈନିକ ୮ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରୁଥିଲି। ତେଣୁ ୫୭୫ ନମ୍ବର (ଏ-୧ ଗ୍ରେଡ୍) ରଖି ସୁନ୍ଦରଗଡ଼ ଜିଲାରେ ଟପ୍ପର ହୋଇପାରିଛି। କଠିନ ପରିଶ୍ରମ କଲେ ସଫଳତା ନିଶ୍ଚିତ। ମୋ ସଫଳତାରେ ସମସ୍ତଙ୍କ ସହଯୋଗ ରହିଛି। ଏହି ସଫଳତାର ଶ୍ରେୟ ମୁଁ ମୋ ମା' ବାପା, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେବି। ଆଗକୁ ଆଇଏଏସ୍ ହେବା ପାଇଁ ଲକ୍ଷ୍ୟ ରଖିଛି।

**-ସୁଜିତ ଟିଗା, କୁତ୍ରା ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼**

## ନିରନ୍ତର ଚେଷ୍ଟା, ପରିଶ୍ରମର ଫଳ



ମାଟ୍ରିକ୍ ପରୀକ୍ଷା ଫଳରେ ବହୁତ ଖୁସି ଅନୁଭବ କରୁଛି। ଦିନରାତି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଢ଼ିଥିଲା। ନିରନ୍ତର ଚେଷ୍ଟା ଓ ପରିଶ୍ରମ ଯୋଗୁ ୯୨.୬୬ ପ୍ରତିଶତ (୫୫୬) ମାର୍କ ରଖି ଏ-୧ ଗ୍ରେଡ୍ ପାଇଛି। ଏହି ସଫଳତା ପାଇଁ ମୋ ବାପା ସୂର୍ଯ୍ୟମଣି ସାହୁଙ୍କୁ ଶ୍ରେୟ ଦେବି। ସର୍ବୋପରି ନିଜର ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ହିଁ ଏହି ସଫଳତା ଦେଇଛି। ଆଗାମୀ ଦିନରେ ଦେଶର ଜଣେ ଆଗଧାଡ଼ିର ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି ।

**-ସ୍ୱର୍ଣ୍ଣପ୍ରଭା ସାହୁ, ଚିନ୍ମୟ ଓଡ଼ିଆ ମାଧମ ସ୍କୁଲ, ରାଉରକେଲା**

## ପରିଶ୍ରମର ଫଳ ମିଳିଛି



ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ଏଥିସହ ଜିଲାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ଆଗାମୀ ଦିନରେ କମ୍ପ୍ୟୁଟର ସାଇନ୍ସ ପଢ଼ିବା ସହ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛି। ବାପା ପ୍ରଶାନ୍ତ ପ୍ରଧାନ, ମା' ମିତାଞ୍ଜଳି ପ୍ରଧାନଙ୍କ ସମେତ ସ୍କୁଲ ଓ ଟିଉଶନ ଶିକ୍ଷକଙ୍କ ସହଯୋଗ ଯୋଗୁ ମୁଁ ଏହି ସଫଳତା ପାଇଛି।

**-ନମନ ପ୍ରଧାନ, ଏକତାଳି ମ୍ୟୁନିସିପାଲ ହାଇସ୍କୁଲ, ଝାରସୁଗୁଡ଼ା**

## ଆଇଏଏସ୍ ଅଧିକାରୀ ହେବି



ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ମାତା ପୁଷ୍ପଲତା, ପିତା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ସୁରୋଜ କୁମାର ବଳ, ବିଦ୍ୟାଳୟର ଗୁରୁମା ଗୁରୁଜୀ ଏବଂ ଟ୍ୟୁଶନ ଶିକ୍ଷକଙ୍କୁ ସମସ୍ତ ଶ୍ରେୟ ଦେବି। ପ୍ରତିଦିନ ସ୍କୁଲ୍ ପାଠ ବ୍ୟତୀତ ୫ରୁ ୬ ଘଣ୍ଟା କଠିନ ପରିଶ୍ରମ କରି ସମ୍ବଲପୁର ଜିଲା ଟପ୍ପର ହୋଇଛି। ସୋସିଆଲ ମିଡିଆ ଏବଂ ମୋବାଇଲ୍ ଫୋନଠାରୁ ଦୂରରେ ରହି ପାଠପଢ଼ା ଉପରେ ମନୋନିବେଶ କରିଥିଲି। ପାଠପଢ଼ା ବ୍ୟତୀତ କ୍ରିକେଟ୍ ଖେଳିବା ଏବଂ ବହି ପଢ଼ିବା ମୋର ପ୍ରିୟ।

**-ବିଶ୍ୱପ୍ରସାଦ ବଳ, ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଏସ୍ଏସ୍ଭିଏମ୍), ସମ୍ବଲପୁର**

## ଡାକ୍ତର ହେବା ଆଶା ରଖିଛି



ମାଟ୍ରିକ୍ ପରୀକ୍ଷାରେ ମୋର ୯୫% ପ୍ରତିଶତ ରହିଛି। ଅଧିକା ମାର୍କ ଆଶା ରଖିଥିଲି, କିନ୍ତୁ ଇତିହାସ ଓ ଭୁଗୋଳ ବିଷୟରେ ମାର୍କ କମିଯାଇଛି। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଛି। ମୋ ସଫଳତାର ଶ୍ରେୟ ମା', ବାପା, ଗୁରୁଜୀ ଓ ଗୁରୁମାଙ୍କୁ ଦେଉଛି। ପରୀକ୍ଷା ପାଇଁ ମୁଁ ଟିଉସନ ଯିବା ସହ ୫ରୁ ୬ ଘଣ୍ଟା ପାଠ ପଢୁଥିଲି। ଆଗକୁ ଜଣେ ହାର୍ଟ ଡାକ୍ତର ହେବା ଆଶା ରଖିଛି।

**-ଅଂଶୁମାନ ପ୍ରିୟଦର୍ଶୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର, ଜୟପୁର, କୋରାପୁଟ**

## ଘରେ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲି



ପରୀକ୍ଷା ପାଇଁ ପାଠପଢ଼ା ପ୍ରତି ବିଶେଷ ଧାନ ଦେଉଥିଲି। ପ୍ରତିଦିନ ସ୍କୁଲ୍ ସମୟ ଛାଡ଼ି ଘରେ ୮ରୁ ୯ଘଣ୍ଟା ପରିଶ୍ରମ କରୁଥିଲି। ଚଳିତ ମାଟ୍ରିକ୍ ପରୀକ୍ଷାରେ ପୁରୀ ଜିଲାରେ ୫୮୦ ନମ୍ବର ରଖି ଟପ୍ପର ହୋଇଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ନିଟ୍ କ୍ଲିୟର କରିବା ସହ ଡାକ୍ତରୀ ପଢ଼ିବି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି।

**-ପ୍ରିୟଙ୍କା ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ପୁରୀ**

## ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ୯୫.୧୭ ପ୍ରତିଶତ ହାରରେ ୫୭୧ ମାର୍କ ରହିଛି। ବାପା, ମା' ଓ ଗୁରୁଜନଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଥିବା ବେଳେ ଆଗକୁ ବିଜ୍ଞାନରେ ପାଠ ପଢ଼ିବି। ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ହୋଇ ଜଣେ ଦକ୍ଷ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି।

**-ମଧୁସ୍ମିତା ମାଝୀ, କେନ୍ଦୁଝର ଗଡ଼ ସରସ୍ୱତୀ ବିଦ୍ୟାମନ୍ଦିର**

## ଆଇଆଇଟି ପଢ଼ିବାକୁ ଲକ୍ଷ୍ୟ ରଖିଛି



ମୁଁ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇ ଖୁସି ଅନୁଭବ କରୁଛି। କିନ୍ତୁ ମୋର ୬୦୦ ରୁ ୫୮୦ ବଦଳରେ ୫୭୨ ନମ୍ବର ରହିଛି। ୮ ନମ୍ବର ବିଜ୍ଞାନରେ କଟି ଯାଇଛି। ୯୮ ବଦଳରେ ୯୦ ରହିଛି । ମୁଁ ବିଜ୍ଞାନ ପେପର ରିଚେକ୍ କରିବି । ତେବେ ମୁଁ ଆଇଆଇଟି ପଢିବାକୁ ଲକ୍ଷ୍ୟ ରଖି କୋଚିଂ ନେବା ଆରମ୍ଭ କରିଛି । ଦିନକୁ ୧୭ ରୁ ୧୮ ଘଣ୍ଟା ପରିଶ୍ରମ କରୁଥିଲି। ବାପା ଗଦାଧର ଜେନାଙ୍କର ମୃତ୍ୟୁ ପରେ ମୋ ମା' ଓ ଜେଜେ ବାପା ବିନାୟକ ଜେନା କଷ୍ଟକରି ପାଠ ପଢ଼ାଇଛନ୍ତି । ମୋ ମା' ସିଲେଇ କରି ପରିବାର ଗୁଜୁରାଣ ଚଳାଇଥାନ୍ତି । ମୋ ସଫଳତା ପଛରେ ଭଗବାନ, ସ୍କୁଲ ଓ କୋଚିଂ ଶିକ୍ଷକ, ପରିବାରର ବଡ ଭୂମିକା ରହିଛି ।

**-ସରୋଜ କୁମାର ଜେନା, କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ନୟାଗଡ଼**



ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପରେ ଭୁବନେଶ୍ୱର ବଡ଼ଗଡ଼ବ୍ରିଟ୍ କଲୋନୀସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ଡାକ୍ତର ହୋଇ ରୋଗୀସେବା କରିବି



ଚଳିତ ମାଟ୍ରିକ୍ ପରୀକ୍ଷାରେ ୯୨.୩୩ ପ୍ରତିଶତ ରଖିଛି। ମା ବାପା ଏବଂ ଗୁରୁମା ଗୁରୁଜୀଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ପାଇଁ ଏହି ସଫଳତା ମିଳିଛି। ଅଧିକା ସମୟ ପାଠ ପଢ଼ିବା ଅପେକ୍ଷା କମ ସମୟ ମନ ଧାନ ଦେଇ ପଢ଼ିଲେ ଅଧିକା ସଫଳତା ମିଳିଥାଏ। ଆଗକୁ ଡାକ୍ତର ହେବି। ରୋଗୀ ସେବା କରିବା ପ୍ରାଥମିକତା ରହିବ।

**-ମନସ୍ୱିନୀ ଦାଶ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ଗୁଣପୁର, ରାୟଗଡ଼ା**

## ଇସ୍ରୋର ବୈଜ୍ଞାନିକ ହେବା ଲକ୍ଷ୍ୟ



ମୋର ୬୦୦ରୁ ୫୭୧ ନମ୍ବର ରହିଛି। ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ମୁଁ ବିଜ୍ଞାନରେ ୯୨ ରୁ ଅଧିକ ନମ୍ବର ରହିବ ବୋଲି ଭାବିଥିଲି କିନ୍ତୁ ସେଥିରେ ମାର୍କ କମିଗଲା, ସେହିପରି ଗଣିତରେ ମଧ ୯୪ ନମ୍ବର ଥିବା ବେଳେ ମୋର ଅଧିକ ରହିବା ଆଶା ଥିଲା। ଜିଲା ଟପ୍ପର ହୋଇ ଅତ୍ୟନ୍ତ ଆନନ୍ଦିତ। ମୁଁ ଇସ୍ରୋର ଜଣେ ବୈଜ୍ଞାନିକ ହେବା ଲାଗି ଲକ୍ଷ୍ୟ ରଖିଛି। ମୋର ପରିଶ୍ରମ ଓ ପରିବାର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ ମୋତେ ଜିଲା ଟପ୍ପର ହେବାରେ ସହାୟକ ହୋଇଛି।

**-ଦେବଦର୍ଶୀ ମଣ୍ଡଳ, ଖରିନାସୀ ଉଚ୍ଚ ବିଦ୍ୟାଳୟ, ମହାକାଳପଡା, କେନ୍ଦ୍ରାପଡା**

## ଆଇଏଏସ୍ ପାଇ ଲୋକଙ୍କ ପାଇଁ କାମ କରିବି



ମାଟ୍ରିକ୍ ପରିକ୍ଷାର ୫୫୧ ନମ୍ବର ରହିଛି। ଏହି ସଫଫଳତା ପାଇଁ ଦିନକୁ ୭ ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଭବିଷ୍ୟତରେ ଆଇଏଏସ୍ ପାଇବାକୁ ସ୍ୱପ୍ନ ରହିଛି। ଆଇଏଏସ୍ ହୋଇ ଲୋକଙ୍କ ପାଇଁ କାମ କରିବା ସହ ମା' ବାପା, ଜିଲା ଓ ରାଜ୍ୟର ଟେକ ରଖିବି।

**-ଦେବୀପ୍ରିୟା ବାରିକ, ଯୋଡିଙ୍ଗା ସଂଯୁକ୍ତା ଉଚ୍ଚ ବିଦ୍ୟାଳୟ ରାଇଘର, ନବରଙ୍ଗପୁର**

## ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି



୫୭୩ ନମ୍ବର ରଖି ଭଦ୍ରକ ଜିଲା ଟପ୍ପର ହୋଇଛି। ଅକ୍ଳାନ୍ତ ପରିଶ୍ରମ ଯୋଗୁ ଆଶାତୀତ ସଫଳତା ପାଇଛି। ୫୮୦ ପାଖାପାଖି ନମ୍ବର ରହିବ ବୋଲି ଆକଳନ କରିଥିଲି। ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ାରେ ସମୟ ଦେଉଥିବା ବେଳେ ଦିନ ଅପେକ୍ଷା ରାତି ସମୟରେ ପାଠପଢ଼ାରେ ଅଧିକ ଧାନ ଦିଏ। ଜିଲା ଟପ୍ପର ହୋଇଥିବାରୁ ବହୁତ ଖୁସି ଅଛି। ଆଗକୁ ଯୁକ୍ତ ୨ ବିଜ୍ଞାନ ପରେ ଡାକ୍ତରୀ ପଢ଼ିବାକୁ ଲକ୍ଷ୍ୟ ରଖିଛି। ସଫଳତା ପାଇଁ ମା' ବାପାଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଟ୍ୟୁଶନ କୋଚିଂ ସାର୍‌ଙ୍କୁ ଶ୍ରେୟ ଦେବି।

**-ସରିତା ନାୟକ, ଜନ୍ତୁଆଳି ନୂଆଗାଁ ବଲ୍ଲଭଶଙ୍କାଳି ଚାରିମୌଜା ହାଇସ୍କୁଲ ଛାତ୍ରୀ, ଚାନ୍ଦବାଲି**

## ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ସମୁଦାୟ ୬୦୦ ମାର୍କରୁ ୫୭୩ ମାର୍କ (୯୫.୦୫%) ରଖି ଯାଜପୁର ଜିଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ଖୁସି ଲାଗୁଛି। ବାପା ଇନ୍ଦ୍ରମଣି ସାହୁଙ୍କ ୨୦୨୩ରେ ମୃତ୍ୟୁପରେ ମା' ସୁମିତ୍ରା ଆମ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରି ମୋ ପାଠପଢ଼ାକୁ ଆଗକୁ ବଢ଼ାଇଥିଲେ। ତାଙ୍କ ଆଶୀର୍ବାଦ ଓ କଠୋର ପରିଶ୍ରମ ଯୋଗୁ ଏହି ସଫଳତା ପାଇଛି। ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ମା', ପରିବାରବର୍ଗଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କୋଚିଂ ସେଣ୍ଟରକୁ ମଧ ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**-ଶୁଭମ ସାହୁ, ଛାତ୍ର, କାକୁଡ଼ିକୁଦ ସତ୍ୟସାଇ ସରକାରୀ ହାଇସ୍କୁଲ, ଯାଜପୁର**



ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବେଙ୍ଗାଲୁରୁରେ ଶନିବାର ଯୁବକଂଗ୍ରେସ କର୍ମୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୧୯ କେଜି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ଦାମ୍ ୯୯୩ ଟଙ୍କା ବଢ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

# ଇସି ଭୋଟଗଣନା କର୍ମଚାରୀ ଚୟନ କରିପାରିବେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୫**



ପଶ୍ଚିମବଙ୍ଗ ଭୋଟଗଣତି ବେଳେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କମିଶନ (ଇସି) ନିଯୁକ୍ତ କରିଥିବାରୁ ଏହାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହା ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ଶନିବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ଭୋଟଗଣନା କର୍ମଚାରୀଙ୍କୁ ଚୟନ କରିପାରିବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଗତ ଏପ୍ରିଲ ୧୩ରେ ନିର୍ବାଚନ କମିଶନଙ୍କ ସର୍କୁଲାରରେ ରାଜ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯିବାର ବ୍ୟବସ୍ଥା ଥିଲା। ତେଣୁ ଏହାକୁ ଭୁଲ୍ କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

କୌଣସି ଅନିୟମିତତାକୁ ନେଇ ତୃଣମୂଳ କଂଗ୍ରେସ ଆଶଙ୍କା ବ୍ୟକ୍ତ କରିବା ଭୁଲ୍ ବୋଲି ନିର୍ବାଚନ କମିଶନ କହିଛନ୍ତି। କାରଣ ଭୋଟଗଣତି କାର୍ଯ୍ୟରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ କର୍ମଚାରୀ ରହିବେ ବୋଲି ସର୍କୁଲାରରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ଉକ୍ତ ସର୍କୁଲାର ଅନୁଯାୟୀ କାର୍ଯ୍ୟ କରାଯିବ ଏବଂ ଆସନ୍ତା ୪ ତାରିଖ ଭୋଟଗଣତି ବେଳେ ରାଜ୍ୟ ସରକାରଙ୍କ କର୍ମଚାରୀ ନିୟୋଜିତ ରହିବେ ବୋଲି ଇସି ଅଦାଲତଙ୍କୁ କହିଛନ୍ତି। ଟିଏମ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏପ୍ରିଲ ୧୩ରେ ନିର୍ବାଚନ କମିଶନ ସର୍କୁଲାର ଜାରି କରିଥିଲେ ମଧ୍ୟ ଦଳ ଏପ୍ରିଲ ୨୯ରେ ଏହା ଜାଣିବାକୁ ପାଇଲେ। ମାଇକ୍ରୋ ଅବଜରଭର ନାମରେ ପ୍ରତି କାଉଣ୍ଟିଂ ଟେବୁଲରେ ଜଣେ ଲେଖାଏ କେନ୍ଦ୍ରୀୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସର୍କୁଲାରରେ ବ୍ୟବସ୍ଥା ଥିଲେ ମଧ୍ୟ ରାଜ୍ୟ କର୍ମଚାରୀଙ୍କୁ କମିଶନ ନିଯୁକ୍ତି ଦେଇ ନ ଥିବା ସିବଲ ଅଭିଯୋଗ କରିଥିଲେ।

## ଲେବାନନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍:୭ ମୃତ

**ବିରୁଟ୍,୨।୫**

ଇସ୍ରାଏଲ୍ ଏବଂ ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। ଇସ୍ରାଏଲ୍ ଶନିବାର ଦକ୍ଷିଣ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ କରିବାରୁ ଅନ୍ୟୁନ ୭ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲୀ ସେନା ଉକ୍ତ ଅଞ୍ଚଳରେ ଥିବା ୯ଟି ଗ୍ରାମକୁ ଖାଲି କରିବାକୁ ଚେତାବନୀ ଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲ ୧୭ରେ ଇସ୍ରାଏଲୀ ସେନା ଏବଂ ଲେବାନନ୍‌ର ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ଏହା ସତ୍ତ୍ୱେ ଆକ୍ରମଣ ଜାରି ରହିଛି। କାଫର ଡାଜଲ ଗ୍ରାମରେ ଏକ କାର୍ ଉପରେ ବୋମାମାଡ଼ ହେବାରୁ ୨ ଜଣ ପ୍ରାଣ ହରାଇଥିବାବେଳେ ଲ୍ୱାଇଜେହ ଗ୍ରାମର ଏକ ଘର ଉପରେ ବୋମାପଡ଼ି ୩ ଜଣଙ୍କ ଜୀବନ ଯାଇଛି। ସେହିପରି ଶୌକିନ୍ ଗ୍ରାମରେ ଏୟାରଷ୍ଟ୍ରାଇକ୍ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ବାୟୁସେନା ୨୪ ଘଣ୍ଟା ମଧ୍ୟରେ ୫୦ ଥର ଏୟାରଷ୍ଟ୍ରାଇକ୍ କରିଥିବା ଏହାର ମୁଖପାତ୍ର Xରେ ପୋଷ୍ଟ କରିଛନ୍ତି। ବାୟେଡ ଉପକୂଳ ଗ୍ରାମରେ ଶନିବାର ଇସ୍ରାଏଲୀ ସେନା ଏକାଠି ହୋଇଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ସେମାନଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା।

# ହର୍ମୁଜରେ ଇରାନକୁ ଶୁଳ୍କ ଦେଲେ କଟକଣା ଲାଗିବ

### ଜାହାଜ କମ୍ପାନୀଙ୍କୁ ଟ୍ରମ୍ପଙ୍କ ଚେତାବନୀ

**ଦୁବାଇ,୨।୫**



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୁରକ୍ଷିତ ଭାବେ ଅତିକ୍ରମ କରିବା ପାଇଁ ଇରାନକୁ ଶୁଳ୍କ ଦେଉଥିବା ଜାହାଜ କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇବାକୁ ଆମେରିକା ଚେତାବନୀ ଦେଇଛି। ଆମେରିକା ବିଦେଶ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫ୍‌ଏସି) ପକ୍ଷରୁ ଏହି ଚେତାବନୀ ପୋଷ୍ଟ କରାଯାଇଥିବାବେଳେ ହର୍ମୁଜ୍ ନିୟନ୍ତ୍ରଣକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥା ଉପରେ ଏହା ଆଉ ଏକ ଚାପ ବୋଲି କୁହାଯାଉଛି।

ଯୁଦ୍ଧ ପୂର୍ବରୁ ବିଶ୍ୱ ତୈଳ ଓ ପ୍ରାକୃତିକ ଗ୍ୟାସ୍ ବାଣିଜ୍ୟର ଏକ-ପଞ୍ଚମାଂଶ ପାରସ୍ୟ ଉପସାଗରର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜଳପଥ ଦେଇ ହେଉଥିଲା। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ କରିବା ପରେ ତେହରାନ୍ ଉକ୍ତ ଜଳପଥକୁ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦେବାରୁ ତୈଳ ଓ ଗ୍ୟାସ୍ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ପରବର୍ତ୍ତୀ ସମୟରେ ଇରାନ କେତେକ ଜାହାଜକୁ ବିକଳ୍ପ ମାର୍ଗ ଦେଇ ସୁରକ୍ଷିତ ଯାତ୍ରା ନିମନ୍ତେ ସୁଯୋଗ ଦେଲା ଓ ଏହି ସେବା ପାଇଁ ବେଳେବେଳେ ଦେୟ ଆଦାୟ କଲା। ଏହି ଟୋଲ୍ ଆଦାୟକୁ ଆମେରିକା ବିରୋଧ କରିବା ସହ କଟକଣା ଧମକ ଦେଇଛି।

ଓଏଫ୍‌ଏସି କହିଛି ଯେ, ଇରାନକୁ କେବଳ ନଗଦ ଅର୍ଥ ନୁହେଁ, ବରଂ ଡିଜିଟାଲ ଆସେଟ୍ସ, ଅଫ୍‌ସେଟ, ଇନ୍‌ଫର୍ମାଲ ସ୍ୱାପ୍ ବା ଅନ୍ୟାନ୍ୟ ମାଧ୍ୟମରେ ଶୁଳ୍କ ପୈଠ କରିବାକୁ ପଡ଼ିପାରେ। ସେଥିପାଇଁ ଓଏଫ୍‌ଏସି ଆମେରିକା ଏବଂ ଅଣଆମେରିକୀୟ ବ୍ୟକ୍ତିବିଶେଷଙ୍କୁ ସତର୍କ କରାଇବା ପାଇଁ ଉପରୋକ୍ତ ଚେତାବନୀ ଜାରି କରିଛି। ଶୁଳ୍କ ପୈଠ କରିବାର ଯେକୌଣସି ପଦ୍ଧତି ବ୍ୟବହାର କଲେ ମଧ୍ୟ ସେଥିରେ ବିପଦ ରହିଥିବା କୁହାଯାଇଛି।

ଇରାନର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧର ଜବାବରେ ଆମେରିକା ନୌସେନା ଗତ ୧୩ ତାରିଖରୁ ଏହାର ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି। ଫଳରେ ଇରାନର ଜାହାଜଗୁଡ଼ିକ ଏହାର ବନ୍ଦର ମଧ୍ୟକୁ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରୁ ନାହିଁ। ଯୁଦ୍ଧରେ କ୍ଷତିଗ୍ରସ୍ତ ଅର୍ଥନୀତିକୁ ସୁଧାରିବା ପାଇଁ ଇରାନ ଆବଶ୍ୟକ କରୁଥିବା ତୈଳ ରାଜସ୍ୱ ପାଇବାରୁ ବଞ୍ଚିତ ହୋଇଛି। ଅବରୋଧ ଆରମ୍ଭ ହେବା ଦିନରୁ ୪୫ଟି ବାଣିଜ୍ୟିକ ଜାହାଜକୁ ଫେରାଇ ଦିଆଯାଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି।

ସୂଚନାଯୋଗ୍ୟ, ଯୁଦ୍ଧ ବନ୍ଦ ପାଇଁ ଇରାନ ଦେଇଥିବା ସଦ୍ୟତମ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଦେବା ପରେ ଉପରୋକ୍ତ ଚେତାବନୀ ଜାରି ହୋଇଛି। ସେମାନେ ଏକ ଡିଲ୍ କରିବାକୁ ଚାହୁଁଥିଲେ, ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ, ତେଣୁ କ’ଣ ହେଉଛି ଦେଖିବା ବୋଲି ଟ୍ରମ୍ପ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ କହିଥିଲେ। ତେବେ ଟ୍ରମ୍ପ ଇରାନ ପ୍ରସ୍ତାବରେ ଥିବା ତ୍ରୁଟିବିଚ୍ୟୁତି ବିଷୟରେ ବିସ୍ତୃତ ଭାବେ କିଛି କହି ନ ଥିଲେ ମଧ୍ୟ ଏହାର ନେତୃତ୍ୱକୁ ନେଇ ନିରାଶା ବ୍ୟକ୍ତ କରିଥିଲେ।

### ଆମେରିକା ସହ ପୁଣି ଯୁଦ୍ଧ ହୋଇପାରେ: ଇରାନ ସେନା ଅଧିକାରୀ

**ତେହରାନ୍,୨।୫**

ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଇରାନର ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ତେହରାନ୍‌ର ନୂଆ ବୁଝାମଣା ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ପରେ ଇରାନ ସେନା ଅଧିକାରୀ ଏଭଳି ସଙ୍କେତ ଦେଇଛନ୍ତି। ଇରାନ ଗୁରୁବାର ସନ୍ଧ୍ୟାରେ ମଧ୍ୟସ୍ଥ ରାଷ୍ଟ୍ର ପାକିସ୍ତାନକୁ ନୂଆ ବୁଝାମଣା ପ୍ରସ୍ତାବ ଦେଇଥିଲା ବୋଲି ଇରାନ ସରକାରୀ ଗଣମାଧ୍ୟମ କହିଛି। ଏପ୍ରିଲ ୮ରୁ ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମଧ୍ୟସ୍ଥତାରେ ଗୋଟିଏ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଉଦ୍ୟମ ଚଳାଇଥିଲେ ମଧ୍ୟ ଇରାନର କଡ଼ା ସର୍ତ୍ତ ଯୋଗୁ ତାହା ସମ୍ଭବ ହୋଇପାରି ନାହିଁ। ଆଲୋଚନା ବନ୍ଦ ରହିବା ପାଇଁ ଟ୍ରମ୍ପ ଇରାନ ନେତୃତ୍ୱରେ ପ୍ରବଳ ମତଭେଦକୁ ଦାୟୀ କରିଛନ୍ତି।

## ପ୍ରସାର ଭାରତୀ ଅଧ୍ୟକ୍ଷ ହେଲେ ପ୍ରସୂନ୍ ଜୋଷୀ



**ନୂଆଦିଲ୍ଲୀ,୨।୫**

ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଜୋଷୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜୋଷୀଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଛି। ଜୋଷୀ ପ୍ରଶଂସିତ ଚଳଚ୍ଚିତ୍ର ଗୀତ ସାଙ୍ଗକୁ ବିଜ୍ଞାପନ ଅଭିଯାନ ଏବଂ ସାମାଜିକ ସଚେତନତା ସୃଷ୍ଟିକାରୀ କ୍ଷୁଦ୍ରଗଳ୍ପ ଲେଖିଥାନ୍ତି, ଯାହା ଲୋକଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ଥାଏ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜୋଷୀ ବିଜ୍ଞାପନ, ସାହିତ୍ୟ, କଳା ଓ ସିନେମା ଜଗତରେ ପ୍ରଶଂସିତ ବିରଳ ସୃଜନଶୀଳ ବ୍ୟକ୍ତିତ୍ୱ। ତାଙ୍କ ଭାଷାରେ ମାଟିର ମହକ ଥାଏ ଏବଂ ଦୃଷ୍ଟିକୋଣରେ ଦେଶ ସଂସ୍କୃତିର ଅମର ସାରସତ୍ତ୍ୱ ପ୍ରତିଫଳିତ ହୋଇଥାଏ। ଜୋଷୀଙ୍କ ନେତୃତ୍ୱରେ ପ୍ରସାର ଭାରତୀ ନୂଆ ଶକ୍ତି ଏବଂ ନୂତନ ସୃଜନଶୀଳ ସ୍ୱର ପାଇବ ବୋଲି ଅଶ୍ୱିନୀ କହିଛନ୍ତି।

# ଜବଲପୁର ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୯

**ଜବଲପୁର,୨।୫**

ମଧ୍ୟପ୍ରଦେଶର ଜବଲପୁରରେ ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ଶନିବାର ୯ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ରାଜ୍ୟରେ ଏହା ସବୁଠୁ ମରଣାନ୍ତକ ପର୍ଯ୍ୟଟନ ବିପର୍ଯ୍ୟୟ। ବାର୍ଗି ଡ୍ୟାମ୍‌ରେ ଦୁର୍ଘଟଣା ସମୟର କ୍ରୁଜ୍ ବୋଟ୍ ଭିତରର ଭିଡିଓ ପ୍ରକାଶ ପାଇଛି। ଯାତ୍ରୀମାନେ ବୋଟ୍ ଭିତରେ ବସିଥିବାବେଳେ ହଠାତ୍ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଯାତ୍ରୀମାନଙ୍କ ଖୁସି ମୁହୂର୍ତ୍ତକ ମଧ୍ୟରେ ଚିତ୍କାରରେ ପରିଣତ ହୋଇଥିଲା। ବୋଟ୍ ଯାତ୍ରା ନିୟମର ଉଲ୍ଲଂଘନ ଏବଂ ପାଣିପାଗ ସତର୍କ ସୂଚନାର ଅଣଦେଖା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ବୋଟ୍ ବୁଡ଼ିବାକୁ ଆରମ୍ଭ କଲାବେଳେ ଏହାର କର୍ମଚାରୀ ଲାଇଫ୍ ଜାକେଟ୍ ବଣ୍ଟଲ ଖୋଲୁଥିବା ଭିଡିଓରୁ ଦେଖାଯାଇଛି। ଅଧିକାଂଶ ଯାତ୍ରୀ ବିନା ଲାଇଫ୍ ଜାକେଟରେ ଥିଲେ ଏବଂ ଜାକେଟ୍ ପାଇବାକୁ ସଂଘର୍ଷ କରୁଥିଲେ। ଅନ୍ତର୍ଦେଶୀୟ ବୋଟ୍ ଯାତ୍ରା ଆଇନ, ୨୦୨୧ ଅନୁଯାୟୀ, ବୋଟ୍‌ରେ ଯାତ୍ରା ପୂର୍ବରୁ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ୍ ଜାକେଟ ପ୍ରଦାନ କରାଯିବା ଓ ସେମାନେ ଏହାକୁ ଠିକ୍ ଭାବେ ପିନ୍ଧିବା ଅନିବାର୍ଯ୍ୟ। ଉକ୍ତ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି। ବୋଟ୍‌ର ଯାତ୍ରୀ ନେବା କ୍ଷମତା ୨୯ ହୋଇଥିବାବେଳେ ସେଥିରେ ୪୦ରୁ ଅଧିକ ପର୍ଯ୍ୟଟକ ଥିଲେ। ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ କି.ମି. ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଥିବା ସତ୍ତ୍ୱେ ଉକ୍ତ ବୋଟ୍‌କୁ ବାର୍ଗି ଡ୍ୟାମ୍ ଜଳରାଶିରେ ପ୍ରବେଶ ଲାଗି ଅନୁମତି ଦିଆଯାଇଥିଲା।

### ଯାତ୍ରୀଙ୍କୁ ଲାଇଫ୍ ଜାକେଟ ଦିଆଯାଇ ନ ଥିଲା

# ପଶ୍ଚିମବଙ୍ଗ: ୧୫ ବୁଥ୍‌ରେ ୮୭% ମତଦାନ

**କୋଲକାତା,୨।୫**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ୨ଟି ନିର୍ବାଚନମଣ୍ଡଳୀର ୧୫ଟି ବୁଥ୍‌ରେ ଶନିବାର ସାନି ମତଦାନ ହୋଇଛି। ମତଦାନ ହାର ୮୭% ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗତ ୨୯ ତାରିଖ ଭୋଟ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଅନିୟମିତତା ଦେଖାଦେଇଥିବାରୁ ସେଠାରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ମାଗ୍ରାହାଟ ପଶ୍ଚିମ ନିର୍ବାଚନମଣ୍ଡଳୀର ୧୧ ଆସନ ଏବଂ ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ୪ ଆସନରେ ସାନି ମତଦାନ ହେଉଥିବାବେଳେ କେତେକ ସ୍ଥାନରେ ଭାଜପା ଏବଂ ତୃଣମୂଳ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି।

### ଭୋଟଗଣତି ପରେ ସୁରକ୍ଷା ଦାବିରେ ବିକ୍ଷୋଭ

ସୋମବାର ଭୋଟଗଣନା ଥିବାବେଳେ ଏହା ପୂର୍ବରୁ ଟିଏମ୍‌ସି କର୍ମୀଙ୍କ ଧମକକୁ ନେଇ ଫାଲ୍‌ଟାର ଲୋକେ ବିକ୍ଷୋଭ କରିଥିଲେ। ଭୋଟଗଣତି ପରେ ସୁରକ୍ଷା ଦାବିକରି ଶତାଧିକ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଭାଜପା ପତାକା ଧରିଥିବା ଏହି ଲୋକମାନେ ହାସିମନଗର ଗ୍ରାମର ଏକ ରାସ୍ତାକୁ ଅବରୋଧ କରିଥିଲେ। ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ବହୁସଂଖ୍ୟାରେ ଯବାନଙ୍କ ସହ ପହଞ୍ଚି ସେମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇଥିଲେ।

# ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଗୁଣ୍ଡୁଚିମୂଷା ଆତଙ୍କ

**ଜୟପୁର,୨।୫**

### ୨୦ ଜଣଙ୍କୁ କାମୁଡ଼ିଲାଣି



ରାଜସ୍ଥାନର ଏକ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଗୁଣ୍ଡୁଚିମୂଷା ଆତଙ୍କିତ କରି ରଖିଛି। ଉକ୍ତ ଗୁଣ୍ଡୁଚିମୂଷା ଇତିମଧ୍ୟରେ ୨୦ ଜଣଙ୍କୁ କାମୁଡ଼ିଲାଣି। ଏହାକୁ ଧରିବା ପାଇଁ ପ୍ରାଣୀ ସହାୟତା ଉଦ୍ଧାରକାରୀ ଟିମ୍‌କୁ ୨ ଥର ଡକାଗଲାଣି।

ରାଜସ୍ଥାନ ଉଦୟପୁର ଡିଭିଜନରେ ସର୍ବବୃହତ୍ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ମୋହନଲାଲ୍ ସୁଖାଡିଆ ୟୁନିଭର୍ସିଟି (ଏମ୍‌ଏଲ୍‌ଏସ୍‌ୟୁ)କୁ ଭିନ୍ନ ପ୍ରକାର ଆତଙ୍କ କବଳିତ କରି ରଖିଛି। ବିଶ୍ୱବିଦ୍ୟାଳୟର ଆର୍ଟ୍ସ କଲେଜ କ୍ୟାମ୍ପସରେ ଏକ ହିଂସ୍ର ଗୁଣ୍ଡୁଚିମୂଷା ଏଭଳି ଆତଙ୍କର ବାତାବରଣ ସୃଷ୍ଟି କରିଛି। ଗତ ୬ ସପ୍ତାହ ମଧ୍ୟରେ ଗୁଣ୍ଡୁଚିମୂଷା ୨୦ ଜଣ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କୁ କାମୁଡ଼ିଲାଣି। ଏପରିକି ଡିନ୍‌ଙ୍କୁ ମଧ୍ୟ ଗୁଣ୍ଡୁଚିମୂଷା ଛାଡ଼ିନାହିଁ। ସ୍ଥିତି ଏଭଳି ହୋଇଛି ଯେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ମନସ୍ତତ୍ତ୍ୱ ବିଭାଗ ଯିବାକୁ ଥିବା ରାସ୍ତାକୁ ବ୍ୟବହାର କରିବାକୁ ଚାହୁଁ ନାହାନ୍ତି।

ଗୁଣ୍ଡୁଚିମୂଷାର ହିଂସ୍ର ଆଚରଣ ତା’ର ନିଜ ସୀମାକୁ ସୁରକ୍ଷା ଦେବାରେ ଭୁଲ୍ ପ୍ରଦର୍ଶନ। କୌଣସି ବିପଦ ନ ଥାଇ ମଧ୍ୟ ଏହା ହଠାତ୍ ଆକ୍ରମଣ କରୁଛି। ସାଇକୋଲୋଜି ଡିପାର୍ଟମେଣ୍ଟ ନିକଟରେ ଗୁଣ୍ଡୁଚିମୂଷାଟି ବସା କରିଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ଆକ୍ରମଣକାରୀ ସନ୍ଦେହ କରି ନିଜ ସୀମାକୁ ସୁରକ୍ଷା ଦେଉଛି। କ୍ୟାମ୍ପସ୍‌ରେ ଯାହା ଏକ କୌତୂହଳର ବିଷୟ ଥିଲା, ତାହା ଏବେ ସୁରକ୍ଷା ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି।

## ବିଚାରପତିଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୨।୫**

ଦକ୍ଷିଣ ଦିଲ୍ଲୀର ସଫଦରଜଙ୍ଗ ଅଞ୍ଚଳରେ ଜଣେ ୩୦ ବର୍ଷୀୟ ବିଚାରପତି ତାଙ୍କ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅମନ କୁମାର ଶର୍ମା ନାମକ ଉକ୍ତ ବିଚାରପତିଙ୍କ ମୃତଦେହ ସିଲିଂ ଫ୍ୟାନ୍‌ରୁ ଝୁଲୁଥିବା ଦେଖି ତାଙ୍କ ଭିଣୋଇ ପୋଲିସକୁ ଜଣାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଆତ୍ମହତ୍ୟା ସନ୍ଦେହ କରାଯାଉଛି। ପୋଲିସ ସମସ୍ତ ଦିଗ ଉପରେ ତଦନ୍ତ ଚଳାଇଥିବା କହିଛି। ଶର୍ମା ୨୦୨୧ ଜୁନ୍ ୧୯ରେ ଦିଲ୍ଲୀ ନ୍ୟାୟିକ ସେବାରେ ଯୋଗ ଦେଇଥିଲେ। ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ସିଭିଲ୍ ଜଜ୍ ଭାବେ ସେ ଅନେକ ଫୌଜଦାରୀ ଓ ଦେୱାନୀ ମାମଲାର ଫଇସଲା କରିଛନ୍ତି।



# ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ

**ମୁମ୍ବାଇ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ବର୍ତ୍ତମାନ ତାଙ୍କ ଗେମ ଶୋ ‘ହ୍ୱିଲ ଅଫ୍ ଫର୍ଚ୍ୟୁନ’ରେ ୬ ଇଞ୍ଚ ହାଇ ହିଲ୍ ପିନ୍ଧି ନୃତ୍ୟ କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ଶୋ’ରେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ, ଭୂମି ପେଡନେକର ଏବଂ ଫାର୍‌ହା ଖାନ୍ ଅତିଥି ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଅକ୍ଷୟ ସେଟ୍‌ରେ ସେମାନଙ୍କ ଉପରେ ଭୟଙ୍କର ପ୍ରାଙ୍କ୍ କରିଥିଲେ। ପ୍ରତିଶୋଧ ନେବା ପାଇଁ ଜ୍ୟାକ୍‌ଲିନ୍ ଅକ୍ଷୟଙ୍କୁ ହିଲ୍ ପିନ୍ଧି ଗୋଟିଏ ମିନିଟ୍ ନାଚିବାକୁ ଏକ ଟାସ୍କ ଦେଇଥିଲେ। ଯଦି ଅକ୍ଷୟ ଅଟକିଯାଆନ୍ତି, ତେବେ ତାଙ୍କୁ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ପଡ଼ିବ। ଏଥିରେ ଅକ୍ଷୟ ହଡ଼ବଡ଼େଇଯାଇ କହିଥିଲେ, ତୁମେ ପାଗଳ କି? ମୋ ଗୋଡ଼ ମୋଡ଼ି ହୋଇଯିବ। ମୁଁ କେବେ ଏଭଳି ନାଚିନାହିଁ। ଫାର୍‌ହାଙ୍କ ଜିଦ୍‌ରେ ଅକ୍ଷୟ ଶେଷରେ ହିଲ୍ସ ପିନ୍ଧିବାକୁ ରାଜି ହେଲେ। ସେ ତାଙ୍କ ଫିଲ୍ମ ‘ହାଉସ୍‌ଫୁଲ୍ ୪’ର ‘ଲାଲ ପରୀ’ ଗୀତରେ ହିଲ୍ସ ପିନ୍ଧି ଜୋର୍‌ଦାର ନାଚିଥିଲେ। ଅକ୍ଷୟଙ୍କୁ ହିଲ୍ସ ପିନ୍ଧି ନାଚୁଥିବା ଦେଖି ଫାର୍‌ହା ଏବଂ ଭୂମି ତାଙ୍କ ସହ ଯୋଗଦେଇଲେ। କିନ୍ତୁ ନାଚୁଥିବା ସମୟରେ ଅକ୍ଷୟଙ୍କ ହିଲ୍ସ ଫାଟିଗଲା ଏବଂ ସେ ଖସିପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

ୟୁଥ୍ ଆଲର୍ଟ

# ହସ ରଖିବ ସୁସ୍ଥ





ପାଠପଢ଼ା, ଜବ୍ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ଅଧିକାଂଶ ଯୁବପିଢ଼ି ଖୁସି ବଦଳରେ ଚିନ୍ତା ଏବଂ ଅବସାଦରେ ରହୁଥିବା ଦେଖିବାକୁ ମିଳୁଛି; ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି କରୁଛି। ଯାହାକୁ ଦୂର କରିବା ଲାଗି ହସ ହେଉଛି ଏମିତି ଏକ ମହୌଷଧି, ଯାହା ରୋଗ ବିନାଶକାରୀ ଔଷଧଠାରୁ ବି ଅଧିକ ଉପକାରୀ। ଆଜି ବିଶ୍ୱ ହାସ୍ୟ ଦିବସ ଅବସରରେ ଜାଣନ୍ତୁ ସୁସ୍ଥ ରହିବା ଲାଗି ହସିବା କେତେ ଜରୁରୀ...

➔ ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ମାନସିକ ଚିନ୍ତା, ବିଷାଦ, କ୍ରୋଧ ଆଦି ଅଧିକାଂଶଙ୍କ ସ୍ୱାସ୍ଥ୍ୟର ପରମ ଶତ୍ରୁ ପାଲଟିଛି, ଯେଉଁଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ହେଲେ ପ୍ରତିଦିନ ହସିଲେ 'ଏଣ୍ଡୋର୍ଫିନ୍' ନାମକ ହର୍ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍ମୋନ (ଷ୍ଟ୍ରେସ୍ ହର୍ମୋନ୍)କୁ କମାଇଥାଏ। ଏହା ମାନସିକ ଅବସାଦକୁ ଦୂରେଇ ଦେଇ ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ।

➔ ସେହିପରି ବର୍ତ୍ତମାନ ହୃଦ୍‌ରୋଗ ଓ ହୃଦ୍‌ଘାତ ସବୁଠୁ ବଡ଼ ଘାତକ ବ୍ୟାଧି ପାଲଟିଛି ଏବଂ ଏଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ହସିଲେ ଉଚ୍ଚ ରକ୍ତଚାପ କମିଥାଏ ଏବଂ ଶରୀରକୁ ବିଶୁଦ୍ଧ ରକ୍ତ ଠିକ୍ ଭାବେ ସଂଚାଳିତ ହୋଇଥାଏ। ଯଦ୍ୱାରା ହୃତ୍‌ପିଣ୍ଡ ମଜଭୁତ ହୋଇଥାଏ ଏବଂ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇଥାଏ।

➔ ମେଦବହୁଳତା ବି ଅନେକ ଯୁବତୀ ଯୁବକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଯଦି ଜଣେ ଲୋକ ଦିନକୁ ୧୦-୧୫ ମିନିଟ୍ ଯାଏ ହସେ, ତେବେ ୪୦ କ୍ୟାଲୋରି ଖର୍ଚ୍ଚ ହୋଇଯାଏ। ଏହା ନିୟମିତ ଭାବରେ କଲେ ମେଦବହୁଳତା ବି ହ୍ରାସ ହୁଏ। ଥରେ ହସିଲେ ହାରାହାରି ୩୫ ମିନିଟ୍‌ଯାଏ ଦେହ ହାଲୁକା ହୋଇ ଯାଇଥାଏ।

➔ ହସିବା ଦ୍ୱାରା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବା ବଦଳରେ କିଛି ସମୟ ହୃଦୟ ଖୋଲି ହସିବା ଏକ ଉତ୍ତମ ବ୍ୟାୟାମ। ହସିବା ସମୟରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳ ଦ୍ୱାରା ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।

# କ୍ୟାରିୟର ରିଜୋଲ୍ୟୁଶନ୍...







ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଚାକିରି ହେଉ ଅବା ବ୍ୟବସାୟ ଆଦି ରୁଚି ଥିବା ଦିଗରେ ସଫଳ କ୍ୟାରିୟର ଗଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। କାରଣ ସଫଳତାର ମାର୍ଗ ଏତେ ସହଜ ହୋଇ ନ ଥାଏ। ବେଳେବେଳେ ଏହି ମାର୍ଗରେ ଅନେକ କଠିନ ପରିସ୍ଥିତି ଆସେ ଏବଂ ବିଫଳତାର ସମ୍ମୁଖୀନ ବି ହେବାକୁ ପଡ଼ିଥାଏ। ଏମିତିରେ ଅନେକେ କ୍ୟାରିୟରର ଦିଗ ପରିବର୍ତ୍ତନ କରିଦିଅନ୍ତି ତ କେହି କେହି ହାର୍ ମାନି ଲକ୍ଷ୍ୟପଥରୁ ଓହରିଯାଆନ୍ତି। ହେଲେ ଏପରି ନ କରି ଉଦ୍ୟମ ଓ ଦୃଢ଼ ବିଶ୍ୱାସ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖିବା କ୍ୟାରିୟରରେ ସଫଳତା ହାସଲ କରିବା ଲାଗି ନିହାତି ଆବଶ୍ୟକ। ଏଥିପାଇଁ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଜରୁରୀ...

**ଆବଶ୍ୟକ ମାନସିକ ଦୃଢ଼ତା:** ସବୁବେଳେ ପ୍ରଥମ ଚେଷ୍ଟାରେ ହିଁ ଜଣେ ସଫଳତାର ଶୀର୍ଷରେ ପହଞ୍ଚିଯିବ ସେଭଳି ମାନସିକତା ରଖିବା କିମ୍ବା ଥରେ ବିଫଳ ହେଲେ ସମ୍ପୂର୍ଣ୍ଣ ଲକ୍ଷ୍ୟ ପଥରରୁ ଓହରିଯିବା ଠିକ୍ ନୁହେଁ। ତେଣୁ କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହୋଇ ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। ପାଠପଢ଼ା ଏବଂ ନିଜ କ୍ୟାରିୟରକୁ ଫୋକସ୍ କରନ୍ତୁ। କାରଣ ମନୋବଳ ଦୃଢ଼ ହେଲେ ହିଁ ଆପଣ ସଫଳତା ହାସଲ କରିପାରିବେ, ସେଥିରେ ସନ୍ଦେହ ନାହିଁ।

**ବୃଦ୍ଧି କରନ୍ତୁ ଜ୍ଞାନର ପରିସର :** ଯେଉଁ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି, ସେ ଦିଗରେ ସବୁବେଳେ ଅଧିକରୁ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଏକ ବଳିଷ୍ଠ ମାଧ୍ୟମ। ଅଧିକରୁ ଅଧିକ ପଢ଼ନ୍ତୁ। ବର୍ତ୍ତମାନ ସମୟକୁ ସୋସିଆଲ୍ ମିଡିଆ ଦେଖିବା, ବୁଲିବା ଆଦି କାର୍ଯ୍ୟରେ ନଷ୍ଟ ନ କରି ନିଜର ଜ୍ଞାନର ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। କାରଣ ଯେତେ ଅଧିକ ଶିଖିବେ, ସେତେ ଅଧିକ ଆଗକୁ ବଢ଼ିବା ସହଜ ହେବ। କେବଳ ଏତିକି ନୁହେଁ, ଇଣ୍ଟରନେଟ୍ ଜରିଆରେ ଆପଣ ଚାହିଁଲେ ନିଜ କ୍ୟାରିୟର୍ ସ୍ୱପ୍ନ ସାକାର କରିବା ଲାଗି କ'ଣ କରିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ କ୍ୟାରିୟର୍ କାଉନ୍‌ସିଲରଙ୍କ ମତାମତ ବି ନେଇପାରିବେ, ଯାହାକି ଆପଣଙ୍କୁ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ସରଳ ହୋଇପାରିବ।

**ସାଧନା ଜାରି ରଖନ୍ତୁ:** କ୍ୟାରିୟର୍‌କୁ ମଜଭୁତ କରିବାକୁ ଚାହୁଁଥିଲେ ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ପଢ଼ନ୍ତୁ। ବର୍ତ୍ତମାନ ବିଭିନ୍ନ ଅର୍ଗାନାଇଜେଶନ୍ ପକ୍ଷରୁ ଶର୍ଟଟର୍ମ ଅନ୍‌ଲାଇନ୍ କୋର୍ସ ମଧ୍ୟ କରାଯାଉଛି। ସୋସିଆଲ୍ ସାଇଟ୍, ଭିଡିଓ ଗେମ୍ ଆଦିରେ ଅଧିକ ସମୟ ନ ବିତାଇ ଏଭଳି ଅନ୍‌ଲାଇନ୍ କ୍ଲାସ୍ ଜଏନ୍ କଲେ ଉପକୃତ ହୋଇପାରିବେ। ମନେରଖନ୍ତୁ, ନିଜ ସାଧନା ଜାରି ରଖିଲେ କ୍ୟାରିୟର ସଫଳତା ପାଇବା ସହଜ ହୋଇଯିବ।

**ନିଜକୁ ଅପ୍‌ଡେଟ୍ କରନ୍ତୁ:** ନିଜର ଭବିଷ୍ୟତ ଲକ୍ଷ୍ୟ କ'ଣ ଏବଂ ଏହାକୁ ହାସଲ କରିବାକୁ ହେଲେ ଆପଣଙ୍କୁ କ'ଣ ସବୁ କରିବାକୁ ହେବ, ସେ ଦିଗରେ ନିଜକୁ ସର୍ବଦା ଅପ୍‌ଡେଟ୍ ରଖନ୍ତୁ। ପାଠପଢ଼ା ଦିଗରେ କେବେ ଅନ୍‌ଲାଇନ୍ କ୍ଲାସ୍, ପରୀକ୍ଷା, ନୂଆ ଆଡ୍‌ମିଶନ୍ ଆଦି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତିଟି ଖବର ଜାଣନ୍ତୁ। ଠିକ୍ ସେହିପରି ଜବ୍ କ୍ଷେତ୍ରରେ କେଉଁଠାରେ କେଉଁ ପୋଷ୍ଟ ବାହାରୁଛି, ଏହାର ଫର୍ମ, ଇଣ୍ଟରଭ୍ୟୁ ସମୟ ଆଦି ମଧ୍ୟ ଭଲ ଭାବେ ଜାଣିରଖନ୍ତୁ।

**ଛାଡ଼ନ୍ତୁ ଭୟ:** ଲକ୍ଷ୍ୟ ପଥରେ ଆସୁଥିବା ଚ୍ୟାଲେଞ୍ଜକୁ ଥରେ ସାମ୍ନା କରିବାକୁ ଭୟ କଲେ ଏହା ମାନସିକ ସ୍ତରରେ ଦୁର୍ବଳ କରିଦେବ, ଯଦ୍ୱାରା ଜଣେ ଏଥିରୁ ନିଜକୁ ଦୂରେଇବା ଖୁବ୍ କଷ୍ଟକର ହୋଇପଡ଼ିବ। ତେଣୁ ସର୍ବପ୍ରଥମେ ନିଜର ଦୁର୍ବଳତାକୁ ନିଜେ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ବାରମ୍ବାର ଚେଷ୍ଟା କରନ୍ତୁ। କାରଣ ଏହାହିଁ ମନରୁ ଭୟ ଦୂର କରି ସଫଳତା ପାଇବାର ଏକମାତ୍ର ଉପାୟ।

> ଭଲ ପାଠ ପଢ଼ି ସଫଳ କ୍ୟାରିୟର ଗଢ଼ିବାକୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଥାଏ ସ୍ୱପ୍ନ। ହେଲେ କେବେକେବେ ବିଭିନ୍ନ ପରିସ୍ଥିତି ସେମାନଙ୍କୁ ବିଫଳତାର ସମ୍ମୁଖୀନ କରାଏ। ଏସବୁରେ ହାର୍ ନ ମାନି ଯେଉଁମାନେ ଲକ୍ଷ୍ୟ ପଥରୁ ଓହରି ନ ଯାଇ ଦୃଢ଼ ମନୋବଳ ସହ ଏକ ନିର୍ଦ୍ଦିଷ୍ଟ କ୍ୟାରିୟର ରିଜୋଲ୍ୟୁଶନ୍ ରଖି ଆଗକୁ ବଢ଼ିଚାଲନ୍ତି, ସେମାନଙ୍କ ଲାଗି ସଫଳ କ୍ୟାରିୟର ଗଢ଼ିବାର ମାର୍ଗ ହୋଇଯାଏ ସରଳ...






## ଏ ସପ୍ତାହର ପ୍ରଶ୍ନ ?

୧- ଶଙ୍ଗଟଙ୍ଗ-କର୍ଛମ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ............ ରାଜ୍ୟରେ ଅବସ୍ଥିତ ?
୨- ଏସିଆନ୍ ଗେମ୍ସ ୨୦୨୬ ............ ଦେଶରେ ଆୟୋଜିତ ହେବ ?
୩- ଅମରନାଥ ଗୁମ୍ଫା ............ ଠାରେ ଅବସ୍ଥିତ ?
୪- ୱେଲ୍‌କମ୍ ଟୁ ନୋ ହୋୟାର୍ ପୁସ୍ତକର ଲେଖକ ............... ?
୫- ଆଡ୍‌ଭାନ୍ସଡ୍ ଲାଇଟ୍ ହେଲିକପ୍ଟର ଧ୍ରୁବକୁ .......... ଅର୍ଗାନାଇଜେଶନ୍ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ......... ନାସା
୨ ......... କର୍ନାଟକ
୩ ......... ବି ହମିଂବାର୍ଡ
୪ ......... ଗ୍ରୀସ୍
୫ ......... ରେବତୀ ସୁରେଶ

## ଉତ୍ତରଦାତା


ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ


ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

ଲୋକପ୍ରିୟ ଲାପ୍‌ଟପ୍ ବ୍ରାଣ୍ଡ-୨୦୨୬ (ଗ୍ଲୋବାଲ୍ ବ୍ରାଣ୍ଡ ମାଗାଜିନ୍)

୧.................... ଲେନୋଭୋ
୨.................... ଏଚ୍‌ପି
୩.................... ଡେଲ୍
୪.................... ଆପଲ୍
୫.................... ଆସସ୍
୬.................... ଆସର୍
୭.................... ମାଇକ୍ରୋସଫ୍ଟ
୮.................... ଏମ୍‌ଏସ୍‌ଆଇ
୯.................... ସାମ୍‌ସଙ୍ଗ୍
୧୦.................... ରେଜର୍




ୟୁଥ୍ ଆଲର୍ଟ

# ଏମିତି ବି ଅଛି ରେଷ୍ଟୁରାଣ୍ଟ

**କାୟାବୁକିୟା ଟାଭର୍ନ:** ଜାପାନର ରାଜଧାନୀ ଟୋକିଓରେ ରହିଛି ଏହି ରେଷ୍ଟୁରାଣ୍ଟ। ଯେଉଁଠି ସ୍ୱାଦିଷ୍ଟ ଖାଦ୍ୟ ଖାଇବା ବଦଳରେ ୱେଟରଙ୍କୁ



ଦେଖିବା ଲାଗି ପ୍ରତିଦିନ ଲୋକଙ୍କ ଭିଡ଼ ଜମିଥାଏ। କାରଣ ସେଠାରେ କୌଣସି ପୁରୁଷ କିମ୍ବା ମହିଳା ନୁହନ୍ତି ବରଂ ଏହି କାର୍ଯ୍ୟ ମାଙ୍କଡ଼ମାନେ କରିଥା'ନ୍ତି। ରେଷ୍ଟୁରାଣ୍ଟର ମାଲିକ ମାଙ୍କଡ଼ମାନଙ୍କୁ ଏଭଳି ଭାବେ ତାଲିମ ଦେଇଛନ୍ତି ଯେ, ସେମାନେ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଖାଦ୍ୟ ପରଷିବା ସହ ଟେବୁଲ୍ ସଫା କରିବା ଏବଂ ଗ୍ରାହକଙ୍କ ହାତରେ ଆଣି ଟାୱେଲ୍ ଦେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ନିର୍ଭୁଲ୍ ଭାବେ କରିଥା'ନ୍ତି।

**ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ:** ଜେଲ ଯିବା ଏବଂ ସେଠାରେ ଖାଇବା ନାଁ ଶୁଣିଲେ ଲୋକ ଅପରାଧ କରିବାକୁ ଡରିଥା'ନ୍ତି। ହେଲେ ଜେଲ ଭିତରେ ବସି ଖାଇବା ଲାଗି ବି ଲୋକ ଭିଡ଼



ଜମାନ୍ତି, ଏକଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ହେଲେ ଏଠାରେ ପ୍ରକୃତ ଜେଲ ନୁହେଁ, ବରଂ ଜେଲ ଡିଜାଇନ୍‌ରେ ନିର୍ମିତ ଏକ ରେଷ୍ଟୁରାଣ୍ଟ ବିଷୟରେ କୁହାଯାଉଛି। ଚାଇନାର ତିୟାଜିନ୍ ସହରରେ ରହିଛି ଏହି କାରାଗାର ବା ପ୍ରିଜନ୍ ଥିମ୍ ରେଷ୍ଟୁରାଣ୍ଟ, ଯେଉଁଠି ବିଳାସପୂର୍ଣ୍ଣ କୋଠରି ବଦଳରେ ଗ୍ରାହକମାନେ ବିନା ଅପରାଧରେ କାରାଗାରର କୋଠରି ଭିତରେ ଥିବା ଟେବୁଲ୍ ଉପରେ ଖାଦ୍ୟ ଖାଇବାର ମଜା ନିଅନ୍ତି। ଏଠାରେ ୱେଟର ଏବଂ ଷ୍ଟାଫ୍‌ମାନେ କଏଦୀ ଏବଂ ଜେଲରଙ୍କ ପୋଷାକରେ ଖାଦ୍ୟ ପରଷିଥାନ୍ତି।

**ନ୍ୟୁ ଲକି ରେଷ୍ଟୁରାଣ୍ଟ:** ଆମ ଦେଶର ଅହମ୍ମଦାବାଦ ସହରରେ ରହିଛି ଏହି ଅଜବ ରେଷ୍ଟୁରାଣ୍ଟ, ଯେଉଁଠି କବରଗୁଡ଼ିକ



ମଝିରେ ଗ୍ରାହକଙ୍କୁ ଖାଇବାକୁ ହୋଇଥାଏ। ଏକ ପୁରୁଣା କବର ସ୍ଥାନ ଉପରେ ନିର୍ମାଣ କରାଯାଇଥିବା ଏହି ରେଷ୍ଟୁରାଣ୍ଟରେ ବର୍ତ୍ତମାନ ୧୨ଟି କବର ରହିଛି। ମାଲିକ ପ୍ରଥମେ ଏହାକୁ ସମ୍ପୂର୍ଣ୍ଣ ସଫା କରିବା ପରେ ରେଷ୍ଟୁରାଣ୍ଟ ଖୋଲିବେ ବୋଲି ଭାବିଥିଲେ, ହେଲେ ପରବର୍ତ୍ତୀ ସମୟରେ ଗ୍ରାହକଙ୍କୁ ଏକ ନିଆରା ପରିବେଶରେ ଖାଇବାର ଅନୁଭୂତି ଯୋଗାଇ ଦେବାକୁ କବରଗୁଡ଼ିକ ପାଖରେ ହିଁ ଟେବୁଲ୍-ଚେୟାର ପକାଇବାର ନିଷ୍ପତ୍ତି ନେଲେ। ସେଠାରେ ପ୍ରତିଦିନ ସକାଳୁ କବରଗୁଡ଼ିକୁ ସଫା କରାଯାଇ ଫୁଲ ଦିଆଯାଇଥାଏ। ବର୍ତ୍ତମାନ ବିନା ଭୟରେ ଏଠାରେ ବହୁସଂଖ୍ୟାରେ ଗ୍ରାହକ ଖାଇବା ଲାଗି ଆସୁଥିବା ଦେଖାଯାଉଛି।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଯୁବକ ମୃତ

**ରାଜଗାଙ୍ଗପୁର,୨।୫(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଡେଙ୍ଗୁରପାଣି ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ ଜିଲା ବାରକୋଟ ବ୍ଲକ ପୁରୁଣାପାଣିର କାମିଲୁସ ଟେଟେ(୩୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୩୬/୨୬ ରୁଜୁ କରିଛି। ସୂଚନା ଅନୁଯାୟୀ, କାମିଲୁସ ଡେଙ୍ଗୁରପାଣୀ ଗ୍ରାମର ନିଜ ଭଉଣି ଘରକୁ ଏକ ଭୋଜିରେ ଆସିଥିଲେ। ଗୁରୁବାର ରାତିରେ ଗ୍ରାମର ପୋଖରୀକୁ ଗାଧୋଇବା ପାଇ ଯାଇ ଆଉ ଘରକୁ ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟାରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖି ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ବିଜୟ ଦାସ ଖବର ପାଇ ପୋଲିସ ଅଧିକାରୀ ରାଜେଶ ସେଠୀ ଓ ଅରୁଣ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଅଧିକାରୀମାନେ ଘଟଣାର ତଦନ୍ତ କରି ପୋଖରୀରୁ ମୃତଦେହ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ରାତିରେ ଆଣିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଗ୍ରିୱାଲ ଖଣିରେ ଉପଜିଲାପାଳଙ୍କ ଚଢ଼ାଉ

**ଟେନ୍‌ସା,୩।୫(ସମୀର କୁମାର ପାଢ଼ୀ)**

## ବେଆଇନ ଖଣି ଖନନ ଅଭିଯୋଗ



ବେଆଇନ ଖଣି ଖନନ ନେଇ ମାପଚୁପ ଚାଲିଛି।

ସୁନ୍ଦରଗଡ ଜିଲା କୋଇଡ଼ା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ୍ସ ଇନ୍ସ ମେସର୍ସ ଗ୍ରିୱାଲ ମିନେରା ମେଟାଲ୍ସ ଖଣିରେ ଲିଜ ବାହାରେ ବେଆଇନ ଖଣିଖନନ ନେଇ ଖଣି ବିଭାଗ, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ମିଳିତ ଚଢ଼ାଉ କରି ମାପଚୁପ କରିଥିଲେ। ଏନେଇ ଗତ ୩୦ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଶନିବାର ବଣାଇ ଉପଜିଲାପାଳ ଅଶୋକ କୁମାର ଦାସ ପହଞ୍ଚି ବଡ଼ ଧରଣର ଚଢାଉ କରିଛନ୍ତି। ଧାର୍ଯ୍ୟ ଲିଜ ସୀମା ଅତିକ୍ରମ କରି ଜଙ୍ଗଲ ଜମିରେ ବେଆଇନ ଖନନ ଓ ଡମ୍ପିଂ କରିଥିବା ଅଭିଯୋଗରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଗତ ୪ ମାସ ଧରି ଖଣି ବନ୍ଦ ରହିଥିଲେ ହେଁ ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମିଳିତ ଟିମ ପହଞ୍ଚି ମାପଚୁପ ଜାରି ରଖିଛନ୍ତି। ଖଣି କର୍ତ୍ତୃପକ୍ଷ ସାଢେ ୭୦ ହେକ୍ଟରର ଲିଜ ସୀମା, ଆଉ ଅନ୍ୟପଟେ ନିଷିଦ୍ଧ ଡିଏଲସି ଫରେଷ୍ଟ ଇଲାକା ଅଭିଯୋଗ ଅନୁଯାୟୀ, ଗ୍ରିୱାଲ ଖଣି ନିଜ ସୀମା ଲଂଘି ବନ ବିଭାଗର ଜମିରେ ଖଣି ଖନନ କରିବା ସହ ଖଣିଜ ବର୍ଜ୍ୟବସ୍ତୁ ଗଦା କରିଛି। ପୂର୍ବରୁ ତହସିଲ ପକ୍ଷରୁ ମାପଚୁପ କରାଯାଇଥିଲେ ବି କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଯାହାକୁ ନେଇ ଗତ ଚାରି ମାସ ହେଲା ଖଣିରେ ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ଠପ ରହିଛି। ଏହି ହାଇ-ଭୋଲଟେଜ ରେଡରେ ଖଣି, ବନ ଓ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ତେବେ ତଦନ୍ତ ସମ୍ପର୍କରେ ଉପଜିଲାପାଳଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ ଗଣମାଧ୍ୟମ ସମ୍ମୁଖରେ କିଛି କହିବାକୁ ମନା କରି ଦେଇଥିଲେ। ହେଲେ ତଦନ୍ତ ସଠିକ ଦିଗରେ ଚାଲିଛି ଏବଂ ଦୋଷୀ ନିଶ୍ଚିତ ଦଣ୍ଡ ପାଇବ ବୋଲି ପ୍ରକାଶ କରିଥିଲେ। ଏନେଇ ଆମେ କୋଇଡା ରେଞ୍ଜର ପ୍ରସନ୍ନ ପ୍ରଧାନ ପଚାରିବାରୁ ସେ କହିଲେ ଯେ,ତଦନ୍ତ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଛି। ଲିଜ ବାହାରେ କିଛି କାମ ହୋଇଛି କି ନାହିଁ ତାହାର ସଠିକ ଆକଳନ କରାଯାଉଛି। ଯଦି କିଛି ବେଆଇନ କାର୍ଯ୍ୟ ହୋଇଥିବା ପ୍ରମାଣିତ ହୁଏ, ତେବେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାଫଳ ପ୍ରକାଶିତ**

## ସୁନ୍ଦରଗଡ଼ ଜିଲାରେ ପାସ୍ ହାର ୯୭.୪୮ ପ୍ରତିଶତ

**ସୁନ୍ଦରଗଡ,୨।୫(ଜୟ ନାରାୟଣ ମେଣ୍ଟୁଳି)**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ସୁନ୍ଦରଗଡ ଜିଲାରେ ପାସ୍ ହାର ୯୭.୪୮ ପ୍ରତିଶତ ରହିଛି। ଚଳିତ ଥର ଜିଲାରେ ମୋଟ ୨୩ହଜାର ୮୩୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିବା ବେଳେ ୨୬୮ ପରୀକ୍ଷା ଦେଇ ନ ଥିଲେ। ୨୩ହଜାର ୫୭୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୨୨ ହଜାର ୯୭୬ଜଣ ପାସ୍ କରିଛନ୍ତି। ଏ-୧ରେ ୫୬ଜଣ, ଏ-୨ରେ ୩୨୬ଜଣ, ବି-୧ରେ ୧୦୯୪ଜଣ, ବି-୨ରେ ୨୮୨୯ଜଣ, ସି-ରେ ୫୬୫୨ଜଣ,ଡି-ରେ ୭୬୦୪ଜଣ, ଇ-ରେ ୫୪୧୫ଜଣ ପରୀକ୍ଷାରେ ପାସ୍ କରିଥିବା ବେଳେ ୫୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଫେଲ୍ ହୋଇଛନ୍ତି। ଜିଲାରେ ୯୭.୪୮ ପ୍ରତିଶତ ରହିଥିବାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କୁତ୍ରା ଉଚ୍ଚ ବିଦ୍ୟାଳୟର ଐତିହାସିକ ସଫଳତା, ୨ ଜିଲା ଟପ୍ପର



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ।

**କୁତ୍ରା,୨।୫(ଦେବାଶିଷ ସାହୁ)**

**୨୫ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଐତିହାସିକ ସଫଳତା ହାସଲ କରିଛି। ବିଦ୍ୟାଳୟର ସମୁଦାୟ ୧୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫ ଏ-୧ ଗ୍ରେଡରେ, ୫୯ ଏ-୨, ୫୩ ବି-୧, ୨୧ ବି-୨, ୧୪ ସି ଗ୍ରେଡରେ, ୫ ଡି ଗ୍ରେଡ ପାଇଛନ୍ତି। ବିଶେଷକରି ଏ-୧ ଗ୍ରେଡ ପାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୁଜିତ ଟିଗା ୬୦୦ ରୁ ୫୭୫ ମାର୍କ (୯୫.୮୩ ପ୍ରତିଶତ) ରଖି ସମଗ୍ର ଜିଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଶେଲମୋନା ଲୁଗୁନ ୬୦୦ରୁ ୫୭୩ ନମ୍ବର (୯୫.୫ ପ୍ରତିଶତ) ରଖି ଦ୍ୱିତୀୟରେ ରହିଛନ୍ତି। ଏହି ଅଭୂତପୂର୍ବ ସଫଳତା ପାଇଁ ଛାତ୍ରୀଛାତ୍ରମାନେ ନିଜ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିୟମିତ ପାଠପଢ଼ା ଶୈଳୀ, ବାରମ୍ବାର ରିଭିଜନ ମୁଖ୍ୟ କାରଣ ବୋଲି କହିଛନ୍ତି। ତାଙ୍କ ସଫଳତା ପାଇଁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନିକାନ୍ତ ଶାସନୀଙ୍କ ସମେତ ଏହି ସଫଳତାର ସୂତ୍ରଧର ଶିକ୍ଷକ ଡ. ବିଭୀଷଣ ବାରିକଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏହାସହିତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ କରିଥିବା କହିଛନ୍ତି। ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡାକ୍ତର ହେବାକୁ ଲକ୍ଷ୍ୟ



ବିଦ୍ୟାଳୟରେ ପାଠପଢ଼ା ବ୍ୟତୀତ ଘରେ ଦୈନିକ ୬ରୁ ୭ ଘଣ୍ଟା ପଢୁଥିଲି। ଏଥିପାଇଁ ମୁଁ ୫୭୩ ମାର୍କ ରଖି (୯୫.୫ ପ୍ରତିଶତ) ଜିଲାରେ ଦ୍ୱିତୀୟ ହୋଇପାରିଛି। ଭବିଷ୍ୟତରେ ମଧ୍ୟ ଏହି ସଫଳତାକୁ ଦୋହରାଇବି । ଏହି ସଫଳତାର ଶ୍ରେୟ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ତାଙ୍କ ବାପାମା'ଙ୍କୁ ଦେଇଛନ୍ତି। କନ୍ଦେଇମୁଣ୍ଡା ପଞ୍ଚାୟତ ଟିକିଲି ପଡା ଗାଁର ଚାଷୀ ସୁଦୀପ ଲୁଗୁନଙ୍କ ଝିଅ ସେଲମୋନା ଲୁଗୁନ।

**ସେଲମୋନା ଲୁଗୁନ,**
**କୁତ୍ରା ସରକାରୀ ହାଇସ୍କୁଲ, ସୁନ୍ଦରଗଡ଼**

# ବଡ଼ଗାଁରେ ଜନ ଆକ୍ରୋଶ ମହିଳା ପଦଯାତ୍ରା




ଜନ ଆକ୍ରୋଶ ଶୋଭାଯାତ୍ରାରେ ଭାଜପା କର୍ମୀ।

**ବଡ଼ଗାଁ,୨।୫(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶୁକ୍ରବାର ପୂର୍ବାହ୍ନରେ ମହିଳା ସଂରକ୍ଷଣ ବିଲ୍ ବିରୋଧରେ ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଭାଜପା କର୍ମୀ ଓ କର୍ମକର୍ତ୍ତାମାନେ ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପୂର୍ବାହ୍ନରେ ସମବେତ ହେଲାପରେ ଇଣ୍ଡି ଗଠବନ୍ଧନ ନେତାଙ୍କ ବିରୋଧରେ ନାରା ଦେଇ ବସଷ୍ଟାଣ୍ଡକୁ ଆସିଥିଲେ। ବସଷ୍ଟାଣ୍ଡଠାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଫଟୋ ଚିତ୍ରକୁ ମହିଳା କର୍ମକର୍ତ୍ତାମାନେ ଦାହ କରିଥିଲେ। ଏହି ପଦଯାତ୍ରାରେ ଭାଜପା ଜିଲା ଉପସଭାପତି ଶିଶିର ରାଉତରାୟ, ବଡ଼ଗାଁ ବ୍ଲକ ସଭାପତି ଅକ୍ଷୟ ଦେଓ, ଆଇଟି ସେଲ ଜିଲା ସଂଯୋଜକ ବାବୁଲି କରସେଲ, ବଡ଼ଗାଁ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ହେମାମାଳିନୀ ନାଏକ, ବଡ଼ଗାଁ ବ୍ଲକ ଭାଇସ ଚେୟାରମ୍ୟାନ ରଶ୍ମିତା ପଟେଲ, ବଡ଼ଗାଁ ନାଏବ ସରପଞ୍ଚ ଗୌରୀ ମାଝୀ, ଓବିସି ମୋର୍ଚ୍ଚା ସଭାନେତ୍ରୀ ହେମଲତା କର୍ସେଲ, ମଣ୍ଡଳ ଉପ ସଭାନେତ୍ରୀ ପୁଷ୍ପାଞ୍ଜଳି ମିଞ୍ଜ, ଦାଣ୍ଡଜମିରା ସରପଞ୍ଚ ଗୋବର୍ଦ୍ଧନ ହାହା, ସୌଦାମିନୀ ହାହା, ପାମରା ବୁଥ ସଭାପତି ପ୍ରଦୀପ ରାଉତଙ୍କ ସହିତ ବିଭିନ୍ନ ପଞ୍ଚାୟତର ମହିଳା କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆରକ୍ଷଣକୁ ଇଣ୍ଡି ଗଠବନ୍ଧନ ପକ୍ଷରୁ ବିରୋଧ କରାଯାଇଥିଲା। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଛି।

## ସାପ କାମୁଡ଼ାରେ ଯୁବକ ମୃତ

**ବାଲିଶଙ୍କରା,୨।୫(ହୃଦାନନ୍ଦ ବାରିକ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ହୁର୍ମି ଦାଣ୍ଡପାନୀ ଗ୍ରାମରେ ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବାଉରୀମୁଣ୍ଡା ଗ୍ରାମର ମନୋଜ ଏକ୍କା(୪୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ମନୋଜ ଦାଣ୍ଡପାନୀ ଗ୍ରାମରେ ତାଙ୍କ ଶ୍ୱଶୁର ଘରେ ରହୁଥିଲେ। ଶୁକ୍ରବାର ରାତିରେ ଖାଇ ସାରି ଖଟରେ ଶୋଇଥିଲେ। ଶୋଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ରାତି ପ୍ରାୟ ୩ଟାରେ ମନୋଜଙ୍କ ମୁହଁରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ କିଞ୍ଜିରକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ

**ବାଲିଶଙ୍କରା,୨।୫ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବିଜୟ କୁମାର ନାଏକଙ୍କ ଶୁକ୍ରବାର ସକାଳ ୮ଟାରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ନିଜ ଗ୍ରାମ ମହୁଲପାଲିରୁ ରଙ୍ଗାଡିପା ଘରକୁ ସ୍ତ୍ରୀଙ୍କ ସହ ବୋଲେରୋରେ ଆସୁଥିଲେ। ଗାଡି ଚଳାଉଥିବା ସମୟରେ ହଠାତ୍ ବିଜୟଙ୍କୁ ହୃଦ୍‌ଘାତ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଆଶିଷ କିରୋଙ୍କ ନେତୃତ୍ୱରେ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ ସୁଗ୍ରୀବ ବାଘ, ଉତ୍ତମ ତନ୍ତୀ, କିଶୋର ସା, ନବୀନ ଦାନୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବେଲି ସାଜଦା ଖାଲଖୋ, ପୁଷ୍ପାଞ୍ଜଳି ନାଏକ, ସୁରଭି ମଲ୍ଲିକ, ଦେଓ କୁମାର ସାଏ, ଚନ୍ଦ୍ରମା ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦେଶର ଗଠନ, ଉନ୍ନତିରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ

**ବନ୍ଧମୁଣ୍ଡାରେ ଶ୍ରମିକ ଦିବସ**

**ବନ୍ଧମୁଣ୍ଡା,୨।୫(ସୁବ୍ରତ ଦେ)**

ବନ୍ଧମୁଣ୍ଡାରେ ଭାରତୀୟ ଜନତା ପାର୍ଟିର ବନ୍ଧମୁଣ୍ଡା ମଣ୍ଡଳ ପକ୍ଷରୁ ଶୁକ୍ରବାର ଶ୍ରମିକ ଦିବସ ଅବସରରେ ଏକ ବିଶେଷ ସମ୍ମାନ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମଣ୍ଡଳ ଅଧ୍ୟକ୍ଷ ଲଖନ ଲୋହାର ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରି ସମସ୍ତ ଶ୍ରମିକ ଭାଇମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ଶ୍ରମିକମାନଙ୍କୁ ପୁଷ୍ପଗୁଚ୍ଛ, ପୋଷାକ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ମଣ୍ଡଳର ପଦାଧିକାରୀମାନେ କହିଥିଲେ ଯେ, ଦେଶର ଗଠନ ଓ ଉନ୍ନତିରେ ଶ୍ରମିକମାନଙ୍କ ଅବଦାନ ଅତୁଳନୀୟ, ସେଥି ପାଇଁ ତାଙ୍କୁ ସମ୍ମାନ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହି ଅବସରରେ ଶୋଭା ଦେବୀ, ଦୀପା ଦତ୍ତ, ମନୋରମା ତନ୍ତୀ, ସତ୍ୟଜିତ ପ୍ରଧାନ, ଅମିତ ସେନ ଗୁପ୍ତା, ମୁକେଶ ସିଂହ, ହରି କିଶ୍ରି, ବିଦ୍ୟା ପ୍ରସାଦ, ରାହୁଲ ବିଶ୍ୱକର୍ମା ଓ ଚିରଞ୍ଜୀବୀ ରାଓ ଉପସ୍ଥିତ ଥିଲେ।

# ବାଲିଶଙ୍କରା ଭାଜପା ପକ୍ଷରୁ ବିଶାଳ ପଦଯାତ୍ରା

**ବାଲିଶଙ୍କରା,୨।୫(ହୃଦାନନ୍ଦ ବାରିକ)**

ବାଲିଶଙ୍କରାରେ ଭାଜପା ପକ୍ଷରୁ ଏକ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରାଜା ବଙ୍ଗଳା ଖେଳ ପଡ଼ିଆରୁ ଆରମ୍ଭ ହୋଇ ବାଲିଶଙ୍କରା ବସଷ୍ଟାଣ୍ଡ, ଚାନ୍ଦନୀ ଛକ ହୋଇ ବ୍ଲକ ପର୍ଯ୍ୟନ୍ତ ପହଞ୍ଚିଥିଲା। ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧୀ ଦଳ ସମର୍ଥନ ନ କରିବା ଘଟଣାକୁ ନିନ୍ଦା କରି ଚାନ୍ଦନୀ ଛକରେ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା କରାଯାଇଥିଲା। ବାଲିଶଙ୍କରା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ସରିତା ପ୍ରଧାନଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରାରେ ସୁନ୍ଦରଗଡ଼ ପୌରାଧକ୍ଷା ତନାୟା ମିଶ୍ର, ସାଧାରଣ ସମ୍ପାଦକ ରୂପେଶ ପଟେଲ, ଯୁବନେତା ରଜତ ପଟେଲ, ଜିଲା ଭାଜପା ଉପସଭାପତି ଗୁଲସନ ବାରୁଆ, ବାଲିଶଙ୍କରା ମଣ୍ଡଳ ସଭାପତି ଯଶନ୍ତି ଏକ୍କା, ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ, ବିଧାୟକ ପ୍ରତିନିଧି ରବି ଚନ୍ଦ୍ର ପଟେଲ, ମଣ୍ଡଳ ପ୍ରତିନିଧି ବନମାଳି ବାରସତିଆ, ସବିତା ଗୁରୁ, ଗୀତା ତିର୍କୀ, ବରିଷ୍ଠ ଭାଜପା ନେତା ବୈକୁଣ୍ଠ କାଲୋ, ବୁଲୁ ପଣ୍ଡା, ବିନୟ ବେହେରା, ବୁଧରାମ ଓରାମ, ଦୀନବନ୍ଧୁ ସାଏ, ଭାଜରାଜ ବରିହା, ନନ୍ଦନ ସିଂ, ସୁରତ ବେହେରା, ଦିଲ୍ଲୀପ ରାଉତ ପ୍ରମୁଖ ଥିଲେ। ଏଥିରେ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ସହିତ ଭାଜପା ନେତୃବୃନ୍ଦ ସକ୍ରିୟ ଭାବେ ସାମିଲ ହୋଇଥିଲେ।

## ବଡ଼ଗାଁ ବ୍ଲକରେ ୨ ଏ- ୧

**ବଡ଼ଗାଁ,୨।୫(ଅଶୋକ ଷଡଙ୍ଗୀ)**





ସୁନ୍ଦରଗଡ଼ ଜିଲା ବଡ଼ଗାଁ ପିଏମଶ୍ରୀ ସରକାରୀ ହାଇସ୍କୁଲର ଜଣେ ଓ ତୁଡାଲଗା ସରକାରୀ ବାଳିକା ହାଇସ୍କୁଲର ଜଣେ ଛାତ୍ରୀ ଏ-୧ ରେ ପାସ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଉଭୟ ଛାତ୍ରୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବଡ଼ଗାଁ ହାଇସ୍କୁଲର ଛାତ୍ରୀ ଦିପିକା ବେହେରା ୫୫୪ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ଦିପିକା ବେହେରା ଶତକଡ଼ା ୯୨ ମାର୍କ ରଖିଛନ୍ତି। ସେହିପରି ତୁଡାଲଗା ବାଳିକା ହାଇସ୍କୁଲର ଛାତ୍ରୀ ରିଶମା ଖଡିଆ ସମୁଦାୟ ୫୪୦ ମାର୍କ ରଖି ବ୍ଲକରେ ଦ୍ୱିତୀୟ ହୋଇଛନ୍ତି। ସେ ଶତକଡା ୯୦ ମାର୍କ ରଖିଛନ୍ତି।

## କାନ୍ଥ ତଳେ ଚାପି ହୋଇ ୧୬ ଆହତ

**ବଣାଇଁ,୨।୫(ପ୍ରଦୀପ ତ୍ରିପାଠୀ)**

- ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ
- ନାମଯଜ୍ଞ ଚାଲିଥିଲା, କାନ୍ଥ ପଡ଼ିଲା

ବଣାଇଁ ଥାନାର ବାନେଇକେଲା ଗ୍ରାମରେ ଶନିବାର ଅଷ୍ଟପ୍ରହରୀ ନାମଯଜ୍ଞ ଚାଲୁଥିବା ବେଳେ କାନ୍ଥ ପଡି ପ୍ରାୟ ୧୬ ଜଣ ଆହତ ହୋଇଛନ୍ତି । ଗ୍ରାମର ଯୁବକମାନେ ତୁରନ୍ତ ଉଦ୍ଧାର କରି ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତନ୍ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ଅନ୍ୟମାନେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇ ତାଙ୍କର ଚିକିତ୍ସା ଚାଲିଛି। ଗୁରୁତରଙ୍କ ମଧ୍ୟରେ ବନେଇକଳା ଗ୍ରାମର ସୌଭାଗିନୀ ରାଏ, ଦମୟନ୍ତୀ ରାଏ, ପ୍ରେମଲତା ରାଏ, ମିତା ରାଣୀ ରାଏ, ନଳିନୀପ୍ରଭା ରାଏ, ପାଞ୍ଚାଳୀ ରାଏ ଓ ଜଣେ ୭ ବର୍ଷ ର ଶିଶୁ ରହିଛନ୍ତି ।



# କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା

**ସୁନ୍ଦରଗଡ଼ର ସମସ୍ତ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**



ସୁନ୍ଦରଗଡ ଜିଲା କଷଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

**ସୁନ୍ଦରଗଡ,୨।୫(ଜୟ ନାରାୟଣ ମେଣ୍ଟୁଳି)**

**ପତ୍ର ଦର, ବୋନସ ଘୋଷଣାରେ ବିଳମ୍ବ, କର୍ମଚାରୀ ଉଚିତ ଦରମାରୁ ବଞ୍ଚିତ ପ୍ରତିବାଦ**

ସୁନ୍ଦରଗଡ ଜିଲା ରାଉରକେଲା ଡିଭିଜନର କେନ୍ଦୁପତ୍ର ସଂଗ୍ରହ ହେଉଥିବା ପଞ୍ଚାୟତ ଗୁଡିକରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଧାରଣା ଦିଆଯାଇ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୋଳାଳୀ, କର୍ମଚାରୀଙ୍କ ସହିତ ହେଉଥିବା ଅବିଚାରକୁ ସଂଘ ସଭାପତି ବିଜୟ ମହାନ୍ତି ନିନ୍ଦା କରିଥିଲେ। ଓଡ଼ିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ କେନ୍ଦୁପତ୍ର ସଂସ୍ଥାରେ ଯେଉଁଠି ୯୦ ପ୍ରତିଶତ ମହିଳା, ଅଧିକାଂଶ ଆଦିବାସୀ ଓ ପଛୁଆ ବର୍ଗ ନିଜର ଜୀବିକା ଭାବେ ଗ୍ରହଣ କରିଛନ୍ତି ତାଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଅବହେଳାକୁ ସମସ୍ତେ ନିନ୍ଦା କରିବା ସହ ଅତିଶୀଘ୍ର ଦାବି ପୂରଣ ପାଇଁ ଦାବି କରିଥିଲେ। ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମକୁ ଡିଭିଜନ କୋଷାଧ୍ୟକ୍ଷ ଶୋଭାରମ ପ୍ରଧାନ ଓ ରେଞ୍ଜ ସମ୍ପାଦକଙ୍କ ମଧ୍ୟରେ ପ୍ରବୋଧ ଟୀରକେୟ, ତ୍ରିଲୋଚନ କିସାନ, ନରହରି ପଟେଲ, ବିରଞ୍ଚି ରାଉତ, ପୁନିଆ ଚୁନିଆ, ନିରାକାର ନାୟକ, ଦୁର୍ଗା ମହାନ୍ତ, ବିରଞ୍ଚି ନାୟକ, ସାମ୍ବରୁ କିସାନ, ଗିରିଧାରୀ ବାଡା, ପର୍ଶୁରାମ ଭୈଷାଲ, ଅଭିରାମ ସାହୁ, ମଧୁ ଖାଖା, ଜେମା ନାୟକ, ପ୍ରଭା ଟୀରକେୟ, କାମିନୀ ନାୟକ, ମୌସୁମୀ ସେଠ, ସରୋଜିନୀ ଲାକ୍ରା, ରଘୁ ନାଗ, ନିରଞ୍ଜନ ବୁଢ଼େକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଠାରେ ଉଲ୍ଲେଖ ଥାଉକି, ଓଡ଼ିଶାର ୨୨ ଟି ଜିଲାରେ ୨ହଜାରରୁ ଅଧିକ ପଞ୍ଚାୟତରେ ଏହି ଧାରଣା ସମାବେଶ ହୋଇଥିବା ବେଳେ ଲକ୍ଷାଧିକ ତୋଳାଳୀ କର୍ମଚାରୀ ଭାଗ ନେଇଥିବା ସଂଘର ସଭାପତି ବିଜୟ ମହାନ୍ତି ପ୍ରକାଶ କରିଛନ୍ତି।

## ୧୨ ଦଫା ଦାବିପତ୍ର ପ୍ରଦାନ

**ବାଲିଶଙ୍କରା,୨।୫(ହୃଦାନନ୍ଦ ବାରିକ)**

ରାଉରକେଲା ଡିଭିଜନ ବାଲିଶଙ୍କରା କେନ୍ଦୁପତ୍ର ରେଞ୍ଜର କାର୍ମଚାରୀ, ତୋଳାଳି, ବିଡା ବନ୍ଧାଳି, ସିଜିନାଲ କର୍ମଚାରୀ ୧୨ ଦଫା ସମ୍ବଳିତ ଦାବିପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। କେନ୍ଦୁପତ୍ର କେରି ପ୍ରତି ଦର ନିର୍ବାଚନ ଘୋଷଣା ଅନୁଯାୟୀ ୨ ଟଙ୍କା ଧାର୍ଯ୍ୟ କରି ପିଛିଲା ତାରିଖରୁ କାର୍ଯ୍ୟକାରୀ କରାଯାଉ, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁପାତରେ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ମାସିକ ମଜୁରୀ ବୃଦ୍ଧି କରାଯାଉ, ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରାଯାଉ, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରାଯାଉ ଆଦି ଦାବି ଉଲ୍ଲେଖ ରହିଛି। ଏଥିରେ ହେଡ ଚେକର, ମୁନସୀ, ପତ୍ର ତୋଳାଳି, ଶ୍ରମିକମାନେ ଯୋଗଦେଇଥିଲେ।



# କେନ୍ଦୁପତ୍ର ଦର, ବୋନସ ଘୋଷଣା ବିଳମ୍ବ ପ୍ରତିବାଦରେ ଧାରଣା

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଝାରସୁଗୁଡ଼ା, ୨।୫ (ଆଶିଷ ରଞ୍ଜନ ଦାଶ)

କେନ୍ଦୁପତ୍ର ଦର ଓ ବୋନସ୍ ଘୋଷଣାରେ ଅହେତୁକ ବିଳମ୍ବକୁ ନେଇ କେନ୍ଦୁପତ୍ର ଶ୍ରମିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ରାଜ୍ୟର ୨୨ଟି ଜିଲାର ୨୦୦୦ରୁ ଅଧିକ ପଞ୍ଚାୟତରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ଏକ ସମୟରେ ଧାରଣା ଦେଇ ପ୍ରତିବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଡିଭିଜନର ସମସ୍ତ ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୌରାଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୦ରୁ ରାଜ୍ୟର ୧୯ଟି ଡିଭିଜନରେ



ଝାରସୁଗୁଡ଼ା ପୌର କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର ଶ୍ରମିକ ଓ ସଂଘ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଥିଲେ ସୁଦ୍ଧା ସରକାର ଏପର୍ଯ୍ୟନ୍ତ କେରି ପ୍ରତି ଦର ନିର୍ଦ୍ଧାରଣ କରିନାହାନ୍ତି। ଏଥିସହ ତୋଳାଳୀ ଓ ସିଜିନାଲ କର୍ମଚାରୀଙ୍କ ପାଇଁ ବୋନସ୍, ମାସିକ ମଜୁରି ଏବଂ ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ଦର ମଧ୍ୟ ଘୋଷଣା ହୋଇନାହିଁ। ସଂଘ ସଭାପତି ବିଜୟ କୁମାର ମହାନ୍ତି ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଜୁଲାଇରୁ ସର୍ବନିମ୍ନ ମଜୁରି ବୃଦ୍ଧି ହୋଇଥିଲେ ମଧ୍ୟ ସେହି ଅନୁପାତରେ କେନ୍ଦୁପତ୍ର ଶ୍ରମିକଙ୍କୁ ପ୍ରାପ୍ୟ ମିଳୁନାହିଁ। ଅପରପକ୍ଷରେ ଗତ ୨ ମାସ ହେବ କେତେଜଣ ଶ୍ରମିକ ମଜୁରି ନ ପାଇ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଫଳରେ ଝାରସୁଗୁଡ଼ା ଡିଭିଜନର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଥିବାବେଳେ ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ କେନ୍ଦୁପତ୍ର ଫଡ଼ିଠାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଗୋକୁଳ ମେହେର, ସାଧାରଣ ସମ୍ପାଦକ ସଞ୍ଜିତ୍ ମହାନ୍ତି, ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରମିକଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷାଫଳ**

## ଝାରସୁଗୁଡ଼ା ଜିଲାରେ ପାସ୍ ହାର ୯୭.୮୯%

ଝାରସୁଗୁଡ଼ା, ୨।୫(ଆଶିଷ ରଞ୍ଜନ ଦାଶ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ରମାନେ ବେଶ୍ ଖୁସି ହୋଇଛନ୍ତି। ପରୀକ୍ଷା ପାଇଁ କରିଥିବା କଠିନ ପରିଶ୍ରମ ସେମାନଙ୍କୁ ସଫଳତା ଆଣିଦେଇଛି। ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆଙ୍କ ସୂଚନା ଅନୁସାରେ, ଗତବର୍ଷ ଅପେକ୍ଷା ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାଫଳ ବେଶ୍ ଉତ୍ସାହଜନକ ରହିଛି। ଏଥର ଝାରସୁଗୁଡ଼ା ଜିଲାର ପାସ୍ ହାର ୯୭.୮୯% ରହିଛି। ଚଳିତବର୍ଷ ଏ-୧ ଗ୍ରେଡ୍‌ରେ ୭୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏ-୨ ଗ୍ରେଡ୍‌ରେ ୩୮୩ ଜଣ, ବି-୧ ଗ୍ରେଡ୍‌ରେ ୮୭୩ ଜଣ, ବି-୨ ଗ୍ରେଡ୍‌ରେ ୧୩୫୫ ଜଣ, ସି-ଗ୍ରେଡ୍‌ରେ ୧୩୯୪ ଜଣ, ଡି-ଗ୍ରେଡ୍‌ରେ ୧୨୦୯ ଜଣ ଏବଂ ଇ-ଗ୍ରେଡ୍‌ରେ ୬୦୨ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଝାରସୁଗୁଡ଼ାସ୍ଥିତ ଏକତାଳି ମ୍ୟୁନିସିପାଲ ହାଇସ୍କୁଲର ଛାତ୍ର ନମନ ପ୍ରଧାନ ଏବଂ ଅରୋମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ର ସୁଦାମ ବେହେରା ୫୭୮ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଝାରସୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ତୁଳସୀ ରୋହିଦାସ ୫୭୨ ରଖି ଦ୍ୱିତୀୟ ଏବଂ ମଙ୍ଗଳବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସାର୍ଥକ ପ୍ରଧାନ ୫୬୯ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ଜିଲା ଶିକ୍ଷାଧିକାରୀ ଗଡତିଆ ସମସ୍ତ କୃତୀ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସୁଦାମ ବେହେରା।

ଏନେଇ ଝାରସୁଗୁଡ଼ାସ୍ଥିତ ଅରୋମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ର ସୁଦାମ ବେହେରା କହିଛନ୍ତି, ମାଟ୍ରିକ୍ ପରୀକ୍ଷା ପ୍ରାଇଁ ପ୍ରତିଦିନ ପ୍ରାୟ ୧୪ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ମିଳିଥିବାବେଳେ ଜିଲାରେ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ମୋର ଏହି ସଫଳତା ପଛରେ ବାପା ସନ୍ତୋଷ ବେହେରା, ମା' ସୁଜାତା ବେହେରାଙ୍କ ଅବଦାନ ରହିଥିବାବେଳେ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହଯୋଗ ରହିଛି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି।

## ଆଲିଶା ଭଇଁଷା ଦେବଗଡ଼ ଜିଲା ଟପ୍ପର

ଦେବଗଡ଼,୨।୫(ଶଶାଙ୍କ ଶେଖର ଝାଙ୍କର)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଦେବଗଡ଼ ଜିଲାର ପାସ୍ ହାର ୯୬.୨୬% ରହିଛି। ଚଳିତବର୍ଷ ଜିଲାରେ ୮୬ଟି ହାଇସ୍କୁଲର ୪୦୫୧ ପରୀକ୍ଷାର୍ଥୀ ମଧ୍ୟରୁ ୬୭ ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ୩୮୩୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ଏ-୧ ଗ୍ରେଡ୍‌ରେ ୬ଜଣ, ଏ-୨ ଗ୍ରେଡ୍‌ରେ ୭୪ ଜଣ, ବି-୧ ଗ୍ରେଡ୍‌ରେ ୨୫୨ଜଣ, ବି-୨ ଗ୍ରେଡ୍‌ରେ ୫୧୮ଜଣ, ସି-ଗ୍ରେଡ୍‌ରେ ୯୦୦ ଜଣ, ଡି-ଗ୍ରେଡ୍‌ରେ ୧୨୨୩ ଜଣ ଏବଂ ଇ-ଗ୍ରେଡ୍‌ରେ ୮୬୨ ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ଜଣାପଡ଼ିଛି। ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ସୁଗୁଡ଼ାସ୍ଥିତ ପିଏମ୍‌ଶ୍ରୀ ଅପୂର୍ବ ହାଇସ୍କୁଲର



ଛାତ୍ରୀ ଆଲିଶା ଭଇଁଷା ୫୫୪ ମାର୍କ ରଖି ଜିଲା ଟପ୍ପର ହୋଇଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଦେବଗଡ଼ ଜିଲା କଦଳୀମୁଣ୍ଡା, ପରପୋଷି ଅଞ୍ଚଳର ଭୀମସେନ ଭଇଁସା ଓ ରାଧାରାଣୀ ଭଇଁସାଙ୍କ ଝିଅ ଆଲିଶା କହିଛନ୍ତି, ଭବିଷ୍ୟରେ ଡାକ୍ତର ହୋଇ ରୋଗୀ ସେବା କରିବି।

## ବେଆଇନ ପାଉଁଶ ଫିଙ୍ଗିବା ବନ୍ଦ କରାଯାଉ

ଝାରସୁଗୁଡ଼ା, ୨।୫(ଆଶିଷ ରଞ୍ଜନ ଦାଶ)

**ଜିଲାପାଳଙ୍କୁ ଚିଠି ଲେଖିଲେ ବିଧାୟକ**

■ ଟାସ୍କ ଫୋର୍ସ ଗଠନ ଦାବି

ଝାରସୁଗୁଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ବେଆଇନ ପାଉଁଶ ଫିଙ୍ଗାକୁ ନେଇ ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବେଆଇନ କାର୍ଯ୍ୟ ଉପରେ କଡ଼ା ନଜର ରଖିବା ପାଇଁ ୨୪ ଘଣ୍ଟିଆ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ସେ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଶୁକ୍ରବାର ଚିଠି ଲେଖି ଅନୁରୋଧ କରିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, କେତେଜଣ ଅସାମାଜିକ ପାଉଁଶ ପରିବହନକାରୀ ଏବଂ କାରଖାନା ମାଲିକଙ୍କ ମଧୁଚନ୍ଦ୍ରିକାରେ ବିଳମ୍ବିତ ରାତିରେ ଜନବସତି ଓ ପରିଧି ଅଞ୍ଚଳରେ ବେଆଇନ ଭାବେ ପାଉଁଶ ଫିଙ୍ଗାଯାଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ୁଛି। ବିଶେଷକରି ବାୟୁ ଏବଂ ମୃତ୍ତିକାର ଗୁଣବତ୍ତା ନଷ୍ଟ ହେଉଥିବାବେଳେ ସାଧାରଣ ନାଗରିକଙ୍କ ଜୀବନଜୀବିକା ବିପଦରେ ପଡ଼ିଛି। ପ୍ରଦୂଷଣ ବିଭାଗ ଏବଂ ଜିଲା ପ୍ରଶାସନ ପ୍ରତିନିଧିମାନଙ୍କୁ ନେଇ ୨୪ ଘଣ୍ଟିଆ ଏକ ଟାସ୍କଫୋର୍ସ ଗଠନ କରାଯାଉ। ବିଭିନ୍ନ ସନ୍ଦେହଜନକ ସ୍ଥାନ ଏବଂ ପରିବହନ ରୁଟ୍‌ରେ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ। ଏହି ବେଆଇନ କାର୍ଯ୍ୟରେ ଲିପ୍ତଥିବା ପରିବହନକାରୀ ଓ କାରଖାନା ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉ, ଯଦ୍ଦ୍ୱାରା ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ। ଉକ୍ତ ସମସ୍ୟାର ସମାଧାନ ପାଇଁ ତୁରନ୍ତ କଠୋର ପଦକ୍ଷେପ ନେବାକୁ ବିଧାୟକ ତ୍ରିପାଠୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଛାତ୍ରୀଛାତ୍ରଙ୍କୁ ମିଳିବ ସ୍କୁଲବ୍ୟାଗ୍, ପାଣି ବୋତଲ



ବୈଠକରେ ଜିଲାପାଳ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା, ୨।୫(ଆଶିଷ ରଞ୍ଜନ ଦାଶ)

**ଜିଲାସ୍ତରୀୟ ଉଦିଆଁ ତାରା କାର୍ଯ୍ୟକ୍ରମର ସମୀକ୍ଷା**

ଝାରସୁଗୁଡ଼ା ଜିଲା ଶିକ୍ଷା ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ଉଦିଆଁ ତାରାର ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ ଓ ପ୍ରଭାବଶାଳୀ କରିବା ପାଇଁ ଅନେକ ନିଷ୍ପତ୍ତି ନିଆଯାଇଛି। ବୈଠକ ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ ଗତ ମାସର ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଖରାଛୁଟି ସମୟରେ ପିଲାଙ୍କୁ ପାଠପଢ଼ା ସହ ଯୋଡ଼ି ରଖିବା ପାଇଁ ସମସ୍ତଙ୍କୁ ହଲିଡେ ହୋମ୍‌ୱାର୍କ ବଣ୍ଟନ କରାଯାଇଛି। ଏଥିସହ ଚାଟ୍‌ବଟ୍ ମାଧ୍ୟମରେ ଜିଲାବ୍ୟାପୀ ଡିଜିଟାଲ ସମର ଲର୍ନିଂ ପ୍ରୋଗ୍ରାମ ସଫଳତାର ସହ ଚାଲୁ ରହିଥିବା ସୂଚନା ଦିଆଯାଇଛି। ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଜିଲାର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ଏବଂ ପାଣି ବୋତଲ ଯୋଗାଇ ଦିଆଯିବ। ଏହାସହ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ପଞ୍ଚସଖା ଶିକ୍ଷା ସେତୁ ମାଧ୍ୟମରେ ସିଏସ୍‌ଆର୍ ପାଣ୍ଠିର ବିନିଯୋଗ କରାଯିବା ନେଇ ସମ୍ମତି ପ୍ରକାଶ ପାଇଛି। ସୃଜନଶୀଳ ଶିକ୍ଷା ଓ ଇ-କଣ୍ଟେଣ୍ଟ ଇଂଲିଶ ଶିକ୍ଷାକୁ ଅଧିକ ସହଜ କରିବା ପାଇଁ ସ୍ୱତନ୍ତ୍ର ଇ-କଣ୍ଟେଣ୍ଟ ପ୍ରସ୍ତୁତ କରାଯିବା ସହ ପଠନ ପାର୍ବଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ସୃଜନଶୀଳ ଲେଖାଗୁଡ଼ିକୁ ସଂଗ୍ରହକରି ଏକ ପୁସ୍ତକ ପ୍ରକାଶ କରାଯିବ। ଖରାଛୁଟି ଶେଷ ସୁଦ୍ଧା ହାପି ଆୱାର୍ସ ଅଧୀନରେ ପାଠ୍ୟକ୍ରମ ପ୍ରସ୍ତୁତି ଶେଷକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୁଦର୍ଶନ ଚକ୍ର ଅଭିଯାନର ପ୍ରସ୍ତୁତି ଶେଷ ହେବା ପରେ ସ୍କୁଲ ଖୋଲିବା ମାତ୍ରେ ଏହାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯିବ। ଜିଲାର ଶିକ୍ଷା ବ୍ୟବସ୍ଥାକୁ ଛାତ୍ରୀଛାତ୍ର ଅଭିମୁଖୀ କରିବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

## ଜଙ୍ଗାଲିଙ୍ଗା ମନ୍ଦିରର ବାର୍ଷିକ ଉତ୍ସବ

ଲଖନପୁର,୨।୫(ଗୌତମ ସାହୁ): ଲଖନପୁର ବ୍ଲକ୍ ସୀମାନ୍ତ ଅଞ୍ଚଳ କନକତୋରା ପଞ୍ଚାୟତର ଲୁହାବଗା ଗ୍ରାମରେ ଥିବା ଜଙ୍ଗାଲିଙ୍ଗା ବୁଢ଼ାଦେଓ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ କେଲୋ ନଦୀରୁ ଆଦିବାସୀ ଗଣ୍ଡ ଜାତିର ଅଧିବାସୀ ଶୋଭାଯାତ୍ରାରେ କଳସ ଆଣି ପୂଜା ମଣ୍ଡପକୁ ଆସି ପୂଜାର୍ଚ୍ଚନା କରିଥିଲେ। ମୁକ୍ତେଶ୍ୱର ନାଏକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କପିଳେଶ୍ୱର ଗଣ୍ଡ, ରୋହିତ ଗଣ୍ଡ, କର୍ମୁ ଗଣ୍ଡ, ଚନ୍ଦ୍ରକାନ୍ତ ସିଦାର ପ୍ରମୁଖ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରକୃତି ପୂଜା, ଜାତିଭାଇଙ୍କ ମଧ୍ୟରେ ଏକତା, ବିଶ୍ୱରେ ଶାନ୍ତି ସ୍ଥାପନ ଓ ସମସ୍ତଙ୍କ ମଙ୍ଗଳକାମନା ପାଇଁ ଏହି ପୂଜା ହୋଇଥାଏ ବୋଲି ସମାଜ ପରିଚାଳନା କମିଟିର ସଦସ୍ୟ ଭୋଳା ଧୁରୁଆ, ବିଷ୍ଣୁ ପ୍ରସାଦ ବଇଗା, ସୁଗ୍ରୀ ଗଣ୍ଡ, ବୁଧୁ ସିଦାର, ତ୍ରିନାଥ ଗଣ୍ଡ, ଦୁଃଖନାଶନ ସିଦାର ପ୍ରକାଶ କରିଛନ୍ତି।

## ୪୯ ଆବେଦନକାରୀଙ୍କୁ ଜମିପଟ୍ଟା ବଣ୍ଟନ



ଅତିଥିଙ୍କ ଗହଣରେ ଜମିପଟ୍ଟା ପାଇଥିବା ଆବେଦନକାରୀ।

ରିଆମାଳ,୨।୫(ବଦ୍ରି ନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ସମ୍ମିଳନୀ କକ୍ଷରେ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ବିଜୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ୍, ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହୋର ଯୋଗଦେଇଥିଲେ। ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ନିୟମ -୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରଯାଇଥିଲା। ଏହି ଅନୁଯାୟୀ ତହସିଲଦାରଙ୍କୁ ପ୍ରି-ସେଟଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ବିଚାରାଧୀନ ଥିବା ୪୯ଟି ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାୟୀ ଫଇସଲା କରିବା ପାଇଁ ହସ୍ତାନ୍ତର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଫଳରେ ୪୯ଟି ମାମଲାର ଫଇସଲା କରାଯାଇ ଆବେଦନକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରିଆମାଳ ତହସିଲ କାର୍ଯ୍ୟାଳୟର ଆର୍‌ଆଇ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସରକାରୀ କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧି, ଅଧିକାରୀଙ୍କ ଅନୁପସ୍ଥିତି ଗଣତନ୍ତ୍ର ପ୍ରତି ପରିହାସ: ବିଧାୟକ ଟଙ୍କଧର

ଝାରସୁଗୁଡ଼ା,୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟରେ ଶୁକ୍ରବାର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଜିଲାର ନେତା ଓ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ବ୍ୟବସ୍ଥା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାସ୍ତରୀୟ ସରକାରୀ କାର୍ଯ୍ୟକ୍ରମରେ ଦାୟିତ୍ୱବାନ୍ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ସେ କହିଛନ୍ତି, ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ନିଜେ ଉପସ୍ଥିତ ନ ରହି ନିଜର ପ୍ରତିନିଧିଙ୍କୁ ପଠାଇବା ଏବେ ଏକ ଟ୍ରେଣ୍ଡ ପାଲଟିଛି। ଏହା କାର୍ଯ୍ୟକ୍ରମର ଗରିମା ଓ ଗୁରୁତ୍ୱକୁ ହ୍ରାସ କରୁଛି। ଭୋଟ ଦେଇ ନିର୍ବାଚିତକରି ପଠାଇଥିବା ଜିଲାବାସୀଙ୍କ ପ୍ରତି ଏହା ଅସମ୍ମାନ। ବିଶେଷକରି ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅନୁପସ୍ଥିତିକୁ ସେ ପରୋକ୍ଷରେ ସମାଲୋଚନା କରିଛନ୍ତି। ସେ ଆହୁରି କହିଛନ୍ତି, ଜନତା ଯେଉଁମାନଙ୍କୁ ପ୍ରତିନିଧି ଭାବେ ବାଛିଛନ୍ତି, ସେମାନେ ନିଜେ ନ ଆସି ପ୍ରତିନିଧିଙ୍କ ଜରିଆରେ କାମ ସାରୁଛନ୍ତି। ଯଦି ସୁଯୋଗ ଥାଆନ୍ତା, ତେବେ ବିଧାନସଭା ଓ ସଂସଦକୁ ମଧ୍ୟ ଏହିପରି ପ୍ରତିନିଧିମାନଙ୍କୁ ପଠାଯାଇଥାନ୍ତା। ଅଫିସରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ନ ଆସି କର୍ମଚାରୀଙ୍କୁ ପଠାଇବା ଏକ ସୁସ୍ଥ ଗଣତନ୍ତ୍ର ପ୍ରତି ପରିହାସ। ଏସି ରୁମ୍‌ରେ ବସି ନିଷ୍ପତ୍ତି ନେବା ଅପେକ୍ଷା କ୍ଷେତ୍ର ସ୍ତରରେ ଲୋକଙ୍କ ସହ ରହି ସମସ୍ୟାର ସମାଧାନ କରିବା ଜରୁରୀ। ଶ୍ରମିକ ଦିବସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ଶ୍ରମିକଙ୍କ ସମସ୍ୟା ଓ ଜିଲାର ଶିଳ୍ପାୟନ ଉପରେ ଆଲୋଚନା ହେବା କଥା। ହେଲେ ସେଠାରେ ଦାୟିତ୍ୱବାନ୍ ବ୍ୟକ୍ତିଙ୍କ ଅନୁପସ୍ଥିତି ଆଦୌ ଗ୍ରହଣୀୟ ନୁହେଁ ବୋଲି ବିଧାୟକ କହିଛନ୍ତି। ତାଙ୍କର ଏହି ଶାଣିତ ସ୍ୱର ଏବେ ଜିଲା ରାଜନୀତି ଓ ପ୍ରଶାସନିକ ସ୍ତରରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ କାର୍ଯ୍ୟକ୍ରମ ପ୍ରତି ଅଧିକାରୀ ଓ ନେତାଙ୍କ ଏଭଳି ମନୋଭାବ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସରକାରୀ ଯୋଜନା ଶ୍ରମିକଙ୍କ ମାନବୃଦ୍ଧିରେ ସହାୟକ ହେବ

ଦେବଗଡ଼,୨।୫(ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ**

ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା ଓ ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି ଯୋଗଦେଇ କହିଛନ୍ତି, ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏହିସବୁ ଯୋଜନା ସେମାନଙ୍କର ଜୀବନର ମାନବୃଦ୍ଧିରେ ସହାୟକ ହେବ। ଏହି ଅବସରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ସହାୟତା ରାଶି, ଶିକ୍ଷା ସହାୟତା ରାଶି ଉମେଶ ଚନ୍ଦ୍ର ସାହୁଙ୍କୁ ୪୦,୦୦୦ ଟଙ୍କା, ବିବାହ କାଳୀନ ସହାୟତା ରାଶି ପବନୀ ନାୟକ, ସାବିତ୍ରୀ ବାଘ, ବିଷ ବଗାର, ବିଟା ଜେନାଙ୍କୁ ୫୦,୦୦୦ ଲେଖାଏ, ମୃତ୍ୟୁ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ରାଶି ୩ ଜଣଙ୍କୁ ୩,୦୫,୦୦୦ ଲେଖାଏ କ୍ଷୀରୋଦ ଅଡ଼ା, ଈଶ୍ୱର ସାହୁ, ସ୍ନେହଲତା ହେମ୍‌ରମ୍‌ଙ୍କୁ, ନିର୍ମାଣ ଶ୍ରମିକ ପରିଚୟ ପତ୍ର ଓ ଅଣ ସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରମ ବିଭାଗର କର୍ମଚାରୀ, ୩ ବ୍ଲକ୍‌ରୁ ଆସିଥିବା ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉତ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ୩୮୩ ହିତାଧିକାରୀଙ୍କୁ ମିଳିଲା ସହାୟତା ରାଶି

ଝାରସୁଗୁଡ଼ା, ୨।୫(ଆଶିଷ ରଞ୍ଜନ ଦାଶ)

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ**

ଝାରସୁଗୁଡ଼ାସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସରକାରୀ ଯୋଜନାରେ ୨ କୋଟି ୧୪ ଲକ୍ଷରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ ଯୋଗଦେଇ ଶ୍ରମିକଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତ, ୱାର୍ଡ ଏବଂ ଶିଳ୍ପାନୁଷ୍ଠାନ ସ୍ତରରେ ନିୟମିତ ଶିବିର ଆୟୋଜନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ମଙ୍ଗଳ ସାହୁ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମୋଟ ୩୮୩ ଜଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ରାଶି ମଞ୍ଜୁର କରାଯାଇ ଡମି ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ୫ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ୮ ଲକ୍ଷ ଟଙ୍କାର ସହାୟତା ଓ ୨୧ଟି ନୂତନ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଲଖନପୁର ଶ୍ରମ ଅଧିକାରୀ ତରୁଣ କୁମାର ମହାନ୍ତି ନୂତନ ଶ୍ରମିକ କୋଡ୍ ଓ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକ ଖରାରେ କାମ ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ସୁନିତା ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମ ବିଭାଗର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ**

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ବିଜାଖମନଠାରେ ଶନିବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବାଇକ୍ ଆରୋହୀ ଜଣକ ବଲାଙ୍ଗୀର ପଟରୁ ଫେରୁଥିବା ବେଳେ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ। ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସଂକ୍ଷେପରେ

### ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଜବତ

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା-ମୁରସୁଣ୍ଡି ରାସ୍ତାର ଭୂତଳ ରେଲୱେ ବ୍ରିଜ ନିକଟ ରେଳ ଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ବଲାଙ୍ଗୀର ଜିଆରପି ଶନିବାର ଜବତ କରିଛି। ମୃତକ ହେଲେ ସାଲେଭଟା ନିକଟସ୍ଥ ଲୁହୁରୁମୁଣ୍ଡା ଗ୍ରାମର କାର୍ତ୍ତିକ ନାଗ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, କାର୍ତ୍ତିକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଶରୀରର ଆଉ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ। ତେଣୁ ସେ ଟ୍ରେନ ରେ କଟି ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଟ୍ରେନ ଲାଇନରେ ପକାଇ ଆତ୍ମହତ୍ୟାର ରୂପ ଦିଆଯାଇଛି, ତାହା ଅସ୍ପଷ୍ଟ ରହିଛି। ଖବର ପାଇ ସାଲେଭଟା ଫାଣ୍ଡି ପୋଲିସ ପହଞ୍ଚି ଥିଲା । ଏହାପରେ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୁର୍ଜିଭଟାରେ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ହନୁମାନ ମନ୍ଦିର ନିକଟସ୍ଥ ପଡ଼ିଆରେ ପ୍ରଥମ ଫ୍ଲଡଲାଇଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ୪-୩ ଗୋଲରେ ବଲାଙ୍ଗୀର ଶାସ୍ତ୍ରୀ ନଗରକୁ ହରାଇ ଲୋଇସିଂହା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ୨-୧ ଗୋଲରେ ଆଗଲପୁରକୁ ହରାଇ ଡୁଷୁରା ବିଜୟୀ ହୋଇଥିଲା। ଲୋଇସିଂହା ଓ ଡୁଷୁରା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ ଲୋଇସିଂହା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବୁଢ଼ୀପଦର ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଯୁବ ନେତା ସୁନୀଲ ଦାସ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରମିକମାନେ ଦେଶ ଅର୍ଥନୀତିର ମୂଳ ଭିତ୍ତି: ମନ୍ତ୍ରୀ ମୁକେଶ

**ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ**

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)


ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଶୁକ୍ରବାର ପାଳନ କରାଯାଇଥିଲା। ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇ ଶ୍ରମିକମାନେ ଦେଶ ଅର୍ଥନୀତିର ମୂଳ ଭିତ୍ତି ବୋଲି କହିଥିଲେ। ଶ୍ରମିକମାନଙ୍କ ଶ୍ରମ, ସମର୍ପଣ ଓ ସାମର୍ଥ୍ୟରେ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ସରକାର ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ଚିକିତ୍ସା ସୁବିଧା ଓ ସାମାଜିକ ସୁରକ୍ଷା ଯୋଜନାକୁ ଆଗକୁ ବଢ଼ାଇବା ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ବ୍ଲକରେ ଆଗାମୀ ଦିନରେ ସହାୟକ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ନିର୍ମାଣ ହେବ। ଏହା ଜରିଆରେ ଶ୍ରମିକ ପଞ୍ଜୀକରଣ ସୁରୁଖୁରୁରେ ହୋଇପାରିବ। ଶ୍ରମିକମାନଙ୍କ ପୁଅ-ଝିଅଙ୍କୁ ଉଚ୍ଚତର ଶିକ୍ଷା ପାଇଁ ଆର୍ଥିକ ସହାୟତା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ହେଉଛି ବୋଲି କହିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୧୭୬ ଜଣଙ୍କୁ ୮୮ ଲକ୍ଷ ବିବାହ ସହାୟତା ଦିଆଯାଇଛି । ସେହିପରି ୫୯ ଜଣଙ୍କୁ ୧ କୋଟି ୬୬ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା , ଅନ୍ତିମ ସଂସ୍କାର ସହାୟତା ପାଇଁ ୧୧୨ ଜଣଙ୍କୁ ୫ ଲକ୍ଷ ୬୦ ହଜାର ଟଙ୍କା ଓ ୭୩ ଜଣ ଶ୍ରମିକଙ୍କ ପୁଅ-ଝିଅଙ୍କ ଶିକ୍ଷା ପାଇଁ ୬ ଲକ୍ଷ ୭୩ ହଜାର ୪୦୦ ଟଙ୍କାର ସହାୟତା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସେହିପରି ୨୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ଓ ୫୦ ଜଣ ଅସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଦିନେଶ ଶର୍ମା, ବିଧାୟକଙ୍କ ପ୍ରତିନିଧି ଶମ୍ଭୁ ନାଗ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତରଣୀ ସୁନା, ବିଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠୀ ଯୋଗଦାନ କରିଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଶ୍ରମିକ ଓ ଜିଲା ଶ୍ରମ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷା: ବଲାଙ୍ଗୀର ଜିଲାରେ ୯୬.୬୮ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲା ଟପ୍ପର ସ୍ମରଣିକା ଦାଶ**


ବଲାଙ୍ଗୀର ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା କଦମପଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସ୍ମରଣିକା ।

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ଦଶମ ବୋର୍ଡ (ମାଟ୍ରିକ୍) ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲାର ୯୬.୬୮ ପ୍ରତିଶତ ପରୀକ୍ଷାର୍ଥୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ୩୬ ଜଣ ଏ-ୱାନ୍, ୩୮୧ ଜଣ ଏ-ଟୁ, ୧୪୩୭ ବି-ୱାନ୍, ୩୪୭୯ ଜଣ ବି-ଟୁ, ୫୬୨୨ ଜଣ ସି, ୬୭୦୮ ଜଣ ଡି ଏବଂ ୪୨୭୯ ଜଣ ଇ' ଗ୍ରେଡ୍ ଲାଭ କରିଛନ୍ତି। ଚଳିତବର୍ଷ ଜିଲାର ୭୫୩ ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି। ଚଳିତବର୍ଷ ଜିଲାର ୩୭୪ଟି ହାଇସ୍କୁଲର ୨୩ ହଜାର ୩୩୫ ଜଣ ଛାତ୍ରୀଛାତ୍ର ଫର୍ମ ଫିଲପ୍ କରିଥିଲେ। ଚଳିତ ମାଟ୍ରିକ୍ ପରୀକ୍ଷା ଫଳରେ ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ୭ ଜଣ, ଭରତବାହାଲ ହାଇସ୍କୁଲର ୩ ଜଣ, କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିରର ୪ ଜଣ, ଟିଟିଲାଗଡ ସରସ୍ୱତୀ ଶିଶୁ ମନ୍ଦିରର ୨ ଜଣ, ବେଲପଡା ସରସ୍ୱତୀ ଶିଶୁ ମନ୍ଦିରର ୪ ଜଣ, ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରର ଜଣେ, ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିରର ୩ ଜଣ, ବିଶ୍ୱାତ୍ମ ବିଦ୍ୟାମନ୍ଦିରର ୨ ଜଣ ଏୱାନ୍ ଗ୍ରେଡ୍‌ରେ ସଫଳତା ପାଇଛନ୍ତି। ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ସ୍ମରଣିକା ଦାଶ ୫୬୫ ମାର୍କ ରଖି ଜିଲା ଟପ୍ପର ହୋଇଥିବା ଜଣାପଡିଛି। ଭରତବାହାଲ ହାଇସ୍କୁଲର ଓମ୍‌କାର ମେହେର ୫୬୩ ମାର୍କ, କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ଶୁଭଶ୍ରୀ କଲେତ ୫୬୦ ମାର୍କ ଓ ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିରର ସୁପ୍ରିୟା ମେହେର ୫୫୮ ମାର୍କ ରଖି ପାସ୍ କରିଛନ୍ତି। ଏହା ସହିତ ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିରର ଆଶୀର୍ବାଦ ତ୍ରିପାଠୀ ୫୫୫ ମାର୍କ ଓ କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ସ୍ୱାଧୀନ କୁମାର ନାଗ ୫୫୨ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଅନ୍ୟ କୃତୀ ଛାତ୍ରୀଛାତ୍ରମାନେ ଏ ୱାନ୍ ଶ୍ରେଣୀରେ କୃତିତ୍ୱର ସହ ପାସ୍ କରିଛନ୍ତି। ତେବେ ଜିଲାରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ୬୪୦ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି।

# 'ପ୍ରତ୍ୟେକ ନିର୍ମାଣ ପଛରେ ଶ୍ରମିକଙ୍କ ଶ୍ରମ ରହିଛି'



ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରର ମଞ୍ଚାସୀନ ଅତିଥି।

**ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ**

ବଲାଙ୍ଗୀର,୨।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ପୁରୁଣା ମଞ୍ଚରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଥିଲା। ସଂଘ ସଭାପତି ତଥା ଶ୍ରମିକ ନେତା ଶମ୍ଭୁ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସମ୍ମାନିତ ଅତିଥି ପୌରାଧକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଶ୍ରମିକ ନେତା ତଥା ଆଡଭୋକେଟ୍ ପ୍ରମୋଦ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସଭା ଶୁଭାରମ୍ଭ କରିଥିଲେ। ସମ୍ପାଦକ ସାଧୁ ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଉପସଭାପତି ସାରଥୀ ପଧାନ, ସଦସ୍ୟ ମୁରଲୀ ମହାକୁର, ଗଜିନ ବଗର୍ତ୍ତୀ, ବିଜୟ ମହାନନ୍ଦ, ହରିବନ୍ଧୁ ଧରୁଆ, ଦେବଶଙ୍କର ବାଗ, ଦୁର୍ଯ୍ୟୋଧନ ବଗର୍ତ୍ତି, ଶଙ୍କର ଦୀପ, ଅଭିମନ୍ୟୁ ନନ୍ଦ ଓ ସୁଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ମିଶ୍ର କହିଥିଲେ, ଶ୍ରମିକମାନେ ହିଁ ବିଶ୍ୱରେ ବିପ୍ଳବର ମଶାଲ ଜାଳିଥିଲେ। ଶ୍ରମିକମାନଙ୍କୁ ଶୋଷଣର ଲମ୍ବା ଇତିହାସ ରହିଛି। ତେବେ ଶ୍ରମିକ ଲଢ଼େଇର ମଧ ଲମ୍ବା ପ୍ରେରଣା ସ୍ରୋତ ପିଢ଼ି ପିଢ଼ିକୁ ଉଦ୍‌ବୁଦ୍ଧ କରିଆସୁଛି। ଭାରତରେ ଆଜି ବି ବୈଷମ୍ୟର ଚିତ୍ର ଦେଖାଯାଉଛି। ଏହି ବୈଷମ୍ୟରୁ ମୁକ୍ତି ପାଇଁ ଶ୍ରମିକମାନଙ୍କୁ ଏକତ୍ରିତ ହୋଇ ଲଢ଼େଇ କରିବାକୁ ପଡିବ ବୋଲି କହିଥିଲେ। ଅନ୍ୟ ଅତିଥି ଓ ବକ୍ତାମାନେ ଶ୍ରମିକମାନେ କିଭଳି ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେବେ ନାହିଁ ସରକାର ସେ ଦିଗରେ ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ନାଗ ପ୍ରତ୍ୟେକ ନିର୍ମାଣ ପଛରେ ଶ୍ରମିକଙ୍କ ଶ୍ରମର ସ୍ୱାକ୍ଷର ରହିଛି ବୋଲି କହିଥିଲେ। ସଭା ଆରମ୍ଭରୁ ଏକ ବିଶାଳ ଶ୍ରମିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରମଜୀବୀମାନେ ଅଂଶଗ୍ରହଣ କରିଥିଲେ।

# ହିନ୍ଦୁ ଏକଜୁଟ ରହିବାକୁ ପରାମର୍ଶ

**ପର୍ଯ୍ୟାବରଣ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ**

ଟିଟିଲାଗଡ଼,୨।୫(ଶରତ ମିଶ୍ର)

ଯୁଗେ ଯୁଗେ ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ପ୍ରଦାନ କରି ଭାଇଚାରାର ନିଦର୍ଶନ ଦେଇଆସିଛି ହିନ୍ଦୁ । 'ସର୍ବେ ଭବନ୍ତୁ ସୁଖିନଃ ସର୍ବେଶନ୍ତୁ ନିରାମୟା..' ବୋଲି ଆମ ସଂସ୍କୃତି ସର୍ବଦା କାମନା କରି ଆସିଛି। ଏଭଳି ସ୍ଥଳେ ପ୍ରତ୍ୟେକ ଜୀବଙ୍କ ଦେହେ ବାସ କରୁଥିବା ନାରାୟଣଙ୍କ ସେବା ହିନ୍ଦୁଙ୍କ ଧ୍ୟେୟ ହେଉ ବୋଲି ସ୍ଥାନୀୟ ଏକ ରିସର୍ଟଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ତମ ପ୍ରତିଷ୍ଠା ବର୍ଷ ସମାରୋହରେ ଯୋଗଦେଇ ସଂଘର ଅଖିଳ ଭାରତୀୟ ସହ ସମ୍ପର୍କ ପ୍ରମୁଖ, ନୂଆଦିଲ୍ଲୀ ଭାରତ ଭୂଷଣ ଅରୋଡା କହିଛନ୍ତି। ଏହି ଅବସରରେ ଅରୋଡ଼ା ପର୍ଯ୍ୟାବରଣ ସୁରକ୍ଷା, ଚାରା ରୋପଣ, ପ୍ଲାଷ୍ଟିକ ବର୍ଜନ, ସ୍ୱଦେଶୀ ଆପଣାଇବା, ଭାଷା, ଜାତି, ପ୍ରାନ୍ତ ବାଛବିଚାର ପରିତ୍ୟାଗ ସହ ହିନ୍ଦୁମାନେ ଏକଜୁଟ ରହିବାକୁ ପରାମର୍ଶ ଦେଇଥିଲେ ବଲାଙ୍ଗୀର ବିଭାଗ ସଂଘ ଚାଳକ ମୋହନ ପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧକ୍ଷା ମମତା ଜୈନ, ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ଡ଼. ଦୋଳଗୋବିନ୍ଦ ବିଶି, ଡ଼. ଛାୟାକାନ୍ତ ଷଡ଼ଙ୍ଗୀ, ଘନଶ୍ୟାମ ଜୈନ, ବଣିକ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋଏଲ, ସରକାରୀ ଅଧିବକ୍ତା କିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂଘର ବଲାଙ୍ଗୀର ବିଭାଗ ପରିଚାଳକ ଆଶିଷ ମଣ୍ଡଳ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଆଇନଜୀବୀ କମୁପାଣି ପାଢ଼ୀ, ଦିଲୀପ ସାହୁ, ସୁଶାନ୍ତ ନାୟକ, ଜିଲା ପ୍ରଚାରକ ରାଜେଶ ବାବୁ, ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଭାପତି ନାରାୟଣ ପଣ୍ଡା, ନଗର ଉପସଭାପତି କ୍ଷୀରସିନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବେଲପଡ଼ା ବ୍ଲକ: ୫ ଛାତ୍ରୀଛାତ୍ରଙ୍କ ଏ-୧ ଗ୍ରେଡ୍ ହାସଲ


ଏ-୧ ଗ୍ରେଡ ପାଇଥିବା ଛାତ୍ରୀଛାତ୍ର ।

ବେଲପଡା,୨।୫(ମନୋଜ କୁମାର ମିଶ୍ର)

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବେଲପଡା ବ୍ଲକର ୫ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ ହାସଲ କରି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ସେମାନେ ହେଲେ ବେଲପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଦମୟନ୍ତୀ ମେହେର ୫୪୭ ମାର୍କ (୯୧.୧୬%), ସୋନାକ୍ଷୀ ଦାସ ୫୪୭ ମାର୍କ ,ହରିଶ କୁମାର ମେହେର ୫୪୦ ମାର୍କ (୯୦%) ଓ ସଦାନନ୍ଦ ସାହୁ ୫୪୦ ମାର୍କ ରଖି ଏ-୧ ଗ୍ରେଡ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବେଲପଡା ପିଏମଶ୍ରୀ ସରକାରୀ ନୋଡାଲ ବାଳିକା ହାଇସ୍କୁଲର ଛାତ୍ରୀ ଭାରତୀ ମେହେର ୫୪୦ ମାର୍କ ରଖି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି ।

# ବିଭିନ୍ନ ଦାବି ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା

ପାଟଣାଗଡ଼,୨।୫(ସଚ୍ଚିଦାନନ୍ଦ ମହାକୁର)


ସଂଘର କର୍ମକର୍ତ୍ତାମାନେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ଼ ଡିଭିଜନର ସମସ୍ତ ତୋଳାଳି ଓ ସିଜିନାଲ କର୍ମଚାରୀମାନେ ଶନିବାର ଗଣଧାରଣା ଦେଇଥିଲେ। ଓଡ଼ିଶା କେନ୍ଦୁପତ୍ର ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛାଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଏହି ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟର ୧୯ଟି କେନ୍ଦୁପତ୍ର ଡିଭିଜନରେ ଏପ୍ରିଲ ୧୦ରୁ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ କେନ୍ଦୁପତ୍ର କେରି ପ୍ରତି ଦର ନିର୍ଦ୍ଧାରଣ କରିପାରିନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି। ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ପାଇଁ ବୋନସ, ମାସିକ ମଜୁରି ଓ ବନ୍ଧେଇ ଶ୍ରମିକଙ୍କ ପାଇଁ ବଣ୍ଡଲ ଦର ଘୋଷଣା ମଧ ହୋଇନାହିଁ। ଏପରି କି କେନ୍ଦୁପତ୍ର ଉନ୍ନୟନ ପରିଷଦର ବୈଠକ ବସିପାରିନାହିଁ ବୋଲି ସଂଘର ସଭାପତି ମହାନ୍ତି ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଦଳ ଛତର, ମନୋଜ ସାହୁ ,ଧ୍ରୁବ ଚାନ୍ଦ, ଗୋକୁଳ ଧରୁଆ, ଶାନ୍ତନୁ ଭୋଇ, ନରେନ୍ଦ୍ର ପଣ୍ଡା, ଜଗଦୀଶ ବନଛୋର୍, ଜୟ ସିଂହ ନାୟକ, ରାଜକୁମାର ବେହେରା, ସୁରେଶ କଠାର,ଶିବ ଥପା, ଲୁଭା ବରିହା, ସୀତା ବରିହା ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ ପରୀକ୍ଷା ଫଳ: ସାଲେପାଲି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ ଛାତ୍ରୀଙ୍କ ସଫଳତା

ଦେଓଗାଁ,୨।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଛାତ୍ରୀ ବିନୁସ୍ମିତା ସାମଲ ।

ଶନିବାର ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀ ବିନୁସ୍ମିତା ସାମଲ ଏ ୱାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ସମଗ୍ର ବ୍ଲକ ପାଇଁ ଗୌରବ ଆଣିଛନ୍ତି । ସେ ସାଲେପାଲି ଗ୍ରାମର ଅମ୍ବୁଜା ସାମଲ ଓ ସୁଦେଷ୍ଣା ସାମଲଙ୍କ ଝିଅ । ଚଳିତ ମାଟ୍ରିକ ପରୀକ୍ଷାରେ ୬୦୦ ମାର୍କରୁ ୫୪୦ ମାର୍କ ରଖି ଏ ୱାନ ଗ୍ରେଡ୍ ପାଇଛନ୍ତି । ଆଗକୁ ସେ ଜଣେ ଉତ୍ତମ ଶିକ୍ଷୟିତ୍ରୀ ହୋଇ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମନସ୍ଥ କରିଥିବା ପ୍ରକାଶ କରିଛନ୍ତି। ଛାତ୍ରୀ ବିନୁସ୍ମିତାଙ୍କ ସଫଳତାରେ ସାଲେପାଲି ଗ୍ରାମବାସୀ ଓ ଶିକ୍ଷାପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି ।

# ରୋତ କଲେଜର ବାର୍ଷିକ ଉତ୍ସବ 'ସୁରଙ୍ଗୀ-୨୦୨୬' ଉଦ୍‌ଯାପିତ



ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି ।

ଲୋଇସିଂହା,୨।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ୪୩ ତମ ବାର୍ଷିକ ଉତ୍ସବ 'ସୁରଙ୍ଗୀ-୨୦୨୬' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବାଣୀ ପ୍ରବାହ'କୁ ମୁଖ୍ୟ ସଂପାଦକ ପ୍ରମୋଦ କୁମାର ଦାଶଙ୍କ ଉପସ୍ଥିତିରେ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭାରେ ବଲାଙ୍ଗୀର ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଆଲୋକ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ରୋତ କଲେଜକୁ ଏକ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ସମସ୍ତ ପ୍ରକାରର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଟିଟିଲାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶିବପ୍ରସାଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜ ଭାଗ୍ୟ ନିଜେ ଗଢ଼ିବାକୁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦର ଉପସଭାପତି ଅଧ୍ୟାପକ ଆର୍ଯ୍ୟେନ୍ଦୁ କୁମାର ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ସଂଯୋଜନା କରିଥିଲେ। ଅଧ୍ୟାପକ ମାନସ ରଞ୍ଜନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ଅନୁସୟା ଭଞ୍ଜଦେଓ, ଗୀତାଞ୍ଜଳୀ ଦନ୍ତା, ଛାତ୍ରୀ ବବଲି ବାରିକ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବଲାଙ୍ଗୀରର ଢୋଲ ମହୁରୀ ସାଂସ୍କୃତିକ ପରିଷଦ, ବଡ଼ସାନ ଘୁଡୁକା ନୃତ୍ୟ ଓ କଳାହାଣ୍ଡିର ସର୍ବେଶ୍ୱର ଭୋଇ ଏଣ୍ଡ ଗ୍ରୁପର ନୃତ୍ୟ ଗୀତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ମହାବିଦ୍ୟାଳୟକୁ ଜମିଦାନ କରିଥିବା ଜୟସିଂ ବରିହାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଧାୟକ ପାଣ୍ଠିରୁ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ କଠୋରୀକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ ।

# ହରିଶଙ୍କର ମହୋତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,୨।୫(ଅଭୟ ତ୍ରିପାଠୀ)



ମେଳା ଉଦ୍‌ଯାପନୀ ଅବସରରେ ହରିଶଙ୍କର ମନ୍ଦିରର ମୁଖ୍ୟ ପୂଜକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବିଭିନ୍ନ ଅନୁଷ୍ଠାନକୁ ପ୍ରଶଂସାପତ୍ର ପ୍ରଦାନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଦେବୋତ୍ତର ବିଭାଗ ଦ୍ୱାରା ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପାଟଣାଗଡ଼ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ପାଟଣାଗଡ଼ ଏନଏସି କାର୍ଯ୍ୟନର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ହରିଶଙ୍କର, ନରସିଂହନାଥ ଓ ଗନ୍ଧମାର୍ଦ୍ଦନ ପାହାଡର ଐତିହାସିକ, ପୌରାଣିକ, କିମ୍ବଦନ୍ତୀ ଓ ଲୋକକଥାରେ ଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କ୍ଷେତ୍ରର ସାମଗ୍ରିକ ବିକାଶ ସହିତ ପାହାଡ ଉପରେ ଥିବା ରାଜାଙ୍କ ଭଗ୍ନ ବିଶ୍ରାମସ୍ଥଳୀକୁ ମଧ ଐତିହ୍ୟସ୍ଥଳୀ ଭାବରେ ପୁନରୁଦ୍ଧାର କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିର ପୂଜକ ନରସିଂହ ପୂଝାରୀ, ଦେବୋତ୍ତର କମିଟି ସଦସ୍ୟ , ସବ୍ କମିଟି ସଭାପତିଙ୍କୁ ଉପଢ଼ୌକନ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭୁଲିଆ ସମାଜ, ଯୁବ କୁଳତା ସମାଜ, କୁମ୍ଭାର କର୍ମକର୍ତ୍ତାଙ୍କୁ ଅନ୍ନ ସେବା ପାଇଁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ ସତ୍ୟସାଇ ସେବା ସମିତି, ଦଲ ସମାଜ, କୁବେର ସମାଜ, ଗଉଡ଼ ସମାଜ, କଳିଙ୍ଗା ସମାଜ, ଲେପ୍ରା ସୋସାଇଟି, ମାହେଶ୍ୱରୀ ସଂଗଠନ, ସ୍ୱାଭିମାନ ପରିବାରକୁ ଜଳ ଯୋଗାଣ ପାଇଁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ , ଏନଏସି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଅନ୍ନପୂର୍ଣ୍ଣା ସହାୟିକା ଗୋଷ୍ଠୀ, ଶିଶୁ ଓ ମହିଳା ବିକାଶ ବିଭାଗ, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖପ୍ରାଖୋଲର ଯୁବ ରେଡକ୍ରସ ବାହିନୀକୁ ମଧ ଉତ୍ତମ ସେବା ଯୋଗାଣ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଉପ ଜିଲାପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ପାଟଣାଗଡ଼ର ସୁରସନ୍ଧ୍ୟା ଭଜନ ସମାରୋହ , ବ୍ରହ୍ମଗିରି , ପୁରୀର ସାହିନାଚ ଓ ମିକ୍ସର ରାମଲୀଳା ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ମଞ୍ଚରେ ଜଗତସିଂହପୁରର ମା' କେନ୍ଦୁଜାଇ ଘୋଡ଼ା ନାଚ, ପାଟଣାଗଡ଼ ସାତ କୁଆଁରୀ ଓ ଚିନି ଚମ୍ପାକଳା ପରିଷଦର କଳାକାରଙ୍କ ଦ୍ୱାରା ଡାପ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ସତୀଘାଟର ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ମଞ୍ଚକୁ ମନୋଜ ବାଗ ପରିଚାଳନା କରିଥିବା ବେଳେ ପାଞ୍ଚ ଦିନ ରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅନୁଷ୍ଠିତ ବିଶ୍ୱଶାନ୍ତି ଯଜ୍ଞରେ କର୍ତ୍ତା ଭାବେ ତହସିଲଦାର ଆନନ୍ଦ କୁମାର ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ସମ୍ପାଦନ ହୋଇଥିଲା।

## ଭାଜପା ମହିଳା କାର୍ଯ୍ୟକର୍ତ୍ତାଙ୍କ ବିକ୍ଷୋଭ

ବିନିକା,(ରାମଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକାରେ ଶନିବାର ସନ୍ଧ୍ୟାରେ ଭାଜପା ମହିଳା ମୋର୍ଚ୍ଚା ତରଫରୁ ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ନେତୃତ୍ୱରେ ବିରୋଧୀ ଦଳଙ୍କ ବିରୋଧରେ ବିଭିନ୍ନ ନାରାଦେଇ ବିକ୍ଷୋଭ କରିଥିଲେ। ମହିଳା ବିଲ୍‌କୁ ବିରୋଧୀ କରିଥିବାରୁ ସ୍ଥାନୀୟ ଏନଏସି ଟାଉନ ହଲ ପ୍ରାଙ୍ଗଣରେ ରୁଣ୍ଡ ହୋଇ ରାହୁଲ ଗାନ୍ଧୀ, ମମତା ବାନାର୍ଜୀ ପ୍ରମୁଖଙ୍କ ଫଟୋରେ ନିଆଁ ଲଗାଇ ଥିଲେ। ଏଥିରେ ଜିଲା ସହ ସମ୍ପାଦିକା ସୁରଚି ବେହେରାଙ୍କ ସମେତ ଶତାଧିକ ମହିଳା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ଜିଲା ସାଧାରଣ ସମ୍ପାଦକ ବିଶମ୍ଭର ମିଶ୍ର ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ସୌମ୍ୟରଞ୍ଜନ ନାୟକ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ବୀରମହାରାଜପୁର,୨।୫(ଯୁଗଳ କିଶୋର ମିଶ୍ର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବିନେଇ ଶୁକ୍ରବାର ହିଲୁଙ୍ଗ ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁପତ୍ର କେରି ପ୍ରତି ଦର ନିର୍ବାଚନ ସମୟରେ ଘୋଷଣା ଅନୁଯାଇ ୨ଟଙ୍କା ଧାର୍ଯ୍ୟ କରି ପିଛିଲା ତାରିଖରୁ କାର୍ଯ୍ୟକାରୀ କରିବା, ସିଜିନାଲ କର୍ମଚାରୀଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି କରିବା, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ବୋନସ ପ୍ରଦାନ ଶତକଡା ହିସାରେ ଅଧିକ ବୃଦ୍ଧି କରିବା, ମୃତ୍ୟୁକାଳୀନ ସହାୟତା ୨ଲକ୍ଷରୁ ୪ଲକ୍ଷ ଟଙ୍କାକୁ ବୃଦ୍ଧି ଆଦି ୧୯ଟି ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିଲୁଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ରକ୍ତଦାନ ଶିବିର, ୫୨ ୟୁନିଟ୍ ସଂଗୃହୀତ

ବୀରମହାରାଜପୁର,୨।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଜନ୍ମ ଦିବସରେ ବିଜୁ ଜନତା ଦଳ(ବିଜେଡି), ନାରାୟଣ ଲୁହା ଫ୍ୟାନ କ୍ଲବ ପକ୍ଷରୁ ଚତୁର୍ଥ ଥର ପାଇଁ ରକ୍ତଦାନ ଶିବିର ଶନିବାର ବୀରମହାରାଜପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲଡ୍ ବ୍ୟାଙ୍କର ସହାୟତାରେ ସମୁଦାୟ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ରକ୍ତଦାନ ଶିବିରରେ ଜିଲା ବିଜେଡି ସଭାପତି ସରୋଜ କର୍ମ, ଜିଲା ବିଜେଡି ଉପସଭାପତି କିଶୋର ହୋତା, ଜିଲା ଯୁବବିଜେଡି ସଭାପତି ଅଶୋକ ନନ୍ଦ, ଜିଲା ବିଜେଡି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ମଧୁସୁଦନ ପଣ୍ଡା, ତୁଳସୀଦାସ ହୋତା, ଆମ୍ଭାର ପୂର୍ବତନ ବ୍ଲକ ଅଧକ୍ଷ ବିବସ୍ୱତୀ ପଣ୍ଡା, ବୀରମହାରାଜପୁର ଥାନା ଅଧିକାରୀ ଯଯାତି କେଶରୀ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

### ମହାନଦୀ ବଞ୍ଚାଅ ଆନ୍ଦୋଳନ, ତହସିଲଦାରଙ୍କୁ ଦାବିପତ୍ର

ବୀରମହାରାଜପୁର,୨।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ମହାନଦୀ ଟ୍ରିବ୍ୟୁନାଲ ଓଡ଼ିଶାକୁ ନ୍ୟାୟ ପ୍ରଦାନ, ଛତିଶଗଡ଼ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦେବା, ଜଳ ବିବାଦର ତୁରନ୍ତ ସମାଧାନ କରିବା ଦାବିରେ ଏକ ଦାବିପତ୍ର ବୀରମହାରାଜପୁର ତହସିଲଦାରଙ୍କ ଅନୁପସ୍ଥିତିରେ ସେକ୍‌ସନ ଅଫିସରଙ୍କୁ ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ବ୍ଲକ କଂଗ୍ରେସ କମିଟିର ସଭାପତି ବସନ୍ତ କୁମାର ମହାକୁଡ଼, ବିକାଶ ପଣ୍ଡା, ସୁରେଶ କୁମାର ପଣ୍ଡା, ଦାମୋଦର ହୋତା, ଆଇନଜୀବୀ ଆଶ୍ରୟ ମହାନନ୍ଦ, ପଦ୍ମନାଭ ପଧାନ, ସୁନିଲ ପ୍ରଧାନଙ୍କ ସହିତ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏଥିରେ ସେମାନେ ଦାବି କରିଛନ୍ତି ୨୦୦୪ରୁ ୨୦୧୬ ଭିତରେ ଛତିଶଗଡ଼ ଉପର ମୁଣ୍ଡରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡିକରେ ଅନେକ ବ୍ୟାରେଜ, ବନ୍ଧ, ଆନିକଟ ଇତ୍ୟାଦି ପ୍ରକଳ୍ପ କରିଛି । ଏହା ଫଳରେ ୨୦୧୬ ମସିହା ବେଳକୁ ମହାନଦୀର ତଳ ମୁଣ୍ଡରେ ପାଣିର ପ୍ରବାହ କମିବାକୁ ଲାଗିଲା । ଏହାକୁ ଦେଖି ବିଭିନ୍ନ ସ୍ତରରେ ପ୍ରତିବାଦ ମୁଣ୍ଡ ଟେକିଲା । ସେବେଠୁ ମହାନଦୀ ବଞ୍ଚାଓ ଆନ୍ଦୋଳନ ମୁଣ୍ଡ ଟେକିଲା। ଓଡିଶା ସରକାର ଏ ବିଷୟରେ ତ୍ରିପାକ୍ଷିକ ଆଲୋଚନା କଲେ ଯେଉଁଥିରେ କେନ୍ଦ୍ର ସରକାର, ଓଡ଼ିଶା ଏବଂ ଛତିଶଗଡ଼ ସରକାର ଯୋଗ ଦେଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ୨୦୧୭ ମସିହାରେ ଓଡିଶା ସରକାର ସୁପ୍ରିମକୋର୍ଟରେ ମହାନଦୀ ଟ୍ରିବୁନାଲ ଗଠନ ପାଇଁ ଆବେଦନ କଲେ। ଶେଷରେ ସୁପ୍ରିମକୋର୍ଟଙ୍କ ଆଦେଶ ଫଳରେ ମହାନଦୀ ଟ୍ରିବୁନାଲ ଗଠନ ହେଲା ୨୦୧୮ ମାର୍ଚ୍ଚ ମାସରେ କାର୍ଯ୍ୟକ୍ଷମ ହେଲା । ଆଠ ବର୍ଷ ବିତିଗଲା ଏବଂ ୨ଥର ଟ୍ରିବୁନାଲର କାର୍ଯ୍ୟକାଳକୁ ବୃଦ୍ଧି କରାଗଲା ମାତ୍ର ଏହି ସମୟ ଭିତରେ ଟ୍ରିବୁନାଲ ରାୟ ଦେବା ତ ଦୂରର କଥା ଆଖି ଦୃଶିଆ ଅଗ୍ରଗତି କରି ପାରିଲେ ନାହିଁ। ଏଣୁ ଟ୍ରିବ୍ୟୁନାଲ ତୁରନ୍ତ ଓଡ଼ିଶାକୁ ନ୍ୟାୟ ପ୍ରଦାନ କରିବାକୁ ଏକ ୨୦ ଦଫା ଦାବି କରିଛନ୍ତି ଆନ୍ଦୋଳନକାରୀ।

# ୪୦ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ୍

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲାରେ ମାଟ୍ରିକ୍ ପରୀକ୍ଷାଫଳ**

**ପାସ୍ ହାର ୯୬.୨୧% ପ୍ରତିଶତ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ୨୦୨୬ର ଫଳ ଶନିବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାରେ ପାସ ହାର ୯୬.୨୧ ପ୍ରତିଶତ ରହିଛି। ଏହା ରାଜ୍ୟର ୨୦ତମ ସ୍ଥାନରେ ରହିଛି। ଗତବର୍ଷ ପାସ ହାର ୯୬.୨୨ ପ୍ରତିଶତ ଥିଲା। ଚଳିତବର୍ଷ ଜିଲାର ମୋଟ ୧୨୮ଟି ଉଚ୍ଚ ବିଦ୍ୟାଳୟରେ ୮୦୧୭ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୭୧୩ଛାତ୍ରୀଛାତ୍ର ପାସ କରିଛନ୍ତି। ଜିଲାର ୪୦ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ଗ୍ରେଡ୍ ପାଇଛନ୍ତି। ତେବେ ଏହି ସଫଳତା ପାଇଥିବା ୨୭ଛାତ୍ରୀଛାତ୍ର ବେସରକାରୀ ସ୍କୁଲର। ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ସର୍ବାଧିକ ୨୧ଛାତ୍ରୀଛାତ୍ର ଏ-୧ ଗ୍ରେଡ ପାଇଛନ୍ତି। ସେହିପରି ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନର ୪ ଛାତ୍ରୀଛାତ୍ର ଓ ବିନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସରକାରୀ ହାଇସ୍କୁଲ ମଧ୍ୟରେ ରାମପୁର ଗାର୍ଲସ ହାଇସ୍କୁଲ, ସିଲାଟି ଗୋପାଳଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମେଣ୍ଡା ହାଇସ୍କୁଲ ଓ ମା ବଳରଙ୍ଗା ହାଇସ୍କୁଲର ୨ଜଣ ଲେଖାଏଁ ଛାତ୍ର ଓ ଭୀମକିରା ଆଞ୍ଚଳିକ ହାଇସ୍କୁଲ, ବିନିକା ହାଇସ୍କୁଲ, କୁହିବାହାଲ ହାଇସ୍କୁଲ, ବଡକର୍ଲେ ପଞ୍ଚାୟତ ହାଇସ୍କୁଲ, ହିଙ୍ଗମା ଜୟ କିଷାନ ହାଇସ୍କୁଲର ଜଣେ ଲେଖାଏଁ ଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ଓ ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଙ୍ଗଳ ଶୁଭେଚ୍ଛା ଜଣାଇଛନ୍ତି।

## ଡାକ୍ତର ହେବେ ଶୁଭଦର୍ଶିନୀ


ଶୁଭଦର୍ଶିନୀ ପୂଝାରୀ।

ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ଛାତ୍ରୀ ଶୁଭଦର୍ଶିନୀ ପୂଝାରୀ ସର୍ବାଧିକ ୫୬୯ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଦିନକୁ ୬ଘଣ୍ଟା ପରିଶ୍ରମ କରୁଥିଲେ। ମାତ୍ର ସେ ଟିଉସନ ହେଉ ନ ଥିଲେ। ତାଙ୍କ ମା ସସ୍ମିତା ଜଣେ ଗୃହିଣୀ ଓ ବାପା ଶରତ କୁମାର ପୂଝାରୀ ଏକ ବେସରକାରୀ କମ୍ପାନୀରେ କାମ କରନ୍ତି। ତାଙ୍କ ଘର ଜିଲାର ଉଲୁଣ୍ଡା ବ୍ଲକ ହିକୁଡି ସ୍ଥିତ ନୂଆଗାଁରେ। ସେ ଷଷ୍ଠ ଶ୍ରେଣୀରୁ ସାହାରା ଟ୍ରଷ୍ଟ ହାଇସ୍କୁଲରେ ପାଠ ପଢୁଥିଲେ। ସେ ଏବେ ଯୁକ୍ତ ୨ ବିଜ୍ଞାନ ପଢିବେ। ଡାକ୍ତର ହୋଇ ଲୋକଙ୍କ ସେବା କରିବା ସହ ମା, ବାପାଙ୍କ ଆଶା ପୂରଣ କରିବେ। ସେ ଏହି ସଫଳତାର ଶ୍ରେୟ ମା, ବାପା, ଗୁରୁଜନ ଓ ସାହାରା ଟ୍ରଷ୍ଟ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ସହପାଠୀଙ୍କୁ ଦେଇଛନ୍ତି।

# ଆପ୍ ସୁବର୍ଣ୍ଣପୁର ଜିଲା ସଭାପତି ଗିରଫ

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

**ଚାକିରି କରାଇ ଦେବା ନାମରେ ଠକେଇ**

ଆମ୍ ଆଦମି ପାର୍ଟି(ଆପ୍)ର ସୁବର୍ଣ୍ଣପୁର ଜିଲା ସଭାପତି ପୃଥ୍ୱୀରାଜ ଜଗଦଲା(୨୬)ଙ୍କୁ ସୋନପୁର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଚାକିରି ଦେବା ନାମରେ ପୃଥ୍ୱୀରାଜ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ସୋନପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନାରେ ମୋଟ ୬ଟି ମାମଲା ରହିଛି। ସେହିପରି ଜିଲା ବାହାରେ ମଧ ପୃଥ୍ୱୀରାଜଙ୍କ ନାମରେ ଏକାଧିକ ଠକେଇ ମାମଲା ଥିବା ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୋନପୁର ଥାନା କୀର୍ତ୍ତିପୁର ଗ୍ରାମର ସରୋଜ ଭେସ୍ରା(୩୪) ପୃଥ୍ୱୀରାଜଙ୍କ ନାମରେ ସୋନପୁର ଥାନାରେ ଏପ୍ରିଲ ୨୨ରେ ଲିଖିତ ଅଭିଯୋଗ କରିଥିଲେ। ସରୋଜଙ୍କ ସ୍ତ୍ରୀଙ୍କୁ ପୋଷ୍ଟାଲ ଜିଡିଏସ୍ ଚାକିରି କରାଇ ଦେବି କହି ବିଭିନ୍ନ ସମୟରେ ମୋଟ ୧ଲକ୍ଷ ୫୫ହଜାର ଟଙ୍କା ଠକି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଜାଣିବାକୁ ପାଇଲେ ଯେ, ପୃଥ୍ୱୀରାଜ ଦେଇଥିବା ନିଯୁକ୍ତିପତ୍ରଟି ନକଲି। ସରୋଜ ଟଙ୍କା ଫେରାଇ ଦେବା ପାଇଁ କହିବାରୁ ସୁବର୍ଣ୍ଣପୁର ଜିଲା ରକ୍ତ ଭଣ୍ଡାରରେ ଆଟେଣ୍ଡାଣ୍ଟ କରାଇ ଦେବି କହି ଗୋଟିଏ ନିଯୁକ୍ତିପତ୍ର ଦେଇଥିଲେ। ପରେ ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ ଉକ୍ତ ନିଯୁକ୍ତି ପତ୍ରଟି ମଧ ନକଲି। ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଗୃହରକ୍ଷୀ ଭାବେ ଚାକିରି କରାଇଦେବ କହି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୋନପୁର ଥାନାରେ ୧୪୩/୨୦୨୬ ମୂଳେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୃଥ୍ୱୀରାଜ ଫୋନ ପେ ଜରିଆରେ ଓ ଆକାଉଣ୍ଟରେ ଟଙ୍କା ନେଇଥିବାର ପ୍ରମାଣ ମିଳିଥିଲା। ତନାଘନା ପରେ ସୋନପୁର ପୋଲିସ ଟିମ୍ ପୃଥ୍ୱୀରାଜଙ୍କୁ ତାଙ୍କ କଳାପଥର ସ୍ଥିତ ଘରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।


ପୃଥ୍ୱୀରାଜ ଜଗଦଲାଙ୍କୁ ପୋଲିସ କୋର୍ଟକୁ ନେଉଛି।

# ଯୁଗଜନ୍ମାମାନେ ସବୁ ସମୟରେ ବନ୍ଦନୀୟ



ଭୀମ ଭୋଇ ଜୟନ୍ତୀ ସଭାରେ ଅତିଥି ଓ କର୍ମକର୍ତ୍ତା।

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ ଭୀମଭୋଇ ସମାଧି ପୀଠରେ ଶୁକ୍ରବାର ଜୟନ୍ତୀ ସଭା ଆୟୋଜନ ହୋଇଥିଲା। ଏଥିରେ ବକ୍ତା ଭାବେ ଐତିହାସିକ ଦୀପକ କୁମାର ପଣ୍ଡା ଯୋଗଦେଇ ସମ୍ମାନ, ସ୍ୱୀକୃତି, ଆଦର, ଗ୍ରହଣୀୟତା କ୍ଷେତ୍ରରେ ସମାଜ ଜାତିଧର୍ମକୁ ବିଚାରକୁ ନିଏ ନାହିଁ। ଗରିବ ପରିବାରରେ ଜନ୍ମଗ୍ରହଣ କରି ଅନେକ ମହାମନିଷୀ, ସମାଜ ସଂସ୍କାରକ ଯୁଗେ ଯୁଗେ ସମାଜରେ ସୁପ୍ରତିଷ୍ଠିତ, ପୂଜନୀୟ ଓ ବନ୍ଦନୀୟ ହୋଇଛନ୍ତି ବୋଲି କହିଥିଲେ। ସମାଧି ପୀଠର ବାବା ସନ୍ୟାସୀ ଦାସ ଭୀମଭୋଇଙ୍କ ବାର୍ତ୍ତା ଅନୁସାରେ ମଣିଷ ସମାଜ ଭକ୍ତି ମାର୍ଗରେ ଆଗେଇଲେ ଏକ ଆଦର୍ଶ ସମାଜ ଗଠନ ସମ୍ଭବପର ହେବ ବୋଲି କହିଥିଲେ। କମଳ ଲୋଚନ ପଣ୍ଡା ଭୀମଭୋଇ ଭଜନ ଗାନ କରିବା ସହିତ ଭୀମଭୋଇଙ୍କ ରଚନା ଓ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ସଭାରେ ସଭାପତିତ୍ୱ କରି ସନ୍ଥକବି ଭୀମଭୋଇଙ୍କ ଜୀବନ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ। ସମାଧି ପୀଠ ପରିସରରେ ଥିବା ସଂଗ୍ରହାଳୟ ଅଧିକ ବିସ୍ତାରିତ ଓ ବ୍ୟବସ୍ଥିତ ହେବା, ଉନ୍ନତ ଗୋଶାଳା ପ୍ରତିଷ୍ଠା ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନରୋତ୍ତମ ଦାସ, ଜନ୍ମେଜୟ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇ ପୂଜ୍ୟ ପୂଜାରେ ଓଡ଼ିଶା ସାଂସ୍କୃତିକ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କ୍ଷୀରସିନ୍ଧୁ ଜୁଆଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଟେସିଙ୍ଘାରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ

ବୀରମହାରାଜପୁର,୨।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଘାଠାରେ ବୈଶାଖ ପୂର୍ଣ୍ଣିମା ଅବସରରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଶୁକ୍ରବାର ପୂର୍ବାହ୍ନ ୯ଟାରେ ପାଳନ କରାଯାଇଛି। ଏହି ଉପଲକ୍ଷେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ଗ୍ରାମର ମହିଳା ଓ ପୁରୁଷ ବିରାଟ ଶୋଭାଯାତ୍ରାରେ ପୀଠରୁ ବାହାରି ଗୋଧନେଶ୍ୱର ନଦୀଘାଟରୁ କଳସ ଶୋଭାଯାତ୍ରା କରିଥିଲେ। ଜୟଦେବ ବାଦୀ, ଜଗଦୀଶ ନୀତି ବାବା, ମଙ୍ଗଳ ଭକ୍ତ, ହର ଭକ୍ତ, ବଳିଆର ଭକ୍ତ, ଦଶରଥ ଭକ୍ତ ପ୍ରମୁଖ ଜଗତର ମଙ୍ଗଳ କାମନା କରି ମହିମା ଗୋସାଇଁଙ୍କ ଚରଣାଶ୍ରିତ ହୋଇଥିଲେ। କମିଟି ସଭାପତି ରାଧାକାନ୍ତ ଭଞ୍ଜ, ଉପସଭାପତି ପଦ୍ମନାଭ ବାଦୀ, କୋଷାଧ୍ୟକ୍ଷ ସୁଶୀଲ ବାଦୀ, ସଦସ୍ୟ କୁମାର ଲୁହା,ଅରୁଣ ବାଦୀ, ସାରଥୀ କଅଁର, ରାଜେନ୍ଦ୍ର ଲୁହା, ଗଗନ ବାଦୀ, ବନରାଜ ହଂସ ପ୍ରମୁଖ କଳସ ଶୋଭାଯାତ୍ରାରେ ସହଯୋଗ କରିଥିଲେ। ସପ୍ତଦୀପା ସାହିତ୍ୟ ସଂସଦର ସଭାପତି କବି ଡ. ଦ୍ୱିତୀକୃଷ୍ଣ ପଣ୍ଡା ଓ ବରିଷ୍ଠ ନାଗରିକ ସଙ୍ଗଠନ ବୀରମହାରାଜପୁରର ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସଦସ୍ୟ ଜଟେସିଙ୍ଘା ଠାରେ ଭୀମ ଭୋଇ ଜନ୍ମଗ୍ରହଣ କରିଥିବା ବହୁତ ଐତିହାସିକ ଓ ଗବେଷକମାନେ ମତ ଦେଇଛନ୍ତି। ଏଣୁ ରାଜ୍ୟ ସରକାର ତୁରନ୍ତ ଜଟେସିଙ୍ଘା ଗ୍ରାମକୁ ଭୀମ ଭୋଇ ଜନ୍ମଗ୍ରହଣ ସ୍ଥାନ ବୋଲି ଘୋଷଣା କରିବା ସହିତ ଏହାକୁ ଏକ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ଦାବି କରିଛନ୍ତି।

# ଅନୁସୂଚିତ ଜାତି କଲ୍ୟାଣ ସଂଘ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଡୁଙ୍ଗୁରିପାଲି,୨।୫(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି କଲ୍ୟାଣ ସଂଘ ପକ୍ଷରୁ ଡ.ବି.ଆର୍. ଆମ୍ବେଡକରଙ୍କର ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଡୁଙ୍ଗୁରିପାଲି ଗଣ୍ଡା ପଡାରୁ ଆମ୍ବେଡକରପ୍ରେମୀ ମହିଳା, ପୁରୁଷ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ନିକଟ ଆମ୍ବେଡକର ଚାରିଛକରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ଥାନୀୟ ଆରଏମ୍‌ସି ପରିସରକୁ ପହଞ୍ଚିଥିଲେ। ଆର୍‌ଏମସି ପରିସରରେ ଆମ୍ବେଡକର ଜୟନ୍ତୀ କମିଟିର ସଭାପତି ତଥା ସୁବର୍ଣ୍ଣପୁର ଜିଲା ବାମସେଦ ସଂଯୋଜକ ସଭାପତି ଖଗେଶ୍ୱର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅସ୍ପୃଶ୍ୟ ଦଳିତ ଶୋଷିତ ସୁରକ୍ଷା ସମିତିର ରାଜ୍ୟ ସଭାପତି ବିମ୍ବାଧର ବାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୀମ ଆର୍ମି ଜୟ ଭୀମ ସଙ୍ଗଠନର ରାଜ୍ୟ ସଭାପତି ଅଚ୍ୟୁତ କୁମ୍ଭାର, ସୁବର୍ଣ୍ଣପୁର ଜିଲା ବରିଷ୍ଠ ଆମ୍ବେଡକରବାଦୀ ଅଚ୍ୟୁତ ଛତର, ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି କଲ୍ୟାଣ ସଂଘର ସଭାପତି ସୁରୁବାବୁ ନନ୍ଦ, ଡୁଙ୍ଗୁରିପାଲି ବ୍ଲକର ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ନିତେଇ ପାଲ, ଡୁଡୁକା (ବ୍ଲକ) ରାଜ ଆଗଲପୁର ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ନିରଜାଳା ଭରାସାଗର, ଡୁଙ୍ଗୁରିପାଲି ବ୍ଲକ ଲକ୍ଷେ ଘର ଗଣ୍ଡା ସମାଜର ମହିଳା ସଭାନେତ୍ରୀ ରେଣୁକା ଦୀପ, କେନ୍ଦୁଲିପ ରାଜ୍ୟ ସଭାପତି ଅଣାକର ବିଶେଶ୍ୱର, ଡୁଙ୍ଗୁରିପାଲି ବ୍ଲକର ଆମ୍ବେଡକର ସେବା ସଂଘର ସଭାପତି ରାଜକିଶୋର ତାଣ୍ଡି, ଗଣ୍ଡା ସମାଜର କୋଷାଧକ୍ଷ ସାନନ୍ଦ ତାଣ୍ଡି, ଉପେନ୍ଦ୍ର କୁମ୍ଭାର, ସୁବର୍ଣ୍ଣପୁର ଜିଲା ବରିଷ୍ଠ ଆମ୍ବେଡକରବାଦୀ ସୁରେଶ ବାଗ, ସୁବାସ ସୁନା, ସରଜୁ କୁମ୍ଭାର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିନିକାର ଆମ୍ବେଡକର ପ୍ରେମୀ ମହେନ୍ଦ୍ର ସୁନା ଯୋଗଦେଇଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା ଏସସି କଲ୍ୟାଣ ସଂଘର ସମ୍ପାଦକ ରତ୍ନାକର ସେଠ କରିଥିଲେ।

# ତରଭା ସବ୍‌ଡିଭିଜନ ଏକ ନ୍ୟାର୍ଯ୍ୟ ଦାବି: ଓକିଲ ସଂଘ

ତରଭା,୨।୫(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସବଡିଭିଜନ ଏକ ନ୍ୟାର୍ଯ୍ୟ ଦାବି ବୋଲି ତରଭା ଓକିଲ ସଂଘ ନିଜର ମତ ରଖିବା ସହ ଆନ୍ଦୋଳନକୁ ବ୍ଲକର ପ୍ରତ୍ୟେକ ଗ୍ରାମରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଏନଏସି ପାଠାଗାରରେ ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସବଡିଭିଜନ ଦାବି ବୈଠକରେ ଓକିଲ ସଂଘ ସଭାପତି ସୁରେଶ ମହଲା,ସମ୍ପାଦକ ସତ୍ୟନାରାୟଣ ନାଏକ, ସୁବିଜ୍ଞ ଦରୁଆନ, ଦୁର୍ଯ୍ୟୋଧନ ରାଉତ, ଶ୍ରବଣ ବିଶ୍ୱାଳ, ଅମିତ କୁମାର ନିଆଳି ଯୋଗଦେଇ ଭବିଷ୍ୟତରେ ଆନ୍ଦୋଳନ କିଭଳି ହେବ ସେ ସମ୍ବନ୍ଧେ ପରାମର୍ଶ ଦେବାସହ ଏହି ଆନ୍ଦୋଳନକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ ବୋଲି କହିଥିଲେ।

# ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟିର ବିକ୍ଷୋଭ



କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବୌଦ୍ଧ,୨।୫ (ଅଜିତ କୁମାର ବାରିକ)

**ଅଣମୌସୁମୀ ସମୟରେ ପାଣି ଛାଡିବାକୁ ଦାବି**

ବୌଦ୍ଧ ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି ପକ୍ଷରୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାନଦୀର ସୁରକ୍ଷା ନିମନ୍ତେ ସରକାର ଓଡିଶାକୁ ନ୍ୟାୟ ପ୍ରଦାନ କରିବାରେ ବୈମାତୃକ ମନୋଭାବ ପରିପୋଷଣ କରୁଛନ୍ତି। ଦିଲ୍ଲୀରେ ମହାନଦୀ ଟ୍ରିବ୍ୟୁନାଲର ଶୁଣାଣି ହେଉଛି। ତେଣୁ ଅଣମୌସୁମୀ ଋତୁରେ ମହାନଦୀରେ ଜଳ ଛାଡିବାକୁ ଟ୍ରିବ୍ୟୁନାଲ ଛତିଶଗଡ ସରକାରଙ୍କୁ ଏକ ଅନ୍ତରୀଣ ଆଦେଶ ପ୍ରଦାନ କରିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନକାରୀମାନେ ଅନୁରୋଧ କରିଛନ୍ତି । ବୌଦ୍ଧ ଜିଲାର ମହାନଦୀ ବଞ୍ଚାଅ ଆନ୍ଦୋଳନ ସୁରକ୍ଷା କମିଟିର ସଦସ୍ୟମାନେ ଟ୍ରିବ୍ୟୁନାଲଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଶାନ୍ତନୁ କୁମାର ମହାପାତ୍ର, ଅବକାଶ ସାହୁ, ଉଦୟନାଥ ଶର୍ମା, ସମରେଶ ମିଶ୍ର, ପଙ୍କଜ କର୍ଣ୍ଣ, ପୌଲସ୍ତି ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ରୋହିତାଶ୍ୱ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)

**୨ଗିରଫ, ପିସ୍ତଲ, ଛୁରି ଓ ବିଭିନ୍ନ ମାରଣାସ୍ତ୍ର ଜବତ**

ଡକାୟତି ପାଇଁ ଯୋଜନା ଚାଲିଥିବା ବେଳେ ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ମରାଡୁଗୋଛାଠାରେ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ତେବେ ଅନ୍ଧକାର ଓ ବୁଦାଳିଆ ଅଞ୍ଚଳ ସୁଯୋଗରେ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରା ଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ ମରାଡୁଗୋଛା ପଡିଆରେ କିଛି ଅସାମାଜିକ ବ୍ୟକ୍ତି ଏକାଠି ହୋଇ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ସେମାନେ ବିଭିନ୍ନ ମାରଣାସ୍ତ୍ର ଧରି ଯୋଜନା କରୁଛନ୍ତି। ଶୁକ୍ରବାର ରାତି ସାଢେ ୧୨ଟାରେ ତରଭା ଥାନା ଏସ୍‌ଆଇ ପ୍ରସନଜିତ୍‌ଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ଚଢାଉ କରିଥିଲା। ପୋଲିସ ଟିମ୍ ଚାରି ପାଖରୁ ଘେରାବନ୍ଦୀ କରି ଡକାୟତ ଦଳଙ୍କୁ ଧରିବାକୁ ଚେଷ୍ଟା କରିବା ସମୟରେ ୪ ସନ୍ଦିଗ୍ଧ ପୋଲିସକୁ ଦେଖି ଫେରାର ହୋଇ ଯାଇଥିଲେ। ତେବେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଦେଉଳଡୁଗ୍ରୀ ଅଞ୍ଚଳର ଲୋଚନ ସାହୁ(୨୪) ଓ ବଡଗୋଛାପାଲି ଅଞ୍ଚଳର ବାବୁଲୁ ସାହୁ(୨୩)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତଙ୍କ ନିକଟରୁ ଓ ଘଟଣାସ୍ଥଳରୁ ପୋଲିସ ଗୋଟିଏ ଦେଶୀ ପିସ୍ତଲ, ମାଗାଜିନ୍, ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲ ନଂ. ଓଡି୩୧ଏଲ- ୭୬୮୨, ୪ଟି ବିଅର ବୋତଲ, ୧ ପ୍ୟାକେଟ୍ ଲଙ୍କାଗୁଣ୍ଡ, ୪ଟି କଳା ମୁଖା, ପ୍ଲାଷ୍ଟିକ୍ ଦଉଡି, ୨ଟି ଲାଠି, ଗୋଟିଏ ଷ୍ଟିଲ ପାଇପ୍ ଓ ଗୋଟିଏ ଛୁରି ଜବତ କରିଛି। ଏସଆଇ ଏସ୍ ବିଶି ମାମଲାର ତଦନ୍ତ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୭୨୭ ଶ୍ରମିକଙ୍କୁ ମିଳିଲା ୩.୬୦ କୋଟି

ସୋନପୁର,୨।୫(ମୃତ୍ୟୁଞ୍ଜୟ ଶତପଥୀ)



ଜଣେ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ରାଶି ପ୍ରଦାନ କରାଯାଉଛି।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ**

ସୁବର୍ଣ୍ଣପୁରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସ୍ଥାନୀୟ ଟାଉନହଲ୍ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ଯୋଗ ଦେଇଥିଲେ। ଠେଲା କହିଥିଲେ, ଶ୍ରମ ବିନା ସମୃଦ୍ଧି ଅସମ୍ଭବ। ଶ୍ରମିକମାନେ ପ୍ରକୃତ ବିଶ୍ୱକର୍ମା। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଶ୍ରମିକ ଦିବସର ବାର୍ତ୍ତା ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ବେଣୁଧର ଦାଶ, ଟ୍ରେଡ ୟୁନିୟନ ସମନ୍ୱୟ କମିଟି ସଭାପତି ଗୋବିନ୍ଦ ମହାରଣା, ରେଆରର ଅନଙ୍ଗ ନେଗି ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ଶ୍ରମିକ ଦିବସ - ୨୦୨୬ରେ ଶ୍ରମିକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ଅତିଥି ପରିଚୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧୁରୁଆ ଶ୍ରମିକମାନଙ୍କ ଦେଶ ପାଇଁ ଅବଦାନ ଏବଂ ଶ୍ରମିକମାନଙ୍କ ସମ୍ମାନ ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ଅଧିକାରକୁ ସମ୍ମାନ ପ୍ରଦାନ ପାଇଁ ଶ୍ରମିକମାନଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରା ଯାଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟ କରୁଥିବା ଉଭୟ କଲ୍ୟାଣ ବୋର୍ଡ ଯଥା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଶ୍ରମିକମାନଙ୍କୁ ପ୍ରଦାନ କରାଯିବାକୁ ଥିବା ବିଭିନ୍ନ ସହାୟତା ବାବଦରେ ସୂଚନା ଦେଇଥିଲେ। ଜିଲାର ମୋଟ ୭୨୭ଶ୍ରମିକଙ୍କୁ ସରକାରଙ୍କ ପକ୍ଷରୁ ୩କୋଟି ୬୦ଲକ୍ଷ ୭୫ହଜାର ୬୦୦ଟଙ୍କା ସହାୟତା ରାଶି ପ୍ରଦାନ କରା ଯାଇଥିଲା। ଡୁଙ୍ଗୁରିପାଲି ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉଲୁଣ୍ଡା ସହକାରୀ ଶ୍ରମ ଅଧିକାରୀ ଲିପକରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହରେ ୫୬ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ବାବଦରେ ୪ଲକ୍ଷ ୯୫ହଜାର ୬୦୦ଟଙ୍କା, ୨୪୦ ହିତାଧିକାରୀଙ୍କୁ ବିବାହ ସହାୟତା ବାବଦରେ ୧କୋଟି ୨୦ଲକ୍ଷ, ୧୭ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ୧ ଲକ୍ଷ ୭୦ ହଜାର ଟଙ୍କା, ୮୨ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ୨କୋଟି ୩୦ ଲକ୍ଷ ଟଙ୍କା, ୮୨ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ରାଶି ୪ ଲକ୍ଷ ୧୦ ହଜାର ଟଙ୍କା ଏବଂ ନୂତନ ଭାବରେ ପଞ୍ଜୀକୃତ ହୋଇଥିବା ୨୦୦ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ, ଜିଲା ହୋଟେଲ ମାଲିକ ସଂଘ, ଜିଲା ଔଷଧ ବ୍ୟବସାୟୀ ସଂଘ, ମାରୱାଡି ଯୁବା ମଞ୍ଚର କର୍ମକର୍ତ୍ତା ଓ ବିଭିନ୍ନ ପଞ୍ଜୀକୃତ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାଙ୍କ ସହ ଶତାଧିକ ଶ୍ରମିକ ଏହି ସମାରୋହରେ ଯୋଗଦାନ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ କେଦାର ସିଂ ବରିହା, ଚିନ୍ମୟ ମେହେର, ସପ୍ରତିଭ ପ୍ରଧାନ, ମଙ୍ଗଳ ସଂଯୋଜକ ଅନିତା ନାଗ, ବାଙ୍କା ବିହାରୀ ମହଲା, ପ୍ରିୟଦର୍ଶିନୀ ପ୍ରଧାନ, ସୁଚିସ୍ମିତା ପାତ୍ର ଓ ନାରାୟଣ ବିଶି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୩ ମେ, ୨୦୨୬ | Bhubaneswar, Sunday, 3 May, 2026




# ବିସିସିଆଇ ଏଚ୍‌ପିସି କ୍ୟାମ୍ପ ପାଇଁ ଅନ୍ୱେଷା ମନୋନୀତ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସି (ସିଓଇ)ରେ ୧୫ ବର୍ଷରୁ କମ୍ ବାଳିକା ହାଇପରଫର୍ମାନ୍ସ କ୍ୟାମ୍ପ ଚଳିତମାସ ୧୮ରୁ ମେ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରେ ଯୋଗଦେବା ପାଇଁ ଓଡ଼ିଶାର ପ୍ରତିଭା ସମ୍ପନ୍ନ କ୍ରିକେଟର ଅନ୍ୱେଷା ସ୍ୱାଇଁ ମନୋନୀତ ହୋଇଛନ୍ତି। ୨୦୧୧ ନଭେମ୍ବର ୨୫ରେ ଜନ୍ମିତା ଅନ୍ୱେଷାଙ୍କ ଘର ବାଲେଶ୍ୱର ଜିଲା ସୁତେଇ ବଡ଼ଗାଁ। ତେବେ ସେ ରାଜ୍ୟ ପ୍ରତିଯୋଗିତାଗୁଡ଼ିକରେ ପାରାଦୀପ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ଜଣେ ଡାହାଣହାତୀ ବ୍ୟାଟର ଓ ଲେଗ୍‌ବ୍ରେକ୍ ବୋଲର। ମା' ଅର୍ଚ୍ଚିତା ସ୍ୱାଇଁ ଓ ବାପା ରାଜୀବ କୁମାର ସ୍ୱାଇଁଙ୍କର ପ୍ରଥମ ଝିଅ ହେଉଛନ୍ତି ଅନ୍ୱେଷା। ସେ ସମ୍ପ୍ରତି ଭୁବନେଶ୍ୱର ଝାରପଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୦ମ ଶ୍ରେଣୀରେ ଅଧ୍ୟୟନରତ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ ସଦସ୍ୟମାନେ ଅନ୍ୱେଷାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।


ଅନ୍ୱେଷା ସ୍ୱାଇଁ

## ଜେମିସନଙ୍କୁ ଡିମେରିଟ୍ ପଏଣ୍ଟ

**ଜୟପୁର, ୨।୫ (ପି.ଟି.)**

ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚବେଳେ ସ୍ୱଳ୍ପବୟସ୍କ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ଆଉଟ ହୋଇ ପଡ଼ିଆ ଛାଡୁଥିବା ବେଳେ ତାଙ୍କୁ ଲକ୍ଷ୍ୟ କରି ଦିଲ୍ଲୀ କ୍ୟାପିଟାଲ୍ସ ପେସର କାଇଲ ଜେମିସନଙ୍କ ଅଶୋଭନୀୟ ଅଙ୍ଗଭଙ୍ଗୀ ଯୋଗୁ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ସେ ଆଇପିଏଲ ଆଚରଣବିଧି ଧାରା ୨.୫ର ଉଲ୍ଲଂଘନ କରିଥିଲେ। ପ୍ରଥମ ଇନିଂସର ଦ୍ୱିତୀୟ ଓଭରରେ ଏହି ଘଟଣା ଦେଖିବାକୁ ମିଳିଥିଲା। ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କୁ ଆଉଟ କରିବା ପରେ ଜେମିସନ ଆକ୍ରମଣାତ୍ମକ ଭଙ୍ଗୀରେ ତାଙ୍କ ନିକଟକୁ ଯାଇଥିଲେ, ଯାହାକି ହୁଏତ ବ୍ୟାଟରଙ୍କୁ ଉତ୍‌କ୍ଷିପ୍ତ କରିପାରିଥାନ୍ତା। ଜେମିସନ ତାଙ୍କ ଭୁଲ୍ ସ୍ୱୀକାର କରିବା ସହ ମ୍ୟାଚ ରେଫରି ରାଜୀବ ସେଠ୍‌ଙ୍କ ପ୍ରଦତ୍ତ ଦଣ୍ଡବିଧାନକୁ ଗ୍ରହଣ କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ପୋଲଭଲ୍ଟରେ କୁଳଦୀପଙ୍କ ଜାତୀୟ ରେକର୍ଡ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି ସର୍ବପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍ଡ ଇଭେଣ୍ଟ୍ସ ଆଣ୍ଡ ପୋଲଭଲ୍ଟ ପ୍ରତିଯୋଗିତା। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ପୋଲଭଲ୍ଟ ଇଭେଣ୍ଟରେ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି ମଧ୍ୟପ୍ରଦେଶର କୁଳଦୀପ କୁମାର। ୨୧ ବର୍ଷୀୟ କୁଳଦୀପ ନିଜ ପ୍ରଥମ ଉଦ୍ୟମରେ ୫.୪୧ ମିଟର କ୍ଲିୟର କରି ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଏହାପରେ ସେ ୩ ଥର ୫.୪୬ ମିଟର କ୍ଲିୟର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପୂର୍ବରୁ ମଧ୍ୟପ୍ରଦେଶର ଦେବ କୁମାର ମୀନା (୫.୪୦) ଜାତୀୟ ରେକର୍ଡର ଅଧିକାରୀ ଥିଲେ। ଏଠାରେ ଜାତୀୟ ରେକର୍ଡ ଭାଙ୍ଗିବା ସହ କୁଳଦୀପ ଜାତୀୟ ଇନ୍‌ଡୋର ରେକର୍ଡ (୫.୩୦)ରେ ମଧ୍ୟ ଉନ୍ନତି ଆଣିଛନ୍ତି। ଗତ ମାର୍ଚ୍ଚରେ ତାମିଲନାଡୁର ରିଗାନ ଜି. ଏହି ରେକର୍ଡର ଅଧିକାରୀ ହୋଇଥିଲେ।

ଏଥର ତାମିଲନାଡୁର ରିଗାନ ଏଠାରେ ୫.୨୫ ମିଟର କ୍ଲିୟର କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମଧ୍ୟପ୍ରଦେଶର ଦେବ କୁମାର ମୀନା (୫.୨୦ ମିଟର) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୁଳଦୀପ କୁମାରଙ୍କ ପାଇଁ ଏହା ପ୍ରଥମ ଇନ୍‌ଡୋର ପ୍ରତିଯୋଗିତା। ଭୁବନେଶ୍ୱର ଇନ୍‌ଡୋର ଷ୍ଟାଡିୟମର ମୋଣ୍ଡୋ ଟ୍ରାକ୍‌ରେ ସେ ଚିହ୍ନିମ ପାଇବାପାଇଁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ସଫଳତା ପାଇଥିଲେ। "ଆଜି ଦିନଟି ମୋ ପାଇଁ ଖୁବ୍ ଭଲ ଥିଲା। ଏଠାରେ ଭଲ ଅଭିଜ୍ଞତା ହାସଲ କଲି" ବୋଲି କୁଳଦୀପ ପ୍ରକାଶ କରିଛନ୍ତି। କୁଳଦୀପଙ୍କ ସମେତ ରିଗାନ ଓ ଦେବ କୁମାର ଆଗାମୀ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଜାପାନ ଏସିଆନ ଗେମ୍ସରେ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

୨୦ ବର୍ଷରୁ କମ୍ ପୁରୁଷ ପୋଲଭଲ୍ଟରେ କଭିନରାଜା ଏସ. ୪.୯୦, ଆର. ବିଶାଲ ୪.୭୦ ଓ ଉତ୍ତର ପ୍ରଦେଶର ସୌରଭ ଯାଦବ ୪.୨୦ ମିଟର କ୍ଲିୟର କରି ସହିତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମ ଦିବସରେ ସିନିୟର ପୁରୁଷ ଏବଂ ୨୦ ବର୍ଷରୁ କମ୍ ପୁରୁଷ ହେପ୍ଟାଥଲନରେ ୬୦ ମିଟର ରେସ୍, ଲଙ୍ଗଜମ୍ପ, ଶଟ୍‌ପୁଟ୍ ଏବଂ ହାଇଜମ୍ପ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ତ୍ରିଭେନ୍ଦ୍ରମସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସିର ତୌଫିକ୍ ଏନ. ୨୯୪୩ ପଏଣ୍ଟ ସହିତ ଅଗ୍ରଣୀ ହାସଲ କରିଛନ୍ତି। ଓଡ଼ିଶାର ଯଶବୀର ନାୟକ ୨୯୨୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୁଇ ଦିନ ବିଶିଷ୍ଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ।


କୁଳଦୀପ କୁମାର

## ପରାଜୟ ଧାରା ଭାଙ୍ଗିଲା ଦିଲ୍ଲୀ

**ଜୟପୁର, ୨।୫**

ଲୋକେଶ ରାହୁଲ ଓ ପଥୁମ ନିଶଙ୍କାଙ୍କ ଶତକୀୟ ଓପନିଂ ଭାଗୀଦାରି ବଳରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଲଗାତର ୩ ମ୍ୟାଚ୍‌ରେ ପରାଜିତ ହେବା ପରେ ବିଜୟ ପଥକୁ ଫେରିଛି। ରାଜସ୍ଥାନ ଦ୍ୱାରା ପ୍ରଦତ୍ତ ୨୨୬ ରନର ଟାର୍ଗେଟକୁ ଦିଲ୍ଲୀ ୧୯.୧ ଓଭରରେ ୩ ଉଇକେଟରେ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ଦିଲ୍ଲୀର ସର୍ବବୃହତ୍ ବିଜୟ। ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୨୨୫ ରନ କରିଥିଲା। ଅଧିନାୟକ ରିୟାନ ପରାଗ ୯୦ ରନ କରିଥିଲେ। ଦିଲ୍ଲୀ ୧୯.୧ ଓଭରରେ ୩ ଉଇକେଟରେ ୨୨୬ ରନ କରିଥିଲା। ଲୋକେଶ ରାହୁଲ-୭୫ ଓ ପଥୁମ ନିଶଙ୍କା-୬୨ରନ କରିଥିଲେ।

# ମହିଳା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ, ୨।୫**

ଆସନ୍ତା ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ମହିଳା ଟି୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଶନିବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ନନ୍ଦନୀ ଶର୍ମା ନୂଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଚଣ୍ଡିଗଡ଼ରେ ଜନ୍ମିତ ୨୪ ବର୍ଷୀୟ ପେସର ଚଳିତବର୍ଷ ଡବ୍ଲ୍ୟୁପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଯୁଗ୍ମ ସର୍ବାଧିକ ୧୭ ଉଇକେଟ ନେଇଥିଲେ। ଉଇକେଟକିପର ଯଷ୍ଟିକା ଭାଟିଆ ଓ ଅଲରାଉଣ୍ଡର ରାଧା ଯାଦବ ଦଳକୁ ଫେରିଥିବା ବେଳେ ପ୍ରତୀକା ରାୱଲ, ଅନୁଷ୍କା ଶର୍ମା, ଉମା ଛେତ୍ରୀ ଓ କାଶଭି ଗୌତମ ବାଦ୍ ପଡ଼ିଛନ୍ତି। ଟି୨୦ ବିଶ୍ୱକପ୍‌ର ପ୍ରତ୍ୟେକ ସଂସ୍କରଣରେ ଖେଳିଥିବା ହରମନପ୍ରୀତ କୌର ପଞ୍ଚମ ଥର ପାଇଁ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ। ରାଧା ଯାଦବ ଦଳକୁ ଫେରିବାରୁ ସ୍ପିନ ବିଭାଗ ମଜଭୁତ ହୋଇଛି। ଏହି ବିଭାଗରେ ଦୀପ୍ତି ଶର୍ମା, ଶ୍ରୀ ଚରନୀ ଓ ଶ୍ରେୟଙ୍କା ପାଟିଲ ରହିଛନ୍ତି। ଏହି ଦଳ ବିଶ୍ୱକପ୍ ପୂର୍ବରୁ ଆସନ୍ତା ୨୮ ତାରିଖରୁ ଆୟୋଜକ ଇଂଲଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଏକ ଟି୨୦ ସିରିଜ୍ ଖେଳିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତୀୟ ଦଳର ବିଶ୍ୱକପ୍ ଅଭିଯାନ ଜୁନ ୧୪ ତାରିଖରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ ହେବ। ଏହି ମ୍ୟାଚ୍ ବର୍ମିଂହାମରେ ଖେଳାଯିବ। ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ଭେଟିବ। ଦୁଇ ଗ୍ରୁପ୍‌ର ଟପ୍ ଦୁଇ ଦଳ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିବେ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ(ଉଇକେଟକିପର), ଅରୁନ୍ଧତି ରେଡ୍ଡୀ, ରେନୁକା ଟାକୁର, କ୍ରାନ୍ତି ଗୌଡ଼୍, ଶ୍ରୀ ଚରନୀ, ଶ୍ରେୟଙ୍କା ପାଟିଲ, ଭାରତି ଫୁଲମାଲି, ଯଶତିକା ଭାଟିଆ, ନନ୍ଦିନୀ ଶର୍ମା, ରାଧା ଯାଦବ।

### ଭାରତୀୟ ଟେଷ୍ଟ ଦଳ

ଟି୨୦ ବିଶ୍ୱକପ୍ ପରେ ଜୁଲାଇ ୧୦ରୁ ୨୩ ପର୍ଯ୍ୟନ୍ତ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡ୍ସଠାରେ ଏକମାତ୍ର ମହିଳା ଟେଷ୍ଟ ମ୍ୟାଚ୍ ଖେଳାଯିବ।

**ଭାରତୀୟ ମହିଳା ଟେଷ୍ଟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ପ୍ରତୀକା ରାୱଲ, ରିଚା ଘୋଷ (ଉଇକେଟକିପର), ଶ୍ରୀ ଚରନୀ, ଯଶତିକା ଭାଟିଆ, ନନ୍ଦିନୀ ଶର୍ମା, ହର୍ଲିନ ଦେଓଲ, ରେନୁକା ଠାକୁର ସିଂ, କ୍ରାନ୍ତି ଗୌଡ଼୍, ସ୍ନେହ ରାଣା, ସୟାଲି ସାଟଘରେ।

## ଆମେ ଟିମ୍ ଇଣ୍ଡିଆ ଡ୍ରେସିଂ ରୁମ୍‌କୁ ଯାଇଥିଲୁ: ଆଘା

**ଇସଲାମାବାଦ, ୨।୫**

ଗତବର୍ଷ ଏସିଆ କପ୍ ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ଆପଣେଇଥିବା ନୋ ହ୍ୟାଣ୍ଡଶେକ ନୀତି ଏବେ ବି ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଏ ସମ୍ପର୍କରେ ପାକିସ୍ତାନ ଦଳର ଅଧିନାୟକ ସଲମାନ ଆଘା ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। "ମୁଁ ଟସ୍ ପାଇଁ ଯାଇଥିଲି। ସେଥି ପୂର୍ବରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ସେଠାରେ ସମସ୍ତେ ହାତ ମିଳାଇବା ସହ ଟ୍ରଫି ଶୁଟ୍ ହୋଇଥିଲା। ଟସ୍ ବେଳେ ମୁଁ ଆମ ମିଡିଆ ମ୍ୟାନେଜର ନଇମ ଭାଇଙ୍କ ସହ ଯାଇଥିଲି। ମ୍ୟାଚ୍ ରେଫରି ମୋତେ ଦୂରକୁ ନେଇ କହିଥିଲେ, ହ୍ୟାଣ୍ଡଶେକ ହେବ ନାହିଁ। ମ୍ୟାଚ୍‌ରେ ପରାଜିତ ହେବା ପରେ ଆମେ ସେମାନଙ୍କ ଡ୍ରେସିଂ ରୁମ୍‌କୁ ଯାଇଥିଲୁ। କିନ୍ତୁ ସେମାନେ ହ୍ୟାଣ୍ଡଶେକ କରି ନ ଥିଲେ" ବୋଲି ଆଘା କହିଛନ୍ତି।

# ୟୁନିୟନ-ପ୍ରଗତି ଫାଇନାଲ

### ସର୍ବଭାରତୀୟ ନୀଳାଚଳ ଟ୍ରଫି

**ପୁରୀ, ୨।୫ (ଅଜିତ୍ କୁମାର ମହାନ୍ତି)**

ପାୟୋନିୟର କ୍ଲବ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀର ପାଲାମ ବିହାର କ୍ଲବକୁ ୭ ଉଇକେଟରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। କଟକର ୟୁନିୟନ ସ୍ପୋର୍ଟିଂ ଓ ପ୍ରଗତି ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାଲାମ ବିହାର କ୍ଲବ ୩୧.୫ ଓଭରରେ ୧୧୨ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିମରନଜିତ ସିଂ ସର୍ବାଧିକ ୪୦ ରନ କରିଥିଲେ। ବିପକ୍ଷ ଦଳର ଅଭିଜିତ ରାଉତ ଓ ମିଳନ ସାମଲ ୪ଟି ଲେଖାଏ ଉଇକେଟ ନେଇ ଦିଲ୍ଲୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୧୩ ରନର ବିଜୟ ଲକ୍ଷ୍ୟକୁ ପ୍ରଗତି ୧୪.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୧ ଓ ଆୟୁଷ ୩୮ ରନ ସ୍କୋର କରିଥିଲେ। ଦିଲ୍ଲୀ ଦଳ ପକ୍ଷରୁ ନିଶାନ୍ତ ନିଶିକେର ୨ଟି ଉଇକେଟ ନେଇଥିଲେ। ୨୬ ରନ ବିନିମୟରେ ୪ ଉଇକେଟ ନେଇଥିବା ମିଳନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀର ସିମରନଜିତ ସିଂ ଇମ୍ପାକ୍ଟ ଖେଳାଳି ପୁରସ୍କାର ପାଇଥିଲେ। ଅଜିତ ରଥ ଓ ହରେଶ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଦେବବ୍ରତ ଦାଶ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ମିଳନ ସାମଲ।

# ଚେନ୍ନାଇକୁ ଜିତାଇଲେ ଋତୁରାଜ


ବୋଲିଂ ଅବସରରେ ନୂର ଅହମଦ।

**ଚେନ୍ନାଇ, ୨।୫**

ବୋଲରଙ୍କ ମାପଚୁପ ବୋଲିଂ ପରେ ଅଧିନାୟକ ଋତୁରାଜ ଗାଏକ୍‌ୱାଡଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୮ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ଚେନ୍ନାଇ ୯ ମ୍ୟାଚ୍‌ରେ ୪ ବିଜୟ ଓ ୮ ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଉଠିଛି।

ମୁମ୍ବାଇକୁ ରିୟାନ ରିକଲଟନ (୩୭ ରନ, ୫ ଛକା) ଓ ନମନ ଧିର ୫୮ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ତିଲକ ବର୍ମା(୫) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା(୧୮) ଫେଲ୍ ମାରିଥିବା ବେଳେ ସୂର୍ଯ୍ୟକୁମାର (୨୧ ରନ, ୩ ଚୌକା ଓ ୧ ଛକା) ପାଇଥିବା ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ନମନ ୩୭ ବଲରେ ୫୭ (୪ ଚୌକା ଓ ୩ ଛକା) ରନ କରି ଆଉଟ୍ ଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଚେନ୍ନାଇ ପକ୍ଷରୁ ଅଂଶୁଲ କମ୍ବୋଜ ୩ ଓ ନୂର ଅହମଦ ୨ ଉଇକେଟ ନେଇଥିଲେ। ଜବାବରେ ଚେନ୍ନାଇକୁ ଅଧିନାୟକ ଋତୁରାଜ ଗାଏକ୍‌ୱାଡ ଓ ଉର୍ଭିଲ ପଟେଲ (୨୪) ୪୯ ରନର ଆରମ୍ଭ ଦେଇଥିଲେ। ଏହାପରେ ଗାଏକ୍‌ୱାଡ ଓ କାର୍ତ୍ତିକ ଶର୍ମା ଅବିଭାଜିତ ତୃତୀୟ ଉଇକେଟରେ ୭୫ ବଲରେ ୯୮ ରନର ପାର୍ଟନରଶିପ୍ କରି ଦଳକୁ ଜିତାଇଥିଲେ। ଚେନ୍ନାଇ ୧୮.୧ ଓଭରରେ ୨ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଋତୁରାଜ ୪୮ ବଲରେ ୬୭ (୫ ଚୌକା ଓ ୨ ଛକା) ଓ କାର୍ତ୍ତିକ ୪୦ ବଲରେ ୫୪ (୪ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୯/୭ (ନମନ ଧିର-୫୭, ରିୟାନ ରିକଲଟନ-୩୭, ଅଂଶୁଲ କମ୍ବୋଜ-୩/୩୨, ନୂର ଅହମଦ-୨/୨୬)। ଚେନ୍ନାଇ ସୁପର କିଙ୍ଗ୍ସ: ୧୮.୧ ଓଭରରେ ୧୬୦/୨ (ଋତୁରାଜ ଗାଏକ୍‌ୱାଡ-୬୭*, କାର୍ତ୍ତିକ ଶର୍ମା-୫୪*, ଯଶପ୍ରୀତ ବୁମରା-୧/୨୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ହାଇଦ୍ରାବାଦ ବନାମ କୋଲକାତା**
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩.୩୦
**ଗୁଜରାଟ ବନାମ ପଞ୍ଜାବ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୯ | ୫ | ୪ | ୦ | ୧୦ | -୦.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | -୦.୮୯୫ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

## ଅଲିମ୍ପିକ ପଦକ ବିଜେତାଙ୍କୁ ବାସନ୍ଦ

**ମୋନାକୋ, ୨।୫ (ଏପି)**

ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ ପାଇଁ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଆଲିଶା ନ୍ୟୁମାନଙ୍କୁ ୨୦ମାସ ବାସନ୍ଦ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜବାବରେ ସେ କହିଛନ୍ତି, ଇତିମଧ୍ୟରେ ଜଣେ ପୋଲଭଲ୍ଟର ଭାବେ ସେ ତାଙ୍କ କ୍ୟାରିୟର ଶେଷ କରିସାରିଛନ୍ତି। କାନାଡାର ନ୍ୟୁମ୍ୟାନଙ୍କୁ ବର୍ତ୍ତମାନ ୩୧ବର୍ଷ ବୟସ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି, ନ୍ୟୁମ୍ୟାନ ଗତବର୍ଷ ଫେବୃଆରୀରେ ଥରେ ଏବଂ ପୁନଶ୍ଚ ଅଗଷ୍ଟରେ ଦୁଇଥର ଅଘୋଷିତ ଡୋପ୍ ଟେଷ୍ଟ ପାଇଁ ଉପଲବ୍ଧ ନ ଥିଲେ। ବାର ମାସ ମଧ୍ୟରେ ୩ଥର ସେ ତାଙ୍କ ଠିକଣା (ହୋୟାରଏବାଉଟ୍ସ) ଜଣାଇବାରେ ବିଫଳ ହୋଇଛନ୍ତି। ତୃତୀୟ ଘଟଣାଟିରେ ଆଥଲେଟ୍ ଜଣକ ସାମ୍ପଲ ସଂଗ୍ରହ କରୁଥିବା ଜାଣେ ଅଫିସିଆଲଙ୍କୁ କହିଥିଲେ, ଏକ ଟେଲିଭିଜନ ଗେମ୍ ଶୋ' ପାଇଁ ଶୁଟିଂଲାଗି ଯାଉଥିବାରୁ ସେ ତୁରନ୍ତ ଉପଲବ୍ଧ ହୋଇପାରିବେ ନାହିଁ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>